# ଧରିତ୍ରୀ DHARITRI

ଢେଙ୍କାନାଳ, ଶୁକ୍ରବାର, ମାର୍ଚ୍ଚ ୧୨/୨୦୨୧ (୧୬ ପୃଷ୍ଠା) | Dhenkanal, Friday, March 12/2021 | ★★★★★

୧୭ଶ ଭାଗ ୨୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-




**ପୃଥ୍ୱୀ ଶ'ଙ୍କ ଶତକ**

ବିଜୟ୍ ହଜାରେ ଟ୍ରଫି ଘରୋଇ ଦିନିକିଆ କ୍ରିକେଟ ଟୁର୍ନାମେଣ୍ଟର ସେମିଫାଇନାଲରେ ଗୁରୁବାର ଶତକ ହାସଲ କରି ମୁମ୍ବାଇକୁ ବିଜୟୀ କରାଇଛନ୍ତି ପୃଥ୍ୱୀ ଶ'। ୧୬

୧୪ **ପର୍ସନାଲ ଲାଇଫ୍ କଥା କହି ଚର୍ଚ୍ଚାରେ ବିଦ୍ୟା**

ବଲିଉଡ ନାୟିକା ବିଦ୍ୟା ବଲାନ ସବୁଠାରୁ ନିଆରା। ସେ ଏକ ସାକ୍ଷାତକାରରେ ନିଜର କିଛି ପର୍ସନାଲ ଅନୁଭୂତି ଶେୟାର କରି ଚର୍ଚ୍ଚାରେ।



# ସଅଳ ଉଠିଲା ମହାଦୀପ

## ଶ୍ରୀଲିଙ୍ଗରାଜଙ୍କ ମହାଶିବରାତ୍ରି, ଜାଗରଯାତ୍ରା

ଭୁବନେଶ୍ୱର, (ବ୍ୟୁରୋ)/ ପୁରୁଣା ଭୁବନେଶ୍ୱର, ୧୧।୩

କୋଭିଡ୍ କଟକଣା ଭିତରେ ଗୁରୁବାର ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମହାଶିବରାତ୍ରି ଓ ଜାଗରଯାତ୍ରା ସମ୍ପନ୍ନ ହୋଇଛି। ଏଥର ନିର୍ଦ୍ଧାରିତ ସମୟର ୩୩ ମିନିଟ୍ ପୂର୍ବରୁ ମନ୍ଦିର ଉପରକୁ ମହାଦୀପ ଉଠିଛି। ଭୋର ୩ଟାରୁ ସାଢେ ୩ଟା ମଧ୍ୟରେ ଠାକୁରଙ୍କ ମଙ୍ଗଳ ଆଳତି ଓ ଅବକାଶ ନୀତି ସମ୍ପନ୍ନ ହୋଇଥିଲା। ଏହାପରଠାରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ସାହାଣ ମେଳା ଦର୍ଶନ ଚାଲିଥିଲା। ଶ୍ରଦ୍ଧାଳୁମାନେ ଧାଡ଼ିରେ ସିଂହଦ୍ୱାରବାଟେ ମନ୍ଦିର ଭିତରକୁ ପ୍ରବେଶ କରି ଆଡ଼କାଠ ନିକଟରେ ଠାକୁରଙ୍କୁ ଦର୍ଶନ କରିଥିଲେ। ସନ୍ଧ୍ୟାରେ ଅଧିକ ଭିଡ଼ ହୋଇଥିଲା। ରାତି ୧୦ଟାରେ ମହାଦୀପ ଉଠିବ ବୋଲି ପୂର୍ବରୁ ସମୟ ନିର୍ଘଣ୍ଟ ହୋଇଥିଲା। ଶ୍ରଦ୍ଧାଳୁମାନେ ସେହି ସମୟକୁ ଉତ୍କଣ୍ଠାର ସହ ଅପେକ୍ଷା କରିଥିଲେ। ତେବେ ୯ଟା ୨୭ରେ ବେଢ଼ା ପରିକ୍ରମା ☞ପୃଷ୍ଠା-୪



ଫଟୋ: ମୌସମ ନନ୍ଦ

ରାତି ୯ଟା ୨୭ରେ ଉଠିଥିବା ମହାଦୀପ।

**ଆଜିର ସମ୍ପାଦକୀୟ** ସ୍ଥାନୀୟ ଲୋକଙ୍କୁ ସାମିଲ କର

# ବିରୋଧୀଙ୍କ ହାତରେ ଜଙ୍ଗଲ ନିଆଁ

## ଆଜିଠୁ ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ

## ଆଇନଶୃଙ୍ଖଳା ହେବ ଅନ୍ୟତମ ପ୍ରସଙ୍ଗ

ଭୁବନେଶ୍ୱର, ୧୧।୩(ବ୍ୟୁରୋ)

ବିଧାନସଭା ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଶୁକ୍ରବାର ଆରମ୍ଭ ହେବ। ପ୍ରଥମ ପର୍ଯ୍ୟାୟ ଭଳି ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ମଧ୍ୟ ସରଗରମ ହେବା ନେଇ ସଙ୍କେତ ମିଳୁଛି। ସରକାରଙ୍କୁ ଘେରିବାକୁ ବିରୋଧୀ ରଣନୀତି ପ୍ରସ୍ତୁତ କରିଛନ୍ତି। ରାଜ୍ୟର ଶିମିଳିପାଳ ସମେତ ବିଭିନ୍ନ ଜଙ୍ଗଲରେ ନିଆଁ ବ୍ୟାପିବାରେ ଲାଗିଛି। ଜଙ୍ଗଲ ସୁରକ୍ଷା ନେଇ ସରକାରଙ୍କୁ ବିରୋଧୀ ସନ୍ଧୁଆଶି ଆକ୍ରମଣ କରିବାକୁ ଯୋଜନା କରିଛନ୍ତି।

ଏଥିସହିତ ଧାନମଣ୍ଡି, ଆଇନଶୃଙ୍ଖଳା, ମହାନଦୀ ପ୍ରସଙ୍ଗକୁ ନେଇ ବିରୋଧୀ ସରକାରଙ୍କଠାରୁ କୈଫିୟତ ତଲବ କରିବେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ସହ ମୁଲତବୀ ଆଲୋଚନା ଥିବାରୁ ଚଳିତ ଅଧିବେଶନ ଆରମ୍ଭରୁ ସରଗରମ ରହିଛି। ରାଜ୍ୟରେ ମହିଳା, ଶିଶୁ ନିର୍ଯାତନା, ହତ୍ୟା, ଚୋରି, ଛିନତାଇ ବଢ଼ିଚାଲିଛି। ଆଇନଶୃଙ୍ଖଳା ଏକପ୍ରକାର ବିପର୍ଯ୍ୟସ୍ତ ହୋଇ ପଡିଛି। ଏହି ସବୁ ପ୍ରସଙ୍ଗକୁ ନେଇ ସରକାରଙ୍କୁ ଜବାବ ତଲବ କରାଯିବ ବୋଲି ବିରୋଧୀ ଦଳ ଉପନେତା ବିଷ୍ଣୁ ଚରଣ ସେଠୀ କହିଛନ୍ତି। ଧାନ ମଣ୍ଡିରେ ପଡ଼ିଛି। ଚାଷୀମାନେ ଧାନ ବିକ୍ରି କରିପାରୁ ନାହାନ୍ତି। ମିଲର୍, ସରକାରୀ ଅଫିସରଙ୍କ ଦ୍ୱାରା ଚାଷୀ ଶୋଷିତ ହେଉଛନ୍ତି। ସବୁ ଧାନ ନେବାକୁ ସରକାର ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏବେ ବି ଚାଷୀମାନେ ରାସ୍ତାରେ ଧାନ ରଖି ପ୍ରତିବାଦ କରୁଛନ୍ତି। ଏହି ପ୍ରସଙ୍ଗକୁ ନେଇ ଭାଜପା ବିଧାନସଭାରେ ସରକାରଙ୍କୁ ଘେରିବାକୁ ଯୋଜନା ପ୍ରସ୍ତୁତ କରିଛି। ସେହିପରି ବିରୋଧୀ କଂଗ୍ରେସ ଚାଷୀ ପ୍ରସଙ୍ଗକୁ ନେଇ ସରକାରଙ୍କୁ ପୁଣି ଜୋରଦାର ଆକ୍ରମଣ କରିବାକୁ ରଣନୀତି କରିଛି। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି ଯେ ଧାନ ବିକ୍ରି ପ୍ରସଙ୍ଗକୁ ନେଇ ସରକାର ବିଧାନସଭା ଓ ଲୋକଙ୍କୁ ଠକିଛନ୍ତି। ଧାନ ଏବେ ବି ମଣ୍ଡିରେ ପଡ଼ିରହିଛି। ଯେଉଁ ସରକାରୀ ଅଧିକାରୀ ଦୁର୍ନୀତିରେ ସମ୍ପୃକ୍ତ ରହୁଛନ୍ତି, ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ସମବାୟ ମନ୍ତ୍ରୀ ଗୃହରେ ପ୍ରତିଶ୍ରୁତି ଦେଇଥିଲେ ଅସାଧୁ ଅଫିସର ଓ ଜାଲ୍ ଟୋକନଧାରୀଙ୍କ ବିରୋଧରେ ଫୌଜଦାରି ମାମଲା ରୁଜୁ ହେବ। ପ୍ରତ୍ୟେକ ଦିନ ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଉଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନାହିଁ। କଂଗ୍ରେସ ଏହି ପ୍ରସଙ୍ଗକୁ ବିଧାନସଭାରେ ଜୋରଦାର ଉଠାଇବ। ଆଇନଶୃଙ୍ଖଳା ଅନ୍ୟ ଏକ ଇସ୍ୟୁ। ମୟୂରଭଞ୍ଜରେ ଜଣେ ଆଦିବାସୀ ନାବାଳିକାଙ୍କୁ ଗଣବଳାତ୍କାର କରାଯାଇଛି। ରାଜଧାନୀରେ ସ୍ୱଷ୍ଟ ଦିବାଲୋକରେ ହତ୍ୟାକାଣ୍ଡ ଘଟୁଛି। ରାଜ୍ୟର ବିଭିନ୍ନ ସ୍ଥାନରେ ହତ୍ୟା ଓ ବଳାତ୍କାର ଭଳି ଘଟଣା ବଢ଼ିଚାଲିଛି। ଏ ସବୁ ବିଷୟକୁ ଦଳ ବିଧାନସଭାରେ ଉଠାଇବ। ଏହାଛଡ଼ା ରାଜ୍ୟର ସୀମା ବିବାଦ ଅନ୍ୟ ଏକ ମୁଖ୍ୟ ପ୍ରସଙ୍ଗ। ସରକାର ରାଜ୍ୟର ସୀମାକୁ ସୁରକ୍ଷା ଦେଇପାରିଲେ ନାହିଁ। ଜଙ୍ଗଲ ନିଆଁ କିଛି ନୂଆ ନୁହେଁ। ପ୍ରତ୍ୟେକ ବର୍ଷ ଜଙ୍ଗଲରେ ନିଆଁ ଲାଗୁଛି। ତେବେ ନିଆଁ ଲିଭାଇବା ପାଇଁ କୌଣସି ବ୍ୟବସ୍ଥା ନାହିଁ। ଜଙ୍ଗଲ ବିଭାଗରେ ଅଧାରୁ ଅଧିକ ପଦବୀ ଖାଲିପଡ଼ିଛି। ଷ୍ଟାଣ୍ଡିଂ କମିଟି ବୈଠକରେ ମଧ୍ୟ ଏ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ଏଭଳି ଅନେକ ପ୍ରସଙ୍ଗକୁ ନେଇ କଂଗ୍ରେସ ସରକାରଙ୍କଠାରୁ ଜବାବ ମାଗିବ ବୋଲି ନରସିଂହ କହିଛନ୍ତି।

ବିରୋଧୀଙ୍କୁ ମୁକାବିଲା କରିବା ନେଇ ଶାସକ ବିଜେଡି ମଧ୍ୟ ସଜାଗ ରହିଛି। ବିରୋଧୀଙ୍କ ସମସ୍ତ ପ୍ରସଙ୍ଗ ଉପରେ ଆଲୋଚନା କରିବାକୁ ସରକାର ପ୍ରସ୍ତୁତ ଅଛନ୍ତି ବୋଲି ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି। ଏହାଛଡ଼ା କେନ୍ଦ୍ର ଅବହେଳା, ରେଳ ବଜେଟରେ ଓଡ଼ିଶାକୁ ଅଣଦେଖା, କେନ୍ଦ୍ରୀୟ ଯୋଜନା ହ୍ରାସ ଆଦି ପ୍ରସଙ୍ଗରେ ବିଜେଡି ଏନ୍‌ଡିଏ ସରକାରଙ୍କୁ ଟାର୍ଗେଟ କରିବା ନେଇ ସୂଚନା ମିଳିଛି।

ଏଥିସହିତ ଚଳିତ ଅଧିବେଶନରେ କେତେକ ଗୁରୁତ୍ୱପୂର୍ଣ୍ଣ ବିଲ୍ ପାରିତ ହେବାର ଅଛି। ସେଥିରୁ ବିବାଦୀୟ ଓଡିଶା ଏଗ୍ରିକଲଚର ପ୍ରଡ୍ୟୁସ ଆଣ୍ଡ୍ ଲାଇଭଷ୍ଟକ ମାର୍କେଟିଂ(ପ୍ରମୋସନ ଆଣ୍ଡ୍ ଫାସିଲିଟେଶନ) ବିଲ୍-୨୦୨୦କୁ ପାରିତ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଏହି ବିଲକୁ ନେଇ କେନ୍ଦ୍ର ସରକାର ଓ କୃଷକ ସଂଗଠନଗୁଡିକ ମଧ୍ୟରେ ଦୀର୍ଘଦିନ ହେବ ମୁହାଁମୁହିଁ ସ୍ଥିତି ଲାଗି ରହିଛି। ତେବେ ଓଡିଶାରେ ଏ ସଂକ୍ରାନ୍ତ ବିଲ୍ ଆସିଲେ ଚାଷୀମାନେ ☞ପୃଷ୍ଠା-୪

■ ଆଲୋଚନା ପାଇଁ ସରକାର ପ୍ରସ୍ତୁତ: ବିଜେଡି

■ ୩୧ରେ ବ୍ୟୟମଞ୍ଜୁରୀ ବିଲ୍









**ଟିକା ନେଲେ ମୋଦିଙ୍କ ମା'**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମା' ହୀରାବେନ ମୋଦି(୯୫) ଗୁରୁବାର କୋଭିଡ୍ ଟିକାର ପ୍ରଥମ ଡୋଜ୍ ନେଇଛନ୍ତି। ଏ ସମ୍ପର୍କରେ ମୋଦି ଟୁଇଟ କରିବା ସହ ସଭିଁଏ କରୋନା ଟିକା ନେବାକୁ ପରାମର୍ଶ ଦେଇଛନ୍ତି। ହୀରାବେନ ଏବେ ପ୍ରଧାନମନ୍ତ୍ରୀଙ୍କ ସାନ ଭାଇ ପଙ୍କଜ ମୋଦିଙ୍କ ସହ ଗୁଜରାଟରେ ରହୁଛନ୍ତି।

## ସଂକ୍ଷେପରେ

### ଟିକା ସାର୍ଟିଫିକେଟରୁ ହଟିଲା ମୋଦିଙ୍କ ଫଟୋ

**ନୂଆଦିଲ୍ଲୀ,୧୧।୩:** ନିର୍ବାଚନ କମିଶନଙ୍କ ହସ୍ତକ୍ଷେପ ପରେ ଭୋଟ ହେବାକୁ ଥିବା ୪ ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳରେ କୋଭିଡ୍ ଟିକା ସାର୍ଟିଫିକେଟରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଫଟୋ ହଟାଇଦିଆଯାଇଛି। ଏଥିପାଇଁ କୋ-ୱିନ୍ ସଫ୍ଟୱେରରେ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରାଯାଇଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ନିର୍ବାଚନ କମିଶନ(ଇସି)ଙ୍କୁ ଅବଗତ କରାଇଛନ୍ତି। କୋଭିଡ୍ ଟିକା ସାର୍ଟିଫିକେଟରେ ପ୍ରଧାନମନ୍ତ୍ରୀଙ୍କ ଫଟୋକୁ ତୃଣମୂଳ କଂଗ୍ରେସ ପକ୍ଷରୁ ବିରୋଧ କରାଯାଇଥିଲା। ନିର୍ବାଚନ ହେବାକୁ ଥିବା ପଶ୍ଚିମବଙ୍ଗ, ତାମିଲନାଡୁ, କେରଳ, ଆସାମ ଓ ପୁଡୁଚେରୀରେ ଟିକା ସାର୍ଟିଫିକେଟରୁ ପ୍ରଧାନମନ୍ତ୍ରୀଙ୍କ ଫଟୋ ହଟାଇବା ଲାଗି ଗତ ୫ ତାରିଖରେ ଇସି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ ଚିଠି ଲେଖିଥିଲେ। ନିର୍ବାଚନ ସମୟରେ ସରକାରୀ ବିଜ୍ଞାପନରେ ରାଜନୈତିକ ନେତାଙ୍କ ଫଟୋ ଛପାଯାଇପାରିବ ନାହିଁ। ଇସି ଉକ୍ତ ନିୟମକୁ କଡ଼ାକଡ଼ି ପାଳନ କରିବାକୁ କହିବା ସହ ମୋଦିଙ୍କ ଫଟୋ ହଟାଇବା ଲାଗି ଆବଶ୍ୟକ ବୈଷୟିକ ସମାଧାନ ପନ୍ଥା ବାହାର କରିବାକୁ ପରାମର୍ଶ ଦେଇଥିଲେ।

### ଗଡ୍‌ମ୍ୟାନ ବୀରେନ୍ଦ୍ରଙ୍କୁ ଇଣ୍ଟରପୋଲ ନୋଟିସ

**ନୂଆଦିଲ୍ଲୀ,୧୧।୩:** ଆତ୍ମଘୋଷିତ ଗଡ୍‌ମ୍ୟାନ୍ ବୀରେନ୍ଦ୍ର ଦେବ ଦୀକ୍ଷିତଙ୍କ ଆଧ୍ୟାତ୍ମିକ ବିଶ୍ୱବିଦ୍ୟାଳୟ ୨୦୧୭ ଡିସେମ୍ବରରେ ଖବରକାଗଜର ଶିରୋନାମା ମଣ୍ଡନ କରିଥିଲା। ଉକ୍ତ ଆଶ୍ରମରୁ ଦିଲ୍ଲୀ ପୋଲିସ ଏବଂ ଦିଲ୍ଲୀ ମହିଳା କମିଶନ ୪୦ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ସେମାନଙ୍କୁ ଦିଲ୍ଲୀର ରୋହିଣୀ ଅଞ୍ଚଳରେ ଥିବା ଆଶ୍ରମରେ ଯୌନ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ହୋଇଥିଲା। ଏବେ ଇଣ୍ଟରପୋଲ୍ ବୀରେନ୍ଦ୍ରଙ୍କୁ ରେଡ୍ କର୍ନର ନୋଟିସ ଜାରି କରିଛି। ୨୦୧୭ ଜୁନ୍‌ରେ ଦୁଇଜଣ ନାବାଳିକା ଉକ୍ତ ଆଶ୍ରମରୁ ଖସିଆସି ଅଭିଯୋଗ କରିବା ପରେ ପୋଲିସ ୩ଟି ଏତଲା ଦାଏର କରିଥିଲା। ସେତେବେଳେ ବୀରେନ୍ଦ୍ର ଫେରାର ହୋଇଯାଇଥିଲେ। ସେ ନେପାଳରେ ଲୁଚିଥିବା ସନ୍ଦେହ କରାଯାଉଥିଲା। ତାଙ୍କ ସମ୍ପର୍କରେ ସୂଚନା ଦେଲେ ୫ ଲକ୍ଷ ଟଙ୍କା ପୁରସ୍କାର ମିଳିବ ବୋଲି ସିବିଆଇ ଘୋଷଣା କରିଥିଲା।



ବୀରେନ୍ଦ୍ର ଦେବ ଦୀକ୍ଷିତ



## ରାଜପରିବାରରେ ଭେଦଭାବ ନାହିଁ

ବ୍ରିଟେନ ରାଜପରିବାରରେ ବର୍ଣ୍ଣବୈଷମ୍ୟତା ଥିବା ନେଇ ପ୍ରିନ୍ସ ହ୍ୟାରୀ ଓ ତାଙ୍କ ସ୍ତ୍ରୀ ମେଘାନ ଏକ ସାକ୍ଷାତକାର ଆଣିଥିବା ଅଭିଯୋଗ ଉପରେ ପ୍ରତିକ୍ରିୟା ରଖିଛନ୍ତି ପ୍ରିନ୍ସ ୱିଲିୟମ। ଗୁରୁବାର ଇଷ୍ଟ ଲଣ୍ଡନର ଏକ ସ୍କୁଲକୁ ଯାଇଥିବାବେଳେ ୱିଲିୟମ ରାଜ ପରିବାର ପ୍ରତି ସମର୍ଥନ ଦେଇଥିଲେ। ଏହି ପରିବାରରେ କୌଣସି ଭେଦଭାବ ନ ଥିବା ୱିଲିୟମ କହିଛନ୍ତି। ରାଜପରିବାର ବିରୋଧରେ ଆସିଥିବା ଏଭଳି ଅଭିଯୋଗ ଉପରେ ସିଧାସଳଖ ଭାବେ ମତ ଦେବାରେ ୱିଲିୟମ ପ୍ରଥମ ସଦସ୍ୟ। ଏ ବାବଦରେ ସେ ପ୍ରିନ୍ସ ହ୍ୟାରୀଙ୍କ ସହ କଥା ହେବେ ବୋଲି କହିଛନ୍ତି।

## ମା'ଙ୍କୁ ପାଇଲେ ଗୀତା

ପାକିସ୍ତାନରୁ ଫେରିବାର ୫ ବର୍ଷ ପରେ ଶେଷରେ ପରିବାରକୁ ପାଇଛନ୍ତି ଗୀତା(୨୯)। ମୂକ, ଶ୍ରୁତିବାଧିତ ଗୀତା ୧୧ ବର୍ଷର ହୋଇଥିବାବେଳେ ଭୁଲ୍‌ବଶତଃ ସୀମା ଡେଇଁ ପାକିସ୍ତାନ ଚାଲିଯାଇଥିଲେ। ୨୦୧୫ ଅକ୍ଟୋବର ୨୬ରେ ତତ୍କାଳୀନ ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜଙ୍କ ଉଦ୍ୟମରେ ଗୀତାଙ୍କୁ ଭାରତ ଫେରାଇ ଅଣାଯାଇଥିଲା। ହେଲେ କଥା କହିପାରୁ ନ ଥିବାରୁ ଏବଂ ଶୁଣିପାରୁ ନ ଥିବାରୁ ତାଙ୍କ ପରିବାରକୁ ଖୋଜିବା କଷ୍ଟକର ହୋଇପଡ଼ିଥିଲା। ଏନ୍‌ଜିଓ 'ପହଲ'ରେ ତାଙ୍କୁ ଲେଖିବା ପଢ଼ିବା ପାଇଁ ଟ୍ରେନିଂ ଦିଆଯାଇଥିଲା। ମହାରାଷ୍ଟ୍ରର ପ୍ରଭାନି ଜିଲା ଜିନ୍ତୁରଠାରେ ରହୁଥିବା ମୀନା ୱାଘମେର ଗୀତାଙ୍କ ମା' ବୋଲି ଜଣାପଡ଼ିଛି। ଗୀତାଙ୍କ ବାପାଙ୍କ ଦେହାନ୍ତ ହୋଇସାରିଥିବାବେଳେ ଏବେ ମୀନା ତାଙ୍କ ଦ୍ୱିତୀୟ ସ୍ୱାମୀଙ୍କ ସହ ଔରଙ୍ଗାବାଦରେ ରହୁଛନ୍ତି।



# ଡ୍ରାଗନ୍‌ର ଭାରତ ବିରୋଧୀ ଅସ୍ତ୍ର

## ବ୍ରହ୍ମପୁତ୍ରରେ ଚାଇନାର ନଦୀବନ୍ଧ ଯୋଜନା



**ବିସ୍ତାରବାଦୀ ଚାଇନା ସହ ଭାରତର ସୀମା ବିବାଦ ସର୍ବ ବିଦିତ। ଅନେକ ସମୟରେ ଦୁଇ ପଡ଼ୋଶୀ ମଧ୍ୟରେ ବିଭିନ୍ନ ପ୍ରସଙ୍ଗକୁ ନେଇ ମତଭେଦ ଲାଗି ରହିଥାଏ। ଏହି କାରଣରୁ ଭାରତ ଉପରେ ରଣନୈତିକ ଆଧିପତ୍ୟ ଜାହିର କରିବା ଲାଗି ଚାଇନାର କମ୍ୟୁନିଷ୍ଟ ପାର୍ଟି ଜଳକୁ ଭାରତ ବିରୋଧୀ ଅସ୍ତ୍ର ରୂପେ ବ୍ୟବହାର ଆରମ୍ଭ କରିଛି। ବ୍ରହ୍ମପୁତ୍ର ଉପରେ ନଦୀବନ୍ଧ ବାନ୍ଧି ମହତ୍ତ୍ୱାକାଂକ୍ଷୀ ଜଳବିଦ୍ୟୁତ୍ ପ୍ରକଳ୍ପ ନିର୍ମାଣ ପଛରେ ଡ୍ରାଗନ୍‌ର ଅଭିସନ୍ଧି ହେଉଛି ପାଣିର ସ୍ରୋତକୁ ନିୟନ୍ତ୍ରଣ କରିବା ଓ ତିବ୍ବତରୁ ଚାଇନାର ମୂଳ ଭୂଖଣ୍ଡକୁ ବିଦ୍ୟୁତ୍ ଯୋଗାଇବା। ଏହି କ୍ରମରେ ତିବ୍ବତରେ ଚାଇନା ୧୧ଟି ବନ୍ଧ ବାନ୍ଧିସାରିଛି। ତନ୍ମଧ୍ୟରୁ ତିନୋଟି ଡ୍ୟାମ୍ ହେଉଛି ଜାଙ୍ଗ୍‌ମୁ, ଗ୍ୟାଟ୍‌ସା ଏବଂ ଡାଗୁ। ଏବେ ମେଡୋଗ୍ କାଉଣ୍ଟିରେ ଆଉ ଏକ ଡ୍ୟାମ୍ ନିର୍ମାଣ ଯୋଜନାକୁ ମଞ୍ଜୁରୀ ଦେଇ ଭାରତ ପାଇଁ ବିପଦ ସୃଷ୍ଟି କରିଛି ଶକ୍ତିଶାଳୀ ଡ୍ରାଗନ୍।**

ନୂଆଦିଲ୍ଲୀ/ବେଜିଂ,୧୧।୩

ଚାଇନା ପାର୍ଲାମେଣ୍ଟରେ ଗୁରୁବାର ଚତୁର୍ଦ୍ଦଶ ପଞ୍ଚବାର୍ଷିକ ଯୋଜନା ଗୃହୀତ ହୋଇଛି। ଏହି ମେଗା ବ୍ଲୁପ୍ରିଣ୍ଟରେ ଥିବା ବହୁ ବିଲିୟନ୍ ଡଲାରର ପ୍ରକଳ୍ପଗୁଡ଼ିକ ମଧ୍ୟରେ ରହିଛି ବ୍ରହ୍ମପୁତ୍ର ନଦୀ ଉପରେ ଜଳବିଦ୍ୟୁତ୍ ଯୋଜନା। ତିବ୍ବତରେ ନିର୍ମାଣ ହେବାକୁ ଥିବା ଏହି ନଦୀବନ୍ଧ ଯୋଜନା ଅରୁଣାଚଳ ପ୍ରଦେଶର ନିକଟ ହୋଇଥିବାରୁ ଭାରତ ଏହାକୁ ନେଇ ପୂର୍ବରୁ ଆପତ୍ତି ଉଠାଇଆସୁଛି। ତେବେ ଭାରତର ବିରୋଧକୁ ଭ୍ରୂକ୍ଷେପ ନ କରି ବେଜିଂ ଏହି ପଦକ୍ଷେପ ନେଇଛି।

ଚାଇନା ପାର୍ଲାମେଣ୍ଟ ବା ନ୍ୟାଶନାଲ ପିପୁଲ୍ସ କଂଗ୍ରେସ (ଏନ୍‌ପିସି)ରେ ୨,୦୦୦ରୁ ଊର୍ଦ୍ଧ୍ୱ ସଦସ୍ୟ ରହିଛନ୍ତି। ୬ ଦିନିଆ ଅଧିବେଶନ ଶେଷରେ ଗୁରୁବାର ସେମାନଙ୍କ ମଧ୍ୟରୁ ଅଧିକାଂଶ ଶାସକ କମ୍ୟୁନିଷ୍ଟ ପାର୍ଟି ସଦସ୍ୟ ୨୦୨୧-୨୦୨୫ ବର୍ଷ ପାଇଁ ଉଦ୍ଦିଷ୍ଟ ଯୋଜନାକୁ ଗୃହୀତ କରାଇଛନ୍ତି। ଜାତୀୟ ଅର୍ଥନୈତିକ ଓ ସାମାଜିକ ବିକାଶ ଏବଂ ୨୦୩୫ ସୁଦ୍ଧା ଦୀର୍ଘମିଆଦୀ ଲକ୍ଷ୍ୟ ପୂରଣ ପାଇଁ ଏହି ପଞ୍ଚବାର୍ଷିକ ଯୋଜନାରେ ଗୁରୁତ୍ୱ ଦିଆଯାଇଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ଓ ପ୍ରଧାନମନ୍ତ୍ରୀ ଲି କେକିଆଙ୍ଗ୍‌ଙ୍କ ସମେତ ବରିଷ୍ଠ ନେତାମାନଙ୍କ ଉପସ୍ଥିତିରେ ୬୦ଟି ପ୍ରସ୍ତାବ ଉପରେ ମୋହର ଲାଗିଛି, ଯାହାକୁ ଗତବର୍ଷ କମ୍ୟୁନିଷ୍ଟ ପାର୍ଟି ଅଫ୍ ଚାଇନା (ସିପିସି) ପାରିତ କରିଥିଲା। ସେଥିମଧ୍ୟରୁ ବ୍ରହ୍ମପୁତ୍ର ନଦୀବନ୍ଧ ଯୋଜନା ଅନ୍ୟତମ। ବ୍ରହ୍ମପୁତ୍ର ନଦୀର ତଳମୁଣ୍ଡ ତଟବର୍ତ୍ତୀ ଦେଶ ଭାରତ ଓ ବାଂଲାଦେଶର ସରକାର ଲଗାତର ଚାଇନା କର୍ତ୍ତୃପକ୍ଷଙ୍କ ନିକଟରେ ଏନେଇ ଆପତ୍ତି ଉଠାଇଆସୁଛନ୍ତି। ତେବେ ଦୁଇଦେଶର ସ୍ୱାର୍ଥକୁ ଅଣଦେଖା କରି ଚାଇନା ଚିନ୍ତା ବଢ଼ାଇ ଦେଇଛି। ଚଳିତବର୍ଷ ଏହି ନଦୀବନ୍ଧ ଯୋଜନାର ଜଳବିଦ୍ୟୁତ୍ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ ହେଉ ବୋଲି ତିବ୍ବତ ସ୍ୱୟଂଶାସିତ ଅଞ୍ଚଳର କମ୍ୟୁନିଷ୍ଟ ପାର୍ଟି ଉପମୁଖ୍ୟ ଚେ ଦଲହା ଏନ୍‌ପିସି ଅଧିବେଶନରେ ଦାବି କରିଥିଲେ। ଅରୁଣାଚଳ ସୀମା ସଂଲଗ୍ନ ତିବ୍ବତର ମେଡୋଗ୍ କାଉଣ୍ଟିରେ ଏହି ନଦୀବନ୍ଧ ଯୋଜନା କରାଯିବ, ଯେଉଁଠି ୟାର୍ଲୁଙ୍ଗ୍ ଜାଙ୍ଗ୍‌ବୋ ଗ୍ରାଣ୍ଡ କେନ୍ୟୋନ୍ ଅବସ୍ଥିତ। ଚାଇନାର ଶକ୍ତି ନିର୍ମାଣ ନିଗମ ବା ପାୱାର ଚାଇନା ଅଧ୍ୟକ୍ଷ ୟାନ୍ ଝିୟୋଙ୍ଗ୍ ଦ୍ୱାରା ଏହି ଯୋଜନା ଗତବର୍ଷ ଶେଷ ଆଡ଼କୁ ଆରମ୍ଭ ହୋଇଥିଲା। ୟାର୍ଲୁଙ୍ଗ୍ ଜାଙ୍ଗ୍‌ବୋ ରିଭର (ଚାଇନାରେ ବ୍ରହ୍ମପୁତ୍ରର ନାମ) ଉପରେ ଜଳବିଦ୍ୟୁତ୍ ପ୍ରକଳ୍ପ ନିର୍ମାଣ ଏକ ଐତିହାସିକ ସୁଯୋଗ, ଯାହାକୁ ବେଜିଂ ହାତଛଡ଼ା କରିବା ଅନୁଚିତ ବୋଲି ୟାନ୍ କହିଥିଲେ। ପ୍ରକାଶ ଯେ ୨୦୦୬ରେ ଭାରତ ଓ ଚାଇନା ମଧ୍ୟରେ ସୀମାପାର ନଦୀ ପ୍ରସଙ୍ଗରେ ଆଲୋଚନା ପାଇଁ ବିଶେଷଜ୍ଞସ୍ତରୀୟ ବ୍ୟବସ୍ଥା କରାଯାଇଥିଲା। ଦ୍ୱିପାକ୍ଷିକ ଚୁକ୍ତି ଅନୁସାରେ ଚାଇନା ବନ୍ୟା ଋତୁରେ ବ୍ରହ୍ମପୁତ୍ର ଓ ସତ୍‌ଲେଜ ନଦୀର ଜଳ ସମ୍ପର୍କିତ ସୂଚନା ଭାରତକୁ ଦେଇଥାଏ।

- ଚାଇନା ପାର୍ଲାମେଣ୍ଟ ତିବ୍ବତର ମେଡୋଗ୍ କାଉଣ୍ଟିରେ ବ୍ରହ୍ମପୁତ୍ର ଉପରେ ଡ୍ୟାମ୍ ନିର୍ମାଣ ପାଇଁ ପଞ୍ଚବାର୍ଷିକ (୨୦୨୧-୨୦୨୫) ଯୋଜନାକୁ ଗୁରୁବାର ଅନୁମୋଦନ କରିଛି।
- ଭାରତ ଓ ବାଂଲାଦେଶ ଏହି ନଦୀର ତଳମୁଣ୍ଡରେ ବନ୍ଧ ବାନ୍ଧିବା ଉପରେ ପୂର୍ବରୁ ଆପତ୍ତି ଉଠାଇଥିଲେ।
- ବେଜିଂ କହିଥିଲା, ଦୁଇ ଦେଶର ସ୍ୱାର୍ଥକୁ ଦୃଷ୍ଟିରେ ରଖି କାର୍ଯ୍ୟ କରାଯିବ।

**ଜାଙ୍ଗ୍‌ମୋ ଡ୍ୟାମ୍:** ଭାରତ-ଭୁଟାନ ସୀମା ନିକଟସ୍ଥ ଗ୍ୟାକାରେ ଏହି ନଦୀବନ୍ଧ ଯୋଜନା କରାଯାଇଛି। ୧.୨ ବିଲିୟନ୍ ଡଲାର ଖର୍ଚ୍ଚରେ ନିର୍ମିତ ଏହି ୯ କି.ମି. ଦୀର୍ଘ ଡ୍ୟାମ୍ ୨୦୧୪ରୁ କାର୍ଯ୍ୟକ୍ଷମ।

**ଗ୍ୟାଟ୍‌ସା ଡ୍ୟାମ୍:** ପ୍ରଥମ ଡ୍ୟାମ୍ ଜାଙ୍ଗ୍‌ମୋଠାରୁ ବ୍ରହ୍ମପୁତ୍ର ନଦୀର କିଛି କିଲୋମିଟର ତଳେ ଏହା ନିର୍ମିତ ହୋଇ କାର୍ଯ୍ୟକ୍ଷମ ଅପେକ୍ଷାରେ ରହିଛି।

**ଡାଗୁ ଡ୍ୟାମ୍:** ଜାଙ୍ଗ୍‌ମୋ ନଦୀବନ୍ଧ ଯୋଜନାର ୧୮ କି.ମି. ଉପରେ ଅବସ୍ଥିତ ଏହି ଡ୍ୟାମ୍‌ର ନିର୍ମାଣ କାର୍ଯ୍ୟ ୨୦୧୭ରୁ ଚାଲିଛି। ଏହା ହେଉଛି ଉକ୍ତ ତିନି ଡ୍ୟାମ୍ ମଧ୍ୟରୁ ସର୍ବବୃହତ୍।



## ଶସ୍ତା ହେବ କୋଭିଶିଲ୍ଡ

ନୂଆଦିଲ୍ଲୀ,୧୧।୩

ଘରୋଇ ହସ୍ପିଟାଲରେ କୋଭିଡ୍ ଟିକା ଦାମ୍ ୨୫୦ ଟଙ୍କା ଧାର୍ଯ୍ୟ କରାଯାଇଥିବାବେଳେ ସରକାରୀ ହସ୍ପିଟାଲଗୁଡ଼ିକରେ ଏହାକୁ ମାଗଣାରେ ଯୋଗାଇ ଦିଆଯାଉଛି। ଏବେ ସରକାର ଟିକା ପ୍ରସ୍ତୁତକାରୀ କମ୍ପାନୀଗୁଡ଼ିକ ସହ ଦରକୁ ନେଇ ପୁନର୍ବାର ବୁଝାମଣା କରିଛନ୍ତି। ତଦନୁଯାୟୀ ଘରୋଇ ହସ୍ପିଟାଲରେ କୋଭିଶିଲ୍ଡ ଟିକା ୨୦୦ ଟଙ୍କାରୁ କମ୍ ଦାମ୍‌ରେ ଉପଲବ୍ଧ ହେବାକୁ ଯାଉଥିବା କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ ଗୁରୁବାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ଏବଂ ଆଷ୍ଟ୍ରାଜେନିକା କମ୍ପାନୀ ଦ୍ୱାରା ବିକଶିତ କୋଭିଶିଲ୍ଡ ଟିକାକୁ ଭାରତର ସିରମ୍ ଇନ୍‌ଷ୍ଟିଚ୍ୟୁଟ ପ୍ରସ୍ତୁତ କରୁଛି। ପୂର୍ବରୁ ସରକାର ଏହି ଟିକାକୁ ଟିକସ ସହିତ ୨୧୦ ଟଙ୍କାରେ କିଣୁଥିଲେ। ଏବେ ଟିକସକୁ ବାଦ୍ ଦେଇ ୧୫୦ ଟଙ୍କାରୁ କମ୍ ଦାମ୍‌ରେ ସରକାର କିଣିବେ। ଦେଶରେ ପର୍ଯ୍ୟାପ୍ତ ପରିମାଣର କୋଭିଡ୍ ଟିକା ଗଚ୍ଛିତ ଥିବା ସ୍ୱାସ୍ଥ୍ୟ ସଚିବ କହିଛନ୍ତି।

## ହ୍ୱିଲ୍ ଚେୟାରରେ ପ୍ରଚାର କରିବି: ମମତା



- ଆକ୍ରମଣ ନୁହେଁ, ଗହଳିରେ ଚାପି ହୋଇଯିବାରୁ ଆଘାତ ଲାଗିଥିଲା
- ଶାନ୍ତ ରହିବାକୁ ସମର୍ଥକଙ୍କୁ ଆହ୍ୱାନ

କୋଲକାତା,୧୧।୩

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବୁଧବାର ନାମାଙ୍କନ ପତ୍ର ଦାଖଲ ସାରି ଫେରୁଥିବାବେଳେ ଆହତ ହୋଇଥିଲେ। ତାଙ୍କ ଉପରେ ୪/୫ ଜଣ ଆକ୍ରମଣ କରିଥିବା ମମତା ଅଭିଯୋଗ କରିଥିଲେ। ଗୁରୁବାର ମତ ବଦଳାଇ ଗହଳିରେ ଚାପିହୋଇଯିବାରୁ ଆହତ ହେଲେ ବୋଲି ତୃଣମୂଳ ନେତ୍ରୀ ଏକ ଭିଡିଓ ବାର୍ତ୍ତାରେ କହିଛନ୍ତି। କୋଲକାତାର ଏସ୍‌ଏସ୍‌କେଏମ୍ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ମମତା ସମର୍ଥକମାନଙ୍କୁ ଶାନ୍ତ ରହିବା ପାଇଁ ଆହ୍ୱାନ ଦେଇଛନ୍ତି। ଜନସାଧାରଣଙ୍କ କ୍ଷତି ହେଲା ଭଳି କୌଣସି କାର୍ଯ୍ୟ ନ କରିବାକୁ ସେ କହିଛନ୍ତି। ଦୁଇ ତିନି ଦିନ ମଧ୍ୟରେ ସେ ନିର୍ବାଚନ ପ୍ରଚାରକୁ ଫେରିବେ। ଏଥିପାଇଁ ଦରକାର ପଡ଼ିଲେ ହ୍ୱିଲ୍ ଚେୟାର ବ୍ୟବହାର କରିବେ ବୋଲି ତୃଣମୂଳ କଂଗ୍ରେସ (ଟିଏମ୍‌ସି) ନେତ୍ରୀ କହିଛନ୍ତି। ଭିଡିଓ ବାର୍ତ୍ତାରେ ଟିଏମ୍‌ସି ସୁପ୍ରିମୋ କହିଛନ୍ତି, ତାଙ୍କ ଗୋଡ, ହାତରେ ଆଘାତ ଲାଗିଛି। ସେ ଛାତିରେ ଯନ୍ତ୍ରଣା ଅନୁଭବ କରୁଛନ୍ତି। ନନ୍ଦିଗ୍ରାମ ମନ୍ଦିର ନିକଟରେ ସେ କାର ବନେଟ ଉପରୁ ଲୋକମାନଙ୍କୁ ଅଭିନନ୍ଦନ ଜଣାଉଥିବାବେଳେ ଗହଳି ମଧ୍ୟରେ ଚାପି ହୋଇଯାଇଥିଲେ। ବହୁସଂଖ୍ୟାରେ ଲୋକେ ମାଡ଼ିଆସିବାରୁ ସମସ୍ତ ଚାପ ତାଙ୍କ ଉପରେ ପଡ଼ିଥିଲା। ତାଙ୍କ ଗୋଡ଼ ମୋଡ଼ି ହୋଇଯାଇଥିଲା ବୋଲି ମମତା କହିଛନ୍ତି। ଟିଏମ୍‌ସିର ଏକ ପ୍ରତିନିଧି ଦଳ ଶୁକ୍ରବାର ଦିଲ୍ଲୀ ଯାଇ ନିର୍ବାଚନ କମିଶନଙ୍କୁ ମମତା ଆହତ ହେବା ସମ୍ପର୍କରେ ଜଣାଇବେ।

# ନାଗପୁରରେ ଲକ୍‌ଡାଉନ

### ମହାରାଷ୍ଟ୍ରର ଅନ୍ୟ ଅଞ୍ଚଳରେ ଲାଗୁ ହୋଇପାରେ କଟକଣା

ମୁମ୍ବାଇ,୧୧।୩

ମହାରାଷ୍ଟ୍ରର ନାଗପୁର ଅଞ୍ଚଳରେ କରୋନା ସଂକ୍ରମଣ ବଢ଼ିଚାଲିଥିବାରୁ ପ୍ରଶାସନ ପକ୍ଷରୁ ସେଠାରେ ମାର୍ଚ୍ଚ ୧୫ରୁ ୨୧ ପର୍ଯ୍ୟନ୍ତ ଲକ୍‌ଡାଉନ୍ ଲାଗୁ କରାଯାଇଛି। ଏହି ସମୟରେ ଫଳ, ପନିପରିବା, ଦୁଗ୍ଧ ବୁଥ୍ ଆଦି ଅତ୍ୟାବଶ୍ୟକ ସେବା ପ୍ରଦାନ କରୁଥିବା ଦୋକାନ ଖୋଲାରହିବ। ରାଜ୍ୟରେ ମାସେ ହେଲା ସଂକ୍ରମଣ ବଢ଼ିଚାଲିଥିବାରୁ ଅନ୍ୟ ଅଞ୍ଚଳକୁ ମଧ୍ୟ ଲକ୍‌ଡାଉନ କରାଯାଇପାରେ ବୋଲି ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ସୂଚନା ଦେଇଛନ୍ତି। ଗତ ୨୪ ଘଣ୍ଟା ମଧ୍ୟରେ ନାଗପୁରରେ ୧,୮୦୦ରୁ ଅଧିକ କରୋନା ପଜିଟିଭ୍ ଚିହ୍ନଟ ହୋଇଛି। ଅନ୍ୟ ଅଞ୍ଚଳରେ ଲକ୍‌ଡାଉନ୍ କଡ଼ାକଡ଼ି କରିବା ପୂର୍ବରୁ ମୁଖ୍ୟମନ୍ତ୍ରୀ ବିଭିନ୍ନ ବିଭାଗର ଅଧିକାରୀମାନଙ୍କର ସ୍ୱତନ୍ତ୍ର ବୈଠକ ଡାକିଛନ୍ତି। ପ୍ରଥମେ ନାଗପୁର କମିଶନରେଟ୍ ପୋଲିସ ଅଧୀନରେ ଆସୁଥିବା ଅଞ୍ଚଳରେ ଲକ୍‌ଡାଉନ ଲାଗୁ କରିବା ଲାଗି ନିଷ୍ପତ୍ତି ହୋଇଛି। ଦୁଇଦିନ ପୂର୍ବରୁ ମହାରାଷ୍ଟ୍ରର ଜଲଗାଁଓ ଜିଲାରେ ତିନିଦିନିଆ ଜନତା କର୍ଫ୍ୟୁ ଜାରି ହୋଇଥିଲା। ମହାରାଷ୍ଟ୍ରରେ ଦୈନିକ ସଂକ୍ରମଣ ୧୩,୬୫୯ରେ ପହଞ୍ଚିଛି, ଯାହା କି ସାରା ଦେଶର ମୋଟ ସଂକ୍ରମଣର ୬୦ପ୍ରତିଶତ।




ହରିଦ୍ୱାର: କୁମ୍ଭମେଳା ଚାଲିଥିବା ବେଳେ ମହାଶିବରାତ୍ରି ଅବସରରେ ଜଣେ ନାଗା ସାଧୁ ଗଙ୍ଗା ନଦୀରେ ବୁଡ଼ ପକାଉଛନ୍ତି।

# ଦିନକରେ ୨୨,୮୫୪ ପଜିଟିଭ୍

### ୬ ରାଜ୍ୟରେ ୮୫%ରୁ ଅଧିକ ସଂକ୍ରମଣ

ନୂଆଦିଲ୍ଲୀ,୧୧।୩ (ପି.ଟି.)

ଦେଶରେ କରୋନା ସଂକ୍ରମଣ କ୍ରମାଗତ ଭାବେ ବଢ଼ିଚାଲିଛି। ଗତ ୨୪ ଘଣ୍ଟା ମଧ୍ୟରେ ଚିହ୍ନଟ ହୋଇଥିବା ମୋଟ ସଂକ୍ରମଣର ୮୫.୯୧ ପ୍ରତିଶତ ୬ଟି ରାଜ୍ୟରୁ। ସେହି ରାଜ୍ୟଗୁଡ଼ିକ ହେଲେ ମହାରାଷ୍ଟ୍ର, କେରଳ, ପଞ୍ଜାବ, କର୍ଣ୍ଣାଟକ, ତାମିଲନାଡୁ ଓ ଗୁଜରାଟ। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ୨୪ ଘଣ୍ଟା ମଧ୍ୟରେ ୨୨,୮୫୪ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରୁ ମହାରାଷ୍ଟ୍ରରେ ସର୍ବାଧିକ ୧୩,୬୫୯ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ଏହା ପଛକୁ କେରଳ (୨,୪୭୫), ପଞ୍ଜାବ (୧,୩୯୩) ରହିଛି। ମହାରାଷ୍ଟ୍ର, ତାମିଲନାଡୁ, ପଞ୍ଜାବ, ମଧ୍ୟପ୍ରଦେଶ, ଦିଲ୍ଲୀ, ଗୁଜରାଟ, କର୍ଣ୍ଣାଟକ ଏବଂ ହରିୟାଣାରେ ସଂକ୍ରମଣ ହାର ବଢ଼ିଚାଲିଛି। ଭାରତରେ ଏବେ ସକ୍ରିୟ ମାମଲା ସଂଖ୍ୟା ୧,୮୯,୨୨୬ ରହିଛି, ଯାହା କି ମୋଟ ମାମଲାର ୧.୬୮ ପ୍ରତିଶତ। କେରଳରେ ସଂକ୍ରମଣ ହାର ପୂର୍ବାପେକ୍ଷା କମିଥିବାବେଳେ ମହାରାଷ୍ଟ୍ରରେ ସର୍ବାଧିକ ବଢ଼ିଚାଲିଛି। ସେହିପରି ଗତ ୨୪ ଘଣ୍ଟା ମଧ୍ୟରେ କରୋନାରେ ୧୨୬ ଜଣଙ୍କ ଜୀବନ ଯାଇଛି। ସେଥିମଧ୍ୟରୁ ମହାରାଷ୍ଟ୍ରରେ ସର୍ବାଧିକ ୫୪ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ପଞ୍ଜାବରେ ୧୭, କେରଳରେ ୧୪ ଜଣଙ୍କ ମୃତ୍ୟୁ ହୋଇଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଇତିମଧ୍ୟରେ ୨,୫୬,୮୫,୦୧୧ ଭାକ୍ସିନ ଡୋଜ୍ ଦିଆସରିଲାଣି।



# ସେନା ନେଲାଣି ୭୦ ଜୀବନ

ନାପିତାଓ, ୧୧।୩

ଗଣତନ୍ତ୍ର ସପକ୍ଷବାଦୀ ଅଙ୍ଗ୍ ସାନ ସ୍ୟୁ ଚୀଙ୍କ ସରକାରକୁ ହଟାଇ ଶାସନ ମାଡ଼ିବସିଥିବା ସେନା ବିରୋଧରେ ମ୍ୟାନମାରରେ ଆନ୍ଦୋଳନ ଜାରି ରହିଥିବାବେଳେ ବିକ୍ଷୋଭ ହଟାଇବାକୁ ସାମରିକ ବଳର ବର୍ବରତା ସୀମା ଟପିବାରେ ଲାଗିଛି। ସେନା ଗୁଳିରେ ଗୁରୁବାର ଆଉ ୧୦ ଆନ୍ଦୋଳନକାରୀଙ୍କ ଜୀବନ ଯାଇଛି। ଫେବୃୟାରୀ ୧ରୁ ଏବେ ଯାଏ ସାମରିକ କାର୍ଯ୍ୟାନୁଷ୍ଠାନରେ ପ୍ରାୟ ୭୦ ଜଣଙ୍କ ମୃତ୍ୟୁ ଘଟିଲାଣି। ମ୍ୟାନମାରରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଚାଲିଥିବାବେଳେ ବିକ୍ଷୋଭକାରୀଙ୍କ ଉପରେ ସୁରକ୍ଷାବଳର ଏଭଳି ବର୍ବରତାକୁ ଜାତିସଂଘ ସୁରକ୍ଷା ପରିଷଦ ପକ୍ଷରୁ ନିନ୍ଦା କରାଯାଇଛି। ସେଠାକାର ସେନା ସଂଯମତା ରକ୍ଷା କରି ଏଭଳି କାର୍ଯ୍ୟରୁ ନିବୃତ୍ତ ରହିବା ସହ ଗିରଫ କରିଥିବା ଲୋକଙ୍କୁ ମୁକ୍ତ କରିବାକୁ ପରିଷଦ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ହେଲେ ସେନା ଏହାକୁ ବେଖାତିର କରି ନରସଂହାର ଜାରି ରଖିଛି।

ଲଣ୍ଡନସ୍ଥିତ ଅନ୍ତର୍ଜାତୀୟ ମାନବାଧିକାର ସଙ୍ଗଠନ ଆମେନ୍‌ଷ୍ଟି ଇଣ୍ଟରନ୍ୟାଶନାଲ ଗୁରୁବାର ଏକ ରିପୋର୍ଟରେ କହିଛି, ବିକ୍ଷୋଭକାରୀଙ୍କୁ ହଟାଇବା ପାଇଁ ସେନା ଘାତକ ରଣନୀତି ପ୍ରସ୍ତୁତ କରିଛି। ସେମାନଙ୍କ ଉପରେ ଗୁଳିଚାଳନା ଓ ବ୍ୟାପକ ଅସ୍ତ୍ରଶସ୍ତ୍ର ଦ୍ୱାରା ଆକ୍ରମଣ ହେଉଛି। ବିକ୍ଷୋଭକାରୀଙ୍କ ବିରୋଧରେ ନ୍ୟାୟ ବହିର୍ଭୂତ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ହସ୍ତଗତ ହୋଇଥିବା ପ୍ରାୟ ୫୦ ଭିଡିଓରୁ ଏହି ସଙ୍ଗଠନ ଜାଣିବାକୁ ପାଇଛି। ଅନ୍ୟପକ୍ଷରେ ସ୍ୟୁ ଚୀଙ୍କ ବିରୋଧରେ ସଙ୍ଗିନ ଅଭିଯୋଗ ଆଣିଛି ମ୍ୟାନମାର ସେନା। ରାଜଧାନୀ ନାପିତାଓରେ ଏକ ଖବରଦାତା ସମ୍ମିଳନୀ କରି ସେନା ମୁଖପାତ୍ର ଜ ମିନ୍ ତୁନ୍ କହିଛନ୍ତି, ୟାଙ୍ଗୁନ ଡିଭିଜନ ମୁଖ୍ୟମନ୍ତ୍ରୀ ଫିଓ ମିନ୍ ଥେନ୍‌ଙ୍କଠାରୁ ସ୍ୟୁ ଚୀ ୨୦୧୭-୧୮ରେ ବେଆଇନ ଭାବେ ୬ ଲକ୍ଷ ଆମେରିକୀୟ ଡଲାର ଏବଂ ସୁନା ନେଇଥିଲେ।

### ସଂଯମ ରହିବାକୁ ଜାତିସଂଘର ପରାମର୍ଶ



ବିକ୍ଷୋଭକାରୀଙ୍କୁ ସହାୟତା ପାଇଁ ୟେମେନ୍‌ଠାରେ ଲୋକେ ଇଟା ବୋହି ବ୍ୟାରିକେଡ୍ ନିର୍ମାଣ କରୁଛନ୍ତି।

### ସେନା ପରିବାର ଉପରେ କଟକଣା

ୱାଶିଂଟନ୍: ବିକ୍ଷୋଭକାରୀଙ୍କ ଉପରେ ଅମାନବୀୟ କାର୍ଯ୍ୟାନୁଷ୍ଠାନ ଜାରି ରଖିଥିବା ମ୍ୟାନମାର ସେନାକୁ ନିନ୍ଦା କରିଛନ୍ତି ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍। ପ୍ରତିବାଦରେ ସେନା କମାଣ୍ଡର ଇନ୍ ଚିଫ୍ ମିନ୍ ଅଙ୍ଗ୍ ଲାଇଙ୍ଗ୍‌ଙ୍କ ଦୁଇ ସନ୍ତାନ ଓ ୬ କମ୍ପାନୀ ଉପରେ ଆମେରିକା ବୁଧବାର କଟକଣା ଲଗାଇଛି। ଦେଶର ନିର୍ବାଚିତ ସରକାରଙ୍କୁ ଟାର୍ଗେଟ କରୁଥିବା ସାମରିକବାହିନୀ ସହ ଜଡିତ ବ୍ୟକ୍ତିମାନେ ହିଂସା ପ୍ରଦର୍ଶନ କରି ଗଣତନ୍ତ୍ର ଉପରେ ଆକ୍ରମଣ କରିଥିବାରୁ ଏହି ବ୍ୟବସ୍ଥାର ଲାଭ ପାଇବାକୁ ସେମାନେ ହକଦାର ନୁହନ୍ତି ବୋଲି ବ୍ଲିଙ୍କେନ କହିଛନ୍ତି। କମାଣ୍ଡର ଇନ୍ ଚିଫ୍‌ଙ୍କ ପୁଅ ଅଙ୍ଗ୍ ପାଇ ସୋନେ ଏବଂ ଖିନ ଥିରି ଥେଟ୍ ମନ୍ ସେନାର ନେତୃତ୍ୱ ନେବା ସହ ନିଜକୁ ପ୍ରଶାସନିକ ମୁଖ୍ୟ ବିବେଚନା କରୁଥିବା ଆମେରିକା ଅର୍ଥ ବିଭାଗ ପକ୍ଷରୁ କୁହାଯାଇଛି।



Hero

10 କୋଟି ଉତ୍ସବ ରେ,
ଆପଣଙ୍କୁ ସ୍ୱାଗତ ଉପହାର ସହିତ।

ଆପଣଙ୍କ ଏବଂ ଆମର ସମ୍ପର୍କ ନିଆରା ଅଟେ। ଏଣୁକରି ଏହି 10 କୋଟି ଉତ୍ସବ ରେ ଆମେ ଆପଣଙ୍କୁ ସ୍ୱାଗତ ₹5100 ପର୍ଯ୍ୟନ୍ତ ଉପହାର ସହିତ କରୁଛୁ। ତେବେ ଆପଣଙ୍କର ନିକଟସ୍ଥ ହିରୋ ଡିଲରଶିପ୍ ଆସନ୍ତୁ ଏବଂ ନିଜର ମନପସନ୍ଦ ନୂଆ ହିରୋ ଘରକୁ ନିଅନ୍ତୁ।



ଓମେନ୍ସ ଡେ ଅଫର କ୍ୟାସ୍ ବୋନସ୍
₹5100#
ସବୁ ସ୍କୁଟର ଉପରେ
ଏକ୍ସଚେଞ୍ଜ/ ଲୟାଲ୍ଟି ବୋନସ୍ ₹3000##
Hero 100 MILLION
ଶୀଘ୍ର କରନ୍ତୁ! ଅଫର କେବଳ ସୀମିତ ସମୟ ପାଇଁ!

ଉପହାର ର ଏହି ଲିଫାପା ନିଜର ନିକଟସ୍ଥ ହିରୋ ଡିଲରଶିପ୍ କୁ ଆଣନ୍ତୁ, ଏବଂ ନିଜର ହିରୋ କିଣିବାରେ ₹5100 ପର୍ଯ୍ୟନ୍ତ କ୍ୟାସ୍ ବୋନସ୍ ପାଆନ୍ତୁ।



ଏକ୍ସଚେଞ୍ଜ/ଲୟାଲ୍ଟି ବୋନସ୍
160cc, 200cc ମଟରସାଇକେଲ ₹5000##
ଅନ୍ୟ ମଟରସାଇକେଲ ଉପରେ ₹2000##

ଅନ୍ତିମ ଦିନ

THE TRUST OF HERO

GOVT EMPLOYEE OFFER ₹2500*

Hero GoodLife — EXCLUSIVE OFFERS FOR NEW AND EXISTING GOODLIFE MEMBERS

CALL TOLL-FREE 1800 266 0018
BUY ONLINE AT eshop.heromotocorp.com

CASHBACK UPTO ₹12000** ON EMI, CREDIT, DEBIT CARD
ICICI Bank Credit & Debit Cards | Bank of Baroda | FEDERAL BANK | SBI

Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj - Phase - II, New Delhi - 110070, India. | CIN: L35911DL1984PLC017354 | For further information, contact your nearest Hero MotoCorp authorised outlet or call our toll-free no.: 1800 266 0018 or visit us on www.HeroMotoCorp.com . Accessories and features shown may not be a part of standard fitment. Always wear a helmet while riding a two-wheeler. Terms & Conditions apply. *For central government employees. Central Government employees shall be eligible for reimbursement in terms of the Office Memorandum No. F. No. 12(2)/2020-EII(A) dated 12 October 2020. ##Offer amount & combination of offers may vary by model/variant & State. Finance Scheme is at the sole discretion of Financier & subject to its respective terms & conditions. Please visit your nearest authorized Hero MotoCorp outlet for more details. Offer valid for limited period or till stock lasts. Hero MotoCorp reserves the right to change / modify / withdraw the offer without any prior intimation. **Upto Rs. 12,000/- cashback on ICICI Bank / Bank of Baroda / Federal Bank / SBI cards. #Cash bonus is applicable on all Scooter models subject to vehicle invoiced on Woman's name. This offer can be clubbed with existing offer on Scooters.

HeroMotoCorpIndia @HeroMotoCorp HeroMotoCorpLimited TheHeroMotoCorp heromotocorp.com

For Institutional and Bulk Sales please write to bhubaneshwar@heromotocorp.com

ଅଥରାଇଜ୍ଡ ଡିଲର: ଅନୁଗୁଳ: ପାର୍ବତୀ ହୀରୋ – 7799766342. ଢେଙ୍କାନାଳ : ସୋମ ହୀରୋ – 7799766347. କେନ୍ଦୁଝର: ସୁପ୍ରିମ ହୀରୋ – 7799766360. ତାଳଚେର: ତାରିଣୀ ହୀରୋ – 7799766374.
ଅଥରାଇଜ୍ଡ ସର୍ଭିସ୍ ସେଣ୍ଟର: ବଡ଼ବିଲ: ହୁଇଲ୍ସ ମୋଟର୍ସ – 9437578295. ଛେଣ୍ଡିପଦା : ତାରା ମୋଟର୍ସ – 9437031859. କାମାକ୍ଷାନଗର: ରିଲାଏନ୍ସ ଅଟୋମୋବାଇଲ୍ସ – 9938711223.

MARUTI SUZUKI ARENA

ଏହି ମାର୍ଚ୍ଚକୁ ଆନନ୍ଦପୂର୍ଣ୍ଣ କରିବ
ମାରୁତି ସୁଜୁକୀର ବିଶେଷ ଅଫର୍ସ ଗୁଡ଼ିକ ।



BIG SAVINGS

WAGONR ₹27 000* | ALTO ₹59 000* | S-PRESSO ₹64 000* | VITARA BREZZA ₹39 000*
DZIRE ₹32 000* | SWIFT ₹34 000* | CELERIO ₹44 000* | EECO ₹39 000*

5 ଟି ଆକର୍ଷକ ଫାଇନାନ୍ସ-ଅଫର୍ସ
• ଏବେ କିଣନ୍ତୁ, ପରେ ଟଙ୍କା ଦେବେ^ • 100% ଅନ-ରୋଡ଼ ଲୋନ ଉପଲବ୍ଧ^
• 7.1% କମ୍ ସୁଧର ହାର^ • ଅତିକମର ଅଗ୍ରିମ ଦୁଇତ^ • ₹899 ର କମ ମାସିକ କିସ୍ତି^

WAGONR ALTO S-PRESSO ERTIGA VITARA BREZZA DZIRE SWIFT CELERIO EECO

E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: Pradosh.Jena@maruti.co.in

**ODYSSEY MOTORS**
ANGUL: 7752076136, 9776901481.
PALLAHARA: 7873565435, 9437831123.

**TUSHI MOTORS**
CUTTACK: 9078076450.

**SKY AUTOMOBILES**
BHUBANESWAR: 9776645711.
CUTTACK: 9776677771, 7381873818.
DHENKANAL: 9776900005.
JAJPUR: 9776900777.

**JYOTE MOTORS**
BHUBANESWAR: LEWIS ROAD: 9798190190. NAYAPALLI: 9798190190. KEONJHAR: 9798190190. BARIPADA: 9798190190. BHADRAK: 9798190190. NAYAGARH: 9798190190. BALASORE: 9798190190.

**NARAYANI MOTORS**
BHUBANESHWAR: 9583022019, 9583022012, 9583022013. NIMAPARA: 7381093626
JAGATSINGHPUR: 9583022090
PARADEEP: 9583022034/48 PURI: 9583022035.

*Offer includes consumer offer, exchange bonus and corporate offer (wherever applicable) on selected models/variants. **Terms and conditions apply. ^Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. ^Low interest rate at 7.1% is provided by Bank of Baroda. The terms and conditions are subject to change without any prior notice. All offers are brought to you by Maruti Suzuki authorized dealers only. Offers may vary from city to city and variant to variant. All offers are valid till 31st March, 2021.

**ଆଜିର ମନ୍ତବ୍ୟ**

"ଭାରତ ଆଉ ଗଣତାନ୍ତ୍ରିକ ରାଷ୍ଟ୍ର ହୋଇ ରହିନାହିଁ।
–ରାହୁଲ ଗାନ୍ଧୀ, କଂଗ୍ରେସ ନେତା

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଓଡ଼ିଶାକୁ ୧୪୦୦ କୋଟିର ଆଡିଶନାଲ ବରୋଇଂ ଅନୁମତି

**ଭୁବନେଶ୍ୱର,୧୧।୩(ବ୍ୟୁରୋ)**

## ୱାନ୍ ନେଶନ ୱାନ୍ ରାଶନ

ୱାନ୍ ନେଶନ ୱାନ୍ ରାଶନ କାର୍ଡ ବ୍ୟବସ୍ଥା ପାଇଁ ଓଡ଼ିଶାକୁ ୧୪୨୯ କୋଟି ଟଙ୍କାର ଅତିରିକ୍ତ ଉଧାର (ଆଡିଶନାଲ ବରୋଇଂ) ଅନୁମତି ମିଳିଛି। କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟର ଡିପାର୍ଟମେଣ୍ଟ ଅଫ ଏକ୍ସପେଣ୍ଡିଚର ଏହାକୁ ଅନୁମୋଦନ କରିଛି। ଓଡ଼ିଶା ସମେତ ୧୬ ରାଜ୍ୟକୁ ୩୭,୬୦୦ କୋଟିର ଅନୁମୋଦନ ମନ୍ତ୍ରଣାଳୟ କରିଛି। ଉଧାର ଅର୍ଥକୁ ରାଜ୍ୟ ସରକାର ବିଭିନ୍ନ ଯୋଜନାରେ ଉପଯୋଗ କରିବେ। ଏ ନେଇ ପୂର୍ବରୁ ପ୍ରସ୍ତାବ ଦିଆଯାଇଥିଲା।

ପ୍ରବାସୀ ଶ୍ରମିକ ଓ ସେମାନଙ୍କ ପରିବାର ପାଇଁ କେନ୍ଦ୍ର ସରକାର ସମଗ୍ର ଦେଶରେ ୱାନ୍ ନେଶନ ୱାନ୍ ରାଶନ ବ୍ୟବସ୍ଥା ପ୍ରଚଳନ କରିଛନ୍ତି। ଏଥିରେ ଏ ପର୍ଯ୍ୟନ୍ତ ଓଡ଼ିଶା ସମେତ ୧୭ଟି ରାଜ୍ୟ ଯୋଡ଼ି ହେଲେଣି। ଓଡ଼ିଶା ମଧ୍ୟ ଏ ଦିଗରେ ଉଲ୍ଲେଖନୀୟ ଅଗ୍ରଗତି କରିଛି। ବିହାର ସହିତ ଓଡ଼ିଶାର ଡାଟାବେସ୍ ସଂଯୋଗ କରାଯାଇଛି। ଫେବୃୟାରୀରେ ଭୁବନେଶ୍ୱରରେ ୭ ବିହାର ପରିବାରକୁ ରାଶନ ଯୋଗାଇ ଦିଆଯାଇଛି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଜଣେ ଅଧିକାରୀ କହିଛନ୍ତି। ସଂଗଠିତ ଓ ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଅସ୍ଥାୟୀ ଶ୍ରମିକ, ରାସ୍ତାକଡ଼ରେ ରହୁଥିବା ଲୋକ, ଶ୍ରମିକମାନଙ୍କ ପାଇଁ ୱାନ୍ ନେଶନ ୱାନ୍ ରାଶନ ବହୁତ ଉପଯୋଗୀ ହେବ। ସେହି ଗରିବ ଲୋକମାନେ ଦେଶର ଯେ କୌଣସି ସ୍ଥାନରେ ରହିଲେ ମଧ୍ୟ ସରକାରୀ ଖୁଚୁରା ବିକ୍ରୟ କେନ୍ଦ୍ରରୁ ନିଜର ଖାଦ୍ୟ ସାମଗ୍ରୀ ସଂଗ୍ରହ କରିପାରିବେ। ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ଇଣ୍ଟରନେଟ୍ ସଂଯୋଗ ଥିବା ରାଜ୍ୟର ସମସ୍ତ ସହରାଞ୍ଚଳକୁ ୱାନ୍ ନେଶନ ୱାନ୍ ରାଶନ ବ୍ୟବସ୍ଥାରେ ସାମିଲ କରିବାକୁ ପ୍ରକ୍ରିୟା ଜାରି ରହିଛି।

# ଉନ୍ନୟନ ଯୋଜନା ଜଣାଇବ 'ବାର୍ତ୍ତା'



କାର୍ଯ୍ୟକ୍ରମକୁ ବିଧାୟକ ଓ ପ୍ରଶାସନିକ ଅଧିକାରୀମାନେ ଉଦ୍‌ଘାଟନ କରୁଛନ୍ତି।

**ଅନୁଗୋଳ ଅଫିସ, ୧୧।୩**

ରାଜ୍ୟ ସରକାରଙ୍କ ୫୦ରୁ ଊର୍ଦ୍ଧ୍ୱ ଲୋକହିତକର ଯୋଜନାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଜିଲାର ୨୨୫ଟି ପଞ୍ଚାୟତର ଜନସାଧାରଣଙ୍କୁ ବିସ୍ତୃତ ଭାବେ ମନଛୁଆଁ ଭିଡିଓ ମାଧ୍ୟମରେ ଅବଗତ ଓ ସଚେତନ କରିବ 'ବାର୍ତ୍ତା'। ଗୁରୁବାର ମହାଶିବରାତ୍ରି ଅବସରରେ ଏପରି ଏକ କାର୍ଯ୍ୟକ୍ରମକୁ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ କୁମାର ସାହୁଙ୍କ ଉପସ୍ଥିତିରେ ଶୁଭାରମ୍ଭ କରାଯାଇଛି। ଦୁଇ ଭିଡିଓ ପ୍ରଦର୍ଶନକାରୀ ସୁସଜ୍ଜିତ ଯାନ ଗୋଟିଏ ଦିନରେ ୩ଟି ପଞ୍ଚାୟତ ଅତିକ୍ରମ କରିବେ। ମୁଖ୍ୟତଃ ସନ୍ଧ୍ୟା ସମୟରେ ଏହା ପ୍ରଦର୍ଶିତ ହେବ। ଏହି 'ବାର୍ତ୍ତା'ର ପ୍ରକୃତ ସୁଫଳ ଯେମିତି ଲୋକମାନଙ୍କ ନିକଟରେ ପହଞ୍ଚିବ ସେ ନେଇ ଆବଶ୍ୟକ ପ୍ରସ୍ତୁତି କରିବା ପାଇଁ ଗ୍ରାମ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମ ଆସନ୍ତା ମାସ ୨୦ ତାରିଖ ଯାଏ ଚାଲିବ।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅତିଲୋଭ କଲେ ନ ରହଇ ଚିରକାଳ,**
**ଅତିରସ ଭୁଞ୍ଜିଲେଟି ହୁଏ ବ୍ୟାଧିମୂଳ,**
**ଅତିସ୍ନେହ କଲେ ଦୁଃଖ ଅବଶ୍ୟ ଘଟଇ,**
**ଅତିଲାଭ ବାଣିଜ୍ୟରେ ପାପ ଉପୁଜାଇ,**
**ଅତିବୁଦ୍ଧି ହେଲେ ବୁଡ଼େ ଅଳପକେ ହେତୁ,**
**ଅତି ଶୋଭାବନ୍ତକୁ ଯେ ଅଳ୍ପେହୁଏ ମୃତ୍ୟୁ।**

ଅତି ସର୍ବତ୍ର ଗର୍ହିତ। ଅତିରୁ କୁପରିଣତି ଘଟିଥାଏ। ଅତିର ମାତ୍ରା ସବୁବେଳେ ସବୁ ସ୍ଥାନରେ ଖରାପ ହେଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଅଯୋଗ୍ୟକୁ ଦାତାରାମ୍**
**ମୁଖେ ପଡ଼ିଲେ ରାମ୍ ରାମ୍।**

ଅଳସୁଆ ବ୍ୟକ୍ତି ସଦାସର୍ବଦା ନିଜ କର୍ମ ପ୍ରତି ବିମୁଖତା ପ୍ରଦର୍ଶନ କରିଥା'ନ୍ତି। କାମ ନ କରିବା ଲାଗି ନାନା ପ୍ରକାର ବାହାନା ଖୋଜିଥାନ୍ତି। ଅଳସୁଆ ବ୍ୟକ୍ତି ନିଜେ ପରିଶ୍ରମ ନ କରି ଦୈବ ଉପରେ ନିର୍ଭର କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# ଦିବ୍ୟାଙ୍ଗ ଯୁବତୀଙ୍କ ହାତ ଧରିଲେ ନିରଞ୍ଜନ

**ଡେରାବିଶ, ୧୧।୩(ସ୍ୱ.ପ୍ର.)**

ଜଣେ ଦିବ୍ୟାଙ୍ଗ ଯୁବତୀଙ୍କୁ ବିବାହ କରି ମାନବିକତାର ପରିଚୟ ଦେଇଛନ୍ତି ନିରଞ୍ଜନ ମିଶ୍ର ନାମକ ଜଣେ ଯୁବକ। ଡେରାବିଶ ବ୍ଲକ ଅଧୀନ ଏଣ୍ଡର ପଞ୍ଚାୟତ ଏଣ୍ଡର ଗ୍ରାମର ନିରଞ୍ଜନ ବୁଧବାର ପୁରୀ ଜିଲା ପିପିଲି ବ୍ଲକ ଅଧୀନ ହାଟସାହି ଗ୍ରାମର ଦିବ୍ୟାଙ୍ଗ ନିରୁପମା ପ୍ରଧାନଙ୍କୁ ବିବାହ କରିଛନ୍ତି। ହାଟସାହି ନିକଟ ଶୈବପୀଠରେ ବୈଦିକ ରୀତିରେ ଏହି ବିବାହ ଶେଷ ହୋଇଛି। ଏହି ନିଆରା ବିବାହ ସମ୍ପର୍କରେ ଜଣାପଡିବା ପରେ ନବଦମ୍ପତିଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

ନିରଞ୍ଜନ ଏକ ଗରିବ ପରିବାରରେ ଜନ୍ମ ହୋଇଥିଲେ। ପିଲାଟି ଦିନରୁ ସେ ନିଜ ମା'ଙ୍କୁ ହରାଇଥିଲେ। ନିରଞ୍ଜନଙ୍କ ବାପା ଓ ବଡ଼ଭାଇ ପୂଜାପାଠ କରି ପରିବାରକୁ ବହୁ କଷ୍ଟରେ ଚଳାଉଛନ୍ତି। ନିରଞ୍ଜନ ପ୍ରଥମେ ଚଣ୍ଡିଖୋଲ ଓ ପରେ ଭୁବନେଶ୍ୱରର ଏକ ହୋଟେଲରେ କାମ କରି କିଛି ରୋଜଗାର କରୁଛନ୍ତି। ଅର୍ଥାଭାବରୁ ନିରଞ୍ଜନଙ୍କ ବଡ଼ଭାଇ ଏଯାଏ ବିବାହ କରିନାହାନ୍ତି। ତେବେ ନିରଞ୍ଜନଙ୍କ ଏଭଳି ଆଦର୍ଶ ବିବାହ ପାଇଁ ବାପା ଶରତ ବହୁ ଖୁସି ବୋଲି କହିଛନ୍ତି। ସେହିଭଳି ନିରୁପମା ଜନ୍ମରୁ ପୋଲିଓ ରୋଗରେ ଆକ୍ରାନ୍ତ ହୋଇ ବାମ ଗୋଡ଼ର ଅର୍ଦ୍ଧେକ ହରାଇ ବସିଛନ୍ତି। ଉଭୟଙ୍କୁ ବିବାହ ବନ୍ଧନରେ ଆବଦ୍ଧ କରିବା ପାଇଁ ଡେରାବିଶ ବ୍ଲକ ଅଞ୍ଚଳର ସାମାଜିକ କର୍ମୀ ଅଧାପକ ଗୁରୁଚରଣ ସେଠୀ ପ୍ରଥମେ ପ୍ରସ୍ତାବ ଦେଇଥିଲେ। ଏହାପରେ ସେ ଉଭୟଙ୍କ ମଧ୍ୟରେ ଯୋଗସୂତ୍ର ରକ୍ଷା କରିଥିଲେ। ନିରଞ୍ଜନ ଏହି ବିବାହ ପ୍ରସ୍ତାବରେ ରାଜି ହେବା ପରେ ହାତଗଣ୍ଠି ପଡିଥିଲା। ଏଭଳି ମାନବିକତା ପାଇଁ ନିରଞ୍ଜନଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ଜିଲାପାଳଙ୍କ ନିକଟରେ ଗୁରୁଚରଣ ନିବେଦନ କରିଛନ୍ତି।



ଦିବ୍ୟାଙ୍ଗ ନିରୁପମାଙ୍କୁ ନିରଞ୍ଜନ ବିବାହ କରୁଛନ୍ତି।

# ନଦୀରେ ବୁଡ଼ି ୨ ନାବାଳିକା ମୃତ

**ନନ୍ଦପୁର,୧୧।୩ (ଡି.ଏନ୍.ଏ.):** କୋରାପୁଟ ଜିଲା ନନ୍ଦପୁର ବ୍ଲକ ପାଡୁଆ ଥାନା ଅଧୀନ ପଡ଼ଇସିଂହ ଗ୍ରାମ ନିକଟସ୍ଥ ପାତାଳି ନଦୀର ହଳଦୀଘାଟକୁ ଗୁରୁବାର ଦୁଇ ଜଣ ନାବାଳିକା ମାଛ ଧରିବାକୁ ଯାଇ ପାଣିରେ ବୁଡ଼ିଯାଇଛନ୍ତି। ଫଳରେ ଉଭୟଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ପଡ଼ଇସିଂହ ଗ୍ରାମର ଦଶମନ୍ତ ଖିଲଙ୍କ ଝିଅ ଅନିତା ଖିଲ (୧୦) ଏବଂ ତୋଡ଼ିଙ୍ଗ ଗ୍ରାମର ଭକ୍ତରାମ ଖିଲଙ୍କ ଝିଅ ଡାଲି ଖିଲ (୧୫)। ପୂର୍ବାହ୍ନ ୧୧ଟାରେ ଅନିତା ଓ ଡାଲି ମାଛ ଧରିବା ପାଇଁ ନଦୀକୁ ଯାଇଥିଲେ। ମାଛ ଧରୁଥିବା ବେଳେ ଉଭୟେ ପାଣିରେ ବୁଡିଯାଇଥିଲେ। କେତେଜଣ ଗ୍ରାମବାସୀ ଏହା ଦେଖି ସେମାନଙ୍କୁ ଉଦ୍ଧାର କରିବା ପାଇଁ ନଦୀରେ ପଶିଥିଲେ। ମାତ୍ର ପାଇ ନ ଥିଲେ। ଖବର ପାଇ ପରିବାର ଲୋକେ ସେଠାରେ ପହଞ୍ଚି ଖୋଜାଖୋଜି କରିଥିଲେ। ଦୀର୍ଘ ସମୟ ପରେ ସେମାନଙ୍କ ମୃତଦେହ ମିଳିଥିଲା। ଏନେଇ ପାଡୁଆ ଥାନାରେ ଲିଖିତ ରୂପେ ଜଣାଇବା ପରେ ପୋଲିସ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ପରେ ଉଭୟ ନାବାଳିକାଙ୍କ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ପ୍ରଥମ ପୃଷ୍ଠାରୁ...

### ବିରୋଧୀଙ୍କ ହାତରେ...

ପ୍ରଭାବିତ ହେବାର ଆଶଙ୍କା ରହିଛି। ଏଭଳି ବିଲ୍‌କୁ ବିରୋଧୀ କଂଗ୍ରେସ ବିରୋଧ କରିବା ନେଇ ସୂଚନା ମିଳିଛି। ସୂଚନା ଅନୁଯାୟୀ, ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ମାର୍ଚ୍ଚ ୧୨ରୁ ଆରମ୍ଭ ହୋଇ ଏପ୍ରିଲ ୯ ତାରିଖ ଯାଏ ଚାଲିବ। ଶୁକ୍ରବାର ବିଧାନସଭାରେ ସମସ୍ତ ଷ୍ଟାଣ୍ଡିଂ କମିଟିର ରିପୋର୍ଟ ଉପସ୍ଥାପନ କରାଯିବ। ୧୫ରୁ ୨୭ ତାରିଖ ଯାଏ ଖର୍ଚ୍ଚଦାବି ଉପରେ ଆଲୋଚନା ହେବ। ୩୧ରେ ବ୍ୟୟମଞ୍ଜୁରୀ ବିଲ୍ ଗୃହରେ ଆଗତ ହେବ। ଏହି ଅଧିବେଶନରେ ମୋଟ ୩୧ଟି କାର୍ଯ୍ୟ ଦିବସ ରହିଛି।

ଦ୍ୱିତୀୟ ପର୍ଯ୍ୟାୟ ସକାଶେ ବିଧାନସଭାକୁ ପ୍ରବେଶ ପାଇଁ ଆଣ୍ଟିଜେନ ଟେଷ୍ଟ କରାଯାଇଛି। ଯେଉଁମାନଙ୍କର ରିପୋର୍ଟ ନେଗେଟିଭ ଆସିବ ସେମାନଙ୍କୁ କେବଳ ବିଧାନସଭାକୁ ପ୍ରବେଶ କରିବାକୁ ଅନୁମତି ଦିଆଯିବ ବୋଲି ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର କହିଥିଲେ। ସେହି ଅନୁଯାୟୀ ବୁଧବାର ଓ ଗୁରୁବାର ଦୁଇଦିନ ଧରି ମନ୍ତ୍ରୀ, ବିଧାୟକ, ବିଧାନସଭା କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧିମାନଙ୍କର କରୋନା ଟେଷ୍ଟ କରାଯାଇଛି।

### ସଅଳ ଉଠିଲା...

ପରେ ଭକ୍ତିମୟ ପରିବେଶରେ ମହାଦୀପ ମନ୍ଦିର ଚୂଡ଼ାକୁ ଉଠିଥିଲା। ଓଁ ନମଃ ଶିବାୟ ଧ୍ୱନିରେ ଏକାମ୍ର କ୍ଷେତ୍ର ପ୍ରକମ୍ପିତ ହୋଇଥିଲା। ଚଳିତବର୍ଷ କୋଭିଡ୍ କଟକଣା ସତ୍ତ୍ୱେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମନ୍ଦିର ପରିସରରେ ଦୀପ ଜାଳିବାକୁ ପୋଲିସ ବାରଣ କରିବାରୁ କିଛି ସମୟ ଧରି ଅସନ୍ତୋଷ ପ୍ରକାଶ ପାଇଥିଲା। ପ୍ରଶାସନିକସ୍ତରରେ ଆଲୋଚନା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ରାତି ଉଜାଗର ରହି ବ୍ରତଧାରୀ ଓ ଶ୍ରଦ୍ଧାଳୁମାନେ ଦୀପ ଜାଳିବା ସହ ମହାଦୀପ ଦର୍ଶନ କରିଥିଲେ। ସେହିପରି ହରିହର ଭେଟ ଦେଖିବାପାଇଁ ଶ୍ରଦ୍ଧାଳୁମାନେ ବେଶ ଉତ୍ସୁକତାର ସହ ଅପେକ୍ଷା କରିଥିବା ଦେଖିବାକୁ ମିଳିଥିଲା। ଆଇନଶୃଙ୍ଖଳା ନିୟନ୍ତ୍ରଣ ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡର ସଭାପତି ତଥା ଜିଲାପାଳ ସନତ କୁମାର ମହାନ୍ତି ବିଳମ୍ବିତ ରାତି ପର୍ଯ୍ୟନ୍ତ ଉପସ୍ଥିତ ରହି ତଦାରଖ କରିଥିଲେ।


# classifieds Everyday

0674-2580101, 2549302



real estate

**SALE**

3BHK Flat near Lingaraj Station,, Bhubaneswar, immediate sale 56 Lakh. 7008005490. D-59983

**3200 Sqft. sthitiban Gharabari corner plot with Boundary Wall near ITER, Panchasakha Nagar, Bhubaneswar. 9958003695, 9861805658.** D-19996

Genuine plot for sale with Bank Loan facility in Sundarpada, AIIMS. 8118050420. D-20210

**ଜଗତ୍‌ସିଂହପୁର ଡିଷ୍ଟ୍ରିକ୍ଟ କୋର୍ଟ ନିକଟ, ତରଡ଼ାପଡ଼ା ମୌଜା ମେନ୍ ରୋଡ୍ ପାଖରେ ପ୍ରତ୍ୟେକ ପ୍ଲଟ୍‌କୁ ବିଦ୍ୟୁତ୍ ସଂଯୋଗ ଓ 20 ରାସ୍ତା ଥାଇ ଘରବାରି ଜାଗା ବିକ୍ରିହେବା। ଯୋଗାଯୋଗ– 7325800846.** D-70556

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,76,000/-, ଅରଗୁଲ IIT ପାଖରେ 1200sqft. 1,44,000/-, 9668344479. D-70198

**Bhubaneswar Baliantaର ସାଇଫନ୍ ଛକ ନିକଟରେ residential plot sqft.900/- ବିକ୍ରିହେବା। 8018242542, 6370621085.** D-70808

Gharabari plot at Kesura Bhubaneswar-Puri bypass & Bhingarpur, Kuruntí-Balianta, Duplex at Atala : 9337086655, 9437286655. D-69699

**Demarcated ପ୍ଲଟ୍ KEC, ଗୁଡ଼ିଆପୋଖରୀ ପାଖରେ immediate registration & possession ଅଗ୍ରିମ boundarywall, electricity, with 30ft. road, sqft.650/-ରେ ମିଳୁଛି। Contact: 7008045582, 7749800648.** D-20177

**Residential land with 30feet road available near OEC College, Chhatabar & Gangapatna immediate registration & construction. 7656070001, 8249139982.** D-70177

**GENERAL**

**SALE**

Two 1.5ton carrier window A.C. domestically used in good running condition, sale Rs. 18,000/- each. Contact Mo-8458080690. D-20205

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



to-let

**4400 Sqft. Hall in First and Second Floor for Office or Commercial on 100ft. Bhimatangi Main Road, Bhubaneswar. 9958003695, 9861805658.** D-19997



healthcare

Ayurvedic full body massage by experienced (M/F) therapist. 7008773793, 8018656899. D-59982

New opening Saikrupa Panchakarma and SPA jointpain, fullbody massage, 8984068077. D-65913

Zen SPA positively health benefits with experts therapeutic genuinely massage. 7205084157. D-70554

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:–**
classifieddharitri@gmail.com

Swarna SPA newly open positively health benefits with expert therapist. 9556978408. D-70551

Refreshing your mind & body with best therapy at Lotus SPA. 8018234866. D-59981



business

**Install white lable ATM in your free space and monthly earn 20000/- to 80,000/- (Agent invited). 7064182517.** D-70553

**AFFIDAVIT**

By virtue of an affidavit sworn before the Notary Public, Barasat, North 24 Parganas, I Manswini Mishra, W/o-Sayantan Chatterjee, Solemnly affirm that, after marriage I have changed my maiden name from Manswini Mishra to Manswini Chatterjee. Henceforth, I shall be known as Manswini Chatterjee for all purposes. Manswini Mishra & Manswini Chatterjee is one and same person. D-70810


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ବୁଝାମଣା ମାଧ୍ୟମରେ ପ୍ରତ୍ୟେକ କାମକୁ ସମ୍ଭାଳି ନେବେ। ପାରିବାରିକ ଓ କର୍ମ କ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି ଅନେକାଂଶରେ ଭଲ ରହିବ। ଯାତ୍ରା, ବାଣିଜ୍ୟ, କ୍ରୟ ବିକ୍ରୟ କ୍ଷେତ୍ରରେ ଉପକୃତ ହେବେ। ସାହିତ୍ୟ, କଳା, ସଙ୍ଗୀତ, ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ବୃଷ** – ପାରିବାରିକ ଅସ୍ଥିରତା ମାନସିକ ସ୍ଥିତିକୁ ବିଗାଡି ଦେଇପାରେ। ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିପାରନ୍ତି। ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ମନ୍ଦ ହେବ ନାହିଁ।

**ମିଥୁନ** – ଦିନଟି ଯାତ୍ରା ପାଇଁ ପ୍ରତିକୂଳ ନ ହେଲେ ମଧ୍ୟ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବେ। ବ୍ୟବସାୟରେ ଲକ୍ଷ୍ୟ ହାସଲ କରିବାରେ କୌଣସି ଅସୁବିଧା ହେବ ନାହିଁ। କେତେକ କାମ ସକାଶେ ପରିବାର ଭିତରୁ ସମାଲୋଚିତ ହେବାକୁ ପଡିବ। ନିଜଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି।

**କର୍କଟ** – ଆଜି ଆର୍ଥିକ ସ୍ଥିତି ଭଲ ରହିବ କିମ୍ବା ଅର୍ଥ ସମସ୍ୟା ସୁଧୁରି ଯିବ। କର୍ମକ୍ଷେତ୍ରରେ ଏମିତି କେତେକ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିବ, ଯଦ୍ୱାରା ଠିକ୍ ନିଷ୍ପତ୍ତି ନେଇପାରିବେ ନାହିଁ। ବନ୍ଧୁ ଜରିଆରେ ଆକସ୍ମିକ ଭାବରେ ଆଶା କରୁଥିବା ଶୁଭ ଖବର ଶୁଣି ଖୁସି ହେବେ। ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ।

**ସିଂହ** – ସମସ୍ୟା ଆସିଲେ ମଧ୍ୟ ଉପସ୍ଥିତ ବୁଦ୍ଧିରେ କାର୍ଯ୍ୟ ସାଧନରେ ସମର୍ଥ ହେବେ। ବହୁତ ଅନୁସନ୍ଧାନ ପରେ ଅପରାହ୍ନରେ ଖୋଜୁଥିବା ଜିନିଷ ହଠାତ୍ ପାଇଯିବେ। ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହେବାରୁ ମନ ଭଲ ରହି ନ ପାରେ। ଅବଶ୍ୟ ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ଆଜି ଦିନଟିର ଅଧିକାଂଶ ସମୟ ବିତିବ।

**କନ୍ୟା** – ଆଜି ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବେ। କିନ୍ତୁ ବନ୍ଧୁମାନଙ୍କ ସାହାଯ୍ୟ ଓ ସହଯୋଗରୁ ଉତ୍ସାହିତ ହେବେ। କେତେକ କ୍ଷେତ୍ରରେ ଯେସାକୁ ତେସା ନୀତିରେ କାମ କରିପାରନ୍ତି। ଘର ଲୋକମାନଙ୍କୁ ଉପେକ୍ଷା କରି ପରକଥାରେ ପଡି ଭୁଲ୍ ମାର୍ଗର ଅନୁସରଣ କରି ପଶ୍ଚାତ୍ତାପ କରିବାକୁ ପଡ଼ିପାରେ।

**ତୁଳା** – ପ୍ରତ୍ୟେକ କାମରେ ସଫଳତା କାରଣରୁ ମାନସିକ ସ୍ଥିତି ଭଲ ରହିବ। କେତେକ କ୍ଷେତ୍ରରେ ବନ୍ଧୁଙ୍କ ସମ୍ମୁଖରେ ମନର ଭାବ ପ୍ରକାଶରେ ପଛେଇ ଯାଇପାରନ୍ତି। ସ୍ୱାତୀର ପାରିବାରିକ ଅଶାନ୍ତି ହେତୁକ ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ମାଲିମକଦ୍ଦମାର ସରଳ ସମାଧାନ ହୋଇଯିବ।

**ବିଛା** – ପରିବାରର ବିଭିନ୍ନ ପ୍ରକାରର ସମସ୍ୟା ଚିନ୍ତାକରି ମନ ଭାରାକ୍ରାନ୍ତ ରହିବ। ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ, ଅନ୍ୟଥା କଳହର ସମ୍ଭାବନା ରହିଛି। ବନ୍ଧୁଙ୍କୁ ଅନୁନୟ ବିନୟ କରି ଧାରକରଜ କରି ଆବଶ୍ୟକତା ଚଳାଇ ନେବେ। କଳା, ସଙ୍ଗୀତ, ଚଳଚ୍ଚିତ୍ର, କ୍ରୀଡ଼ା, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ପାଇବେ।

**ଧନୁ** – ଆଜିର କର୍ମକ୍ଷେତ୍ରରେ ଫଳପ୍ରଦ ଆଲୋଚନା କରିବେ। ପାରିବାରିକ, ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। କଠୋର କଥା କହିବା କାରଣରୁ ପରିବାରରେ ସାମୟିକ କଳହ ଦେଖାଦେଇପାରେ। ଅଫିସ୍ କାମରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବେ।

**ମକର** – ଆଜି ସାଧାରଣ କଥାକୁ କେନ୍ଦ୍ରକରି କଳହର ସମ୍ମୁଖୀନ ହୋଇପାରନ୍ତି। ଇଚ୍ଛା ନ ଥିଲେ ମଧ୍ୟ ଘରର କେତେକ ଅତ୍ୟାବଶ୍ୟକ ଜିନିଷ ଆଣିବାକୁ ବାଧ୍ୟ ହେବେ। କର୍ମକ୍ଷେତ୍ରରେ ସମସ୍ୟା ହଠାତ୍ ଦେଖା ଦେଇଥିବା କାରଣରୁ ମନ ବିଚଳିତ ଅବଶ୍ୟ ରହିବ। ସାମାଜିକ ସ୍ତରରେ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ।

**କୁମ୍ଭ** – ଆଜିର ପ୍ରତ୍ୟେକ କାମ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇଯିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ପଡ଼ୋଶୀଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। କିନ୍ତୁ ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହେବାର ଆଶଙ୍କା ରହିଛି।

**ମୀନ** – ଗତକାଲିଠାରୁ ନିଜ ଲୋକଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇପାରନ୍ତି। ପରିବାରରେ ମତାନ୍ତର ଅଶାନ୍ତିର କାରଣ ପାଲଟି ଯାଇପାରେ। କର୍ମକ୍ଷେତ୍ରରେ ଈର୍ଷାପର ବନ୍ଧୁମାନେ ସମ୍ମୁଖରେ ନୀରବ ରହି ପଛରେ ବହୁତ କଥା କହିବେ। ଆତ୍ମୀୟ ସ୍ୱଜନ କିମ୍ବା ଗୁରୁଜନଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତିତ ରହିପାରନ୍ତି।

ଆଜି ଫାଲ୍‌ଗୁନ କୃଷ୍ଣ ଚତୁର୍ଦ୍ଦଶୀ ଯୁକ୍ତ ଅମାବାସ୍ୟା ଶୁକ୍ରବାର, ବୈଷ୍ଣବମାନଙ୍କ ମହାଶିବରାତ୍ରି, ମାର୍ଚ୍ଚ ୧୨ ତାରିଖ, ରାଶିନକ୍ଷତ୍ର–ଶତଭିଷା/କୁମ୍ଭ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬.୦୮ମି. ଗତେ ଘ.୦୬.୪୮ମି. ମଧ୍ୟେ, ଘ.୦୭.୩୬ମି. ଗତେ ଘ.୦୯.୫୮ମି. ମଧ୍ୟେ, ଘ.୧୨.୨୦ମି. ଗତେ ଘ.୦୨.୪୨ମି. ମଧ୍ୟେ, ଘ.୦୪.୧୭ମି. ଗତେ ଘ.୦୫.୫୧ମି. ମଧ୍ୟେ ଅମୃତ ବେଳା। ରାତ୍ରି ଘ.୦୯.୦୬ମି. ଗତେ ଘ.୦୯.୫୪ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ.୧୦.୨୭ମି. ଗତେ ଘ.୧୧.୫୬ମି. ମଧ୍ୟେ ରାହୁକାଳ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୧,୮୮,୫୩,୫୪୦ | ୨୬,୩୫,୫୩୨ | ୯,୪୩,୭୯,୬୯୦ |
| ଭାରତ | ୧,୧୩,୦୫,୮୭୭ | ୧,୫୮,୩୨୫ | ୧,୦୯,୪୭,୧୬୨ |
| ଓଡ଼ିଶା | ୩,୩୭,୯୯୨ | ୧୯୧୭(+୫୩) | ୩,୩୫,୪୦୮ |

ଗୁରୁବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର




# ଓଡ଼ିଶାରେ କେନ୍ଦ୍ରୀୟ ଟିମ୍

**ଭୁବନେଶ୍ୱର, ୧୧।୩(ବ୍ୟୁରୋ)**

ଶିମିଳିପାଳ ଅଭୟାରଣ୍ୟରେ ନିଆଁ ଲାଗିବା ଘଟଣାର ସ୍ଥିତି ଅନୁଧ୍ୟାନ ପାଇଁ କେନ୍ଦ୍ରୀୟ ଟିମ୍ ଗୁରୁବାର ଓଡ଼ିଶାରେ ପହଞ୍ଚିଛନ୍ତି। ଶିମିଳିପାଳରେ କାହିଁକି ନିଆଁ ଲାଗିଲା, ଏହାର କାରଣ ଅନୁଧ୍ୟାନ କରିବା ସହ ନିରାକରଣ ପାଇଁ କ'ଣ ସବୁ ପଦକ୍ଷେପ ନେବା ଆବଶ୍ୟକ ସେନେଇ ରିପୋର୍ଟ ଦେବ ଏହି ଟିମ୍। କେନ୍ଦ୍ରୀୟ ଟିମ୍‌ର ସଦସ୍ୟ ତଥା ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ(ଏନ୍‌ଟିସିଏ)ର ଆଇଜିଏଫ୍ ଅମିତ ମଲ୍ଲିକ ଭୁବନେଶ୍ୱରରେ ପହଞ୍ଚିବା ପରେ ଅନ୍ୟତମ ସଦସ୍ୟ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ଡିଡିଜି ସୁବ୍ରତ ମହାପାତ୍ରଙ୍କ ସହ ଏନେଇ ଆଲୋଚନା କରିଛନ୍ତି। ତେବେ ଅନ୍ୟ ଜଣେ ସଦସ୍ୟ ତଥା ଆଇସିଏଫ୍‌ଆର୍‌ଇ ଶିଲ୍‌ଭିକଲ୍‌ଚର ମୁଖ୍ୟ ଆରତୀ ଚୌଧୁରୀ କୌଣସି କାରଣରୁ ଆସି ପାରି ନ ଥିବାରୁ ଏହି ଦୁଇଜଣିଆ ଟିମ୍ ଶିମିଳିପାଳ ଯାଇଛନ୍ତି। କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡ଼େକର ଶିମିଳିପାଳରେ କିପରି ନିଆଁ ଲାଗିଲା ତା'ର ଅନୁଧ୍ୟାନ କରି ରିପୋର୍ଟ ଦେବାକୁ ବୁଧବାର କେନ୍ଦ୍ରୀୟ ଟିମ୍‌କୁ ନିର୍ଦ୍ଦେଶ ଦେଇଥିଲେ।




# ଜଙ୍ଗଲ ନିଆଁ: ଦୁଇଦିନରେ ଦୁଇଗୁଣ

**ଭୁବନେଶ୍ୱର, ୧୧।୩(ବ୍ୟୁରୋ)**

- **ରାଜ୍ୟରେ ବ୍ୟାପୁଛି, ଶିମିଳିପାଳରେ ନିୟନ୍ତ୍ରଣକୁ ଆସୁଛି**
- **ନିଆଁକୁ ଆୟତ୍ତ କରିବା ସହଜ କଲା ବର୍ଷା**
- **ଶିମିଳିପାଳ, ସାତକୋଶିଆକୁ ନେଇ ଏନ୍‌ଟିସିଏର ଚିଠି**

ସାରା ରାଜ୍ୟରେ ଜଙ୍ଗଲ ଜଳୁଛି। ଦିନକୁ ଦିନ ଏହା ବଢ଼ି ଚାଲିଛି। ଭାରତୀୟ ବନ ସର୍ବେକ୍ଷଣ ସୂଚନାନୁସାରେ, ବୁଧବାର ୪୯୭ଟି ଫାୟାର ପଏଣ୍ଟରେ ନିଆଁ ରହିଥିବାବେଳେ ଗୁରୁବାର ୧୦୪୮ ସାଟେଲାଇଟ୍ ଆଧାରିତ ଫାୟାର ପଏଣ୍ଟ ପଞ୍ଜୀକରଣ ହୋଇଛି। ତେବେ ଚିନ୍ତା ବଢ଼ାଇଥିବା ଶିମିଳିପାଳ ବନାଗ୍ନିକୁ ନିୟନ୍ତ୍ରଣ କରାଯାଇପାରିଛି। ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପରେ ଦୁଇଦିନରେ ଯଥାକ୍ରମେ ୨୬ ଓ ୨୪ଟି ଫାୟାର ପଏଣ୍ଟ ଚିହ୍ନଟ ହୋଇଥିବାବେଳେ ଏବେମାତ୍ର ୫ଟି ପଏଣ୍ଟ ରିପୋର୍ଟ ହୋଇଛି। ତେବେ ଆବଶ୍ୟକ ପଦକ୍ଷେପ ସହ ବର୍ଷା ଯୋଗୁ ନିଆଁକୁ ଆୟତ୍ତ କରିବା ସହଜ ହେଉଛି। ଅନ୍ୟପକ୍ଷରେ ଆସନ୍ତା ୩ଦିନ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଥିବାରୁ ନିଆଁ ବ୍ୟାପିବାରେ ବାଧା ସୃଷ୍ଟି ହେବାର ସମ୍ଭାବନା ରହିଛି।

ଜଙ୍ଗଲ ନିଆଁ ସ୍ଥିତି ନିୟନ୍ତ୍ରଣକୁ ଆସୁଥିଲେ ମଧ୍ୟ ଅଗ୍ନିଋତୁ ବାକି ଥିବାରୁ ମୁକାବିଲା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ସତର୍କ ରହିଛନ୍ତି ବୋଲି ଫରେଷ୍ଟ ଫାୟାର ଟାସ୍କ ଫୋର୍ସ ପକ୍ଷରୁ ସୂଚନା ଦିଆଯାଇଛି। ଟାସ୍କ ଫୋର୍ସ ଅଧ୍ୟକ୍ଷ ସମସ୍ତ ଆଞ୍ଚଳିକ ବନ ସଂରକ୍ଷକ ଓ ବନଖଣ୍ଡ ଅଧିକାରୀଙ୍କୁ ନେଇ ଭିଡିଓ ସମ୍ମିଳନୀରେ ବନାଗ୍ନି ଉପରେ ସବିଶେଷ ସମୀକ୍ଷା କରିଛନ୍ତି। ସମସ୍ତେ ସଜାଗ ରହିବା ସହ ରାତ୍ରି ପାଟ୍ରୋଲିଂ କରି ତୁରନ୍ତ ଜଙ୍ଗଲ ଫାୟାର ପଏଣ୍ଟରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ସେ ପରାମର୍ଶ ଦେଇଛନ୍ତି। ନିଆଁକୁ ଆୟତ୍ତ କରିବା ପାଇଁ ନିୟୋଜିତ ୪ ଓଡ୍ରାଫ୍ ଟିମ୍ ସ୍ଥାନରେ ବର୍ତ୍ତମାନ ୨୫ଜଣ ସଦସ୍ୟ ବିଶିଷ୍ଟ ୮ ଟିମ୍ ନିୟୋଜିତ ହୋଇଛନ୍ତି ବୋଲି ପିସିସିଏଫ୍‌ଙ୍କ କାର୍ଯ୍ୟାଳୟରୁ ସୂଚନା ଦିଆଯାଇଛି।

ଫେବୃୟାରୀରୁ ଅତ୍ୟଧିକ ଖରା ଯୋଗୁ ରାଜ୍ୟର ବିଭିନ୍ନ ଜଙ୍ଗଲରେ ନିଆଁ ଲାଗିଛି। ଚଳିତବର୍ଷ ଆହୁରି ଅଧିକ ଖରା ହେବ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ଏହାକୁ ଦୃଷ୍ଟିରେ ରଖି ଏନ୍‌ଟିସିଏ ଶିମିଳିପାଳ ଓ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପରେ ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରିବାକୁ ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ (ଏନ୍‌ଟିସିଏ) ରାଜ୍ୟ ସରକାରଙ୍କୁ କହିଛି। ବ୍ୟାଘ୍ର ସଂରକ୍ଷଣ ଯୋଜନା ଅନୁଯାୟୀ, ଜଙ୍ଗଲ ଅଞ୍ଚଳରେ ନିଆଁକୁ ଆୟତ୍ତ କରିବା ପାଇଁ ସମସ୍ତ ପ୍ରତିଷେଧକ ଓ ନିୟନ୍ତ୍ରଣ ପ୍ରଣାଳୀ ପ୍ରୟୋଗ କରିବା ଲାଗି ଏନ୍‌ଟିସିଏ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଏବଂ ଶିମିଳିପାଳ ଓ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଚିଠି ଲେଖି ଜଣାଇଛନ୍ତି। ଏଥିସହିତ ଏ ନେଇ କ'ଣ ପଦକ୍ଷେପ ନିଆଯାଉଛି ତା'ର ଏକ ରିପୋର୍ଟ ଦେବା ପାଇଁ ମଧ୍ୟ କହିଛନ୍ତି।

# କୂଅରୁ ହାତୀ ଉଦ୍ଧାର


**ବନ୍ତଲା, ୧୧।୩(ଡି.ଏନ.ଏ.)**

ଅନୁଗୋଳ ବନଖଣ୍ଡ ତଥା ଅନୁଗୋଳ ରେଞ୍ଜ ଶରଧାପୁର ପଞ୍ଚାୟତ ବାଲିଜେରେଙ୍ଗ ଗ୍ରାମ ନିକଟସ୍ଥ ଚାଷ ଜମିରେ ଥିବା ଏକ ୭ ଫୁଟ୍ ଗଭୀର କୂଅରେ ଗୁରୁବାର ଖସି ପଡ଼ିଥିବା ମାଈ ହାତୀକୁ ଉଦ୍ଧାର କରାଯାଇଛି। ନିକଟସ୍ଥ ଜଙ୍ଗଲରୁ ଚାଲି ଆସିଥିବା ୮ ବର୍ଷର ମାଈ ହାତୀ ଫସଲ ଖାଇବାକୁ ଯାଇ କୂଅରେ ଖସି ପଡ଼ିଥିଲା। ଏହାଦେଖି ଗ୍ରାମବାସୀ ବନ ବିଭାଗକୁ ଖବର ଦେଇଥିଲେ। ସୂଚନା ପାଇ ଡିଏଫଓ ପ୍ରସନ୍ନ ବେହେରା, ରେଞ୍ଜ ଅଧିକାରୀ ସତ୍ୟବ୍ରତ ପ୍ରଧାନ, ଏସିଏଫ୍, ଅନୁଗୋଳ ଓ ଜରପଡ଼ା ରେଞ୍ଜ କର୍ମଚାରୀମାନେ ପହଞ୍ଚିଥିଲେ। ଅନୁଗୋଳ ଅଗ୍ନିଶମ ଟିମ୍ ସହିତ ମାଟିଖୋଳା ମେଶିନ ପହଞ୍ଚିବା ପରେ ଉଦ୍ଧାର ଉଦ୍ୟମ ଆରମ୍ଭ ହୋଇଥିଲା। ମେଶିନ ସହାୟତାରେ କୂଅ ପାର୍ଶ୍ୱ ଖୋଳାଯିବା ପରେ ହାତୀଟି ଉପରକୁ ଉଠିଆସି ପଥରଗଡ଼ ରିଜର୍ଭ ଫରେଷ୍ଟକୁ ପଳାଇ ଯାଇଥିବା ରେଞ୍ଜ ଅଧିକାରୀ ପ୍ରଧାନ ପ୍ରକାଶ କରିଛନ୍ତି।



କୂଅରେ ଖସିପଡ଼ିଥିବା ମାଈ ହାତୀ।








# ୭ ଜିଲାରେ ଝଡ଼ବର୍ଷା

**ଭୁବନେଶ୍ୱର, ୧୧।୩(ବ୍ୟୁରୋ)**

ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମର ପ୍ରଭାବ ନାହିଁ। ଅଧିକାଂଶ ସ୍ଥାନରେ ପାରଦ ୩୫ ଡିଗ୍ରୀ ସେଲ୍‌ସିୟସ ତଳେ ରହିଛି। ଏପରି କି କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ମଧ୍ୟ ହେଉଛି। ଆସନ୍ତା ୧୬ ତାରିଖ ଯାଏ ପାଗରେ ବିଶେଷ କିଛି ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ। କାଳବୈଶାଖୀ ଯୋଗୁ ତାତି ନିୟନ୍ତ୍ରଣରେ ରହିବ। ଆଭ୍ୟନ୍ତରୀଣ ଓଡ଼ିଶାରେ ପାଗ ସାମାନ୍ୟ ଉତ୍ତପ୍ତ ରହିଥିବା ବେଳେ ସାମୁଦ୍ରିକ ବାୟୁ ପ୍ରବାହ ଯୋଗୁ ଉପକୂଳରେ ଆଶ୍ୱସ୍ତିକର ପରିବେଶ ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୭ ଜିଲାରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ସେହି ଜିଲାଗୁଡ଼ିକ ହେଲା ଝାରସୁଗୁଡ଼ା, ସୁନ୍ଦରଗଡ଼, ଅନୁଗୋଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଏବଂ ଭଦ୍ରକ। ଏହିସବୁ ଜିଲା ପାଇଁ ପାଣିପାଗ ବିଭାଗ ୟେଲୋ୍ୱାର୍ନିଂ ଜାରି କରିଛି। ଏହାଛଡ଼ା ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେବଗଡ଼, ସମ୍ବଲପୁର, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କୋରାପୁଟ, ନବରଙ୍ଗପୁର ଜିଲାର ଗୋଟିଏ ଦୁଇଟି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି।

# ଭାରତରେ ସ୍ୱେଚ୍ଛାଚାରିତା ବଢ଼ୁଛି



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

**'ସ୍ୱାଧୀନ'ରୁ 'ଆଂଶିକ ସ୍ୱାଧୀନ' ସ୍ତରକୁ ଭାରତର ପଦାବନତି ଘଟିଛି। ଭାରତରେ ବିଶେଷକରି ରାଜନୈତିକ ଅଧିକାର ଓ ନାଗରିକ ସ୍ୱାଧୀନତା ୨୦୧୪ ମସିହାରୁ କ୍ଷୁଣ୍ଣ ହେବାରେ ଲାଗିଛି ବୋଲି ଆମେରିକା ସରକାରଙ୍କ ପାଣ୍ଠିରେ ପରିଚାଳିତ ଏନ୍‌ଜିଓ 'ଫ୍ରିଡମ୍ ହାଉସ୍' ପକ୍ଷରୁ ମାର୍ଚ୍ଚ ୩ରେ ରିପୋର୍ଟ ପ୍ରକାଶ ପାଇଥିଲା। ଦୁଇଦିନ ପରେ ନୂଆଦିଲ୍ଲୀର ପ୍ରତିକ୍ରିୟା ଆସିଥିଲା, ଭାରତକୁ ଅନ୍ତର୍ଜାତୀୟସ୍ତରରେ ବଦନାମ କରିବା ପାଇଁ ଏହା ଏକ ଚକ୍ରାନ୍ତ। ଉକ୍ତ ଖବର ପ୍ରକାଶ ପାଇବାର ସପ୍ତାହେ ପରେ ସ୍ୱିଡେନ୍‌ର ଭେରାଇଟିଜ୍ ଅଫ୍ ଡେମୋକ୍ରାସି ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ଆଉ ଏକ ରିପୋର୍ଟ ଆସିଛି, ଯେଉଁଥିରେ ଭାରତ ଏକ ଇଲେକ୍ଟୋରାଲ ଅଟୋକ୍ରାସି ବା ନିର୍ବାଚନୀ ଏକଚ୍ଛତ୍ର ଶାସନରେ ପରିଣତ ହୋଇଥିବା କୁହାଯାଇଛି।**

**ନୂଆଦିଲ୍ଲୀ, ୧୧।୩**

ଭାରତ ଏକ 'ନିର୍ବାଚନୀ ଏକଚ୍ଛତ୍ରବାଦ'ରେ ପରିଣତ ହୋଇଛି। ଏପରି କି ଭାରତର ସ୍ଥିତି ପାକିସ୍ତାନ ଭଳି ହୋଇଯାଇଛି, ଯାହାକି ବାଂଲାଦେଶ ଓ ନେପାଳଠାରୁ ମଧ୍ୟ ଖରାପ ବୋଲି ବୁଧବାର ଏକ ରିପୋର୍ଟ ଆସିଛି। ସ୍ୱିଡେନ୍‌ର ଭେରାଇଟିଜ୍ ଅଫ୍ ଡେମୋକ୍ରାସି (ଭି-ଡେମ୍) ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ପ୍ରକାଶିତ ଉକ୍ତ ଗବେଷଣାମୂଳକ ବିଶ୍ଳେଷଣ ରିପୋର୍ଟ ନୂଆଦିଲ୍ଲୀ ପାଇଁ ଚିନ୍ତାବୃଦ୍ଧିର କାରଣ ହୋଇଛି। ଗତବର୍ଷ ଭି-ଡେମ୍ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଭାଜପାକୁ 'ଏକ ସ୍ୱେଚ୍ଛାଚାରୀ ଶାସନରେ ଶାସକ ଦଳ' ଭାବେ ଅଭିହିତ କରାଯାଇଥିଲା। ବୁଧବାର ସ୍ୱିଡେନ୍‌ର ବହିର୍ବ୍ୟାପାର ଉପମନ୍ତ୍ରୀ ରବର୍ଟ ରିଡ୍‌ବର୍ଗଙ୍କ ଉପସ୍ଥିତିରେ ସଦ୍ୟ ରିପୋର୍ଟ ପ୍ରକାଶ ପାଇଛି। ଏଥିରେ କୁହାଯାଇଛି ଯେ ବିଗତ କିଛି ବର୍ଷ ଧରି ଭାରତରେ ସ୍ୱେଚ୍ଛାଚାରିତା ପ୍ରକ୍ରିୟା ବଢ଼ିବାରେ ଲାଗିଛି। ଗଣମାଧ୍ୟମ ଓ ଶିକ୍ଷାବିତ୍‌ମାନଙ୍କ ସ୍ୱାଧୀନତା କ୍ରମଶଃ ହ୍ରାସ ପାଇବାରେ ଲାଗିଛି ଏବଂ ନାଗରିକ ସମାଜକୁ ମୁହଁ ଖୋଲିବାକୁ ଦିଆଯାଉନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ଷମତାକୁ ଆସିବା ପରଠାରୁ ବିଭିନ୍ନ ବର୍ଗର ଲୋକଙ୍କ ଉପରେ ନିୟମିତ ଭାବେ କଟକଣା ଲଗାଇବା ପାଇଁ ଉଦ୍ୟମ ଚାଲିଛି। ଏହି ଅଙ୍କୁଶ କେବଳ ସରକାରୀ ପ୍ରସଙ୍ଗରେ ସୀମିତ ହୋଇ ରହିନାହିଁ।

ରିପୋର୍ଟରେ ଆହୁରି ଦର୍ଶାଯାଇଛି ଯେ ମୋଦି ସରକାର ଆସିବା ପୂର୍ବରୁ ଭାରତରେ ଏଭଳି କଟକଣା ପ୍ରାୟତଃ ଦେଖିବାକୁ ମିଳି ନ ଥିଲା। ଏହି କ୍ଷେତ୍ରରେ ଭାରତ ପାକିସ୍ତାନ ଭଳି ସ୍ୱେଚ୍ଛାଚାରୀ ହୋଇଯାଇଛି। ଭାରତରେ ଦୁଇ ପଡ଼ୋଶୀ ନେପାଳ ଓ ବାଂଲାଦେଶଠାରୁ ମଧ୍ୟ ସଙ୍ଗିନ ସ୍ଥିତି ଉପୁଜିଛି। ମୋଟାମୋଟି ଭାବେ ମୋଦି ସରକାର ସମାଲୋଚକମାନଙ୍କୁ ନୀରବ କରିବାକୁ ଯାଇ ସେମାନଙ୍କ ବିରୋଧରେ ଦେଶଦ୍ରୋହ, ମାନହାନି ଓ ଆତଙ୍କବାଦ ନିରୋଧୀ ଆଇନର ଅପବ୍ୟବହାର କରୁଛନ୍ତି। ଭାଜପା ସରକାର କ୍ଷମତାସୀନ ହେବା ପରଠାରୁ ଅଦ୍ୟାବଧି ୭,୦୦୦ ଲୋକଙ୍କୁ ଦେଶଦ୍ରୋହ ମାମଲାରେ ଛନ୍ଦି ଦିଆଯାଇଛି, ଯାହାଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଶାସକ ଦର ସମାଲୋଚକ। ସରକାର ସିଭିଲ୍ ସୋସାଇଟି ଉପରେ ନିୟନ୍ତ୍ରଣ କରି ଧର୍ମନିରପେକ୍ଷତା ପ୍ରତି ଭାରତୀୟ ସମ୍ବିଧାନର ପ୍ରତିଶ୍ରୁତିବଦ୍ଧତା ବିରୋଧୀ ଆଚରଣ କରିଛନ୍ତି। ସେହିପରି ୨୦୧୯ରେ ସଂଶୋଧିତ ବେଆଇନ କାର୍ଯ୍ୟକଳାପ (ନିରୋଧୀ) ଆଇନ ବା ୟୁଏପିଏକୁ ରାଜନୈତିକ ବିରୋଧୀ ଓ ସରକାରଙ୍କ ନୀତିଗୁଡ଼ିକ ବିପକ୍ଷରେ ବିକ୍ଷୋଭ କରୁଥିବା ବ୍ୟକ୍ତିମାନଙ୍କୁ ହଇରାଣ କରିବା ଓ ଧମକ ଦେବା ପାଇଁ ବ୍ୟବହାର କରାଯାଉଛି।



ମଧ୍ୟଯୁଗରେ ସନ୍ୟାସୀମାନେ ନାରୀଙ୍କୁ ଘୃଣାର ପାତ୍ରୀ ବୋଲି ଭାବୁଥିଲେ। ସେମାନେ ଭାବୁଥିଲେ- ଭଗବାନ ସନ୍ୟାସୀମାନଙ୍କୁ ପ୍ରଲୁବ୍ଧ କରିବାକୁ ନାରୀମାନଙ୍କୁ ସୃଷ୍ଟି କରିଛନ୍ତି। ଭଗବାନଙ୍କ ସନ୍ଦେହ ଓ ନାରୀ ସମ୍ବନ୍ଧେ ଆଉ କିଛିଏ ଉଚ୍ଚ ଧାରଣା କରିବା ନିଶ୍ଚୟ ଅନ୍ୟାୟ ହେବ ନାହିଁ। -ଶ୍ରୀଅରବିନ୍ଦ

# ସ୍ଥାନୀୟ ଲୋକଙ୍କୁ ସାମିଲ କର

ରାଜ୍ୟର ବିଭିନ୍ନ ଅଞ୍ଚଳରେ ଜଙ୍ଗଲରେ ନିଆଁ ଲାଗି ହୁତୁହୁତୁ ହୋଇ ଜଳୁଛି। ଭୟଙ୍କର ବନାଗ୍ନି ଗତ ସପ୍ତାହେ ଧରି ଖବରର ଶୀର୍ଷକ ହେଇ ଆସିଛି ଏବଂ ଏହା ଏବେ ବି ଜାରି ରହିଛି। ଏହା ଦ୍ୱାରା ସୃଷ୍ଟି ହୋଇଥିବା ଅତି ଭୟଙ୍କର ପରିସ୍ଥିତିକୁ ଆୟତ୍ତ କରିବାକୁ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି। ସବୁଆଡ଼େ ସବୁ ଖବରକାଗଜର ମୁଖ୍ୟ ଖବର ହିଁ ରହିଛି ଶିମିଳିପାଳ ଅଭୟାରଣ୍ୟ। ଫେବୃଆରି ୨୪ ରୁ ମାର୍ଚ୍ଚ ୨,ଏହି ଗୋଟିଏ ସପ୍ତାହ ମଧ୍ୟରେ ପାଖାପାଖି ୩୮୦ଟି ସ୍ଥାନରେ ନିଆଁ ଲାଗିଥିବା ସୂଚନା ମିଳିଥିଲା। ଉକ୍ତ ବନାଗ୍ନି ଏବେ ରାଜ୍ୟର ଜୈବବିବିଧତାକୁ ବ୍ୟାପକ କ୍ଷତି କରିଛି ଓ ଏହାକୁ ନିୟନ୍ତ୍ରଣ କରିବା ପାଇଁ ରାଜ୍ୟ ସରକାର ଏକ ଟାସ୍କଫୋର୍ସ ଗଠନ କରିଛନ୍ତି। ବନାଗ୍ନି ପଛରେ ବହୁ ମନୁଷ୍ୟକୃତ କାରଣ ରହିଛି। ମହୁଲ ଫୁଲ ସଂଗ୍ରହଠାରୁ ଆରମ୍ଭ କରି ଶିକାର ଭଳି ଆହୁରି ଅନେକ ଏଭଳି ଭୟଙ୍କର ବନାଗ୍ନିର କାରଣ ହୋଇ ଆସିଛି। ଏହା ଉପାନ୍ତ ଅଞ୍ଚଳରେ ଜଙ୍ଗଲଜାତ ଦ୍ରବ୍ୟ ଉପରେ ନିର୍ଭରଶୀଳ ଲୋକମାନଙ୍କ ଦ୍ୱାରା ବହୁ ସମୟରେ ଏଭଳି ନିଆଁ ଲଗାଯାଇଥାଏ। ଲୋକମାନେ ଜଙ୍ଗଲରେ ଏକ ଜାଗା ସଫା କରୁଛନ୍ତି। ଅନେକ ସମୟରେ ଜାଗାକୁ ଶୀଘ୍ର ସଫା କରିବା ଲାଗି ସେମାନେ ତଳେ ପଡ଼ିଥିବା ଶୁଖିଲା ପତ୍ରରେ ନିଆଁ ଲଗାଇଥାନ୍ତି, ଯାହା ପରେ ଜଙ୍ଗଲକୁ ବ୍ୟାପିଯାଇଛି। ବାଲେଶ୍ୱର, ମୟୂରଭଞ୍ଜ, ବୌଦ୍ଧ, ସୋନପୁର, ମାଲକାନଗିରି, ନୂଆପଡ଼ା ଏବଂ ଗଞ୍ଜାମର ବହୁ ବନାଞ୍ଚଳରେ ନିଆଁ ଲାଗି ଧ୍ୱଂସ ହୋଇଯାଇଛି। ଖୁସି ଖବର ଯେ, ମୟୂରଭଞ୍ଜରେ ଲୋକମାନେ ବୁଧବାର ଶିମିଳିପାଳ ବନାଗ୍ନି ପ୍ରତିବାଦରେ ବନ୍ଦ ଡାକରା ଦେଇଥିଲେ।

ଭୌଗୋଳିକ ଦୃଷ୍ଟିରୁ ଦେଶର ଅନ୍ୟ ରାଜ୍ୟ ଅପେକ୍ଷା ଓଡ଼ିଶାର ଜଙ୍ଗଲର ସ୍ଥିତି ଅପେକ୍ଷାକୃତ ଭଲ ରହିଛି। ଜାତୀୟ ସ୍ତରରେ ଏହା ୨୨% ଥିଲା ବେଳେ ଓଡ଼ିଶାର ମୋଟ ଭୌଗୋଳିକ କ୍ଷେତ୍ରର ୩୪ % ଜଙ୍ଗଲ । ସମସ୍ତ ଉତ୍ତର-ପୂର୍ବ ରାଜ୍ୟ, କେରଳ, ଛତିଶଗଡ଼ ଏବଂ କେତେକ କେନ୍ଦ୍ରଶାସିତ ଅଞ୍ଚଳ ବ୍ୟତୀତ ଦେଶର ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ଆମେ ଜଙ୍ଗଲ କ୍ଷେତ୍ରରେ ଉନ୍ନତ ସ୍ଥିତିରେ ରହିଛୁ । ଅଧିକ ଜଙ୍ଗଲ ସୃଷ୍ଟି କରିବା ସହ ଏହା ସପକ୍ଷରେ ଚଳାଇଥିବା ଅଭିଯାନ ପାଇଁ ସରକାର ଅତୀତରେ ବହୁବାର ପ୍ରଶଂସିତ ହୋଇଛନ୍ତି। ୨୦୧୭ରେ ରାଜ୍ୟରେ ମୋଟ ୫୧,୩୪୫ ବର୍ଗ କି.ମି.ରେ ଜଙ୍ଗଲ ପରିବ୍ୟାପ୍ତ ଥିଲା ଓ ୨୦୧୯ରେ ଏହା ବୃଦ୍ଧି ପାଇ ୫୧,୬୧୯ ବର୍ଗ କି.ମି ପହଞ୍ଚିଥିଲା। ଏବେକାର ବନାଗ୍ନି ଯଦି ଲାଗି ରହେ, ତେବେ ଆମ ରାଜ୍ୟର ରେକର୍ଡ ଖୁବ୍ ଶୀଘ୍ର ଅତୀତ ହୋଇଯିବ। ସରକାର ଗଠନ କରିଥିବା ଟାସ୍କଫୋର୍ସ ଜଙ୍ଗଲ ନିଆଁ ଲିଭାଇବା ଲାଗି ନିଆଯାଇଥିବା ପଦକ୍ଷେପକୁ ଆହୁରି ମଜଭୁତ କରିବ। ଟାସ୍କଫୋର୍ସର ୯ ଜଣିଆ ଟିମର ଅଧ୍ୟକ୍ଷ ରହିଛନ୍ତି ପୂର୍ବତନ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ସନ୍ଦୀପ ତ୍ରିପାଠୀ । ଜିଲ୍ଲା ପ୍ରଶାସନ ବନାଗ୍ନି କବଳରୁ ଜଙ୍ଗଲ ସୁରକ୍ଷା ଲାଗି ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି ଓ ଏସବୁ କ୍ଷେତ୍ରରେ ପ୍ରଶାସନକୁ ସହଯୋଗ କରିବାକୁ ସରକାର ମଧ୍ୟ ଏକ ଏସ୍‌ଓଏସ୍ ପଠାଇଛନ୍ତି। ଜିଲ୍ଲାସ୍ତରରେ ଜିଲ୍ଲାପାଳ, ଏସ୍‌ପି ଏବଂ ଡିଏଫ୍‌ଓଙ୍କୁ ନେଇ ଜିଲ୍ଲାସ୍ତରୀୟ କମିଟି ଗଠନ କରାଯାଇଛି। ସେମାନଙ୍କୁ ଜିଲ୍ଲାରେ ଯେଭଳି ନିଆଁ ନ ଲାଗିବ ତାହା ନିଶ୍ଚିତ କରିବା ପାଇଁ ଏଭଳି କମିଟି ଗଠିତ ହୋଇଛି। ଏଭଳି ଅପ୍ରତ୍ୟାଶିତ ବନାଗ୍ନିକୁ ନିୟନ୍ତ୍ରଣ କରିବାରେ ରାଜ୍ୟ ସରକାରଙ୍କୁ ସାହାଯ୍ୟ କରିବା ପାଇଁ କେନ୍ଦ୍ର ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ବୁଧବାର ଏକ ତିନିଜଣିଆ ଏକ୍ସପର୍ଟ ଟିମ୍ ବା ବିଶେଷଜ୍ଞ ଦଳ ଗଠନ କରିଛି। ଏହି ଟିମ୍ ଟେକ୍ନିକାଲ ପରାମର୍ଶ ଦେବା ସହ କେମିତି ଶୀଘ୍ର ଓ ପ୍ରଭାବୀ ଢଙ୍ଗରେ ନିଆଁ ଲିଭାଯାଇ ପାରିବ ସେଥିପାଇଁ ସହଯୋଗ କରିବ। ରାଜ୍ୟରେ ଏବେ ସୃଷ୍ଟି ହୋଇଥିବା ଭୟଙ୍କର ବନାଗ୍ନି ନ ଥମିବା ଯାଏ ଏହି ଟିମ୍ ଏଠାରେ ରହିବା ଲାଗି ମଧ୍ୟ କୁହାଯାଇଛି।

**ଆଜିର ଅର୍ଥନୀତି**

ଏ ବ୍ୟାପୁଥିବା ବନାଗ୍ନି ଓଡ଼ିଶାରେ ନୂଆ ନୁହେଁ। ପ୍ରତିବର୍ଷ ଜଙ୍ଗଲରେ ଏଭଳି ନିଆଁ ଲାଗିବା ଲକ୍ଷ୍ୟ କରାଯାଏ ଓ ତାହାକୁ ନିୟନ୍ତ୍ରଣ ମଧ୍ୟ କରାଯାଇଥାଏ । ତେବେ ଚଳିତ ବର୍ଷ ନିଆଁର ତୀବ୍ରତା ଅଭୂତପୂର୍ବ। ଶୁଷ୍କ ଜଳବାୟୁ ସହ ଗ୍ରୀଷ୍ମର ଆଦ୍ୟ ଆଗମନ ବି ଏହାକୁ ଆହୁରି ଭୟଙ୍କର କରିଦେଇଛି। ରାଜ୍ୟ ସରକାର ଯାହା କୁହନ୍ତୁ ନା କହିଁକି, ନିଶ୍ଚିତ ଭାବେ ରାଜ୍ୟ ଜଙ୍ଗଲକୁ ଏହି ନିଆଁ ବହୁତ କ୍ଷତି ପହଞ୍ଚାଇଛି, ଯାହାକୁ ପୂରଣ କରିବା ପାଇଁ ବହୁ ବର୍ଷ ଲାଗିଯିବ। ଏହି ବିପର୍ଯ୍ୟୟ ବିରୋଧରେ ଲଢ଼େଇ କରିବା ଲାଗି ଏକ ଟାସ୍କଫୋର୍ସ ଗଠନ କରି ନିଜର ଦାୟିତ୍ୱ ସରିଗଲା ବୋଲି ଭାବିବା ଉଚିତ ନୁହେଁ। ସରକାର ଏଭଳି ବାରମ୍ବାର ଘଟୁଥିବା ବିପଦକୁ ଦୂର କରିବା ନିମନ୍ତେ ସବୁ ଦୃଷ୍ଟିରୁ ବିଚାର କରି ଏକ ସମାଧାନର ବାଟ ବାହାର କରିବା ଉଚିତ। ପ୍ରକୃତିରୁ ଅଧିକ କିଛି ପାଇବାର ପ୍ରବଳ କାମନା ବି ଏଭଳି ବିପଦକୁ ଆମନ୍ତ୍ରଣ କରୁଛି। ମଣିଷ-ପ୍ରାଣୀ ସଂଘର୍ଷରେ ନିରୀହ ହାତୀର ମୃତ୍ୟୁ କିମ୍ବା ଜଙ୍ଗଲ ନିଆଁରେ ବହୁ ସଂଖ୍ୟାରେ ବନ୍ୟଜନ୍ତୁଙ୍କ ମୃତ୍ୟୁ ହେଉଛି, କିନ୍ତୁ ଏଭଳି ବନାଗ୍ନି ଆମ ଜୈବବିବିଧତା ଉପରେ ଭୟାନକ ପ୍ରଭାବ ପକାଉଛି। ବନାଗ୍ନିକୁ ନିୟନ୍ତ୍ରଣ କରିବା ପାଇଁ ସରକାର ଗୋଷ୍ଠୀ ସହଭାଗିତାକୁ ପ୍ରୋତ୍ସାହିତ କରିବା ଉଚିତ। ଜଙ୍ଗଲ ନିକଟବର୍ତ୍ତୀ ଗାଁଗୁଡ଼ିକର ଲୋକମାନଙ୍କର ସହଯୋଗ ନିଆଯିବା ଦରକାର। ସେମାନଙ୍କୁ ସଚେତନ ଏବଂ ପ୍ରୋତ୍ସାହିତ କରିବା ଦ୍ୱାରା ସେମାନଙ୍କଠାରୁ ସାହାଯ୍ୟ ବି ମିଳିବ। ପ୍ରଶାସନ ଜଙ୍ଗଲ ପାଇଁ ୨୪ ଘଣ୍ଟିଆ ନିରୀକ୍ଷଣ ପଦ୍ଧତି ଏବଂ ଜରୁରୀ ପରିସ୍ଥିତିରେ ସତର୍କ କରାଇବା ପ୍ରକ୍ରିୟା ଆରମ୍ଭ କରିବା ଉଚିତ। ଏଥିପାଇଁ ବନ ବିଭାଗ ତଥା ପ୍ରଶାସନ ଜଙ୍ଗଲ ନିକଟବର୍ତ୍ତୀ ଗାଁ ଲୋକଙ୍କ ପାଖରେ ପହଞ୍ଚିବା ସହ ଆରମ୍ଭ କରାଯାଇଥିବା ପ୍ରତ୍ୟେକ ସୁରକ୍ଷାତ୍ମକ ଅଭିଯାନରେ ସେମାନଙ୍କୁ ସାମିଲ କରିବା ଦରକାର। ବନାଗ୍ନିର ଏକ ପ୍ରମୁଖ କାରଣ କୁହାଯାଉଥିବା ଜଳବାୟୁ ପରିବର୍ତ୍ତନକୁ ପ୍ରଶାସନ ଅଣଦେଖା କରିବା ଉଚିତ୍ ନୁହେଁ। ସୁରକ୍ଷା ରଣନୀତିକୁ ଆଗକୁ ବଢ଼ାଇବା ସହ ଜଙ୍ଗଲ ନିକଟବର୍ତ୍ତୀ ଗାଁ ଲୋକମାନଙ୍କ ସହଭାଗିତା ବଢ଼ାଇବା ଲାଗି ଉତ୍ସାହିତ କରାଯିବା ଉଚିତ।

# କନିକା ରାଜା ଥିଲେ ବୋଲି...



ଲଳିତ କୁମାର ପାତ୍ର

ଓଡ଼ିଆ ଭାଷା ଆଜି ଦୁର୍ଦ୍ଦିନ ମଧ୍ୟଦେଇ ଗତି କରୁଛି। ଏହାର ସୁରକ୍ଷା ପାଇଁ କେହି ଯତ୍ନଶୀଳ ହେଉନାହାନ୍ତି ବୋଲି ପ୍ରତୀୟମାନ ହୁଏ। ଏହି ଭାଷା ଏକ ପୁରାତନ, ମଧୁର ଓ ସରଳ ଭାଷା ହୋଇଥିଲେ ହେଁ ସର୍ବତ୍ର ଏହାର ହତାଦର ହୋଇଚାଲିଛି। ଓଡ଼ିଆ ଭାଷାର ସୁରକ୍ଷା ସହିତ ଏହାର ପ୍ରସାର, ପ୍ରଚାର ଦିଗରେ କି କି ପଦକ୍ଷେପ ଓ ବ୍ୟବସ୍ଥା କଲେ ତାହା ଉଭୟ ଓଡ଼ିଆ ଏବଂ ଓଡ଼ିଶା ପାଇଁ ଫଳପ୍ରଦ ସାବ୍ୟସ୍ତ ହେବ ସେ ବିଷୟରେ ଚିନ୍ତା କରିବା ଉଚିତ। ପ୍ରଥମେ ଗୋଟେ ଛୁଇ ଜଣ ଡାକ୍ତରଙ୍କ ବୃତ୍ତିଗତ କାର୍ଯ୍ୟର ଉଦାହରଣ ଦେଉଛି। ଜଣକ ପାଖରେ ସର୍ବଦା ରୋଗୀମାନେ ଧାଡ଼ିରେ ଠିଆ ହୁଅନ୍ତି। କେହି ଠେଲିପେଲି ଆଗରେ ରୁହନ୍ତି ତ କେହି ଅଧିକ ସମୟ ଛିଡ଼ା ହୋଇ ନ ପାରି ପଳାନ୍ତି ଆଉ କେତେକ କଷ୍ଟ ପାଇ ସୁଙ୍ଖା ପଡ଼ି ରୁହନ୍ତି। ହୋହଲ୍ଲା ହେଲେ ଡାକ୍ତରବାବୁ ଟିକେ ପାଟି କରିଦିଅନ୍ତି। କେତେବେଳେ କହନ୍ତି- ଲୋକଗୁଡ଼ା ମୂର୍ଖଙ୍କ ଭଳି ହେଉଛନ୍ତି, କିଛି ବୁଝନ୍ତି ନାହିଁ, ଅସଭ୍ୟତା ଏମାନଙ୍କର ସ୍ୱଭାବ। କିଏ କିଏ ଏ ବିଷୟରେ କିଛି କହିପାରନ୍ତି କିନ୍ତୁ ସରଳ ଲୋକମାନେ ନୀରବରେ ଏ ସବୁ ଶୁଣି ଚୁପ ରହନ୍ତି।

ଅନ୍ୟ ଡାକ୍ତର ଜଣକ ସମ୍ଭାବ୍ୟ ରୋଗୀ ଭିଡ଼ ପାଇଁ ଦ୍ୱାର ପାଖରେ ୫/୧୦ଜଣଙ୍କ ନାମ ଲେଖା ହେଲା ଭଳି ଏକ ଛୋଟ କାଗଜ ଓ କଲମ ଝୁଲାଇ ଦେଇଥା'ନ୍ତି। ରୋଗୀମାନେ ଆସିଲେ କ୍ରମିକ ସଂଖ୍ୟା ପାଖରେ ନିଜ ନାମ ଲେଖିଦେଇ ସୁବିଧା ଅନୁଯାୟୀ ଅପେକ୍ଷା କରନ୍ତି। କ୍ରମିକ ସଂଖ୍ୟା କେତେ ପଡ଼ିଲା ବୁଝି ଡାକ୍ତରଙ୍କ ପାଖକୁ ଯାଆନ୍ତି। ସେଠି ଏ ସୁବ୍ୟବସ୍ଥା ଯୋଗୁ କିଛି ବିଶୃଙ୍ଖଳା ହୋଇ ନ ଥାଏ। କିନ୍ତୁ ଅନ୍ୟ ଡାକ୍ତରଙ୍କ ପାଖରେ ସର୍ବଦା କଳିଗୋଳ ଓ ଲୋକଙ୍କ ଉପରେ ଦୋଷ ଦେବା ଚାଲେ। ସେହିପରି କଳକାରଖାନା ଓ ଅଫିସ ଓ ଖୋଟ କେଉଁଠି କାମ କରୁଥିବା ଶ୍ରମିକମାନେ ମାସିକିଆ ବେତନ ପାଇ ବେହିସାବୀ ଖର୍ଚ୍ଚ କରି ଅଭାବରେ ପଡ଼ିବା ହେତୁ କରଜ କରୁଥିଲେ ଓ ଶୁଝିବାକୁ ଅକ୍ଷମ ହୋଇ ଲୁଚିକରି ଘରକୁ ପଳାଇ ଆସୁଥିଲେ; ଫଳରେ କାରଖାନାରେ ନିୟମିତ ଶ୍ରମିକଙ୍କ ଅଭାବଜନିତ ସମସ୍ୟା ଦେଖାଦେଲା। ଇଂରେଜମାନେ ଅନୁଧ୍ୟାନ କରି ମାସିକିଆ ବେତନକୁ ସାପ୍ତାହିକ କରିଦେଲେ। ଫଳରେ ଶ୍ରମିକମାନେ ବେହିସାବୀ ଖର୍ଚ୍ଚ କରି ଦୁଇ ବା ତିନି ଦିନ ଅଭାବରେ ରହି ପୁଣି ନଗଦ ବେତନ ପାଇବା ହେତୁ କମ ହଇରାଣ ହୋଇ ଧୀରେ ଧୀରେ ହିସାବୀ ହୋଇଗଲେ, କାମ ଛାଡ଼ି ଗଲେ ନାହିଁ କି କାରଖାନାରେ ଉକ୍ତ ସମସ୍ୟା ଆଉ ରହିଲାନାହିଁ। ଏଥିରେ କେହି ଲୋକଙ୍କ ଦୋଷ ଦେଲେ ନାହିଁ। ଏଥିରୁ ବ୍ୟବସ୍ଥାଟିକୁ ଲୋକଙ୍କ ଉପରେ ଛାଡ଼ିଦେବା ଠିକ ନା ସୁବ୍ୟବସ୍ଥା କରିବା ଠିକ ତାହା ବିଚାରଯୋଗ୍ୟ। ସୁବ୍ୟବସ୍ଥା କରି ଲୋକମାନଙ୍କୁ ଶୃଙ୍ଖଳିତ ଓ ଶାନ୍ତିରେ ରଖିବା ସହିତ ନିଜର ଉନ୍ନତି କରାଯାଇପାରେ।

ଓଡ଼ିଆ ଭାଷା ଏବଂ ଓଡ଼ିଆ ଜାତି ସଂକଟମୟ ପରିସ୍ଥିତି ଦେଇ ଚାଲିଆସିଛି। ସୁବ୍ୟବସ୍ଥିତ ଢଙ୍ଗରେ ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ ଓ ଓଡ଼ିଆ ଭାଷା ବଦଳରେ ବଙ୍ଗଳା, ହିନ୍ଦୀ ଓ ତେଲୁଗୁ ଭାଷାର ପ୍ରଚଳନ କରାଗଲା। ସୌଭାଗ୍ୟ କ୍ରମେ ଗୌରୀଶଙ୍କର ରାୟ, ଫକୀରମୋହନ ସେନାପତିଙ୍କ ପରି ଯୋଗଜନ୍ମା ପୁରୁଷମାନଙ୍କ ଆବିର୍ଭାବ ଓ କୌଶଳଗତ ଉଦ୍ୟମ ହେତୁ ବର୍ତ୍ତମାନର ଓଡ଼ିଶାରେ ଓଡ଼ିଆ ଭାଷା ରକ୍ଷା ପାଇଯାଇଥିଲା ସତ, କିନ୍ତୁ ଓଡ଼ିଆ ଭାଷାକୁ ଲୋପ କରିବା ଉଦ୍ୟମ ଆଜି ପର୍ଯ୍ୟନ୍ତ ମଧ୍ୟ ଚାଲିଛି।

ଏ ପ୍ରକାର ହୀନ ଉଦ୍ୟମରେ ବ୍ୟଥିତ କନିକା ରାଜା ରାଜେନ୍ଦ୍ରନାରାୟଣ ଭଞ୍ଜଦେଓଙ୍କ ସହ ଓଡ଼ିଆମାନେ ନିଜ ଭାଗ୍ୟ ନିଜେ ନିର୍ଦ୍ଧାରଣ କରିବା ପାଇଁ ନିଷ୍ପତ୍ତି ନେଲେ। ନିଜର କେତେ ଜଣ ଓଡ଼ିଆ ଜାତୀୟତାବାଦୀ ସହଯୋଗୀ ନେତାଙ୍କୁ ନେଇ ତତ୍କାଳୀନ ବିହାର-ଓଡ଼ିଶା ରାଜଧାନୀ ପାଟଣାଠାରେ ବାସ କରୁଥିବା ସାଧାରଣ ରିକ୍ସାବାଲାଠାରୁ ସଚିବାଳୟର କିରାଣି ପର୍ଯ୍ୟନ୍ତ ସମସ୍ତ ଓଡ଼ିଆଙ୍କୁ ଏକାଠି କରି ସାଇମନ କମିଶନଙ୍କୁ ସ୍ୱାଗତ କଲେ। ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ନେଇ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ ଦାବି ଜଣାଗଲା। ପରଦିନ ସାଇମନ କମିଶନଙ୍କୁ ଭାରତୀୟମାନେ ବର୍ଜନ କଲାବେଳେ ଓଡ଼ିଆମାନେ ସ୍ୱାଗତ କରିଛନ୍ତି ବୋଲି ଖବର ଦେଶର ପ୍ରମୁଖ ଖବରକାଗଜରେ ବାହାରିଲା। ତାଙ୍କର ଉଦ୍ୟମ ଫଳବତୀ ହେଲା ଓ ଗୋଲଟେବୁଲ ବୈଠକରେ କଥା ପଡ଼ି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କରାଗଲା। ଦୁର୍ଭାଗ୍ୟର ବିଷୟ ଯେ,ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନରେ ଯାହାଙ୍କ ଅବଦାନ ରହିଛି ତାଙ୍କ ପ୍ରତି ସେଭଳି ସମ୍ମାନ ପ୍ରଦର୍ଶନ କରାଯାଇପାରିନାହିଁ। ଯେଉଁ ଅଦୃଶ୍ୟ ଚାପ ପାଇଁ ଏପରି ହେଉଛି ତାକୁ ଠେଲିଦେଇ କନିକା ରାଜା ଇଂରେଜ ସରକାରଠାରେ ନିଜ କନିକା ରାଜ୍ୟ ଫେରାଇଦେବା ପାଇଁ ଦାବି ଉପସ୍ଥାପନା କରି ଏକ ସ୍ୱତନ୍ତ୍ର ଓଡ଼ିଆ ରାଷ୍ଟ୍ର ପ୍ରତିଷ୍ଠା ପାଇଁ ପରିକଳ୍ପନା କରିଥିଲେ। ତାଙ୍କର ଉଚ୍ଚ ଚିନ୍ତାଧାରା ଓ ଦୂରଦର୍ଶିତା ସଫଳ ହୋଇଥିଲେ ଓଡ଼ିଆ ଆଜି ଜୀବନ ମରଣ ସମୟ ଦେଇ ଗତି କରି ନ ଥାନ୍ତା। ସେ ଉତ୍ତମ ରୂପେ ବୁଝିଥିଲେ ଯେ ସରକାରୀ ପୃଷ୍ଠପୋଷକତା ବିନା କୌଣସି ବିଷୟ ତିଷ୍ଠିବା କଷ୍ଟକର; କ୍ଷମତା ଯାହାର କର୍ତ୍ତବ୍ୟ ମଧ୍ୟ ତାହାର।

ସ୍ୱାଧୀନୋତ୍ତର ଶାସନରେ ଓଡ଼ିଆକୁ ଲୋପ କରାଯାଉଛି। ଗୋଟିଏ ଛୋଟିଆ ଉଦାହରଣ ଦେଖାଯାଉ, ଯେଉଁ ଗୋଟିଏ ଓଡ଼ିଆ ଶବ୍ଦ ; କିନ୍ତୁ ବିଦ୍ୟାଳୟ କ୍ରୀଡ଼ା ମାଧ୍ୟମରେ ସରକାର କବାଡ଼ି ଶବ୍ଦର ବ୍ୟବହାର କରିବାରୁ ବାଗଡୁଡୁ ଶବ୍ଦ ଲୋପ ହେଲାଣି। ଏହିପରି ସରକାରଙ୍କ ନୀତି ନିୟମ ପ୍ରତ୍ୟକ୍ଷ ଓ ପରୋକ୍ଷରେ ଓଡ଼ିଆକୁ ବିଲୁପ୍ତ କରାଉଛି। ଓଡ଼ିଆ ବିଦ୍ୟାଳୟଗୁଡ଼ିକ ବନ୍ଦ ହେବାକୁ ଲାଗିଲାଣି। ଇଂଲିଶ ମାଧ୍ୟମ ବିଦ୍ୟାଳୟ ପ୍ରସାର ସହିତ ଓଡ଼ିଆ ପିଲା ଓଡ଼ିଆ ଶବ୍ଦ ସହିତ ଅପରିଚିତ ହୋଇ ଅଣ ଓଡ଼ିଆ ହେବାରେ ଲାଗିଛନ୍ତି। ଓଡ଼ିଆରେ ବହୁ ପୁସ୍ତକ ମିଳୁ ନ ଥିବାବେଳେ ଓଡ଼ିଆରେ ପ୍ରକାଶିତ ପୁସ୍ତକ ବିକ୍ରି ହୋଇପାରୁନାହିଁ। ଧାର୍ମିକ କାର୍ଯ୍ୟରେ ହିନ୍ଦୀ ଭାଷାର ପ୍ରଚଳନ ହେଲାଣି; ଜୁମାର ପୂଜନେଇଁ ଗୀତ, ରଜ ଗୀତ, ପାଲ୍ହୋଜାତ ଗୀତ, କେଳେଗା ଗୀତ, ଚକୁଳିଆପଣ୍ଡା ଗୀତ ଆଜି ଆଉ ଶୁଭୁନାହିଁ। ଓଡ଼ିଶାର ଟଙ୍କାକୁ ହିନ୍ଦୀ ଅନୁବାଦ ପାଇଁ ଖର୍ଚ୍ଚ କରି ହିନ୍ଦୀ ଭାଷାକୁ ସମୃଦ୍ଧ କରାଯାଉଛି। ଏ କଥାକୁ ଏଡ଼ାଇ ଦେଉଥିବା ଲୋକେ କପଟ କଥା କହୁଛନ୍ତି। ଓଡ଼ିଆ ଭାଷା ସୁରକ୍ଷିତ ରହିବା ପାଇଁ ସରକାର ଯେଉଁ ପଦକ୍ଷେପ ମାନ ନେଉଛନ୍ତି ତାହା କେବଳ ଲୋକଙ୍କୁ ସନ୍ତୁଷ୍ଟ କରିବା ପାଇଁ।

ଲର୍ଡ କର୍ଜନ ଏକଦା କହିଥିଲେ ଓଡ଼ିଆମାନେ ସରଳ ପ୍ରକୃତିର ହୋଇଥିବାରୁ ସେମାନଙ୍କ ଅବସ୍ଥା ଆଜି ଏପରି ଦୟନୀୟ ହୋଇଛି। ପ୍ରକୃତରେ ଓଡ଼ିଆମାନେ ସରଳ ହୋଇ ନ ଥିଲେ ଓଡ଼ିଆ ଲୋପ ହେଲେ କ'ଣ ହୋଇଯାଉଛି ବୋଲି କହନ୍ତେ କି? ଓଡ଼ିଆରେ ଉପସ୍ଥାପନା, କହିବା ଓ ଲେଖିବା ବେଳେ ହିନ୍ଦୀ ଇଂଲିଶ ଶବ୍ଦ ବ୍ୟବହାର କରି ପିଲାଙ୍କ ପରି ବାହାଦୁରି ଦେଖାଉଛେ କି? ରବୀନ୍ଦ୍ର। ଏଣୁ ଭାରତବର୍ଷରେ ଲେଖା ଥିବା 'ଛନ୍ଦ ନ ଜାଣେ ନନ୍ଦ ରାଣୀ ପୁତନା କୋଳେ ପୁତ୍ର ଦେଲା ଆଣି' ପରି ଓଡ଼ିଆମାନେ ଅବୁଝା ଛନ୍ଦ ମାୟା ନ ଜାଣିଲା ପରି ଓଡ଼ିଆ ପରି ମହାନ୍ ଭାଷା ଓ ଜାତିର କ'ଣ ହେଉଛି ଓ ହେବାକୁ ଯାଉଛି ଜାଣିପାରୁନାହାନ୍ତି। ଗୁରୁତ୍ୱପୂର୍ଣ୍ଣ ବିଷୟଟି ହେଉଛି କେତେକେତେ ରାଷ୍ଟ୍ର ସୃଷ୍ଟି ଓ ବିଲୋପ ଘଟି ଚାଲିଛି। ଇତିହାସ ତା'ର ସାକ୍ଷୀ; ଇତିହାସରେ ନିଶ୍ଚୟ ରହିବ ଯେ ଭାରତରେ ଓଡ଼ିଆ ଭାଷାର ଯେତେ କ୍ଷତି ହୋଇଛି ବା ହେବାକୁ ଯାଉଛି ତାହା ଆଉ କେଉଁ ରାଷ୍ଟ୍ର ବ୍ୟବସ୍ଥାରେ ହେଉନାହିଁ। ଏ କଥାଟା ବହୁଳ ଗଳ୍ପା ବଙ୍ଗରେ ମଉଳିଲା ଭଳି କେବେ ମଉଳିଯିବନାହିଁ। ଇତିହାସ ତା'ର ବକ୍ଷରେ ଏହାକୁ ନିଶ୍ଚେ ଧାରଣ କରିବ।

ଏଣୁ ବେଳ ହୁଁ ସାବଧାନ। ରାଷ୍ଟ୍ର ଭାଷା ହିନ୍ଦୀ ଓ ବଙ୍ଗଳା ଦେଶର ରାଷ୍ଟ୍ର ଭାଷା ବଙ୍ଗଳାର ଚାପରେ ଓଡ଼ିଆ ଭାଷା ଚାପି ହୋଇଯିବା ପୂର୍ବରୁ ଗଜପତି ମହାରାଜାଙ୍କୁ ଆଗ କରିଥିବା ପୁରୁଷୋତ୍ତମ କ୍ଷେତ୍ରକୁ ଭାଟିକାନ ସିଟିର ମାନ୍ୟତା ପରି ଏହାର ରାଷ୍ଟ୍ର ଭାଷା ଓଡ଼ିଆ କଲେ ଓଡ଼ିଆ ଭାଷା ଅନ୍ୟ ଭାଷା ସହିତ ଭାରସାମ୍ୟ ରକ୍ଷା କରି ବଞ୍ଚିବ। ଏଥି ସହିତ ସରକାର ନିମ୍ନ ୯ଟି ନିୟମକୁ ଓଡ଼ିଶାରେ ଲାଗୁ କଲେ ଓଡ଼ିଆ ନିଶ୍ଚିତ ବଞ୍ଚିବ। ୧-ଓଡ଼ିଆ ଭାଷାକୁ ଓଡ଼ିଆ ଶବ୍ଦର ଭାଷାଭାବେ ବ୍ୟବହାର ଓ ଏଥିରେ ଅନ୍ୟ ଭାଷାର ଶବ୍ଦ ବ୍ୟବହାରକୁ ଦଣ୍ଡିତ କରିବା। ୨-ଓଡ଼ିଶାରେ ସମସ୍ତ ପ୍ରକାର ଶିକ୍ଷା କେବଳ ଓଡ଼ିଆ ଭାଷା ମାଧ୍ୟମରେ ହେଉ। ୩-ଓଡ଼ିଶାରେ ହେଉଥିବା ସମସ୍ତ ନିଯୁକ୍ତି ପରୀକ୍ଷାକୁ କେବଳ ଓଡ଼ିଆ ଭାଷାରେ କରାଯାଉ। ୪-ଓଡ଼ିଶାରେ ଥିବା ସମସ୍ତ ସରକାରୀ ଓ ବେସରକାରୀ ସଂସ୍ଥାଗୁଡ଼ିକର ସମସ୍ତ ଲେଖାପଢ଼ା କାମ କେବଳ ଓଡ଼ିଆ ଭାଷାରେ ହେଉ। ୫-ଓଡ଼ିଆ ଭାଷାରେ ଦକ୍ଷତା ଓ ବ୍ୟବହାରକୁ ବିଚାର କରି କର୍ମଚାରୀମାନଙ୍କ ଦରମା ବୃଦ୍ଧି, ପଦୋନ୍ନତି ଆଦି କରାଯାଉ। ୬-କେବଳ ଓଡ଼ିଆ ଭାଷାର ବ୍ୟବହାର କରୁଥିବା ବେସରକାରୀ ସଂସ୍ଥାମାନଙ୍କୁ କର ରିହାତି ଦିଆଯାଉ। ୭-ଓଡ଼ିଆ ଭାଷାରେ ସମସ୍ତ ପ୍ରକାର ପୁସ୍ତକ ଉପଲବ୍ଧ କରାଯାଉ; ୮-କମ୍ପ୍ୟୁଟରର ଆପ୍ଲି ମୂଲ୍ୟ, ଚୁଟିଙ୍ଗ ଆଦି ସମସ୍ତ ବ୍ୟବସ୍ଥାର ଓଡ଼ିଆକରଣ ହେଉ। ୯-ଓଡ଼ିଆ ସାହିତ୍ୟରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରଙ୍କ ପାଇଁ ଚାକିରି କ୍ଷେତ୍ରରେ ସ୍ଥାନ ସଂରକ୍ଷଣ ହେଉ।

ଏହାଦ୍ୱାରା ଓଡ଼ିଆ ଭାଷା ଆପେ ଆପେ ଉଚ୍ଚ ଶ୍ରେଣୀର ଅର୍ଥାତ ସମ୍ଭ୍ରାନ୍ତ ଶ୍ରେଣୀର ଭାଷା ହୋଇଯିବ ଓ ସମସ୍ତେ ଆଗ୍ରହର ସହିତ ଓଡ଼ିଆକୁ ଗ୍ରହଣ କରିନେବା ପାଇଁ ପରିବେଶ ସୃଷ୍ଟି ହେବ। କନିକା ରାଜା ଥିଲେ ବୋଲି ସୁଯୋଗ ଦେଖି ଏପରି ପରିବେଶ ସୃଷ୍ଟି କଲେ ଯେ ଓଡ଼ିଆ ଭାଷାକୁ ନେଇ ଏକ ସ୍ୱତନ୍ତ୍ର ପ୍ରଦେଶ ସୃଷ୍ଟି ହେଲା; ଯାହାକୁ ତାଙ୍କର କଠୋର ବିରୋଧୀମାନେ ମଧ୍ୟ ସ୍ୱୀକାର କରିଛନ୍ତି।

ଗଙ୍ଗେଶ୍ୱରଗଡ଼, କୁହାଙ୍ଗ, କଟକ, ମୋ-୯୯୩୭୫୪୮୫୩୧

# ଏକ ଆତ୍ମ ଧ୍ୱଂସକାରିଣୀ ସଂସ୍କୃତି



ଗୌରାଙ୍ଗ ଚରଣ ପରିଡ଼ା

ମଦ୍ୟପାନ ବିରୋଧରେ ଏମିତି ଏକ ବାଞ୍ଛିତଗତ ସଂକଳ୍ପ ଏଭଳି କିଛିବର୍ଷତଳେ ସଂଗୀତ ହୋଇ ବୋଲାଯାଉଥିଲା। ବିଭିନ୍ନ ଯାତ୍ରା ଅଥାଳରେ ବି ମନୋରଞ୍ଜନର ଏହା ବେଶ୍ ଉପାଦାନଟିଏ ଥିଲା। ଏବେ କିନ୍ତୁ ଏପରି ସଂକଳ୍ପ ଆଉ ଦେଖିବାକୁ କିମ୍ବା ଶୁଣିବାକୁ ମିଳୁନି। ଏପରି କି ନୂଆବର୍ଷ ସଂକଳ୍ପରେ ବି ନାହିଁ। ଏବେ ଜିଜ୍ଞି କିଏ କେଉଁଠି ସଂକଳ୍ପ କରିଥିଲେ ଏବେ ଖୁବ୍ ମୁଖର ହୋଇଥିବା ସୋସିଆଲ ମିଡିଆରେ ଏହା ନିଶ୍ଚୟ ଆସିଥାନ୍ତା। ସଂକଳ୍ପ ନ ଆସିବାର କାରଣ ହୁଏତ ଏଇଆ ହୋଇପାରେ, ମଦ୍ୟପାନ ଆମ ଜୀବନ ଶୈଳୀର ବୋଧେ ଏକ ସ୍ୱାଭାବିକ ଅଂଶ ହୋଇଗଲାଣି- ତାଳରେ ଛଣ କିମ୍ବା ଚୁଲି ମୁଣ୍ଡେ ଲୁଣ ଥାଉ ବା ନ ଥାଉ, ଯା', ଆସ ନାହିଁ।

ମଦ୍ୟପ୍ରତି ଓଡ଼ିଶା କିମ୍ବା ଭାରତ କଥା କହିଲା ବେଳେ ବାଞ୍ଛିତଗତ ମଦ୍ୟପାନ ବିରୋଧରେ ସେମିତି କିଛି ବଡ଼ ଅଭିଯାନ ହେଉନି। ସରକାର ମଦ ବନ୍ଦ କରିବାକୁ ଖାଲି ଦାବି ଆସୁଛି। ଅବଶ୍ୟ ବ୍ୟକ୍ତି ମଦ ପିଇବା ବନ୍ଦ କରିଦେଲେ ନା ସରକାର ମଦ ବିକିବା ବନ୍ଦ କରିଦେଲେ ସମାଜ ମଦ୍ୟମୁକ୍ତ ହୋଇଯିବ, ଏହାର ଉତ୍ତର ଅନେକ ଦ୍ୱନ୍ଦ୍ୱରେ ଅଛି।

ମଦ ବନ୍ଦ ନେଇ ମହାତ୍ମା ଗାନ୍ଧିଙ୍କର ସୁସ୍ପଷ୍ଟ ମତଟିଏ ରହିଛି। ଗାନ୍ଧିଜୀ କହନ୍ତି, ନିଶା ନିବାରଣ କେବଳ ଏକ ସାମାଜିକ ପରିବର୍ତ୍ତନ ଏବଂ ରାଜନୈତିକ ନିର୍ଣ୍ଣୟ ପାଇଁ ଦରକାର ନୁହେଁ ଏହା ବ୍ୟକ୍ତିର ନୈତିକ ଉତ୍ଥାନ ଏବଂ ଆତ୍ମ ଶୁଦ୍ଧୀକରଣ ନିମନ୍ତେ ବେଶି ଦରକାର ହୋଇଥାଏ। ମଦ୍ୟପାନ କଲେ ଶିଳ୍ପୀର କଳା କୌଶଳ ଓ ସୃଜନୀ ଶକ୍ତି କମିଯାଏ। ଖେଳ ପଡ଼ିଆରେ ଖେଳାଳିର ପ୍ରଦର୍ଶନ କମେ। ସରକାରୀ ଅଫିସରେ କାମ କମ୍ ହୁଏ। ବ୍ୟକ୍ତିର ସଂସାର, ସମ୍ପତ୍ତି, ସ୍ୱାସ୍ଥ୍ୟ, ସାମାଜିକ ପ୍ରତିଷ୍ଠାର ହାନି ହୋଇଥାଏ। ତଥାପି ବ୍ୟକ୍ତି କାହିଁକି ମଦ୍ୟପାନ ପାଇଁ ଆସକ୍ତ ଆଉ, ଏହା ଏକ ବଡ଼ ପ୍ରଶ୍ନ।

ମଦ ବିରୋଧୀ ସଂକଳ୍ପ ପ୍ରସଙ୍ଗ ଆସିଲେ ଦୁଇଟି ମତ ଆସେ। ଗୋଟିଏ ମତରେ ଥାଏ, ରାଷ୍ଟ୍ର ମଦ ବନ୍ଦ କରିଦେବା ଦରକାର। ବିକିବା ପାଇଁ ଦୋକାନ ଖୋଲିବାକୁ ଲାଇସେନ୍ସ ନ ଦେବା ଉଚିତ। କାରଣ, ମଦ ବନ୍ଦ କରିବା ରାଷ୍ଟ୍ରର ଏକ ସାମ୍ବିଧାନିକ କର୍ତ୍ତବ୍ୟ। ଭାରତ ସମ୍ବିଧାନର ୪୭ ଧାରାରେ ଉଲ୍ଲେଖ ଅଛି, ସାଧାରଣ ନାଗରିକଙ୍କ ସ୍ୱାସ୍ଥ୍ୟ ଏବଂ ବଞ୍ଚିବାର ମାନ ବୃଦ୍ଧି ପାଇଁ ରାଷ୍ଟ୍ର ଯତ୍ନଶୀଳ ହେବ ଏବଂ କେବଳ ଔଷଧ ବ୍ୟବହାରକୁ ଛାଡ଼ି ସବୁ କ୍ଷେତ୍ରରେ ମଦ୍ୟପାନ ବନ୍ଦ କରିବ। ସୁତରାଂ ରାଷ୍ଟ୍ର ତା'ର ସାମ୍ବିଧାନିକ କର୍ତ୍ତବ୍ୟ କରିବେ, ମଦ ବନ୍ଦର ପ୍ରକ୍ରିୟା ସହଜ ହୋଇଯାଆନ୍ତା ଏବଂ ନୈତିକତାପୂର୍ଣ୍ଣ ତଥା ହିଂସାଶୂନ୍ୟ ସାମାଜିକ ପରିବେଶ ଗଠିତ ହୋଇପାରନ୍ତା। ଓଡ଼ିଶାରେ ମଦ ବନ୍ଦ ନେଇ ବହୁ ବର୍ଷ ତଳେ ଏଠି ଆଇନଟିଏ ବି ରହିଛି।

ଏମାନେ ଆଉ ଯୁକ୍ତି ବି ବାଢ଼ନ୍ତି, ଭାରତରେ ଅନେକ ରାଜ୍ୟରେ ଏବେ ବି ମଦ ନିଷେଧ ହୋଇଛି। ରାଜସ୍ୱ ସଂଗ୍ରହ ନେଇ ସେଠି ସେମିତି କିଛି ବୃହତ୍ ସଙ୍କଟ ଦେଖାଦେଇନି। ମଦ ବନ୍ଦ ନିଷ୍ପତ୍ତି ନେବାକୁ ରାଷ୍ଟ୍ର ତଥା ସରକାରର ଇଚ୍ଛାଶକ୍ତି କଥା। ରାଷ୍ଟ୍ରର ମଦ ନୀତି ନିର୍ଦ୍ଧାରଣମାନେ କିନ୍ତୁ ସେମାନଙ୍କ ଉତ୍ତରରେ ଭିନ୍ନ ମତ ରଖନ୍ତି। ସେମାନଙ୍କ ମତରେ ମଦ ବନ୍ଦ ସଫଳ ହେଲା, ବ୍ୟକ୍ତି ମଦ ପିଇବାକୁ ଚାହେଁ ବେପାରୀ ଟଙ୍କା ଦେଇ ଲାଇସେନ୍ସ ନିଏ। ସରକାର ରାଜସ୍ୱ ଅର୍ଥ ବି ପାଆନ୍ତି; ଯେଉଁ ଅର୍ଥରେ ଲୋକଙ୍କ ପାଇଁ କଲ୍ୟାଣକାରୀ ଯୋଜନା ତିଆରି ହୁଏ; ଶିକ୍ଷା, ସ୍ୱାସ୍ଥ୍ୟରେ ଖର୍ଚ୍ଚ ହୁଏ, କର୍ମଚାରୀଙ୍କ ଦରମା, ପେନ୍‌ସନ ମଧ୍ୟ ଦିଆଯାଏ। ବଡ଼ କଥା ବି ହେଲା, ମଦ ବିକ୍ରିକୁ ନିୟନ୍ତ୍ରଣରେ ରଖି ଅନିଚ୍ଛା ସତ୍ତ୍ୱେ ଶୁଦ୍ଧ ମଦ ଯୋଗାଇଦେବା ବି ସରକାରର ଦାୟିତ୍ୱ। ନଚେତ୍ ଅପମିଶ୍ରିତ ମଦ୍ୟପାନଜନିତ ଦୁର୍ଘଟଣା ଘଟିପାରେ। ଉଦାହରଣ ଦେବାକୁ ହେଲେ, ଉଣେଇଶ ନବେ ଦଶକରେ କଟକର ମଦ୍ୟମୃତ୍ୟୁ ଘଟଣା ଦିନେ ଓଡ଼ିଶାରେ ବିରାଟ ଆଲୋଡ଼ନ ସୃଷ୍ଟି କରିଥିଲା। ଏଇ ଯେମିତି ମଦ ନିଷେଧ ହୋଇଥିବା ପ୍ରଦେଶରେ ଚୋରାରେ ମଦ କାରବାର ଚାଲିଛି।

କୌଣସି ପ୍ରସଙ୍ଗ ବିତର୍କକୁ ଆସିଲେ ସପକ୍ଷ ଏବଂ ବିପକ୍ଷରେ ଦିଆଯାଉଥିବା ସମସ୍ତ ଯୁକ୍ତି ଆପାତତଃ ବଳିଷ୍ଠ ଲାଗେ। ସତକଥା ହେଲା, ମଦ ବନ୍ଦ ପ୍ରକ୍ରିୟାରେ ସରକାରୀ ରାଜସ୍ୱ ଲାଭ ଥିବାରେ କିନ୍ତୁ ମଦ୍ୟପାନ ସମ୍ପର୍କରେ କ୍ଷତି କଥା ହିସାବକୁ ଅଣାଯାଏନି। ମଦ ଯୋଗୁ ରୋଗ ଖର୍ଚ୍ଚ, ଦୁର୍ଘଟଣାଜନିତ କ୍ଷତି, ଉଜୁଡ଼ି ଯାଉଥିବା ପରିବାର, ସାମାଜିକ ପ୍ରତିଷ୍ଠା ହାନିର ମୂଲ୍ୟ ପ୍ରକୃତରେ ଆକଳନ କରି ହୁଏନି। ଆକଳନ କରିବା ହିଁ କଷ୍ଟ। ସରକାର ପାଉଥିବା ମାତ୍ର କେତେ ହଜାର କୋଟି ଟଙ୍କାର ରାଜସ୍ୱଠାରୁ ଏହା ନିଶ୍ଚୟ ଅଧିକ। ମଦ ପିଇବାକୁ ଟଙ୍କା ଦେଇ ନ ଥିବା ବୃଦ୍ଧା ମା'ଙ୍କୁ ଯେତେବେଳେ ଯୁବକ ପୁଅ ପିଟିପିଟି ମାରିଦିଏ ଏବଂ ମଦ ନିଶାରେ ଚୁର୍ ହୋଇ ଯେତେବେଳେ ପୁରୁଷଟିଏ ତା' ପରିବାର ଉପରେ ଅତ୍ୟାଚାର କରେ, ମଦ ନେଇ ଲାଭ କ୍ଷତିର ଅର୍ଥନୀତି ସେତେବେଳେ ବିଗିଡ଼ି ଯାଏ। ସାମଗ୍ରିକ ବିବେକ ସେତେବେଳେ ହାର ମାନେ। ଏହା ଆବେଗ ନୁହେଁ, ବାସ୍ତବତା।

ମଦ ପିଇବା ଆଉ ଏବେ ପୂର୍ବ ପରି କେବଳ ଉଚ୍ଚ ଧନୀ ଏବଂ ଗରିବଙ୍କ ଭିତରେ ଅଟକି ଯାଇନି। ବିଶେଷଣ ମଦ୍ୟପାନ ଆଉ ସ୍ୱାଭାବିକତାର ପ୍ରଦର୍ଶନ ବି ନୁହେଁ। ସମାଜର ସବୁ ବର୍ଗର ଲୋକେ ସମ୍ପ୍ରତି ମଦ ପିଉଛନ୍ତି। ମଦ ପ୍ରତି ଆଉ ବେଶି ଘୃଣା ନାହିଁ। ଏକ ସର୍ବେକ୍ଷଣ ଅନୁଯାୟୀ, ଭାରତର ସବୁ ମହିଳା କିନ୍ତୁ ମଦ୍ୟପାନକୁ ନାପସନ୍ଦ କରନ୍ତି। ମଦ ପିଇ ନ ଥିବା ବେଳେ ନିଜ ସ୍ୱାମୀଙ୍କ ମୁହଁ ସୁନ୍ଦର ଦେଖାଯାଏ ବୋଲି ଅଧିକାଂଶ ମହିଳା ଲଘୁ ମତ ଦିଅନ୍ତି।

ଅନ୍ୟ କିଛି ଯୁକ୍ତିରେ ଆସେ, ପୁରାଣ ଯୁଗରେ ମଦ୍ୟପାନ ଥିଲା। ଭାରତୀୟ ସଂସ୍କୃତି ମଧ୍ୟ ମଦ୍ୟପାନ କଥା କୁହେ। କିନ୍ତୁ ପୁରାଣରେ ଏକଥା ବି କୁହାଯାଏ, ମଦ୍ୟପାନ ନେଇ ସେତେବେଳେ ସମାଜରେ ଅନେକ ବିଳକ୍ଷଣ ମଧ୍ୟ ଥିଲା। ସାମୂହିକ ମଦ୍ୟ (ସୋମରସ) ପାନ କରି ଯଦୁବଂଶ ଧ୍ୱଂସ ହେବାର ଉଦାହରଣ ଏଥିରେ ମିଳିଥାଏ।

ଏହା ନିଃସନ୍ଦେହ, ଭାରତୀୟ ସଂସ୍କୃତି ମହାନ୍। କିନ୍ତୁ 'ମଦ୍ୟପାନ ସଂସ୍କୃତି'କୁ ନେଇ ଗର୍ବ କରିବାର କିଛି ଯଥାର୍ଥତା ନାହିଁ। ଏହା ଏକ ଆତ୍ମ ଧ୍ୱଂସକାରିଣୀ ସଂସ୍କୃତି। ଆଜି ଯଦି ମହାଭାରତର ଯକ୍ଷ ଧର୍ମରାଜ ଯୁଧିଷ୍ଠିରଙ୍କୁ ପଚାରନ୍ତେ, କିମାଶ୍ଚର୍ଯ୍ୟମ? ଯୁଧିଷ୍ଠିର ନିଶ୍ଚୟ ଉତ୍ତର ଦିଅନ୍ତେ, ମଦଜନିତ ଦୁଃଖକୁ ଆମେ ପ୍ରତିଦିନ ଦେଖି ଥିଲେ ବି ମଦ୍ୟପାନ ପ୍ରତି ମଣିଷର ଆସକ୍ତି ରହୁଛି, ଏହା ହିଁ ଆଶ୍ଚର୍ଯ୍ୟ।

ସୁତରାଂ ନିଶା ରହିତ ଏକ ସୁସ୍ଥ ସମାଜର ଗଠନ ପାଇଁ ଏକ ଦୀର୍ଘକାଳୀନ ଅଭିଯାନର ଏବେ ଆବଶ୍ୟକତା ଅଛି। ଏହା ଏକ ମିଶନ ହେବା ଦରକାର। ଏଥିରେ ଉଭୟ ରାଷ୍ଟ୍ର ଓ ବ୍ୟକ୍ତି ସମପରିମାଣ ସଂକଳ୍ପ ସହ ସାମିଲ ହେବା ଉଚିତ।

ପୁରୀ, ମୋ-୯୮୬୧୪୬୯୩୨୮

## ଏଇ ଭାରତରେ

ଚାର୍ଜବାବଦରେ ମାତ୍ର ୫୦ ଟଙ୍କା ଖର୍ଚ୍ଚ କଲେ ଇ-ସାଇକେଲ ଯାଉଛି ୧୦୦୦କି.ମି.। ଶୁଣି ଆଶ୍ଚର୍ଯ୍ୟ ଲାଗୁଥିଲେ ହେଁ କଥାଟି ସତ। ଏହି ସାଇକେଲକୁ ଯେ କୌଣସି ସ୍ଥାନରେ ଫୋନ୍ କିମ୍ବା ଲାପଟପ୍ ଭଳି ଚାର୍ଜ କରାଯାଇପାରୁଛି। ପୁଣେର ଭଲି ଷ୍ଟାର୍ଟଅପ ନିର୍ମାଣ କରିଛି ଏଭଳି ଇ-ସାଇକେଲ। ଅତୁଲ୍ୟ ମିତ୍ତଲ ୨୦୧୫ରେ ନେକ୍ସୁ ମୋବିଲିଟି ଭଳି ଷ୍ଟାର୍ଟଅପ ପ୍ରତିଷ୍ଠା କରିବାପରେ ବହୁ ଗବେଷଣା କରି ଦୁଇ ପ୍ରକାର ଇ-ସାଇକେଲ ନିର୍ମାଣ କରିଛନ୍ତି। ଏହି ସାଇକେଲରେ ଦୁଇଟି ବ୍ୟାଟେରି ଓ ଦୁଇଟି ଇଲେକ୍ଟ୍ରିକ ଡିସ୍କ ବ୍ରେକ୍ ରଖାଯାଇଛି। ଅତୁଲ୍ୟ ହାର୍ଭାର୍ଡ ବିଜନେସ ସ୍କୁଲରେ ଶିକ୍ଷା ଶେଷ କରି ପ୍ରଥମେ ଭାରତରେ ପାପା ଜନ୍ସ ନାମକ ପିଜା ଚେନ୍ ଆରମ୍ଭ କରିଥିଲେ। ପରେ ସେ ଇଲେକ୍ଟ୍ରିକ ଭେହିକଲ କ୍ଷେତ୍ରକୁ ଆସିଥିଲେ। ରୋଡ଼ଲାର୍କ ଏବଂ ରୋମ୍ପସ ପ୍ଲସ ନାମରେ ଦୁଇ ପ୍ରକାର ଇ- ସାଇକେଲର ମୂଲ୍ୟ ୩୦ରୁ ୪୦ ହଜାର ଟଙ୍କା ମଧ୍ୟରେ ରହୁଛି। ସେ ମଧ୍ୟ ଇ-ସ୍କୁଟର ନିର୍ମାଣ କରୁଛନ୍ତି, ଯାହା ୧୦ ଟଙ୍କା ବ୍ୟୟରେ ଚାର୍ଜ କଲେ ଯାଉଛି ୪୫ କି.ମି.।

## ୨୫ ବର୍ଷ ତଳେ ଧରିତ୍ରୀ

୧୨ ମାର୍ଚ୍ଚ ୧୯୯୬

- ବିହାରର ପଶୁପାଳନ ବିଭାଗରେ ହୋଇଥିବା ଦୁର୍ନୀତି ସମ୍ପର୍କରେ ତଦନ୍ତ କରିବାକୁ ପାଟ୍ନା ହାଇକୋର୍ଟ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋକୁ ନିର୍ଦ୍ଦେଶ ଦେଇଛନ୍ତି।
- ଆମେରିକାର ବିଖ୍ୟାତ ହାସ୍ୟାଭିନେତା ତଥା ଓସ୍କାର ପୁରସ୍କାର ବିଜେତା ଜର୍ଜ ବର୍ନ୍ସ ସ'ଙ୍କର ୧୦୦ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

ତ୍ୟାଗର ମହିମା ଯେଣୁ ଏ ଦେଶକ ଘୋଷେ ପବନେ,
ତ୍ୟାଗର ଜୟ ପତାକା ଉଡ଼ାଇଛି ଅନନ୍ତ ଗଗନେ।
ବିରାଟ ପେଟେ ଆସ୍ତ୍ର ଏହି ପାଖାରେ ନିଶ୍ଚିତ
ଉଦବେଗେ ତାହାର ଆଜି ନମ୍ର ମୋର ଚିତ,
ରକତ ମାଂସର ଯେତେ ହସ୍ତ
ନିମିଳା ଏ ପ୍ରସ୍ତର ସମସ୍ତ,
ତାହାରି ସକାଶେ
ଏ ପାଷାଣ ପାଶେ
ନମସ୍କାର
ବାରମ୍ବାର! -(ପୁରୀ-ମନ୍ଦିର)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su|do|ku Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 7 | A | | | | | | | | 9 | | | |
| 4 | | 6 | | | 8 | 9 | | | | A | | 0 | | |
| | 3 | | | | 4 | | | | 7 | | | 6 | | B |
| B | | | | 3 | | E | | | | 1 | 7 | | | |
| 9 | E | | | C | 2 | | 5 | | | | | 6 | 1 | 7 |
| 1 | 4 | E | | 9 | | | 7 | A | | | | | | |
| D | 8 | | | | | 0 | | 1 | | | | | 9 | E |
| 0 | | | 6 | | | 9 | | | E | | 2 | | 1 | |
| 3 | | | | | | D | | | | 8 | 5 | 6 | C | |
| | 7 | | | | E | 4 | | | | B | 8 | | | |
| | B | A | | | 9 | 1 | | 0 | 4 | 5 | | | E | |
| | 4 | | | | | | | 8 | | | 1 | B | | |
| | | | A | | C | 6 | | | | | | | | |
| 8 | 2 | | 1 | 5 | | | | | | B | | | | 6 |
| E | 0 | 3 | | | C | 2 | | 8 | | | D | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | 0 | 2 | 6 | 8 | 7 | 3 | D | C | B | E | 5 | 1 | A | 9 |
| 5 | 1 | 6 | 3 | 0 | 9 | B | 4 | E | 7 | A | C | 8 | D | 2 |
| B | E | 7 | 4 | A | 1 | 0 | 9 | 8 | D | 2 | 3 | 6 | C | 5 |
| 9 | 8 | C | B | D | 2 | 7 | 5 | A | 0 | 1 | 6 | 3 | E | 4 |
| 3 | A | D | E | 5 | C | 2 | 6 | 1 | 4 | 9 | 8 | B | 0 | 7 |
| E | B | 0 | A | 1 | 4 | D | 8 | 6 | 9 | C | 2 | 7 | 5 | 3 |
| 1 | 5 | 4 | 8 | E | 0 | A | 3 | B | 6 | 7 | D | 2 | 9 | C |
| 7 | 6 | A | 2 | B | 5 | E | C | 9 | 3 | 0 | 4 | D | 8 | 1 |
| 2 | D | 9 | C | 7 | 3 | 1 | 0 | 4 | 8 | 5 | A | E | 6 | B |
| 8 | C | 3 | 9 | 6 | D | 5 | 7 | 2 | E | B | 1 | 0 | 4 | A |
| 0 | 7 | E | 5 | C | 8 | 4 | A | 3 | 1 | 6 | B | 9 | 2 | D |
| 6 | 3 | B | 7 | 4 | A | C | E | 0 | 2 | D | 9 | 5 | 1 | 8 |
| D | 4 | 1 | 0 | 9 | E | 8 | 2 | 5 | C | 3 | 7 | A | B | 6 |
| A | 9 | 8 | D | 2 | B | 6 | 1 | 7 | 5 | 4 | E | C | 3 | 0 |
| C | 2 | 5 | 1 | 3 | 6 | 9 | B | D | A | 8 | 0 | 4 | 7 | E |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବିଦ୍ୟୁତ୍ ଦେୟ ବୃଦ୍ଧି ନ ହେଉ

ମହାଶୟ,

ରାଜ୍ୟରେ ବିଦ୍ୟୁତ୍ ଉପଭୋକ୍ତାମାନଙ୍କ ଉପରେ ବିଦ୍ୟୁତ୍ ଦେୟ ବୃଦ୍ଧି ଅସହ୍ୟ ହେବ । ଚାରିଟି ବିଦ୍ୟୁତ୍ ଉତ୍ପାଦନ କମ୍ପାନୀ ତରଫରୁ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗକୁ ବିଦ୍ୟୁତ୍ ବୃଦ୍ଧି ପାଇଁ ପ୍ରସ୍ତାବ ଦିଆଯାଇଛି ; ଯାହା କି ଆଗାମୀ ଦିନରେ ଜନଅସନ୍ତୋଷ ଦେଖାଦେବ । ବର୍ତ୍ତମାନ ପାଇଁ ଦେୟ ବୃଦ୍ଧି ସ୍ଥଗିତ ରଖାଯାଉ । ଦେୟ ବୃଦ୍ଧି ମଧ୍ୟବିତ୍ତ ଓ ଗରିବ ବିପିଏଲ ଉପଭୋକ୍ତାଙ୍କ ଉପରେ ବେଡ଼ି ଉପରେ କୋରଡ଼ା ସଦୃଶ ହେବ । କ୍ଷତିର ଭରଣା ପାଇଁ ଏପରି ବୃଦ୍ଧି ସହାୟକ ହେବ ନାହିଁ ।

-ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ମମତାଙ୍କ ଆଶୁ ଆରୋଗ୍ୟ କାମନା କଲେ ନବୀନ



ଭୁବନେଶ୍ୱର,୧୧।୩(ବ୍ୟୁରୋ): ପଶ୍ଚିମବଙ୍ଗର ନନ୍ଦିଗ୍ରାମରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନିର୍ବାଚନ ପ୍ରଚାର କରୁଥିବା ବେଳେ ଆହତ ହୋଇଥିଲେ। ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମମତାଙ୍କ ହସ୍ପିଟାଲରେ ଭର୍ତ୍ତି ହେବା ଖବରକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସେ ତାଙ୍କର ଆଶୁ ଆରୋଗ୍ୟ କାମନା କରିବା ସହ ଉତ୍ତମ ସ୍ୱାସ୍ଥ୍ୟ ନେଇ ପ୍ରାର୍ଥନା କରିଛନ୍ତି।

# କଂଗ୍ରେସ ଛାଡ଼ିଛନ୍ତି ୧୭୦ ବିଧାୟକ

ନୂଆଦିଲ୍ଲୀ,୧୧।୩ (ପି.ଟି.)

୨୦୧୬ରୁ ୨୦୨୦ ମଧ୍ୟରେ ହୋଇଥିବା ନିର୍ବାଚନରେ ପ୍ରାର୍ଥୀ ହେବା ଲାଗି ୧୭୦ ଜଣ ବିଧାୟକ କଂଗ୍ରେସ ଛାଡ଼ି ଅନ୍ୟ ଦଳରେ ଯୋଗ ଦେଇଛନ୍ତି। ଏହି ସମୟ ମଧ୍ୟରେ ୧୮ ଭାଜପା ବିଧାୟକ ଦଳ ବଦଳାଇଛନ୍ତି। ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମସ୍ (ଏଡିଆର୍) ଦ୍ୱାରା ପ୍ରକାଶିତ ରିପୋର୍ଟ ଅନୁଯାୟୀ ୨୦୧୬ରୁ ୨୦୨୦ ମଧ୍ୟରେ ୪୦୫ ବିଧାୟକ ଦଳ ବଦଳ କରି ନିର୍ବାଚନ ଲଢ଼ିଥିଲେ। ସେମାନଙ୍କ ମଧ୍ୟରୁ ସର୍ବାଧିକ ୧୮୨ ଜଣ ଭାଜପାରେ ଯୋଗଦେଇଥିବାବେଳେ ୩୮ ଜଣ କଂଗ୍ରେସରେ ଏବଂ ୨୫ ଜଣ ଟିଆର୍‌ଏସ୍‌ରେ ସାମିଲ ହୋଇଥିଲେ। ଅର୍ଥାତ୍ ଏହି ସମୟ ମଧ୍ୟରେ ଭାଜପା ସର୍ବାଧିକ ଲାଭବାନ ହୋଇଥିଲା। ଦଳ ବଦଳ କରିଥିବା ମୋଟ ବିଧାୟକଙ୍କ ମଧ୍ୟରୁ ୪୪ ପ୍ରତିଶତ ଭାଜପାରେ ଯୋଗଦେଇଥିଲେ। ଅନ୍ୟପକ୍ଷରେ କଂଗ୍ରେସକୁ ସର୍ବାଧିକ ବିଧାୟକ ହରାଇବାକୁ ପଡ଼ିଥିଲା। ଦଳବଦଳକାରୀ ବିଧାୟକଙ୍କ ମଧ୍ୟରୁ ୪୨ ପ୍ରତିଶତ କଂଗ୍ରେସର ଥିଲେ। ଏହି ସମୟ ମଧ୍ୟରେ ୪.୪ ପ୍ରତିଶତ ଭାଜପା ବିଧାୟକ ଦଳ ଛାଡ଼ିଥିଲେ।

ଅନ୍ୟ ଦଳଗୁଡ଼ିକ ମଧ୍ୟରେ ବିଏସ୍‌ପିରୁ ୧୭ ବିଧାୟକ ଦଳ ଛାଡ଼ିଥିବାବେଳେ ଟିଡିପିରୁ ୧୭, ଏନ୍‌ପିଏଫ୍‌ରୁ ୧୫, ୱାଇଏସ୍‌ଆର୍ କଂଗ୍ରେସ ପାର୍ଟିରୁ ୧୫, ଏନ୍‌ସିପିରୁ ୧୪, ସମାଜବାଦୀ ପାର୍ଟିରୁ ୧୨, ଆର୍‌ଜେଡିରୁ ୧୦, ଜେଡିଏସ୍‌ରୁ ୯, ଆଇଏନ୍‌ଏଲ୍‌ଡିରୁ ୮, ଆମ୍ ଆଦ୍‌ମୀ ପାର୍ଟିରୁ ୭, ଜେଭିଏମ୍(ପି)ରୁ ୬, ଜେଡିୟୁରୁ ୫, ଏଆଇଟିସିରୁ ୪, ବିଜେଡିରୁ ୪, ସିପିଏମ୍‌ରୁ ୫ ବିଧାୟକ ଦଳ ଛାଡ଼ିଥିଲେ। ପୁନର୍ବାର ନିର୍ବାଚନ ଲଢ଼ିବାକୁ ଚାହୁଁଥିବା ବିଧାୟକମାନଙ୍କ ପାଇଁ ଭାଜପା ଥିଲା ପ୍ରଥମ ପସନ୍ଦ। ସେମାନଙ୍କ ମଧ୍ୟରୁ ୪୪.୯ ପ୍ରତିଶତ ଭାଜପାକୁ ପସନ୍ଦ କରିଥିଲେ। ଅନ୍ୟପକ୍ଷରେ ୯.୪ ପ୍ରତିଶତଙ୍କ ପସନ୍ଦ ଥିଲା କଂଗ୍ରେସ। ରିପୋର୍ଟ ଅନୁଯାୟୀ ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ୫ ଲୋକ ସଭା ସଦସ୍ୟ ଭାଜପା ଛାଡ଼ି ଅନ୍ୟ ଦଳରେ ସାମିଲ ହୋଇଥିଲେ। ସେହିପରି ରାଜ୍ୟ ସଭାର ୭ ସଦସ୍ୟ ୨୦୧୬ରୁ ୨୦୨୦ ମଧ୍ୟରେ ନିର୍ବାଚନ ଲଢ଼ିବା ପାଇଁ କଂଗ୍ରେସ ଛାଡ଼ି ଅନ୍ୟ ଦଳରେ ଯୋଗଦେଇଥିଲେ। ସେହିପରି ଟିଡିପିରୁ ୩ ଓ ସମାଜବାଦୀ ପାର୍ଟିରୁ ୨ ଜଣ ରାଜ୍ୟ ସଭା ସଦସ୍ୟ ଦଳବଦଳ କରିଥିଲେ। ପୁନର୍ବାର ନିର୍ବାଚନ ଲଢ଼ିଥିବା ୧୬ ରାଜ୍ୟ ସଭା ସଦସ୍ୟଙ୍କ ମଧ୍ୟରୁ ୧୦ ଜଣ ଅନ୍ୟ ଦଳ ଛାଡ଼ି ଭାଜପାରେ ଯୋଗ ଦେଇଥିଲେ। ସେହିପରି ୨୦୧୯ ଲୋକ ସଭା ନିର୍ବାଚନ ବେଳେ ୧୨ ଏମ୍‌ପି ଦଳ ବଦଳ କରିଥିଲେ। ସେମାନଙ୍କ ମଧ୍ୟରୁ ୫ ଜଣ କଂଗ୍ରେସରେ ଯୋଗଦେଇଥିଲେ ବୋଲି ରିପୋର୍ଟରେ କୁହାଯାଇଛି। ସୂଚନାଯୋଗ୍ୟ ବିଧାୟକମାନଙ୍କ ଦଳବଦଳ ଯୋଗୁ ନିକଟରେ ମଧ୍ୟପ୍ରଦେଶ, ମଣିପୁର, ଗୋଆ, ଅରୁଣାଚଳପ୍ରଦେଶ ଏବଂ କର୍ନାଟକରେ ସରକାରର ପତନ ଘଟିଥିଲା। ଏହି ରିପୋର୍ଟ ପ୍ରସ୍ତୁତ କରିବା ଲାଗି ନ୍ୟାଶନାଲ ଇଲେକ୍ସନ ୱାଚ୍ ଏବଂ ଏଡିଆର୍ ପକ୍ଷରୁ ଗତ ୫ ବର୍ଷ ମଧ୍ୟରେ ଦଳ ବଦଳ କରି ପୁନର୍ବାର ନିର୍ବାଚନ ଲଢ଼ିଥିବା ୪୩୩ ଏମ୍‌ପି ଏବଂ ବିଧାୟକଙ୍କ ସତ୍ୟପାଠକୁ ଅନୁଧ୍ୟାନ କରାଯାଇଥିଲା। ଅର୍ଥବଳ ଓ ବାହୁବଳର ସଂଯୋଗ, ଦଳ ଚଳାଇବା ପାଇଁ ଆଇନ ଓ ସଚ୍ଚୋଟ ନେତାଙ୍କ ଅଭାବ ଦଳବଦଳର ମୁଖ୍ୟ କାରଣ ମଧ୍ୟରେ ଅନ୍ୟତମ ଥିଲା ବୋଲି ଏଡିଆର୍ ରିପୋର୍ଟରେ କୁହାଯାଇଛି। ଯେପର୍ଯ୍ୟନ୍ତ ଏହି ଧାରାକୁ ବନ୍ଦ କରା ନ ଯାଇଛି, ଆମର ନିର୍ବାଚନୀ ଓ ରାଜନୈତିକ ସ୍ଥିତି ଆହୁରି ଅବନତି ଆଡ଼କୁ ଗତି କରିବାକୁ ବାଧ୍ୟ ହେବ। ଦଳବଦଳର କାରଣ ସାଜିଥିବା ଉପରୋକ୍ତ ଛିଦ୍ରକୁ ଯଦି ବନ୍ଦ କରା ନ ଯାଏ, ତେବେ ଏହା ଗଣତନ୍ତ୍ରର ପରିହାସ ହେବ। ଏମ୍‌ପି, ବିଧାୟକମାନଙ୍କ ଦଳବଦଳ ଜାରି ରହିଛି। ସୁବିଧାବାଦୀ ରାଜନୀତି ଓ ସ୍ୱାର୍ଥ ହାସଲ ବନ୍ଦ କରିବା ଲାଗି ରାଜନୈତିକ ଦଳ ଓ ରାଜନେତାମାନଙ୍କ ପାଇଁ ସମୟ ଆସିଛି। ଏହା ବଦଳରେ ଆସ୍ଥା, ସାହସ ଓ ସହମତିର ରାଜନୀତି କରିବାକୁ ହେବ ବୋଲି ରିପୋର୍ଟରେ କୁହାଯାଇଛି।

### ଏଡିଆର୍ ରିପୋର୍ଟ

ADR
Association for Democratic Reforms

- ନିର୍ବାଚନ ଲଢ଼ିବାକୁ ଦଳ ବଦଳାଇଛନ୍ତି ୪୦୫ ଜଣ
- ଭାଜପାକୁ ଯାଇଛନ୍ତି ସର୍ବାଧିକ ୧୮୨

# ରେଳ ଇଞ୍ଜିନରେ ନିଆଁ



### ଆୟତ୍ତ କଲା ଅଗ୍ନିଶମ ବିଭାଗ

ବଡବିଲ,୧୧।୩(ସ୍ୱ.ପ୍ର)

କେନ୍ଦୁଝର ଜିଲା ବଡ଼ବିଲ ରେଳ ଷ୍ଟେଶନରେ ଏକ ରେଳ ଇଞ୍ଜିନରେ ଗୁରୁବାର ନିଆଁ ଲାଗିଯାଇଥିଲା। ସୂଚନା ଅନୁଯାୟୀ, ଅପରାହ୍ନ ୪ଟା ବେଳେ ରେଳ ଷ୍ଟେଶନ ପ୍ଲାଟଫର୍ମ ନିକଟରେ ଡବ୍ଲ୍ୟୁ ଏଜି-୫ ରେଳ ଇଞ୍ଜିନ ନଂ. ୨୩୪୧୧ ଛିଡ଼ା ହୋଇଥିଲା। କୌଣସି କାରଣରୁ ହଠାତ୍ ଇଞ୍ଜିନ ତଳପାଖରୁ ନିଆଁ ଲାଗି ସବୁଆଡକୁ ବ୍ୟାପିଯାଇଥିଲା। ଷ୍ଟେଶନ କର୍ତ୍ତୃପକ୍ଷ ଉକ୍ତ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଖବରପାଇ ଅଗ୍ନିଶମ ବିଭାଗର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ଘଣ୍ଟା ପରେ ନିଆଁକୁ ଆୟତ୍ତ କରିବାକୁ ସକ୍ଷମ ହୋଇଥିଲେ। ତେବେ ଇଞ୍ଜିନ ତଳ ପାଖରେ ଥିବା ବ୍ୟାଟେରି ଚାମ୍ବରରୁ ସର୍ଟ ସର୍କିଟ ଯୋଗୁ ନିଆଁ ଲାଗିଥିବା ଅନୁମାନ କରାଯାଉଥିଲାବେଳେ ପ୍ରକୃତ କାରଣ ଜଣାପଡିନାହିଁ।

# ଗୋପାଳପୁର ସମୁଦ୍ରରେ ଓଲଟିଲା ସ୍ପୋର୍ଟ୍ସ ବୋଟ୍



ପର୍ଯ୍ୟଟକଙ୍କୁ ଉଦ୍ଧାର କରାଯାଉଛି।

### ବର୍ତ୍ତିଲେ ପର୍ଯ୍ୟଟକ

ଗୋପାଳପୁର,୧୧।୩

ବ୍ରହ୍ମପୁର ଗୋପାଳପୁର ସମୁଦ୍ର ମଧ୍ୟକୁ ବୁଲିବାକୁ ଯାଇଥିବା କେତେଜଣ ପର୍ଯ୍ୟଟକ ଏକ ବଡ଼ ଧରଣର ଦୁର୍ଘଟଣାରୁ ବର୍ତ୍ତିଛନ୍ତି। ପୋଲିସ ସୂତ୍ରରୁ ମିଳିଥିବା ତଥ୍ୟାନୁଯାୟୀ, ଗୁରୁବାର ସନ୍ଧ୍ୟାରେ କୋଲକାତାର ୪ ଜଣ ଓ ବ୍ରହ୍ମପୁରର ୫ ପର୍ଯ୍ୟଟକ ଗୋପାଳପୁର ବେଳାଭୂମିକୁ ଆସିଥିଲେ। ସେମାନେ ଏକ ସ୍ପୋର୍ଟ୍ସ ବୋଟ୍‌ରେ ସମୁଦ୍ର ଭିତରକୁ ବୁଲିବାକୁ ଯାଇଥିଲେ। କିନ୍ତୁ ଫେରିବା ସମୟରେ ବେଳାଭୂମି କୂଳଠାରୁ ମାତ୍ର ୭୦ ମିଟର ପୂର୍ବରୁ ବୋଟ୍‌ଟି ହଠାତ୍ ଓଲଟି ପଡ଼ିଥିଲା। ଫଳରେ ସେଥିରେ ଥିବା ପର୍ଯ୍ୟଟକମାନେ ପାଣିକୁ ଖସି ପଡ଼ିଥିଲେ। କିନ୍ତୁ ସେମାନେ ଲାଇଫ୍ ଜ୍ୟାକେଟ୍ ପିନ୍ଧିଥିବାରୁ ଗଭୀର ପାଣିରେ ଭାସିଥିଲେ। ଏହାଦେଖି କେତେଜଣ ମତ୍ସ୍ୟଜୀବୀ ଓ ଲାଇଫ୍ ଗାର୍ଡ ସେମାନଙ୍କୁ ଉଦ୍ଧାର କରିଥିଲେ।

# ମାଲଖାନାରେ ଥାନାଧିକାରୀ, ହାଜତରେ କର୍ମଚାରୀ






### ଜଟାଧାର ମୁହାଣ ସାମୁଦ୍ରିକ ଥାନାର ନାହିଁ କ୍ୱାର୍ଟର୍ସ

ପାରାଦୀପ,୧୧।୩(ସ୍ୱ.ପ୍ର.)

ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକ ନୂଆଗାଁ ପଞ୍ଚାୟତର ନୋଳିଆସାହିଠାରେ ଜଟାଧାର ମୁହାଣ ସାମୁଦ୍ରିକ ଥାନା ରହିଛି। ଥାନାର କର୍ମଚାରୀଙ୍କ ପାଇଁ କ୍ୱାର୍ଟର୍ସ ନିର୍ମାଣ ହୋଇନାହିଁ। ତେଣୁ ପୋଲିସ କର୍ମଚାରୀମାନେ ଥାନାର ବିଭିନ୍ନ ପ୍ରକୋଷ୍ଠକୁ ବାସସ୍ଥାନ କରିଛନ୍ତି। ହାଜତରେ ପୋଲିସ କର୍ମଚାରୀମାନେ ରହୁଥିବାବେଳେ ମାଲଖାନାରେ ଥାନାଧିକାରୀ ଏବଂ ଅସ୍ତ୍ରାଗାରରେ ସରଞ୍ଜାମ ରହୁଛି। ଏହି ଥାନା ଅଧୀନରେ ପାରାଦୀପର ଷଣ୍ଢକୁଦବସ୍ତି ରହିଛି। ଯାହାକି ଥାନାଠାରୁ ୪୮ କି.ମି. ଦୂର ଅଟେ। ତେଣୁ କୌଣସି ଘଟଣା ଘଟିଲେ ଲୋକମାନେ ଏତେଦୂର ଯିବାକୁ ଅମଙ୍ଗ ହେଉଛନ୍ତି। ୨୦୧୪ ନଭେମ୍ବର ୨୧ରେ ଜଟାଧାର ମୁହାଣ ସାମୁଦ୍ରିକ ଥାନା ଲୋକାର୍ପିତ ହୋଇଥିଲା। ଆରମ୍ଭରୁ ଚଳିତ ମାସ ୩ ତାରିଖ ପର୍ଯ୍ୟନ୍ତ ଥାନା ଚାଲିଥିଲା ନୂଆବଜାରସ୍ଥିତ ବନ୍ଦର କ୍ୱାର୍ଟର୍ସରେ। ଏବେ ଏହା ନବନିର୍ମିତ ନିଜସ୍ୱ ଗୃହକୁ ଥାନା ସ୍ଥାନାନ୍ତର ହୋଇଛି। ନୋଳିଆସାହି ଗାଁ ଉପାନ୍ତ ଜଟାଧାର ମୁହାଣ ପାଖରେ ଜଙ୍ଗଲିଆ ସ୍ଥାନରେ ଥାନା ରହିଛି। ସେଠାରେ କର୍ମଚାରୀଙ୍କ ରହିବା ବ୍ୟବସ୍ଥା ନାହିଁ। ଆଖପାଖ ଗାଁରେ ମଧ୍ୟ ରହିବା ଭଳି ଘର ନାହିଁ; ଯେଉଁଥିପାଇଁ ଥାନାର କର୍ମଚାରୀମାନେ ହାଜତ ମାଲଖାନା ଘରେ ରହିବାକୁ ବାଧ୍ୟ ହେଉଛନ୍ତି ବୋଲି ଜଣେ ପୋଲିସ କର୍ମଚାରୀ କହିଛନ୍ତି। କେବଳ ସେତିକି ନୁହେଁ, କୌଣସି ଆବଶ୍ୟକ ଜିନିଷ ଦରକାର ପଡିଲେ ୭ କି.ମି. ଦୂର ବାଲିତୁଠ ବଜାରକୁ ଯିବାକୁ ପଡିଥାଏ। ଥାନାଠାରୁ କୁଜଙ୍ଗ ୧୬ କି.ମି. ଓ ପାରାଦୀପ ୪୮ କି.ମି. ଦୂର। ଏବେ ଥାନାର କର୍ମଚାରୀ ସଂଖ୍ୟା ୧୨। ଥାନା ପାଖ ଅଞ୍ଚଳ ବିସ୍ତୀର୍ଣ୍ଣ ବାଲୁକାସ୍ତୂପ ଓ ଜଙ୍ଗଲ। ଯେଉଁଠି ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ ପ୍ଲାଣ୍ଟ ହେବ ବୋଲି ପ୍ରସ୍ତାବ ରହିଛି। ଉକ୍ତ ନୂତନ ପ୍ଲାଣ୍ଟ କାମ ଆଗାମୀ ମାସେ ଦୁଇମାସ ମଧ୍ୟରେ ଆରମ୍ଭ ହେବାର ସମ୍ଭାବନା ଅଛି। କାରଖାନା କାମ ଆରମ୍ଭ ହେଲେ ଉକ୍ତ ଅଞ୍ଚଳ ଚଳଚଞ୍ଚଳ ହୋଇପାରେ। ଯେ ପର୍ଯ୍ୟନ୍ତ ପୋଲିସ କର୍ମଚାରୀଙ୍କ ପାଇଁ ନୂତନ କ୍ୱାର୍ଟର୍ସ ନିର୍ମାଣ ହୋଇନାହିଁ ସେପର୍ଯ୍ୟନ୍ତ କର୍ମଚାରୀମାନେ ଏଭଳି ଦୁର୍ଦ୍ଦଶାର ସମ୍ମୁଖୀନ ହେବେ। ଏ ସମ୍ପର୍କରେ ପାରାଦୀପ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ନିମାଇଁ ସେଠୀଙ୍କୁ ପଚାରିବାରେ, ଏବେ ଥାନାର ନିଜସ୍ୱ ଗୃହ ହେଲା ପରେ ସିଫ୍ଟ ଚାଲିଛି। ଆଗକୁ ଏହି କ୍ୱାର୍ଟର୍ସ ଅସୁବିଧା ଦୂର ହେବ ବୋଲି ସେ କହିଛନ୍ତି।

# ଏମ୍‌ଏସ୍‌ଏମ୍‌ଇକୁ ପ୍ରାଧାନ୍ୟ ଦିଆଯାଉ



**ଖାଦ୍ୟ ପ୍ରକ୍ରିୟାକରଣ, ଔଷଧ ଓ ପ୍ୟାକେଜିଂ ଭଳି କିଛି ଉଦ୍ୟୋଗକୁ ଛାଡ଼ିଦେଲେ ଅନ୍ୟ ସବୁ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ମହାମାରୀ ଯୋଗୁ ସଙ୍କଟ ଭିତରକୁ ଠେଲି ହୋଇଯାଇଛି। ବଜାରରେ ଚାହିଦା ହ୍ରାସ ଏବଂ କଞ୍ଚାମାଲ ଦାମ ବୃଦ୍ଧି କ୍ଷୁଦ୍ରଶିଳ୍ପର ଚିନ୍ତା ବଢ଼ାଇଛି। ଏଥିଯୋଗୁ ଏମ୍‌ଏସ୍‌ଏମ୍‌ଇ ତିଷ୍ଠି ରହିବା କଷ୍ଟକର ହୋଇପଡ଼ିଛି। କରୋନା ଲକ୍‌ଡାଉନ୍‌ରେ ୯ ହଜାରରୁ ଅଧିକ ଶିଳ୍ପ ବନ୍ଦ ହୋଇଯାଇଛି ବୋଲି ଧରିତ୍ରୀକୁ ସାକ୍ଷାତ୍‌କାର ଦେବାବେଳେ ପ୍ରକାଶ କରିଛନ୍ତି ଓଡ଼ିଶା ଆସେମ୍ବ୍ଲି ଅଫ୍ ସ୍ମଲ୍ ଆଣ୍ଡ ମିଡିୟମ୍ ଏଣ୍ଟରପ୍ରାଇଜେସ୍ (ଓଏଏସ୍‌ଏମ୍‌ଇ) ମହାସଚିବ ସାତ୍ତ୍ୱିକ ସ୍ୱାଇଁ।**

ଧରିତ୍ରୀ | OrissaPOST BUSINESS EMINENCE AWARDS

**► ଓସ୍‌ମେ କରୋନା ସମୟରେ ଶିଳ୍ପୋଦ୍ୟୋଗୀଙ୍କୁ କିଭଳି ସହାୟତା କରିଥିଲା?**

କରୋନା କାଳରେ ଲକ୍‌ଡାଉନ୍ ସତ୍ତ୍ୱେ ସ୍ୱତନ୍ତ୍ର ଅନୁମତି ଆଣି ଓସ୍‌ମେ ଅଫିସ ଖୋଲା ରଖିବା ସହ ଶିଳ୍ପୋଦ୍ୟୋଗୀଙ୍କ ସବୁ ପ୍ରଶ୍ନର ଉତ୍ତର ରଖୁଥିଲୁ। ବିଭିନ୍ନ ପ୍ରକାର ସମନ୍ୱୟ ରକ୍ଷା କରାଯାଉଥିଲା। ସଂଘର ଜଣେ ସଦସ୍ୟ ରୋଗୀ ପରିଧାନ କରିବାକୁ ଥିବା ଗାଉନ୍ ଯୋଗାଣ ଲାଗି ପୂର୍ବତଟ ରେଳପଥଠାରୁ ଅର୍ଡର ପାଇଥିଲେ। କିନ୍ତୁ ତାଙ୍କ ମାନୁଫାକ୍ଚରିଂ ୟୁନିଟ କଣ୍ଟେଣ୍ଟମେଣ୍ଟ ଜୋନ୍‌ରେ ରହିଥିବାରୁ ଜିନିଷ ତିଆରିକରି ଯୋଗାଇବା କଷ୍ଟକର ହେଲା। ଦକ୍ଷତା ବିକାଶ ବିଭାଗ ସଚିବଙ୍କ ସହାୟତା ପରେ ସେ ସମସ୍ୟା ସମାଧାନ ଲାଗି ଭୁବନେଶ୍ୱର ଆଇଟିଆଇ ଖୋଲିଥିଲେ।

**► ଓସ୍‌ମେ ଯୁବ ଉଦ୍ୟୋଗୀଙ୍କ ପାଇଁ କ'ଣ ସବୁ କାର୍ଯ୍ୟକ୍ରମ ହାତକୁ ନେଇଛି?**

ଦିନକୁ ଦିନ ଚାକିରି କମିଯାଉଛି। ଆମକୁ ଆତ୍ମନିର୍ଭରଶୀଳ ହେବାକୁ ହେଲେ ଜଣେ ଭଲ ଗାଇଡ୍ ଏବଂ ମେଣ୍ଟରଙ୍କ ଆବଶ୍ୟକତା ରହିଛି। ଓସ୍‌ମେରେ ଆମେ ଗୋଟିଏ ହେଲ୍ପ ଡେସ୍କ ଖୋଲିଛୁ। ଏହା ଯୁବ ଉଦ୍ୟୋଗୀଙ୍କୁ ସମସ୍ତ ସହାୟତା ଦେଉଛି। ମାଗଣାରେ ଅନ୍‌ଲାଇନ ସେବା ଦିଆଯାଏ। ବିଭିନ୍ନ ଟ୍ରେନିଂ ପ୍ରୋଗ୍ରାମ ଦ୍ୱାରା ଯୁବତୀଯୁବକଙ୍କୁ ସରକାରୀ ସ୍କିମ୍ ବିଷୟରେ ଅବଗତ କରାଯାଇଥାଏ। ଚଳିତ ବର୍ଷ ୪୦ ପିଲାଙ୍କୁ ନେଇ ଏକ ଆପ୍ରେଣ୍ଟିସ୍‌ଶିପ ଟ୍ରେନିଂ ମଧ୍ୟ ଆରମ୍ଭ କରିଛୁ। ଏହା ଡିପ୍ଲୋମା ଏବଂ ଆଇଟିଆଇ ପିଲାଙ୍କୁ ବେଶ୍ ସହାୟକ ହେବ।

**► ଓଡ଼ିଶାକୁ ମାନୁଫାକ୍ଚରିଂ ହବ୍ ଭାବେ ଗଢ଼ି ତୋଳିବା ଦିଗରେ ଯୋଜନା କ'ଣ?**

ଓଡ଼ିଶାରେ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରର ନିରନ୍ତର ବିକାଶ ଲାଗି କ୍ଲଷ୍ଟର ଆପ୍ରୋଚ୍ ଆବଶ୍ୟକ। ସମସ୍ତ ପ୍ରକାର କଞ୍ଚାମାଲ ଥାଇ ମଧ୍ୟ ଆମେ ବହୁ ପଛରେ ରହିଛେ। ଭାଲ୍ୟୁ ଆଡିଶନ୍ ହେଉ ନ ଥିବାରୁ ଅଗ୍ରଗତି କରିପାରୁନାହେଁ। ସମ୍ବଳର ଅଭାବ ଅନ୍ୟ ଏକ ପ୍ରମୁଖ ସମସ୍ୟା। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଯୋଗିତାରେ ଓଡ଼ିଶାରେ ସବୁଠୁ ବଡ଼ ଏବଂ ପୂର୍ବ ଭାରତର ପ୍ରଥମ ଇଞ୍ଜିନିୟରିଂ କମନ୍ ଫାସିଲିଟି ସେଣ୍ଟର (ସିଏଫ୍‌ସି) ଆଣିଛୁ। ଏଥିଲାଗି ଇଡ୍‌କୋ ପକ୍ଷରୁ ଚୌଦ୍ୱାରଠାରେ ୬ ଏକର ଜାଗା ଦିଆଯାଇଛି। ସିଏଫ୍‌ସି ଅଧୀନରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ କ୍ଷୁଦ୍ରଶିଳ୍ପ ଆସୁଛି। ଏଠାରେ ଅତ୍ୟାଧୁନିକ ମେଶିନାରି ଓ ଭାଲ୍ୟୁ ଆଡିଶନ୍‌ର ଉପକରଣ ଲାଗିବା ସହ ସ୍କିଲ୍ ଟ୍ରେନିଂର ବ୍ୟବସ୍ଥା ରହିବ। ସିଏଫ୍‌ସି ହେବା ଦ୍ୱାରା ରାଜ୍ୟରେ ଇଞ୍ଜିନିୟରିଂ ମାନୁଫାକଚରିଂରେ ଯୁଗାନ୍ତକାରୀ ପରିବର୍ତ୍ତନ ଆସିବ। ଉଦ୍ୟୋଗୀମାନେ କମ୍ ଦେୟରେ ମାନୁଫାକ୍ଚରିଂର ସୁବିଧା ନେଇପାରିବେ। ଡିଫେନ୍ସ, ଏରୋସ୍ପେସ୍, ରିଫାଇନେରିଠାରୁ ଆରମ୍ଭକରି ଇଲେକ୍ଟ୍ରିକାଲ ଟ୍ରାନ୍ସମିଶନ୍‌ର ସମସ୍ତ ଉପକରଣ ପ୍ରସ୍ତୁତି ସୁବିଧା ରହିବ। ଉକ୍ତ କ୍ଲଷ୍ଟର ଦ୍ୱାରା ୧୫୦ରୁ ଊର୍ଦ୍ଧ୍ୱ ୟୁନିଟ ପ୍ରତ୍ୟକ୍ଷ ସୁବିଧା ପାଇବେ। ୩୦୦ରୁ ଊର୍ଦ୍ଧ୍ୱ ୟୁନିଟ ପରୋକ୍ଷ ସୁବିଧା ସହ ୩ ହଜାରରୁ ଊର୍ଦ୍ଧ୍ୱ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହି ପ୍ରକଳ୍ପ କାର୍ଯ୍ୟ ୨ ବର୍ଷରେ ସମ୍ପୂର୍ଣ୍ଣ ହେବ।

**► କ'ଣ କଲେ ଏମ୍‌ଏସ୍‌ଏମ୍‌ଇର ଅଭିବୃଦ୍ଧି ହେବ?**

ଏମ୍‌ଏସ୍‌ଏମ୍‌ଇର ମୁଖ୍ୟ ସମସ୍ୟା ମାର୍କେଟିଂ ଏବଂ ଫାଇନାନ୍ସ। ଯଦି ସରକାରଙ୍କୁ କମ୍ ସୁଧରେ ଋଣ ଦେବାକୁ ଅସୁବିଧା ହେଉଛି ତେବେ ସବୁଠୁ ସରଳ ଉପାୟ ହେଉଛି, ସରକାର ଯାହାବି ସାମଗ୍ରୀ କିଣୁଛନ୍ତି ତା'ର ଏକ ବଡ଼ ଭାଗ ଯେମିତିକି ୫୦% ନିଜ ରାଜ୍ୟରୁ କିଣିବା ଆରମ୍ଭ କରିବେ ଓ ରାଜ୍ୟ ସରକାରଙ୍କ ସମସ୍ତ କିଣାରେ ରାଜ୍ୟ ଏମ୍‌ଏସ୍‌ଏମ୍‌ଇକୁ ଗୁରୁତ୍ୱ ଦିଆଯିବ ତା'ହେଲେ କ୍ଷୁଦ୍ରଶିଳ୍ପ ଉପକୃତ ହେବ। ସରକାର ଇପିଏମ୍‌କୁ ଏକପ୍ରକାର ବନ୍ଦ କରି ଦେଇଛନ୍ତି। ତେଣୁ ରାଜ୍ୟର ସ୍ୱାର୍ଥରକ୍ଷା ହେବା ଭଳି ଦୃଢ଼ ଅଧିଗ୍ରହଣ ନୀତି ଅଣାଯିବା ଆବଶ୍ୟକ। ମୁଖ୍ୟମନ୍ତ୍ରୀ ବଡ଼ ଶିଳ୍ପସଂସ୍ଥା ଭଳି ଏମ୍‌ଏସ୍‌ଏମ୍‌ଇକୁ ପ୍ରାଧାନ୍ୟ ଦେଲେ ଭବିଷ୍ୟତ ଉନ୍ନତ ହେବ।

# କୌଶଳ ଓ ଅଭିଜ୍ଞତା ସଫଳତାର ଶ୍ରେଷ୍ଠ ମନ୍ତ୍ର



**ସର୍ବଦା ଗୁଣାତ୍ମକ ଦ୍ରବ୍ୟର ଆଦର ଓ ଚାହିଦା ଥାଏ। ଲୋକେ ସବୁବେଳେ ଭଲ ଜିନିଷକୁ ଖୋଜି ସଂଗ୍ରହ କରିଥାନ୍ତି। ଆମେ ଦୀର୍ଘ ୪୫ ବର୍ଷ ଧରି ଗ୍ରାହକଙ୍କୁ ମନ ପସନ୍ଦର ସାମଗ୍ରୀ ଯୋଗାଇଆସିଛୁ। ଓଡ଼ିଶାର ପ୍ରତିଟି ରୋଷେଇଘରେ ରୁଚି ମସଲାର ମହକ ପହଞ୍ଚିପାରିଛି। ଆମ ପ୍ରତି ଲୋକଙ୍କ ବିଶ୍ୱାସ ଓ ଭଲପାଇବା ହିଁ ଆମର ସବୁଠୁ ବଡ଼ ପୁଞ୍ଜି। ଧରିତ୍ରୀ ସହ ସ୍ୱତନ୍ତ୍ର ସାକ୍ଷାତ୍‌କାର ବେଳେ ବ୍ୟବସାୟିକ ସଫଳତାର ଏହି ମନ୍ତ୍ର ବତାଇଛନ୍ତି କଟକସ୍ଥିତ ରୁଚି ଉଦ୍ୟୋଗ ପରିଚାଳନା ନିର୍ଦ୍ଦେଶକ ଡ. ଶରତ କୁମାର ସାହୁ।**

ଧରିତ୍ରୀ | OrissaPOST BUSINESS EMINENCE AWARDS

**→ରୁଚି ଏତେ ବଡ଼ ବ୍ରାଣ୍ଡ ହୋଇପାରିବ ବୋଲି ପୂର୍ବରୁ ଆପଣ ଭାବିଥିଲେ କି?**

ଯେଉଁ ଲୋକଟି ଖେଳେ, ଯିଏ ପହଁରେ, ଯେଉଁ ଲୋକ ଭଲ ଗୀତ ଗାଏ- ସେ ଆଗକୁ କ'ଣ ହେବ ଚିନ୍ତାକରି ନ ଥାଏ। କିନ୍ତୁ ଏକମାତ୍ର ଲକ୍ଷ୍ୟ ଥାଏ କିଭଳି ଲକ୍ଷ୍ୟ ହାସଲ କରିବ। ଚେଷ୍ଟା ଜାରି ରଖିବା ସବୁଠାରୁ ବଡ଼କଥା। ଆମେ ରୁଚି ମସଲା ଆରମ୍ଭ କରିବା ବେଳଠାରୁ କେବେ ପଛକୁ ଚାହିଁନୁ। ସବୁବେଳେ ସଫଳତାର ଶୀର୍ଷକୁ ଛୁଇଁବାକୁ ଉଦ୍ୟମ ଜାରି ରଖିଛୁ। ମୁଁ କମ୍ପାନୀକୁ ଆସିଲେ ନିଜକୁ ଓ ପରିବାରକୁ ଭୁଲିଯାଏ। ରୁଚି ଅନୁଷ୍ଠାନରେ କାର୍ଯ୍ୟ କରୁଥିବା ସମସ୍ତେ ମୋର ପରିବାର ମନେହୁଅନ୍ତି।

**→କମ୍ପାନୀର ନୂଆ ଯୋଜନା କ'ଣ ରହିଛି ?**

ସରକାର ଆମକୁ ରାମଦାସପୁରଠାରେ ଏକ ଅତ୍ୟାଧୁନିକ କାରଖାନା ପ୍ରତିଷ୍ଠା ପାଇଁ ଜାଗା ଦେଇଛନ୍ତି। ସେଠାରେ ଆମେ ବୈଦେଶିକ ଜ୍ଞାନକୌଶଳଯୁକ୍ତ ଏକ ଅତ୍ୟାଧୁନିକ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ପ୍ରତିଷ୍ଠା କରିବୁ। ସ୍ୱାସ୍ଥ୍ୟ ଉପଯୋଗୀ ବିଭିନ୍ନ ପ୍ରକାର ସୁଷମ ଖାଦ୍ୟ ଓ ପାନୀୟ ପ୍ରସ୍ତୁତ ସହିତ ପ୍ୟାକେଜିଂ କରାଯିବ। ଏହି କାରଖାନାରେ ପ୍ରତ୍ୟକ୍ଷ ଭାବେ ୨ ହଜାର ନିଯୁକ୍ତି ସୃଷ୍ଟି ହେବ। ଭାରତ ବାହାରେ ବହୁ ଦେଶରେ ଅତ୍ୟାଧୁନିକ ଜ୍ଞାନକୌଶଳଯୁକ୍ତ ମେଶିନର ସୁବିଧା ରହିଛି। ତା'ର ଉପଯୋଗ କରି ଆମେ ଉନ୍ନତମାନର ଖାଦ୍ୟ ପ୍ରକ୍ରିୟାକରଣ ସାମଗ୍ରୀ ଉତ୍ପାଦନ ଓ ବିପଣନ କରିପାରିବୁ। ଫଳରେ ଏହା ଆଗାମୀ ପିଢ଼ିର ଖାଦ୍ୟରୁଚି ଆବଶ୍ୟକତା ମେଣ୍ଟାଇପାରିବ।

**→ରୁଚିରେ ବର୍ତ୍ତମାନ କେତେ ପ୍ରକାର ସାମଗ୍ରୀ ତିଆରି କରୁଛନ୍ତି?**

ଏବେ ଆମେ ୩୦୦ ପ୍ରକାର ସାମଗ୍ରୀ ଉତ୍ପାଦନ କରୁଛୁ। ଉତ୍ପାଦନ ସହିତ ଉନ୍ନତ ପ୍ୟାକେଜିଂ କୌଶଳ ଯୋଗୁ ରୁଚି ସାମଗ୍ରୀର ଗୁଣବତ୍ତା ସବୁବେଳେ ବଜାୟ ରହିଥାଏ। ଜୀବାଣୁମୁକ୍ତ ପ୍ୟାକେଜିଂ ଦ୍ୱାରା ଗ୍ରାହକ ବିଶେଷ ଉପକୃତ ହୋଇଥାନ୍ତି। ଲୋକଙ୍କ ପାଖରେ ଖାଦ୍ୟ ସଚେତନତା ପୂର୍ବଠାରୁ ଅଧିକ ବଢ଼ିଛି।

**→ଆଗାମୀ କାର୍ଯ୍ୟଧାରା ନେଇ ଆପଣଙ୍କ ମତ କ'ଣ ?**

ଆମେ ମୁଖ୍ୟତଃ ଦୁଇପ୍ରକାର ଖାଦ୍ୟ ପ୍ରସ୍ତୁତ କରୁ। ତାହା ହେଲା ରେଡି-ଟୁ-କୁକ୍ ଏବଂ ରେଡି-ଟୁ-ଇଟ୍। ଏଥିପାଇଁ ଦୀର୍ଘଦିନ ଧରି ଗବେଷଣା କରିଆସୁଛୁ। ଲୋକଙ୍କ ସ୍ୱାସ୍ଥ୍ୟ ଓ ସମୟର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଉନ୍ନତମାନର ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରୁଛୁ। ଏହି ଗବେଷଣା ପାଇଁ ଯଥେଷ୍ଟ ସମ୍ବଳର ବିନିଯୋଗ ହୋଇଥାଏ। ଆଗାମୀ ଦିନରେ ଏହି ଗବେଷଣାର ଧାରାକୁ ବ୍ୟାପକ କରିବୁ।

**→ବର୍ତ୍ତମାନ ରାଜ୍ୟରେ ଚାଲିଥିବା ଅପମିଶ୍ରଣକୁ ନେଇ କ'ଣ କହିବେ?**

ଜନସଂଖ୍ୟା ଅନୁପାତରେ ମଧ୍ୟ ମସଲାର ଚାହିଦା ବଢୁଛି। ଖାଦ୍ୟ ଅପମିଶ୍ରଣକୁ ରୋକିବା ପାଇଁ ସରକାର ଦୃଢ଼ ପଦକ୍ଷେପ ନେଉଛନ୍ତି। ଏହାଦ୍ୱାରା ଅପମିଶ୍ରଣକାରୀଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। କଟକ, ବ୍ରହ୍ମପୁର, ଭୁବନେଶ୍ୱର ଭଳି ବିଭିନ୍ନ ସହରରୁ ବିପୁଳ ପରିମାଣର ଭେଜାଲ ସାମଗ୍ରୀ ଜବତ ହୋଇଛି। ଏଭଳି ଧରପଗଡ଼ ଚାଲୁ ରହିଲେ ରାଜ୍ୟରେ ଏହାକୁ ରୋକାଯାଇପାରିବ।

**→ମସଲା ଉଦ୍ୟୋଗର ବିକାଶ କ୍ଷେତ୍ରରେ କ'ଣ ଅସୁବିଧା ରହୁଛି ?**

କରୋନା ମହାମାରୀ ଅନେକ ଉଦ୍ୟୋଗୀଙ୍କ ଅଣ୍ଟା ଭାଙ୍ଗିଦେଇଛି। ଆମେ ମଧ୍ୟ ଢେର ଅଧିକେ କ୍ଷତିଗ୍ରସ୍ତ ହୋଇଛୁ। ପ୍ରତିବର୍ଷ କୌଣସି ନା କୌଣସି ପ୍ରାକୃତିକ ବିପର୍ଯ୍ୟୟକୁ ଆମେ ସାମ୍ନା କରିଆସୁଛୁ। ବିପର୍ଯ୍ୟୟରୁ ମୁକୁଳି ଆମେ ଆଗକୁ ଚାଲିବାପାଇଁ ଶିକ୍ଷାଲାଭ କରିଥାଉ। ସରକାର ବିଭିନ୍ନ ସମୟରେ ଉଦ୍ୟୋଗୀମାନଙ୍କ ପାଇଁ ନୂଆ ଯୋଜନା ପ୍ରଣୟନ କରୁଛନ୍ତି। ଏହା ଠିକଣା ସମୟରେ ମିଳିପାରିଲେ ଉଦ୍ୟୋଗୀମାନେ ବିଶେଷ ଉପକୃତ ହୁଅନ୍ତେ।

**→ରାଜ୍ୟର ଯୁବପିଢ଼ିଙ୍କୁ କ'ଣ କହିବେ ?**

ସଫଳତା ପାଇଁ ସବୁଠୁ ବଡ଼ ମନ୍ତ୍ର ହେଲା ଜ୍ଞାନ, କୌଶଳ ଓ ଅଭିଜ୍ଞତା। ଏହି ତିନୋଟି ମନ୍ତ୍ରକୁ ଉପଯୋଗ କରି ଆମ ରାଜ୍ୟର ପ୍ରତିଭାସମ୍ପନ୍ନ ଯୁବପିଢ଼ି ସବୁବେଳେ ଆଗକୁ ବଢ଼ିବା ଉଚିତ। ଯେଉଁମାନେ ଉଦ୍ୟୋଗ ପ୍ରତିଷ୍ଠା କରିବାକୁ ଚାହୁଁଛନ୍ତି ସେମାନେ ପ୍ରଥମେ ବଜାର ଚାହିଦା ସମ୍ପର୍କରେ ନିଜେ ସର୍ଭେ କରନ୍ତୁ। ଖାଉଟିମାନେ ଯେଉଁ ସାମଗ୍ରୀ ଚାହୁଁଛନ୍ତି, ସେଇ ଧରଣର ସାମଗ୍ରୀ ସେମାନେ ତିଆରି କରନ୍ତୁ। କାର୍ଯ୍ୟ ଆରମ୍ଭରେ ସବୁବେଳେ କର୍ମଠ ରହିବା ସହିତ ଗୁଣାତ୍ମକ ମାନର ସାମଗ୍ରୀ ତିଆରି କରିବାପାଇଁ ଯତ୍ନବାନ ହୁଅନ୍ତୁ। କେବେ କାହା ଉପରେ ନିର୍ଭରଶୀଳ ନ ହୋଇ ଆତ୍ମବିଶ୍ୱାସ ସହିତ ଆଗକୁ ବଢ଼ିବାପାଇଁ ପ୍ରଚେଷ୍ଟା ଜାରି ରଖନ୍ତୁ।

# ଆଜିଠାରୁ ଟି୨୦ ସିରିଜ

**ଅହମଦାବାଦ, ୧୧।୩ (ପି.ଟି.)**

ଶୁକ୍ରବାରଠାରୁ ଭାରତ ଓ ଭ୍ରମଣକାରୀ ଇଂଲଣ୍ଡ ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ ଆରମ୍ଭ ହେବାକୁ ଯାଉଛି। ମୋଟେରାସ୍ଥିତ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ପ୍ରଥମ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍ ଖେଳାଯିବ। ଆଗକୁ ଘରୋଇ ପରିବେଶରେ ଟି୨୦ ବିଶ୍ୱକପ୍ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଥିବା ବେଳେ ଭାରତ ପାଇଁ କେତୋଟି ଚ୍ୟାଲେଞ୍ଜ ରହିଛି। ସିରିଜ ବିଜୟ ସହ ଭାରତ ବିଶ୍ୱକପ୍ ପାଇଁ ଏକ ଶ୍ରେଷ୍ଠ ଦଳ ଚୟନ କରିବାର ଲକ୍ଷ୍ୟରେ ରହିଛି। ଭାରତ 'ପରଫେକ୍ଟ କମ୍ବିନେଶନ' ପାଇବା ଲକ୍ଷ୍ୟରେ ଏହି ସିରିଜ ଖେଳିବ। ତେଣୁ ସିରିଜରେ ଏକାଧିକ ଏକ୍ସପେରିମେଣ୍ଟ ହେବା ନିଶ୍ଚିତ ମନେହେଉଛି।

ଆଗାମୀ ଅକ୍ଟୋବରରେ ଭାରତରେ ଅନ୍ତର୍ଜାତୀୟ କ୍ରିକେଟ କାଉନ୍ସିଲ (ଆଇସିସି) ଟି୨୦ ବିଶ୍ୱକପ୍ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି। ତେଣୁ ଅଧିନାୟକ ବିରାଟ କୋହଲି ଶ୍ରେଷ୍ଠ ଖେଳାଳିଙ୍କୁ ନେଇ ଏକ କୋର ଗ୍ରୁପ୍ ସୃଷ୍ଟି କରିବା ଲକ୍ଷ୍ୟରେ ରହିଛନ୍ତି। ଇଂଲଣ୍ଡ ବିପକ୍ଷରେ ସିରିଜ ଖେଳାଯାଉଥିବାରୁ ଏହା ହିଁ ପ୍ରକୃଷ୍ଟ ସମୟ ବୋଲି ସେ ହୃଦୟଙ୍ଗମ କରିଛନ୍ତି। ଇଅନ ମୋର୍ଗାନଙ୍କ ନେତୃତ୍ୱରେ ଇଂଲଣ୍ଡ ଧଳା ବଲ୍ ତଥା ସୀମିତ ଓଭର କ୍ରିକେଟରେ ଏକ ଶ୍ରେଷ୍ଠ ବିଶ୍ୱସ୍ତରୀୟ ଦଳ ବୋଲି କୁହାଯାଇପାରେ। ଫ୍ଲାଟ୍ ଉଇକେଟ ଉପରେ ରନ୍ ବର୍ଷା ହେବାର ସମ୍ଭାବନା ରହିଥିବା ବେଳେ ଇଂଲଣ୍ଡ ଭାରତ ପାଇଁ ଚ୍ୟାଲେଞ୍ଜ୍ ସୃଷ୍ଟି କରିବ।

ଭାରତରେ ବିଶ୍ୱକପ ଖେଳାଯିବାର କାର୍ଯ୍ୟକ୍ରମ ଥିବାରୁ ଏଠାରେ ସିରିଜ ଖେଳିବା ଆମ ପାଇଁ ସୁଯୋଗ ସୃଷ୍ଟି କରିଛି ବୋଲି ଇଂଲଣ୍ଡ ବିସ୍ଫୋରକ ବ୍ୟାଟ୍ସମ୍ୟାନ– କିପର ଜୋସ ବଟଲର କହିଛନ୍ତି। ସେହିପରି ଭାରତୀୟ ଉପଅଧିନାୟକ ରୋହିତ ଶର୍ମା ଏହି ସିରିଜର ଗୁରୁତ୍ୱ ସମ୍ପର୍କରେ ନିଜର ମତ ରଖିଛନ୍ତି। ବର୍ତ୍ତମାନ ସ୍ଥିତି ଉପରେ ଆମେ ଫୋକସ କରୁଛୁ। ଏହା ଏକ ଦୀର୍ଘ ସିରିଜ। ତେଣୁ ଏବେ ଜଣେ କ୍ରିକେଟର ଓ ଦଳ ଭାବେ ଆମେ ନିଜକୁ ମୂଲ୍ୟାଙ୍କନ କରିବାର ସମୟ ଆସି ପହଞ୍ଚିଛି। ବର୍ତ୍ତମାନକୁ ଜଗି ପାରିଲେ ଭବିଷ୍ୟତ ମଧ୍ୟ ଭଲ ହେବ ବୋଲି ରୋହିତ କହିଛନ୍ତି। ଭାରତର ବେଞ୍ଚ୍ ଷ୍ଟ୍ରେନ୍ଥ ଦୃଢ ରହିଛି। ତେଣୁ ଗୋଟିଏ ସ୍ଥାନ ପାଇଁ ଏକାଧିକ ବିକଳ୍ପ ରହିଛି। ଅନ୍ତିମ ଦଳ ଚୟନ ନେଇ କୋଚ ରବି ଶାସ୍ତ୍ରୀ ଓ କୋହଲି ନିଶ୍ଚିତ ଭାବେ ଦ୍ୱନ୍ଦ୍ୱରେ ପଡିବେ। କୋହଲିଙ୍କ ପାଇଁ ଏହା ଏକ ସୁଖଦ ସମସ୍ୟା ବୋଲି କୁହାଯାଇପାରେ। ୨୦୧୯ ବିଶ୍ୱକପ୍‌ର ବିପର୍ଯ୍ୟୟ ପରେ ଭାରତୀୟ ଦଳ ମଧ୍ୟ ଏହାକୁ ଭଲ ଭାବେ ହୃଦୟଙ୍ଗମ କରିଛି।

ରୋହିତଙ୍କ ସହିତ କେଉଁ ବ୍ୟାଟ୍ସମ୍ୟାନ ଓପନିଂ କରିବେ ସେ ନେଇ ଦ୍ୱନ୍ଦ୍ୱ ରହିଛି। ଲୋକେଶ ରାହୁଲ ଓ ଶିଖର ଧାୱନଙ୍କ ମଧ୍ୟରୁ ଜଣକୁ ସୁଯୋଗ ଦିଆଯିବ। ଫର୍ମ, ଫିଟ୍‌ନେସ ଓ ସାମ୍ପ୍ରତିକ ପ୍ରଦର୍ଶନକୁ ଦେଖିବାକୁ ଗଲେ ରାହୁଲ ପ୍ରଥମ ପସନ୍ଦ ମନେ ହେଉଛନ୍ତି। କିନ୍ତୁ ଧାୱନ ବିଭିନ୍ନ ବିଶ୍ୱସ୍ତରୀୟ ତଥା ଆଇସିସି ଇଭେଣ୍ଟରେ ଜବରଦସ୍ତ ପ୍ରଦର୍ଶନ କରିଆସିଛନ୍ତି। ଯଦି ଧାୱନଙ୍କୁ ଓପନିଂ କରିବାକୁ ସୁଯୋଗ ଦିଆଯାଏ ତାହାହେଲେ ରାହୁଲଙ୍କୁ ୪ ନମ୍ବରରେ ବ୍ୟାଟିଂ କରିବାକୁ ପଠାଯିବ। ଏହି କ୍ରମରେ ରାହୁଲଙ୍କ ପ୍ରଦର୍ଶନ ଉଚ୍ଚକୋଟୀର ରହିଛି। ଯଦି ଏପରି ହୁଏ ତେବେ ଶ୍ରେୟାସ ଆୟାର ଓ ଆଇପିଏଲ୍ ହିରୋ ସୂର୍ଯ୍ୟକୁମାର ଯାଦବଙ୍କୁ ସ୍ଥାନ ମିଳିବ ନାହିଁ। ଦ୍ରୁତ ରନ୍ ସଂଗ୍ରହ ଓ ବିସ୍ଫୋରକ ବ୍ୟାଟିଂ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଶ୍ରେୟାସ ଓ ସୂର୍ଯ୍ୟ ୪ କିମ୍ବା ୫ ନମ୍ବରରେ ବ୍ୟାଟିଂ କରିପାରିବେ। ଏହି ଦୁଇଜଣଙ୍କ ମଧ୍ୟରୁ ଜଣକୁ ଖେଳାଇବାକୁ ଟିମ୍ ମ୍ୟାନେଜମେଣ୍ଟ ନିଷ୍ପତ୍ତି ନେଇପାରେ।

ମୋଟେରାର ଏହି ଫ୍ଲାଟ୍ ଟ୍ରାକ୍‌ରେ ରନ୍ ବର୍ଷା ହେବ। ଉଭୟ ଦଳରେ ବିସ୍ଫୋରକ ବ୍ୟାଟ୍ସମ୍ୟାନ ରହିଛନ୍ତି। ତେଣୁ ଉଭୟ ଦଳ ତରଫରୁ ଛକା ଓ ଚୌକା ବୃଷ୍ଟି ହେବ। ଭାରତୀୟ ଦଳରେ ରୋହିତ, ରିଷଭ ପନ୍ତ ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଭଳି ଖେଳାଳି ରହିଥିବା ବେଳେ ଇଂଲଣ୍ଡ ଦଳରେ ଅଧିନାୟକ ଇଅନ ମୋର୍ଗାନ, ବେନ ଷ୍ଟୋକ୍ସ, ଜୋଶ ବଟଲର, ଡେଭିଡ ମଲାନ ଓ ଜାସନ ରଏଙ୍କ ଭଳି ବ୍ୟାଟ୍ସମ୍ୟାନ ରହିଛନ୍ତି। ତେଣୁ ମ୍ୟାଚ୍ ହାଇସ୍କୋରିଂ ହେବା ନିଶ୍ଚିତ ମନେହେଉଛି।

ବୋଲିଂ ବିଭାଗରେ ୟର୍କର ସ୍ପେଶାଲିଷ୍ଟ ଟି. ନଟରାଜନଙ୍କ ଅନୁପସ୍ଥିତି ଅନୁଭୂତ ହେବ। ଭୁବନେଶ୍ୱର କୁମାର ଦ୍ରୁତ ବୋଲିଂର ନେତୃତ୍ୱ ନେବେ। ସ୍ପିନ୍‌ରେ ୟୁଜବେନ୍ଦ୍ର ଚହଲ ପୁଣି ପ୍ରଭାବୀ ହେବେ ବୋଲି ଆଶା କରାଯାଉଛି। ସ୍ଲୋ ବଲ୍ ପ୍ରତି ଇଂଲଣ୍ଡର ଦୁର୍ବଳତା ରହିଛି। ତେଣୁ ଚହଲଙ୍କୁ ୱାଶିଂଟନ ସୁନ୍ଦର ଓ ଅକ୍ଷର ପଟେଲ ସହାୟତା ଦେଇପାରନ୍ତି। ଏପରି ହେଲେ ଶାର୍ଦ୍ଦୁଳ ଠାକୁର, ଦୀପକ ଚହର ଓ ନବଦୀପ ସଇନିଙ୍କ ମଧ୍ୟରେ ଖେଳିବା ପାଇଁ ପ୍ରତିଯୋଗିତା ଆରମ୍ଭ ହେବ।

ଅପରପକ୍ଷରେ ଇଂଲଣ୍ଡ ପାଇଁ ଧଳା ବଲ୍ ଫର୍ମାଟରେ ବେନ୍ ଷ୍ଟୋକ୍ସ, ସାମ କୁରାନ ଓ ମୋଇନ ଅଲୀଙ୍କ ଭଳି ଅଲରାଉଣ୍ଡର ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇଛନ୍ତି। ଏହି ୩ ଖେଳାଳି ଯେକୌଣସି ସମୟରେ ମ୍ୟାଚ୍‌ର ମୋଡ ବଦଳାଇବାରେ ସକ୍ଷମ ଅଟନ୍ତି। ସେହିପରି ଦ୍ରୁତ ବୋଲର ଜୋଫ୍ରା ଆର୍ଚର, ମାର୍କ ଉଡ, କ୍ରିସ୍ ଜୋର୍ଡାନ ଓ ରିଷ୍ଟ ସ୍ପିନର ଆଦିଲ ରସିଦ ମଧ୍ୟ ଭାରତ ପାଇଁ ସମସ୍ୟା ସୃଷ୍ଟି କରିପାରନ୍ତି। ଏପରି ସ୍ଥିତିରେ ଭାରତକୁ ଫେଭରାଇଟ୍ ବୋଲି ଆଦୌ କୁହାଯାଇ ନ ପାରେ। ଆଗାମୀ ଦୁଇ ସପ୍ତାହରେ ବିଶ୍ୱକପ ପାଇଁ ଭାରତ କିପରି ପ୍ରସ୍ତୁତି କରୁଛି ତାହା ସ୍ପଷ୍ଟ ହୋଇଯିବ।




ରିଷଭ ପନ୍ତଙ୍କ ବ୍ୟାଟିଂ ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି କୋଚ୍ ରବି ଶାସ୍ତ୍ରୀ। ଅଭ୍ୟାସ ଅବସରରେ ୱାଶିଂଟନ୍ ସୁନ୍ଦର।

**ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା (ଉପଅଧିନାୟକ), ଲୋକେଶ ରାହୁଲ, ଶିଖର ଧାୱନ, ଶ୍ରେୟାସ ଆୟାର, ସୂର୍ଯ୍ୟକୁମାର ଯାଦବ, ରିଷଭ ପନ୍ତ (ଉଇକେଟକିପର), ହାର୍ଦ୍ଦିକ ପାଣ୍ଡ୍ୟା, ୟୁଜବେନ୍ଦ୍ର ଚହଲ, ଭୁବନେଶ୍ୱର କୁମାର, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ଶାର୍ଦ୍ଦୁଳ ଠାକୁର, ନବଦୀପ ସଇନି, ଦୀପକ ଚହର, ରାହୁଲ ଟେୱାଟିଆ, ଇଶାନ କିଷନ (ରିଜର୍ଭ ଉଇକେଟକିପର)।

**ଇଂଲଣ୍ଡ ଦଳ:** ଇଅନ ମୋର୍ଗାନ (ଅଧିନାୟକ), ଜୋଶ ବଟଲର, ଜାସନ ରଏ, ଲିଆମ ଲିଭିଂଷ୍ଟୋନ, ଡାଭିଡ୍ ମଲାନ, ବେନ ଷ୍ଟୋକ୍ସ, ମୋଇନ ଅଲୀ, ଆଦିଲ ରସିଦ, ରିସି ଟପଲେ, କ୍ରିସ୍ ଜୋର୍ଡାନ, ମାର୍କ ଉଡ୍, ସାମ କୁରାନ, ଟମ୍ କୁରାନ, ସାମ ବିଲିଙ୍ଗ୍ସ, ଜନି ବେୟାରଷ୍ଟୋ ଓ ଜୋଫ୍ରା ଆର୍ଚର।

**ମ୍ୟାଚ୍ ଆରମ୍ଭ: ସନ୍ଧ୍ୟା ୭ଟା**
**ଟସ୍: ସନ୍ଧ୍ୟା ୬.୩୦**
**ସ୍ଥାନ: ନରେନ୍ଦ୍ର ମୋଦି ଷ୍ଟାଡିୟମ, ଅହମଦାବାଦ**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ**

# ଓଡ଼ିଶା ପୁରୁଷ ଦଳର ବିଜୟ ଅଭିଯାନ

**ଜାତୀୟ ସିନିୟର ଟେନିସ କ୍ରିକେଟ**

**ଭୁବନେଶ୍ୱର, ୧୧।୩ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ରାଜ୍ୟ ଟେନିସ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୫ମ ଜାତୀୟ ସିନିୟର ଟେନିସ କ୍ରିକେଟ ଚାମ୍ପିୟନଶିପ୍‌ରେ ଓଡ଼ିଶା ଏହାର ପ୍ରଥମ ମ୍ୟାଚରେ କର୍ଣ୍ଣାଟକକୁ ହରାଇ ଅଭିଯାନ ଆରମ୍ଭ କରିଛି। ଆଲୋକ ଅଭାବ ଯୋଗୁ ପ୍ରଥମ ଦିବସରେ ଅଧାରୁ ବନ୍ଦ ରହିଥିବା ମ୍ୟାଚ ଦ୍ୱିତୀୟ ଦିବସରେ ଶେଷ ହୋଇଥିଲା। ଏଥିରେ ଓଡ଼ିଶା ୧୧୯ ରନରେ କର୍ଣ୍ଣାଟକକୁ ହରାଇ ଦେଇଥିଲା। ସେଞ୍ଚୁରିଅନ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୮ ଓଭରରେ ୧ ଉଇକେଟ ହରାଇ ୧୪୦ ରନ କରିଥିଲା। ଦଳ ପକ୍ଷରୁ ତୁଷାର ପଟ୍ଟନାୟକ ୭୦ ଓ ଶୁଭ୍ରାଂଶୁ ୨୭ ରନକରି ଅପରାଜିତ ରହିଥିଲେ। ଜବାବରେ କର୍ଣ୍ଣାଟକ ୭.୩ ଓଭରରେ ୨୧ ରନକରି ଅଲଆଉଟ ହୋଇଯାଇଥିଲା। ଓଡ଼ିଶାର ପ୍ରବୀଣ ଆଚାର୍ଯ୍ୟ ୩ଟି ଓ ସମୀର ବାରିକ ୨ଟି ଉଇକେଟ ନେଇଥିଲେ। ତୁଷାର ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

ପୁରୁଷ ବିଭାଗର ଅନ୍ୟ ମ୍ୟାଚଗୁଡ଼ିକ ମଧ୍ୟରେ ହରିୟାଣା ୯ ଉଇକେଟରେ ତେଲଙ୍ଗାନାକୁ ପରାସ୍ତ କରିଛି। ୫ ରନ ବିନିମୟରେ ୨ ଉଇକେଟ ଅକ୍ତିଆର କରିଥିବା ବିଜୟୀ ଦଳର ଦୀପାଂଶୁ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ଅନ୍ୟଏକ ମ୍ୟାଚରେ ତାମିଲନାଡୁ 'ବି' ୧୪ ରନରେ ଗୁଜରାଟକୁ ହରାଇଛି। ୩ ଉଇକେଟ ନେଇଥିବା ଷ୍ଟାଲିନ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପାଇଛନ୍ତି। ସେହିପରି ମଧ୍ୟପ୍ରଦେଶ ୧୦ ଉଇକେଟରେ ବିହାରକୁ ହରାଇଛି। ରାଜସ୍ଥାନ ୮ ରନରେ ପଶ୍ଚିମବଙ୍ଗକୁ ହରାଇଥିବାବେଳେ ବିଜୟୀ ଦଳର ମହେନ୍ଦ୍ର (୩ ଉଇକେଟ) ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ମହାରାଷ୍ଟ୍ର ୯ ଉଇକେଟରେ ଆସାମକୁ ହରାଇଛି। ସେହିପରି ତାମିଲନାଡୁ 'ଏ' ୧୯ ରନରେ ଉତ୍ତର ପ୍ରଦେଶକୁ ପରାସ୍ତ କରିଛି। ୪ ଉଇକେଟ ନେଇ ଦଳକୁ ଜିତାଇଥିବା ପ୍ରଦୀପ ମ୍ୟାନ ଅଫ୍ ଦି ମ୍ୟାଚ ହୋଇଛନ୍ତି। ଆଉ ଏକ ମ୍ୟାଚରେ ତାମିଲନାଡୁ ୨ ଉଇକେଟରେ ଝାଡ଼ଖଣ୍ଡକୁ ହରାଇଛି। ୩ ଉଇକେଟ ନେଇଥିବା ନବୀନ ରାଜ ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଛନ୍ତି।



ଜାତୀୟ ସିନିୟର ଟେନିସ୍ କ୍ରିକେଟ ପରିଚାଳନା ଦାୟିତ୍ୱରେ ଥିବା ଅଫିସିଆଲ୍‌ମାନେ।

# ଗ୍ରାମାଞ୍ଚଳ କପ୍ : ପାଇକସାହି ଚାମ୍ପିୟନ

**ବଇଣ୍ଠା, ୧୧।୩ (ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ମଇମୁରା ପଞ୍ଚାୟତ କୁତୁଲିସିଙ୍ଗା ଗ୍ରାମରେ ଚାଲିଥିବା ଗ୍ରାମାଞ୍ଚଳ କପ୍ ଗୁରୁବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚରେ କନ୍ତପଡା କ୍ଲବକୁ ହରାଇ ପାଇକସାହି ଚାମ୍ପିୟନ ହୋଇଛି। ପ୍ରଥମେ ପାଇକସାହି ବ୍ୟାଟିଂ କରି ୧୩୪ ରନ କରିଥିଲା। ଜବାବରେ କନ୍ତପଡା ୧୦୦ ରନ୍ କରି ପରାଜିତ ହୋଇଥିଲା। ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ଯୁବ ବିଜେଡି ଆଠମଲ୍ଲିକ ବ୍ଲକ ସଭାପତି ସୁଶାନ୍ତ କୁମାର ସାହୁ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ଅନ୍ୟତମ ଅତିଥି ଭାବେ ମଇମୁରା ସରପଞ୍ଚ ସତ୍ୟାନନ୍ଦ ରାଉତ ଯୋଗ ଦେଇଥିଲେ। ଧନଞ୍ଜୟ ପ୍ରଧାନ, ସୁଜିତ ପ୍ରଧାନ ପରିଚାଳନା କରିଥିଲେ। ଜିତେନ୍ଦ୍ର ସାହୁ, ଟିକନ ନାୟକ, ଗୁଲୁ ନାୟକ ପ୍ରମୁଖ ସହଯୋଗ କରିଥିଲେ।



ଚାମ୍ପିୟନ ଦଳକୁ ପୁରସ୍କୃତ କରାଯାଉଛି।

# ୨୦ ବର୍ଷ ପୂର୍ବେ...

**ଭିଭିଏସ୍ ଲକ୍ଷ୍ମଣ**

କୋଡ଼ିଏ ବର୍ଷ ପୂର୍ବେ ଅର୍ଥାତ୍ ମାର୍ଚ୍ଚ ୨୦୦୧ରେ ଖେଳାଯାଇଥିବା ଏକ ଚିତ୍ତାକର୍ଷକ ଟେଷ୍ଟ ମ୍ୟାଚ କଥା ମୋର ମନେପଡୁଛି। ତାହା ହେଲା ଇଡେନ ଗାର୍ଡେନ୍ସରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳାଯାଇଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚର ତୃତୀୟ ଦିବସ କଥା। ସେତେବେଳକୁ ମୁମ୍ବାଇରେ ସିରିଜର ପ୍ରଥମ ମ୍ୟାଚକୁ ଅଷ୍ଟ୍ରେଲିଆ ୩ ଦିନ ଭିତରେ ଜିତିସାରିଥାଏ। କ୍ରମାଗତ ୧୬ଟି ଟେଷ୍ଟରେ ବିଜୟ ସହ ଷ୍ଟିଭ ୱ'ଙ୍କ ଦଳ ରେକର୍ଡ ସମକକ୍ଷ ହୋଇସାରିଥାଏ। କୋଲକାତାରେ ହରଭଜନ ସିଂ ପ୍ରଥମ ଭାରତୀୟ ଖେଳାଳି ହିସାବରେ ହ୍ୟାଟ୍ରିକ ଅର୍ଜନ କରିଥିଲେ ସୁଦ୍ଧା ଆମେ ଫଲୋଅନ ଆଶଙ୍କାରେ ଥିଲୁ। ମାତ୍ର ତା'ପରେ ଗାଙ୍ଗୁଲି ଆଉଟ ହୋଇଯିବା ପରେ ଷ୍ଟାଡିୟମରେ ଦର୍ଶକ ସଂଖ୍ୟା ହ୍ରାସ ପାଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ଦ୍ରାବିଡ୍ ଓ ମୋ ମଧ୍ୟରେ ମ୍ୟାଜିକ୍ ପାର୍ଟନରଶିପ୍ ହେବାରୁ ଷ୍ଟାଡିୟମରେ ପୁଣି ଦର୍ଶକ ଭିଡ଼ ଜମାଇଥିଲେ। ଏଥିରୁ ଜଣାପଡ଼େ ସେମାନେ କେବଳ ଖେଳ ଦେଖିବାକୁ ନୁହେଁ ଫଳାଫଳ ମଧ୍ୟ ଚାହାନ୍ତି। ମୁଁ ତ୍ରିଶତକ ହାସଲରୁ ଅଳ୍ପକେ ବଞ୍ଚିତ ହୋଇଥିଲେ ମଧ୍ୟ ମୋ ମନରେ ସାମାନ୍ୟ ଅବସୋସ ନ ଥିଲା। କାରଣ ବ୍ୟକ୍ତିଗତ ପ୍ରଦର୍ଶନ ଅପେକ୍ଷା ଦଳର ବିଜୟକୁ ମୁଁ ଗୁରୁତ୍ୱ ଦେଇଥାଏ। ମୁଁ ଯଦି ତ୍ରିଶତକ ହାସଲ ଲକ୍ଷ୍ୟରେ ରହିଥାନ୍ତି ତେବେ ହୁଏତ ଅଷ୍ଟ୍ରେଲିଆ ମ୍ୟାଚକୁ ଡ୍ର ରଖିବାରେ ସକ୍ଷମ ହୋଇଥାନ୍ତା। ମୁଁ ୨୮୧ ରନ କରିଥିଲି। ତେନ୍ଦୁଲକର (୩/୩୧)ଙ୍କ ଯାଦୁକରୀ ବୋଲିଂ ସହ ଆମେ ଅନ୍ତିମ ଦିବସରେ ମ୍ୟାଚ ଜିତିଥିଲୁ। ଏସବୁ ସତ୍ତ୍ୱେ ଇଡେନ ତୁଳନାରେ ଅଷ୍ଟ୍ରେଲିଆ ବିପକ୍ଷରେ ଡାଉନ୍ ଅଣ୍ଡରରେ ଏମ୍‌ସିଜି ଓ ଗାବାରେ ବିଜୟ ହାସଲ କରିବାରେ ସ୍ୱତନ୍ତ୍ରତା ରହିଛି। ନିକଟ ଅତୀତରେ ଅଷ୍ଟ୍ରେଲିଆ ଟୁର୍ ବେଳେ ବ୍ରିସ୍‌ବେନଠାରେ ଖେଳାଯାଇଥିବା ଅନ୍ତିମ ଟେଷ୍ଟରେ ଭାରତର ବିଜୟ ଏକ ବଡ଼ ସଫଳତା। କାରଣ ୩୦ ବର୍ଷ ଭିତରେ କୌଣସି ବିଦେଶୀ ଦଳ ଅଷ୍ଟ୍ରେଲିଆକୁ ଏହି ପିଚ୍‌ରେ ହରାଇ ନ ଥିଲେ। ବିରାଟ କୋହଲିଙ୍କ ଅନୁପସ୍ଥିତିରେ ଯୁବ ଖେଳାଳିମାନଙ୍କ ପ୍ରଭାବୀ ପ୍ରଦର୍ଶନ ଯୋଗୁ ଏହା ସମ୍ଭବ ହୋଇପାରିଛି। ଅଷ୍ଟ୍ରେଲିଆ ଯେତେବେଳେ ଭାରତ ଗସ୍ତରେ ଆସିଥାଏ ଆମକୁ ଚ୍ୟାଲେଞ୍ଜ ଦେଇଥାଏ। ଗତ ୨୦ ବର୍ଷ ହେଲା ଆମେ ସେମାନଙ୍କ ଦେଶରେ ସେମାନଙ୍କୁ ଚ୍ୟାଲେଞ୍ଜ ଦେଇଆସୁଛୁ। ଭାରତ-ଅଷ୍ଟ୍ରେଲିଆ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧିପାଇବା ଟେଷ୍ଟ କ୍ରିକେଟ ପାଇଁ ଶୁଭଙ୍କର। ଏହାଦ୍ୱାରା ଟେଷ୍ଟ ଖେଳପ୍ରେମୀଙ୍କ ଆଗ୍ରହ ବୃଦ୍ଧି ପାଇବ। -(ଗେମ୍‌ପ୍ଲାନ)

SEAGRAM'S
ROYAL STAG
PACKAGED DRINKING WATER

ସବୁ ଓଲଟପାଲଟ ହୋଇଯାଇଥିଲା। ମ୍ୟାଚର ଗତିପଥ ବଦଳିଯାଇଥିଲା। ଆମେ ଏଥିରେ ବିଜୟଲାଭ କରିଥିଲୁ। ଦଳକୁ ଜିତାଇବାରେ ହରଭଜନ, ଦ୍ରାବିଡ୍ ଓ ମୁଁ ପ୍ରମୁଖ ଭୂମିକା ଗ୍ରହଣ କରିଥିଲୁ। ରାହୁଲ ଓ ମୋ ମଧ୍ୟରେ ବଡ଼ ପାର୍ଟନରଶିପ୍ ହୋଇଥିଲା। ଇଡେନ୍‌ର ଦର୍ଶକ ଓ ଟିମ୍‌ମେଟମାନେ ଆମକୁ ଉତ୍ସାହିତ କରିଥିଲେ। ଦ୍ୱିତୀୟ ଇନିଂସରେ ମୋତେ ୩ ନମ୍ବରରେ ବ୍ୟାଟିଂ କରିବାକୁ କୁହାଯାଇଥିଲା। ଦ୍ରାବିଡ୍ ସେତେବେଳେ ଦଳର ଉପଅଧିନାୟକ ଥାଆନ୍ତି। ସ୍ଥାନ ପରିବର୍ତ୍ତନ ପାଇଁ ତାଙ୍କ ମନରେ ତିଳେମାତ୍ର ବିଦ୍ୱେଷଭାବ ନ ଥିଲା। ଭାଇରାଲ ଜ୍ୱରରୁ ଆରୋଗ୍ୟ ଲାଭ କରି ଆସିଥିବା ଦ୍ରାବିଡ୍ ୬ଷ୍ଠ ସ୍ଥାନରେ ଆସି ଆକର୍ଷଣୀୟ ୧୮୦ ରନ କରିଥିଲେ। ଇଡେନ୍ କେବଳ ମୋ ପାଇଁ ନୁହେଁ ଦଶନ୍ଧି ଦଶନ୍ଧି ଧରି ଭାରତୀୟ ଟିମ୍ ପାଇଁ ଏକ ସ୍ୱତନ୍ତ୍ର ଭେନ୍ୟୁ ହୋଇ ରହିଆସିଛି। ସେଠାରେ ମ୍ୟାଚ ଦେଖିବା ଲାଗି ଦର୍ଶକଙ୍କ ମନରେ ପ୍ରବଳ ଉତ୍ସାହ ଥାଏ। ତୃତୀୟ ସନ୍ଧ୍ୟାରେ ତେନ୍ଦୁଲକର ଏବଂ ପରେ

# ଶାହିଦି ୨୦୦*, ଅସଗର ୧୬୪

**ଆବୁଧାବି, ୧୧।୩**

ଆବୁଧାବିର ଶେଖ ଜାୟେଦ ଷ୍ଟାଡିୟମରେ ଚାଲିଥିବା ଜିମ୍ବାୱେ ବିପକ୍ଷ ଟେଷ୍ଟ ମ୍ୟାଚରେ ଆଫଗାନିସ୍ତାନ ବୃହତ୍ ସ୍କୋର ଛିଡ଼ା କରିଛି। ହାସମାତୁଲ୍ଲା ଶାହିଦିଙ୍କ ଅପରାଜିତ ଦ୍ୱିଶତକ ଏବଂ ଅଧିନାୟକ ଅସଗର ଆଫଗାନଙ୍କ ୧୬୪ ରନ ସହାୟତାରେ ଆଫଗାନିସ୍ତାନ ୪ ଉଇକେଟରେ ୫୪୫ ରନକରି ପ୍ରଥମ ଇନିଂସ ଘୋଷଣା କରିଛି। ଆଫଗାନିସ୍ତାନ କ୍ରିକେଟ ଇତିହାସରେ ଶାହିଦି ପ୍ରଥମ ଖେଳାଳିଭାବେ ଦ୍ୱିଶତକ (୨୦୦ ରନ, ୪୪୩ ବଲ, ୨୧ ଚୌକା, ୧ ଛକା) ରନ କରି ଅପରାଜିତ ରହିଥିଲେ। ଅସଗର ୨୫୭ ବଲରୁ ୧୪ ଚୌକା ଓ ୨ ଛକା ସହାୟତାରେ ୧୬୪ ରନ କରିଥିଲେ। ଓପନର ଇବ୍ରାହିମ ଜଦ୍ରାନ ୭୨ ରନର ଯୋଗଦାନ ଦେଇଥିବାବେଳେ ନାସିର ଜମାଲ ୫୫ ରନରେ ଅପରାଜିତ ରହିଥିଲେ। ଶାହିଦି ଓ ଅସଗର ୪ର୍ଥ ଉଇକେଟରେ ୫୫୩ ବଲ୍‌ରୁ ୩୦୭ ରନର ଭାଗୀଦାରି ଗଢ଼ିଥିଲେ। ଏହା ମଧ୍ୟ ଆଫଗାନିସ୍ତାନ ପାଇଁ ରେକର୍ଡ ପାର୍ଟନରଶିପ୍। ଦ୍ୱିତୀୟ ଦିବସ ଶେଷ ବେଳକୁ ଜିମ୍ବାୱେ କୌଣସି ଉଇକେଟ ନ ହରାଇ ୫୦ ରନ ସଂଗ୍ରହ କରିଛି। ସମସ୍ତ ଉଇକେଟ ସୁରକ୍ଷିତ ଥିବାବେଳେ ଦଳ ଆଫଗାନିସ୍ତାନ ପ୍ରଥମ ଇନିଂସଠାରୁ ୪୯୫ ରନରେ ପଛୁଆ ରହିଛି।

# ଛେତ୍ରୀଙ୍କୁ କରୋନା

**ନୂଆଦିଲ୍ଲୀ, ୧୧।୩ (ପି.ଟି.):** କୋଭିଡ୍ ଟେଷ୍ଟରେ ଭାରତୀୟ ଫୁଟ୍‌ବଲ ଟିମ୍ ଅଧିନାୟକ ତଥା ଷ୍ଟାର ଷ୍ଟ୍ରାଇକର ସୁନୀଲ ଛେତ୍ରୀ କରୋନା ପଜିଟିଭ ବୋଲି ଜଣାପଡ଼ିଛି। ଫଳରେ ସେ ଦୁବାଇରେ ମାର୍ଚ୍ଚ ୨୫ରେ ଖେଳାଯିବାକୁ ଥିବା ଓମାନ ବିପକ୍ଷ ଅନ୍ତର୍ଜାତୀୟ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଖେଳିପାରିବେ ନାହିଁ ବୋଲି ସ୍ପଷ୍ଟ ହୋଇଛି। ସେ ଆହୁରି ମଧ୍ୟ ସମାନ ଭେନ୍ୟୁରେ ମାର୍ଚ୍ଚ ୨୯ରେ ସଂଯୁକ୍ତ ଆରବ ଏମିରେଟ୍ସ ବିପକ୍ଷ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ନ ଖେଳିପାରନ୍ତି। ସେ ଭଲ ଅନୁଭବ କରୁଥିବା କହିଛନ୍ତି। ଛେତ୍ରୀ ଗୋଆରେ ଜୈବସୁରକ୍ଷିତ ବବଲରେ ରହି ଗତ ମାସ ଶେଷ ପର୍ଯ୍ୟନ୍ତ ଆଇଏସ୍‌ଏଲରେ ଖେଳି ଆସୁଥିଲେ।

**ଜାତୀୟ ସିନିୟର ଭଲିବଲ୍ ଉଦ୍‌ଯାପିତ**

# କେରଳ, ହରିୟାଣା ଚାମ୍ପିୟନ

**ଭୁବନେଶ୍ୱର, ୧୧।୩ (କ୍ରୀଡ଼ା ପ୍ରତିନିଧି)**

କିଟ୍‌ର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ୬୯ତମ ଜାତୀୟ ସିନିୟର ଭଲିବଲ ଚାମ୍ପିୟନଶିପ୍ ଗୁରୁବାର ଉଦ୍‌ଯାପିତ ହୋଇଛି। ଏହାର ମହିଳା ବିଭାଗରେ କେରଳ ଓ ପୁରୁଷରେ ହରିୟାଣା ଚାମ୍ପିୟନ ହୋଇଛି।

ମହିଳା ବିଭାଗ ଫାଇନାଲରେ କେରଳ ୩-୦ ସେଟ୍‌ରେ ରେଲ୍‌ୱେକୁ ପରାସ୍ତ କରିଥିଲା। ପ୍ରଥମ ଦୁଇ ସେଟ୍‌ରେ ରେଲ୍‌ୱେ ଚ୍ୟାଲେଞ୍ଜ ଦେଇଥିଲେ ହେଁ କେରଳ ୨୫-୨୦, ୨୬-୨୪, ୨୫-୧୩ ପଏଣ୍ଟରେ ବିଜୟୀ ହୋଇ ଟାଇଟଲ ହାସଲ କରିଥିଲା। ପ୍ଲେ-ଅଫ୍‌ରେ ପଶ୍ଚିମବଙ୍ଗ ୩-୧ ସେଟ୍‌ରେ ହିମାଚଳ ପ୍ରଦେଶକୁ ହରାଇ ତୃତୀୟ ସ୍ଥାନ ଅଧିକାର କରିଥିଲା। ଦ୍ୱିତୀୟ ସେଟ୍‌ରେ ହିମାଚଳ ପ୍ରଦେଶ ପ୍ରତ୍ୟାବର୍ତ୍ତନ କରିଥିଲେ ହେଁ ପଶ୍ଚିମବଙ୍ଗ ୨୫-୧୬, ୧୮-୨୫, ୨୫-୨୧, ୨୫-୧୮ ପଏଣ୍ଟରେ ବିଜୟୀ ହୋଇଥିଲା। ଫଳରେ କେରଳ ଚାମ୍ପିୟନ, ରେଲୱେ ରନର୍ସଅପ୍, ପଶ୍ଚିମବଙ୍ଗ ତୃତୀୟ ଏବଂ ହିମାଚଳ ପ୍ରଦେଶ ୪ର୍ଥ ସ୍ଥାନ ପାଇଥିଲା।

ପୁରୁଷ ବିଭାଗ ଫାଇନାଲରେ ହରିୟାଣା ୩-୦ ସେଟ୍‌ରେ ଆସାମକୁ ହରାଇ ଦେଇଛି। ସମ୍ପୂର୍ଣ୍ଣ ଆଧିପତ୍ୟ ବିସ୍ତାର କରି ଦଳ ୨୫-୨୩, ୨୫-୧୮, ୨୫-୧୯ ପଏଣ୍ଟରେ ପରାସ୍ତ କରିଛି। ତୀବ୍ର ସଂଘର୍ଷପୂର୍ଣ୍ଣ ପ୍ଲେ-ଅଫ୍‌ରେ କେରଳ ୩-୨ ସେଟ୍‌ରେ ରେଲ୍‌ୱେକୁ ହରାଇ ୩ୟ ସ୍ଥାନ ଅଧିକାର କରିଛି। ରେଲ୍‌ୱେ କଡ଼ା ଟକ୍କର ଦେଇଥିଲେ ହେଁ କେରଳ ୩୬-୩୮, ୨୫-୧୮, ୨୩-୨୫, ୨୫-୨୧, ୧୫-୧୨ ପଏଣ୍ଟରେ ବିଜୟୀ ହୋଇଥିଲା। ଫଳରେ ହରିୟାଣା ଚାମ୍ପିୟନ, ଆସାମ ରନର୍ସଅପ୍, କେରଳ ତୃତୀୟ ଓ ରେଲ୍‌ୱେ ୪ର୍ଥ ସ୍ଥାନ ଅଧିକାର କରିଥିଲା।

ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆ (ଭିଏଫ୍‌ଆଇ) ସଭାପତି ତଥା ଏମ୍‌ପି ଅଚ୍ୟୁତ ସାମନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଆୟୋଜକ କମିଟି ଚେୟାରମ୍ୟାନ ତଥା ରାଜ୍ୟ କ୍ରୀଡ଼ା ବିଭାଗର ପ୍ରମୁଖ ସଚିବ ବିଶାଳ କୁମାର ଦେବ, ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଓଡ଼ିଶା କ୍ରିକେଟ ଆସୋସିଏଶନ ସଭାପତି ତଥା ଏମ୍‌ଜିଏମ୍ ମିନେରାଲ୍ସର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ପଙ୍କଜ ଲୋଚନ ମହାନ୍ତି, ରୁଚି ମସଲାର ପରିଚାଳନା ନିର୍ଦ୍ଦେଶକ ଶରତ କୁମାର ସାହୁ, କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ହୃଷୀକେଶ ମହାନ୍ତି, କୁଳସଚିବ ଜ୍ଞାନରଞ୍ଜନ ମହାନ୍ତି, ଭିଏଫ୍‌ଆଇର ମୁଖ୍ୟ ପରିଚାଳନା ଅଧିକାରୀ ରାମଅବତାର ସିଂ ଜାଖର, ମହାସଚିବ ଅନିଲ ଚୌଧୁରୀ, ବରିଷ୍ଠ ଉପସଭାପତି ତଥା ନିୟନ୍ତ୍ରଣ କମିଟି ଅଧ୍ୟକ୍ଷ ରଥିନ ରାୟ ଚୌଧୁରୀ, ଅଧ୍ୟକ୍ଷ ତଥା ଉପସଭାପତି ଏସ. ବାସୁଦେବନ, କାର୍ଯ୍ୟକାରୀ ଉପସଭାପତି ରାଜକୁମାର, ଆୟୋଜକ କମିଟି ସମ୍ପାଦକ ତଥା ଓଡ଼ିଶା ଭଲିବଲ ଆସୋସିଏଶନ ସାଧାରଣ ସମ୍ପାଦକ ଗଗନେନ୍ଦୁ ଦାଶ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଭିଏଫ୍‌ଆଇ ସଭାପତି ଅଚ୍ୟୁତ ସାମନ୍ତ ଚାମ୍ପିୟନ ଦଳର ଖେଳାଳି, କୋଚ୍, ମ୍ୟାନେଜର ଏବଂ ଟେକ୍ନିକାଲ ଅଫିସିଆଲମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରତିଯୋଗିତାରେ ମୋଟ ୫୮(୩୦ ପୁରୁଷ, ୨୮ ମହିଳା) ଦଳ ଅଂଶଗ୍ରହଣ କରିଥିଲେ। ଦେଶର ପାଖାପାଖି ୨୦୦ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଖେଳାଳି କିଟ୍‌ରେ ଏକାଠି ହୋଇଥିଲେ। ଜାତୀୟ ଭଲିବଲ ଇତିହାସରେ ପ୍ରଥମଥରପାଇଁ ଶୀର୍ଷ ୩ ଦଳକୁ ଆର୍ଥିକ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଚାମ୍ପିୟନ ଦଳକୁ ଟ୍ରଫି ସହ ୫୧,୦୦୦, ରନର୍ସଅପ୍‌କୁ ୩୧,୦୦୦ ଓ ତୃତୀୟ ସ୍ଥାନ ହାସଲ କରିଥିବା ଦଳକୁ ୧୫,୦୦୦ଟଙ୍କା ପୁରସ୍କୃତ କରାଯାଇଥିଲା।





ଜାତୀୟ ସିନିୟର ଭଲିବଲ୍ ପ୍ରତିଯୋଗିତାରେ ଚାମ୍ପିୟନ କେରଳ (ମହିଳା) ଓ ହରିୟାଣା (ପୁରୁଷ) ଦଳର ଖେଳାଳିମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

## ଛାତ୍ରୀଙ୍କୁ ଅସଦାଚରଣ, ୨ ଗିରଫ

କଟକସଦର,(ଡି.ଏନ୍.ଏ.)- ଜଣେ ସ୍କୁଲ ଛାତ୍ରୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ କଟକ ସଦର ଥାନା ପୋଲିସ ଗୁରୁବାର ୨ଜଣ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ, ଏହି ଥାନା ଅଧୀନ ବ୍ରାହ୍ମଣଝରିଲୋ ଗ୍ରାମର ମହମ୍ମଦ ହୁସେନ ଓ ସାହାଜାନ ଖାନ୍। ଏ ନେଇ ପୋଲିସ ଏକ ମାମଲା (ନଂ.୧୪୬/୨୧) ରୁଜୁ କରିଛି। ସୂଚନାଯୋଗ୍ୟ, ସମ୍ପୃକ୍ତା ନାବାଳିକା ଛାତ୍ରୀଙ୍କୁ ୨ ଅଭିଯୁକ୍ତ ବାରମ୍ବାର ହଇରାଣ କରୁଥିଲେ। ଗତ ୯ତାରିଖରେ ମଧ ଅସଦାଚରଣ କରିବାରୁ ନାବାଳିକାଙ୍କ ପରିବାର ଲୋକ ଥାନାର ଦ୍ୱାରସ୍ଥ ହୋଇଥିଲେ।

**ସଂକ୍ଷେପରେ**

### ମହୁମାଛି ଆକ୍ରମଣରେ ୩୦ ଆହତ

**କୁନ୍ଦୁରା,୧୧।୩(ଡି.ଏନ୍.ଏ.):** କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଆସନା ପଞ୍ଚାୟତର କୁମ୍ଭିଖାରୀ ଗ୍ରାମ ଉପକଣ୍ଠରେ ଥିବା ଶିବମନ୍ଦିର ନିକଟରେ ମହୁମାଛିଙ୍କ ଆକ୍ରମଣରେ ୩୦ଜଣ ଆହତ ହୋଇଥିଲେ। ସମସ୍ତଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୧୫ ଜଣ ଚିକିତ୍ସିତ ହୋଇ ଘରକୁ ଫେରିଯାଇଥିବା ବେଳେ ୧୪ ଜଣ ଚିକିତ୍ସାଧୀନ ଅଛନ୍ତି। ଜଣକ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଜୟପୁର ସ୍ଥାନାନ୍ତର କରାଯାଇଛି। ସେ ହେଉଛନ୍ତି କୁମ୍ଭିଖାରୀ ଗ୍ରାମର ରୂପ କଟ୍ରି। ଅର୍ଜୁନ ରାମପୁରିଆ, ତିଳମାଠପଡ଼ିଆ ଓ ନିର କଟ୍ରିଙ୍କ ଅବସ୍ଥା ଗୁରୁତର ରହିଛି। ଆବଶ୍ୟକ ହେଲେ ସେମାନଙ୍କୁ ମଧ ଜୟପୁର ସ୍ଥାନାନ୍ତର କରାଯିବ ବୋଲି ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କୁହାଯାଇଛି। ଖବର ପାଇ ବ୍ଲକ କଂଗ୍ରେସ ସଭାପତି ଗୋକୁଳ ଚନ୍ଦ୍ର ପଟ୍ଟନାୟକ, ପୂର୍ବତନ ବ୍ଲକ ଅଧକ୍ଷ ସଦନ ମୁଦୁଲି ଓ ଯୁବ କଂଗ୍ରେସ ସଭାପତି ରାଜେଶ ଗୁରୁ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଆହତଙ୍କୁ ଭେଟିଛନ୍ତି।

### ରାୟଗଡ଼ା ରେଳ ଡିଭିଜନ ଗଠନ ନେଇ ପ୍ରଶ୍ନକଲେ ସପ୍ତଗିରି

**ଡିପିଆର୍ ଯାଞ୍ଚ ପରେ ଅନୁମୋଦନ ପାଇଁ ଶୀଘ୍ର ପଦକ୍ଷେପ ନିଆଯିବ: ପୀୟୂଷ ଗୋଏଲ**

**ରାୟଗଡ଼ା ଅଫିସ,୧୧।୩:** ରାୟଗଡ଼ାରେ ପୂର୍ବତଟ ରେଳପଥ ଡିଭିଜନ ଗଠନ ନେଇ ଯୋଜନା ରହିଥିବାବେଳେ ଏହାର କାର୍ଯ୍ୟକାରିତା ଦିଗରେ କେତେଦୂର ଅଗ୍ରଗତି ଘଟିଛି ଓ ଏବେକାର ସ୍ଥିତି କ'ଣ ସେ ସମ୍ପର୍କରେ କୋରାପୁଟ ଏମ୍ପି ସପ୍ତଗିରି ଉଲାକା ପାର୍ଲାମେଣ୍ଟରେ ପ୍ରଶ୍ନ ଉଠାଇଛନ୍ତି। କେବେ ଡିପିଆର୍(ଡିଟେଲ୍ଡ ପ୍ରୋଜେକ୍ଟ ରିପୋର୍ଟ) ସହ ରାୟଗଡ଼ା ଡିଭିଜନ କାର୍ଯ୍ୟକାରୀ ହେବ, ରାୟଗଡ଼ା ଡିଭିଜନ ଗଠନ ହେବା ପରେ କେଉଁ କେଉଁ ନୂଆ ଟ୍ରେନ୍ ଚାଲିବ ସେ ନେଇ ବିସ୍ତୃତ ତଥ୍ୟ ମାଗିଛନ୍ତି। ଏମ୍ପିଙ୍କ ପ୍ରଶ୍ନର ଉତ୍ତର ରଖି ରେଳ ମନ୍ତ୍ରୀ ପୀୟୂଷ ଗୋଏଲ କହିଛନ୍ତି, କୌଣସି ନିର୍ଦ୍ଦିଷ୍ଟ ସମୟ ନାହିଁ । ଏହି ଡିଭିଜନ ଗଠନର ଡିପିଆର୍ ମିଳିଛି। ଏହାର ଯାଞ୍ଚ କରାଯାଉଥିବା ସେ କହିଛନ୍ତି। ୨୦୨୦ -୨୧ କେନ୍ଦ୍ରୀୟ ବଜେଟରେ ଏଥିପାଇଁ ମୋଟ ୧୭୦ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି। ଡିପିଆର୍ ଯାଞ୍ଚପରେ ଶୀଘ୍ର ରାୟଗଡ଼ା ଡିଭିଜନ ଗଠନ ନିମନ୍ତେ ଏହାର ଅନୁମୋଦନ ପାଇଁ ଉଦ୍ୟମ ଚାଲିଥିବା ଗୋଏଲ ଉତ୍ତରରେ ଉଲ୍ଲେଖ କରିଛନ୍ତି। ଏଥିସହ ରାୟଗଡ଼ା ଦେଇ ଚାଲୁଥିବା ଟ୍ରେନ୍ କେବଳ କୋଭିଡ୍ ପରିସ୍ଥିତି ପାଇଁ ବନ୍ଦ ରହିଛି। ଏହା ବ୍ୟତୀତ ନୂଆ ଟ୍ରେନ୍ ଚଳାଚଳର ଏବେ ସମ୍ଭାବନା ନାହିଁ। ଆଗାମୀ ଦିନରେ ଦେଖାଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ରାୟଗଡ଼ା ରେଲ୍‌ୱେ ଡିଭିଜନ ଗଠନ ନିମନ୍ତେ ରେଳ ମନ୍ତ୍ରଣାଳୟ ପକ୍ଷରୁ ବିଧିବଦ୍ଧ ଘୋଷଣାର ୮ମାସ ବିତିଯାଇଥିଲେ ମଧ କାର୍ଯ୍ୟ ଆଗେଇପାରୁନାହିଁ।

# ବିନା ଭକ୍ତରେ ଧବଳେଶ୍ୱରଙ୍କ ଜାଗର

- ଗୁରୁବାର ସକାଳ ୬ରୁ ଶୁକ୍ରବାର ସକାଳ ୬ ଯାଏ ୧୪୪ ଧାରା ଜାରି
- କୋଭିଡ୍ ନିୟମରେ ଠାକୁରଙ୍କ ନୀତିକାନ୍ତି
- ୫୦ ଲକ୍ଷ ଟଙ୍କାରେ ନିର୍ମିତ ଚାନ୍ଦି ବିମାନରେ ବେଢ଼ା ପରିକ୍ରମା

**ଖୁଣ୍ଟୁଣୀ,୧୧।୩(ଡି.ଏନ୍.ଏ.)**

ପବିତ୍ର ଜାଗର ଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ସମସ୍ତ ଶିବ ମନ୍ଦିରର ପାରମ୍ପରିକ ପୂଜା ନୀତି ଅପେକ୍ଷା ଆଠଗଡ଼ର ପ୍ରସିଦ୍ଧ ବାବା ଧବଳେଶ୍ୱରଙ୍କ ନୀତି ଜାଗର ଯାତ୍ରା ସମ୍ପୂର୍ଣ୍ଣ ଭିନ୍ନ ଧରଣର ହୋଇଥାଏ। ଚଳିତଥର କିନ୍ତୁ କୋଭିଡ୍-୧୯ ଏହାକୁ ବିଗାଡ଼ି ଦେଇଛି। ବାବାଙ୍କ ପୀଠକୁ ଭକ୍ତଙ୍କ ପ୍ରବେଶ ଉପରେ ବାରଣ ଥିବାରୁ ବିନା ଭକ୍ତରେ ଜାଗର ଯାତ୍ରା ପାଳିତ ହୋଇଛି। ଦେବୋତ୍ତର ପ୍ରଶାସନ ମୁଖ୍ୟ ଉପଜିଲାପାଳ ଅଜାମ୍ବର ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ଧବଳେଶ୍ୱରଙ୍କ ପୀଠ ଚତୁର୍ପାଶ୍ୱରେ ଗୁରୁବାର ସକାଳ ୬ଟାରୁ ଶୁକ୍ରବାର ସକାଳ ୬ଟା ଯାଏ ୧୪୪ ଧାରା ଜାରି କରାଯାଇଛି। ଏଥିଯୋଗୁ ଗୁରୁବାର ଭୋର ୪ଟାରୁ ମନ୍ଦିର ପହଡ଼ ଖୋଲାଯାଇ କୋଭିଡ୍ ନିୟମ ଅନୁଯାୟୀ ପ୍ରଥମେ ପୂଜକ ସମାଜ ଦ୍ୱାରା ୧୦୮ ଗରା ସୁବାସିତ ଜଳରେ ବାବାଙ୍କୁ ସ୍ନାନ କରାଯାଇଥିଲା। ପରେ ଦୈନନ୍ଦିନ ନୀତି ଓ ବିଭିନ୍ନ ପୁଷ୍ପରେ ଠାକୁରଙ୍କୁ ବିଭୂଷିତ କରାଯାଇ ସକାଳର ଖେଚୁଡ଼ି ଭୋଗ ହୋଇଥିଲା। ଏହାପରେ ମଧ୍ୟାହ୍ନଧୂପ ଓ ଶଙ୍କୁ ଭୋଗ ଲାଗି ହୋଇଥିଲା। ସନ୍ଧ୍ୟାର ପ୍ରଥମ ପ୍ରହରରେ କ୍ଷୀର, ଘିଅ, ମହୁ, ଆଖୁରସ, ଗଙ୍ଗାଜଳ ଓ ଲହୁଣିରେ ଘର୍ଷଣ କରି ୧୦୮ ଗରା ଜଳରେ ଅଭିଷେକ କରାଯିବା ସହ ଦ୍ୱିତୀୟ ପ୍ରହରରେ କେତକୀ ଓ ଗୟସ ଫୁଲ ଲାଗି କରାଯାଇଥିଲା। ତୃତୀୟ ପ୍ରହର ରାତି ୧୨ଟା ପ୍ରାରମ୍ଭରେ ମହାପ୍ରଭୁଙ୍କ ପାଖରେ ଚୂନା, ଗୁଡ଼ ଓ ଘିଅରେ ତିଆରି ମାଣ୍ଡୁଅ ଭୋଗ କରାଯାଇଥିଲା ।

ପ୍ରଥମ କରି ବ୍ରାହ୍ମଣମାନଙ୍କ ଦକ୍ଷିଣା ଅର୍ଥ ଓ ଦେବୋତ୍ତର ବିଭାଗ ସହଯୋଗରେ ୫୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଚାନ୍ଦିର ସୁସଜ୍ଜିତ ବିମାନରେ ମହାପ୍ରଭୁ ଚନ୍ଦ୍ରଶେଖରଙ୍କ ଚଳନ୍ତି ପ୍ରତିମାକୁ ନେଇ ପୂଜକ ସମାଜ ମନ୍ଦିର ବେଢ଼ା ପରିକ୍ରମା କରାଇଥିଲେ। ପରେ ରାତିରେ ନିର୍ଦ୍ଧାରିତ ସମୟ ମଧ୍ୟରେ ମନ୍ଦିର ଉପରକୁ ମହାଦୀପ ଉଠିଥିବା ପୂଜକ ସମାଜ ସଭାପତି ବିଷ୍ଣୁଚରଣ ପତ୍ରି କହିଛନ୍ତି। ଜାଗର ଯାତ୍ରା କଟକଣା ପାଇଁ ଧବଳେଶ୍ୱରଙ୍କ ପୀଠ ଚତୁର୍ପାଶ୍ୱ ମଞ୍ଚେଶ୍ୱରଠାରୁ ପାଇକେରାପୁର ପର୍ଯ୍ୟନ୍ତ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହେବା ସହ ଚୌଦ୍ୱାର ଏସ୍‌ଡିପିଓ ପ୍ରଶାନ୍ତ କୁମାର ମଲ୍ଲ, ଗୁରୁଡ଼ିଝାଟିଆ ଆଇଆଇସି ସମୀର ରଞ୍ଜନ ପଣ୍ଡା ଓ ଧବଳେଶ୍ୱର ଫାଣ୍ଡି ଅଧିକାରୀ ବସନ୍ତ ସାଠୁଆଙ୍କ ସହ ଅତିରିକ୍ତ ତହସିଲଦାର ସୁଧାଂଶୁ ଶେଖର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।





ମହାଶିବରାତ୍ରି ଅବସରରେ ଗୁରୁବାର କଟକ ବାଉଁଶ ଗଳି ଷୋଳପୁଅ ମା' ପୂଜାମଣ୍ଡପରେ ପନିପରିବାରେ ନିର୍ମିତ ଶିବଲିଙ୍ଗ, ମହାଦେବ ଓ ଗଣେଶଙ୍କ ପ୍ରତିକୃତି।

# କାର୍ଯ୍ୟାନୁଷ୍ଠାନ, କ୍ଷତିପୂରଣ ପାଇଁ ଏନ୍ଏଚ୍ଆର୍‌ସିରେ ପିଟିଶନ

**ସ୍କୁଲ ପାଚେରି ପଡି ଶିଶୁ ମୃତ୍ୟୁ ଘଟଣା**

**ଭୁବନେଶ୍ୱର,୧୧।୩(ବ୍ୟୁରୋ)**

କନ୍ଧମାଳ ଜିଲା ରାଇକିଆ ବ୍ଲକ୍ ପେଟାପାଙ୍ଗା ପଞ୍ଚାୟତ ଅନ୍ତର୍ଗତ ବେଲକଟି ଗ୍ରାମରେ ସ୍କୁଲ୍ ଗେଟ୍ ଓ ପାଚେରି ପଡ଼ି ଜଣେ ଶିଶୁଙ୍କ ମୃତ୍ୟୁ ଘଟିଥିବାବେଳେ ୨ଜଣ ଗୁରୁତର ଆହତ ହୋଇଥିଲେ। ଏହି ହୃଦୟବିଦାରକ ଘଟଣାକୁ ନେଇ ଗୁରୁବାର ଜାତୀୟ ମାନବାଧିକାର ଆୟୋଗ (ଏନ୍ଏଚ୍ଆରସି)ରେ ଏକ ପିଟିଶନ ହୋଇଛି। ମୃତ ଓ ଆହତ ଶିଶୁଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବା ପାଇଁ ମାନବାଧିକାର କର୍ମୀ ପ୍ରଦୀପ୍ତ ନାୟକ ତାଙ୍କ ପିଟିଶନରେ ନିବେଦନ କରିଛନ୍ତି। ଏଥିସହ ଘଟଣାର ତଦନ୍ତ କରି ନିମ୍ନମାନର ସ୍କୁଲ୍ ପାଚେରି ନିର୍ମାଣ କରିଥିବା ସରକାରୀ ଅଧିକାରୀ, ବିଦ୍ୟାଳୟ ପରିଚାଳନା କମିଟି ଓ କଣ୍ଟ୍ରାକ୍ଟରଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ କନ୍ଧମାଳ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେବାକୁ ସେ ଉଲ୍ଲେଖ କରିଛନ୍ତି।


ସୂଚନାଯୋଗ୍ୟ, ବୁଧବାର ବେଲକଟି ଅଙ୍ଗନୱାଡ଼ି କେନ୍ଦ୍ରରେ ଏକ ମଶାରି ବଣ୍ଟନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଗ୍ରାମର ମହିଳାମାନେ ଅଙ୍ଗନୱାଡ଼ି କେନ୍ଦ୍ରରୁ ମଶାରି ଆଣୁଥିବାବେଳେ ସେମାନଙ୍କ ସହ ଆସିଥିବା ଶିଶୁମାନେ ନିକଟରେ ଥିବା ପ୍ରାଥମିକ ବିଦ୍ୟାଳୟ ପାଚେରି ପାର୍ଶ୍ୱରେ ଖେଳୁଥିଲେ। ଏହି ସମୟରେ ବିଦ୍ୟାଳୟ ମୁଖ୍ୟ ଫାଟକରେ ଲାଗିଥିବା ଗ୍ରୀଲ୍ ଓ ପାଚେରିର କିଛି ଅଂଶ ସେମାନଙ୍କ ଉପରେ ଭୁଶୁଡ଼ି ପଡିଥିଲା। ଏହା ତଳେ ୩ଜଣ ଶିଶୁ ଚାପି ହୋଇ ରହିଥିଲେ। ଗ୍ରାମବାସୀ ତୁରନ୍ତ ସେମାନଙ୍କୁ ଉଦ୍ଧାର କରି ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ଡାକ୍ତର ସେଠାରେ ଜଣେ ଶିଶୁଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଶିଶୁ ଜଣକ ହେଲେ ଉକ୍ତ ଗ୍ରାମର ସଞ୍ଜୀବ ପ୍ରଧାନଙ୍କ ଝିଅ ରାଶିକା(୧୦)। ଗୁରୁତର ଆହତ ହୋଇଥିବା ଦୁଇ ଶିଶୁ ହେଉଛନ୍ତି ରିତେଶ ପ୍ରଧାନ(୮) ଓ ଶୁଭଶ୍ରୀ ପ୍ରଧାନ(୮)।

# ଶଙ୍କରାନନ୍ଦ ମଠରେ ୫ଶହ ବର୍ଷର ପୁରୁଣା ଭିତ୍ତିଚିତ୍ର

**ପୁନରୁଦ୍ଧାର ଦାବି କଲେ ଐତିହ୍ୟ ବିଶାରଦ, ସଂସ୍କୃତି ଗବେଷକ**

**ପୁରୀ ଅଫିସ,୧୧।୩**

ଶ୍ରୀକ୍ଷେତ୍ରର ପ୍ରାଚୀନ ଶୈବମଠ ଶଙ୍କରାନନ୍ଦ ମଠର ଜଗମୋହନ ବାହାରପଟ କାନ୍ଥରୁ ପ୍ରାଚୀନ ଭିତ୍ତିଚିତ୍ର ଆବିଷ୍କୃତ ହୋଇଛି। ମହାଶିବରାତ୍ରି ଉପଲକ୍ଷେ ମଠର ଟ୍ରଷ୍ଟ ବୋର୍ଡ ପକ୍ଷରୁ ଜରାଜୀର୍ଣ୍ଣ ଜଗମୋହନର ମରାମତି ବେଳେ ଏହି କାନ୍ଥଚିତ୍ର ଦେଖିବାକୁ ମିଳିଛି। ପୂର୍ବରୁ କାନ୍ଥଗୁଡ଼ିକ କେବଳ ଧଉଳା ହୋଇଥିଲା। ଭିତ୍ତିଚିତ୍ର ଉପରେ ଚୂନ ଧଉଳା ହେବା ସତ୍ତ୍ୱେ କାନ୍ଥକୁ ସଫା କରିବା ପରେ ଭିତ୍ତିଚିତ୍ରଗୁଡ଼ିକ ସ୍ପଷ୍ଟ ବାରି ହୋଇଛି। ଟ୍ରଷ୍ଟବୋର୍ଡର ସଭ୍ୟ ଦୁର୍ଗାପ୍ରସାଦ ମିଶ୍ରଙ୍କଠାରୁ ଏ ନେଇ ସୂଚନା ମିଳିବା ପରେ ଓଡ଼ିଶା ଐତିହ୍ୟ ପରିଷଦର ସମ୍ପାଦକ ଦେବୀ ପ୍ରସନ୍ନ ନନ୍ଦ, ଉପସଭାପତି ରାଜକୁମାର ମହାନ୍ତି ଏବଂ ଡ. ସୁରେନ୍ଦ୍ର କୁମାର ମିଶ୍ର ଅନୁସନ୍ଧାନ ଉଦ୍ଦେଶ୍ୟରେ ଯାଇଥିଲେ। ସମୁଦାୟ ୫ଟି ଚିତ୍ର ଜଣାପଡ଼ିଥିଲେ ମଧ ଭିତର ଓ ବାହାର ଅଗଣାର କାନ୍ଥଗୁଡ଼ିକରେ ଏଭଳି ଐତିହ୍ୟ ଚିତ୍ର ଥିବା ଜଣାପଡ଼ିଛି। ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କହିଛନ୍ତି, ଏହି ଚିତ୍ର ପଟଚିତ୍ର ଶ୍ରେଣୀ ଅନ୍ତର୍ଭୁକ୍ତ। ଚିତ୍ରପଟରେ ନ ହୋଇ କାନ୍ଥରେ ପ୍ରାକୃତିକ ରଙ୍ଗରେ ପ୍ରସ୍ତୁତ ହୋଇଛି। ଜଗମୋହନ ବାହାର ପାର୍ଶ୍ୱ ବାରଣ୍ଡା କାନ୍ଥରେ ମା' ବିମଳା, ଶ୍ରୀବରାହ, ଶ୍ରୀଶିବ ଏବଂ ଶ୍ରୀହୟଗ୍ରୀବଙ୍କ ଭିତ୍ତିଚିତ୍ର ରହିଛି। ଏହି ମଠର ଆଚାର୍ଯ୍ୟମାନେ ଶିବ ଉପାସକ ହୋଇଥିଲେ ମଧ ଦେବୀ ବିମଳାଙ୍କୁ ଭୈରବୀ ରୂପେ ଗ୍ରହଣ କରି ଉପାସନା କରୁଥିଲେ। ଶ୍ରୀମନ୍ଦିର ବେଢ଼ାରେ ଶ୍ରୀହୟଗ୍ରୀବଙ୍କ ଉପାସନା ଥିଲା, ଯାହା ଏବେ ବନ୍ଦ ହୋଇଯାଇଛି। ପାଟ ଅଗଣାର ଗୋଟିଏ ବନ୍ଦ କୋଠରୀରେ ଶ୍ରୀହୟଗ୍ରୀବଙ୍କର ୪ ଫୁଟ ଉଚ୍ଚତାର ଏକ ବିଗ୍ରହ ଥିଲା। ମଠର ଆଚାର୍ଯ୍ୟ ଏହି ନୀତି ଦାୟିତ୍ୱରେ ରହୁଥିଲେ। ଶ୍ରୀହୟଗ୍ରୀବ ପାଞ୍ଚରାତ୍ର ଆଗମ ଉପାସନାରେ ଅନ୍ୟତମ ରହସ୍ୟମୟ ତତ୍ତ୍ୱ ଅଟନ୍ତି। ମଠରେ ବୈଷ୍ଣବ ଓ ପାଞ୍ଚରାତ୍ର ଆଗମ ଉପାସନାର ପ୍ରଥା ପ୍ରଚଳିତ ଥିଲା। ଜଗମୋହନ ପ୍ରବେଶ ପଥ ଦକ୍ଷିଣ ପାର୍ଶ୍ୱରେ ଏହି ୪ ମୂର୍ତ୍ତିଙ୍କ ଚିତ୍ର ରହିଥିବାବେଳେ ବାମପାର୍ଶ୍ୱରେ ଶ୍ରୀଗଣେଶଙ୍କ ଚିତ୍ର ଥିବା ଦୃଷ୍ଟିକୁ ଆସିଛି। ଉଲ୍ଲେଖଯୋଗ୍ୟ, ଶ୍ରୀକ୍ଷେତ୍ରକୁ ଆଦି ଶଙ୍କରାଚାର୍ଯ୍ୟ ଆସିବା ପୂର୍ବରୁ ଏହି ମଠ ଥିଲା। ଏଠାରେ ଥିବା ବହୁ ପୁରାତନ କାରୁକାର୍ଯ୍ୟ ଧ୍ୱଂସ ହେବାକୁ ବସିଛି। ସମ୍ପାଦକ ନନ୍ଦ ଏହି ଭିତ୍ତିଚିତ୍ର ୪ଶହରୁ ୫ଶହ ବର୍ଷ ତଳର ବୋଲି ମତ ଦେଇଛନ୍ତି। ଭିତ୍ତିଚିତ୍ରକୁ ପୁନର୍ବାର ରଙ୍ଗ ଦେଇ ସଂସ୍କାର କରାଯାଇ ପୁନରୁଦ୍ଧାର କରାଯିବାକୁ ଡ. ମିଶ୍ର ଦାବି କରିଛନ୍ତି।



# ୩ ଲୁଟେରା ଗିରଫ: ଖଣ୍ଡା ଓ ପିସ୍ତଲ ଜବତ

**ରାଉରକେଲା ଅଫିସ,୧୧।୩**

ଏକ ଲୁଟ୍ ଉଦ୍ୟମ ଘଟଣାରେ ସମ୍ପୃକ୍ତ ୩ ଯୁବକଙ୍କୁ ବୁଧବାର ରାଉରକେଲା ପୋଲିସ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଏମାନେ ହେଲେ ପ୍ଲାଣ୍ଟସାଇଟ ଥାନା ଡେଲି ମାର୍କେଟ ଅଞ୍ଚଳର ମୋହିତ ରାୟ(୨୬), ଡିଲକ୍ସ ଲେନ ମେନ ରୋଡ ବାସିନ୍ଦା ଆଶୁତୋଷ ଝା(୨୬) ଓ ଡେଲି ମାର୍କେଟ ଜନତା ନିୱାସ ଗଳିର ଦୀପକ ସାହୁ(୨୩)। ଏମାନଙ୍କ ଠାରୁ ଗୋଟିଏ ଖଣ୍ଡା ଓ ଦେଶୀ ପିସ୍ତଲ ଜବତ କରାଯାଇଛି। ଗତ ୧୯। ୧୦। ୨୦୨୦ରେ ପ୍ରାୟ ଗୋଟାଏ ବେଳେ ଜଣେ ଘରୋଇ କମ୍ପାନୀ କର୍ମଚାରୀ ପିଙ୍କୁ ସୁନା ଟଙ୍କା ବ୍ୟାଗ ଧରି ପାନପୋଷ ତାରିଣୀ ମନ୍ଦିର ରାସ୍ତାରେ ଚାଲିଚାଲି ଆସୁଥିଲେ। ଏତିକି ବେଳେ ୨ ଅଜଣା ଦୁର୍ବୃତ୍ତ ତାଙ୍କୁ ଏକ ଛୁରି ଦ୍ୱାରା ଆକ୍ରମଣ କରିବା ସହ ମୁଣ୍ଡରେ ପିସ୍ତଲ ଲଗାଇ ଭୟଭୀତ କରି ଟଙ୍କା ଲୁଟ୍ ଉଦ୍ୟମ କରିଥିଲେ। ତାଙ୍କୁ ଏଥିରେ ଅନ୍ୟ ଜଣେ ଯୁବକ ମଧ ସହାୟତା କରିଥିଲେ। ତେବେ କର୍ମଚାରୀ ସୁନା ପାଟିତୁଣ୍ଡ କରିବାରୁ ଲୁଟ୍ ଉଦ୍ୟମ ପଣ୍ଡ ହୋଇଯାଇଥିଲା। ସମ୍ପୃକ୍ତ ଯୁବକ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଏନେଇ ଗତ ୨୧।୧୦। ୨୦୨୦ରେ ସେହି କମ୍ପାନୀର ଜଣେ ଅଧିକାରୀ ସ୍ଥାନୀୟ ରଘୁନାଥପାଲ୍ଲୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏ ନେଇ ଏକ ମାମଲା (ନଂ. ୨୨୫।୨୦୨୦) ରୁଜୁ କରିଥିଲା। ଘଟଣାର ତଦନ୍ତ ଜାରି ରହିଥିବା ବେଳେ ୩ ଯୁବକ ଫେରାର୍ ଥିଲେ। ଗିରଫ ୩ ଜଣଙ୍କ ମଧ୍ୟରୁ ମୋହିତ ଓ ଆଶୁତୋଷ ପେଶାଦାର ଅପରାଧି ହୋଇଥିବା ବେଳେ ଏମାନଙ୍କ ନାମରେ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଥିବା ଗୁରୁବାର ଜିଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସପି ମୁକେଶ ଭାମୁ ସୂଚନା ପ୍ରଦାନ କରିଛନ୍ତି।



ଖବରଦାତା ସମ୍ମିଳନୀରେ ଏସ୍‌ପି ମୁକେଶ ଭାମୁ ସୂଚନା ଦେଉଛନ୍ତି।

# ନନ୍ଦନକାନନରେ ମହୁମାଛି ଆକ୍ରମଣ, ୭ ଆହତ

**ବାରଙ୍ଗ,୧୧।୩(ଡି.ଏନ୍.ଏ.)**

ନନ୍ଦନକାନନରେ ଗୁରୁବାର ପର୍ଯ୍ୟଟକମାନେ ବୁଲୁଥିବାବେଳେ ହଠାତ୍ ଏକ ମହୁମାଛି ଦଳ ଆକ୍ରମଣ କରିଥିଲେ। ଏଥିରେ ଜଣେ ଗାଇଡ୍ ସମେତ ୭ରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ଆହତ ହୋଇଛନ୍ତି। ଗୁରୁବାର ଅପରାହ୍ନ ୩ଟାବେଳେ ୫୯ନମ୍ବର(କ) ପାତି ମାଙ୍କଡ ଖୁଆଡ ସମ୍ମୁଖରେ ଏକ ଗଛରେ ଥିବା ମହୁମାଛି ପଲ ଅଚାନକ ପର୍ଯ୍ୟଟକଙ୍କୁ ଆକ୍ରମଣ କରିଥିଲେ। ଏଥିରେ କୋଲକାତାରୁ ଆସିଥିବା ଦିଲୀପ ପାଲଙ୍କ ସହ ସ୍ତ୍ରୀ ସୁଚିତ୍ରା ଓ ଝିଅ ନିବେଦିତାଙ୍କ ସମେତ ୭ରୁ ଊର୍ଦ୍ଧ୍ୱ ଆକ୍ରମଣର ଶିକାର ହୋଇଥିଲେ। ବ୍ୟାଟେରି ଚାଳିତ ଠିକାଦାର ଓ କର୍ମଚାରୀମାନେ ନିଆଁହୁଳା ସହାୟତାରେ ମହୁମାଛିଙ୍କୁ ଘଉଡ଼ାଇ ଥିଲେ। ଖବରପାଇ ନନ୍ଦନକାନନ ଜନ୍ତୁ ରେଞ୍ଜର ସୁଦୀପ ପଣ୍ଡା, ରେଭେନ୍ୟୁ ରେଞ୍ଜର ସ୍ୱାଗତିକା ସାହୁ, ସିକ୍ୟୁରିଟି ଫରେଷ୍ଟର ଜିଏଫ ଖାନ, ଜନ୍ତୁ ଫରେଷ୍ଟ ଗାର୍ଡ ରାମଚନ୍ଦ୍ର କାଣ୍ଡି ପ୍ରମୁଖ ପହଞ୍ଚି ଆହତ ଦିଲୀପଙ୍କ ପରିବାରକୁ ପଟିଆସ୍ଥିତ ଏକ ଘରୋଇ ଡାକ୍ତରଖାନାକୁ ପଠାଇଥିବାବେଳେ ଅନ୍ୟ ଆହତଙ୍କୁ ସ୍ଥାନୀୟ ହସ୍ପିଟାଲରେ ଚିକିତ୍ସା କରାଯାଇଥିଲା।

# ବଲ୍‌କୁ ଗୋଇଠା ମାରି ବ୍ୟାଟ୍ସମ୍ୟାନ ଆଉଟ୍

**ନର୍ଥ ସାଉଣ୍ଡ,୧୧।୩**

ଫିଲ୍ଡରେ ବାଧା ଦେଇ ଆଉଟ୍ ହୋଇଥିବା ବ୍ୟାଟ୍ସମ୍ୟାନଙ୍କ ତାଲିକାରେ ସାମିଲ ହୋଇଛନ୍ତି ଶ୍ରୀଲଙ୍କା ଦଳର ଓପନର ଦନୁଷ୍କା ଗୁଣଥିଲକା। ଆଣ୍ଟିଗୁଆଠାରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଖେଳାଯାଇଥିବା ପ୍ରଥମ ଦିନିକିଆରେ ଗୁଣଥିଲକା ବଲକୁ ପଛ ପଟୁ ଗୋଇଠା ମାରିଥିଲେ। ଶ୍ରୀଲଙ୍କା ବ୍ୟାଟିଂ କରୁଥିବାବେଳେ ୨୨ତମ ଓଭରରେ ୱେଷ୍ଟଇଣ୍ଡିଜ ଅଧିନାୟକ କିରନ ପୋଲାର୍ଡଙ୍କ ବଲକୁ ଡିଫେନ୍ସ କରିବା ପରେ ନନ୍ ଷ୍ଟ୍ରାଇକ୍ ବ୍ୟାଟ୍ସମ୍ୟାନଙ୍କୁ ରନ୍ ନେବାକୁ ମନା କରିଥିଲେ। ସେତେବେଳେ କ୍ରିଜ ବାହାରେ ଥିବା ଗୁଣଥିଲକାଙ୍କୁ ରନ୍‌ଆଉଟ୍ କରିବା ପାଇଁ ଦୌଡ଼ି ଆସିଥିଲେ ପୋଲାର୍ଡ। କିନ୍ତୁ ଗୁଣଥିଲକା ପଛୁଆ କ୍ରିଜକୁ ଫେରୁଥିବାବେଳେ ବଲକୁ ଗୋଇଠା ମାରିଥିଲେ। ଏହାକୁ ଆଉଟ୍ ଦେବା ପାଇଁ ଆବେଦନ କରିଥିଲେ ୱେଷ୍ଟଇଣ୍ଡିଜ ଖେଳାଳି। ଫିଲ୍ଡ ଅମ୍ପାୟର ଜୋଏଲ ୱିଲସନ ଓ ଗ୍ରେଗୋରି ବ୍ରାଥୱେଟ୍ ମାଗିଥିଲେ ୩ୟ ଅମ୍ପାୟର ନିଗୁଏଲ ଡୁଗୁଏଡ୍‌ଙ୍କ ସହାୟତା। ବାମହାତୀ ଓପନର ଜାଣିଶୁଣି ବଲକୁ କିକ୍ କରିଥିବା ଫୁଟେଜରୁ ଜଣାପଡ଼ିବା ପରେ ଆଉଟ୍ ଦର୍ଶାଇଥିଲେ। ତେବେ ଏହି ନିଷ୍ପତ୍ତିକୁ ବିରୋଧ କରି ମ୍ୟାଚ୍ ରେଫରିଙ୍କ ଠାରୁ ନିୟମ ଉପରେ ସ୍ପଷ୍ଟିକରଣ ମାଗିଛନ୍ତି ଶ୍ରୀଲଙ୍କା ଦଳର କୋଚ୍ ମିକି ଆର୍ଥର।




# ନିଷିଦ୍ଧ ସତ୍ତ୍ୱେ ମିଳୁଛି କ୍ଲୋରପାଇରିଫସ୍ କୀଟନାଶକ

**ଭୁବନେଶ୍ୱର, ୧୧।୩(ବ୍ୟୁରୋ)**

ବରଗଡ଼ ବନଖଣ୍ଡ ଭଟଲି ରେଞ୍ଜ ଅନ୍ତର୍ଗତ ଦେଉତୁଆଁ ସଂରକ୍ଷିତ ଜଙ୍ଗଲରେ ଥିବା ଏକ ପୋଖରୀରେ ଗତ ୧୫ଦିନ ତଳେ ବହୁ ମାଛ ମରି ଭାସିଥିଲେ। ଏହା ଜଣାପଡ଼ିବା ପରେ ଏହାର ନମୁନା ପରୀକ୍ଷା ଓୟୁଏଟିରେ ହୋଇଥିଲା। ତେବେ ରିପୋର୍ଟରେ ବିଷକ୍ରିୟା ଯୋଗୁ ମାଛଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିବା ପରେ ଏବେ ବନ ବିଭାଗର ଚିନ୍ତା ବଢ଼ିଯାଇଛି। କ୍ଲୋରପାଇରିଫସ୍ ନାମକ କୀଟନାଶକ ବିଷ ଥିବା ରିପୋର୍ଟରୁ ଜଣାପଡ଼ିଛି। ସେହି ପୋଖରୀରୁ ପାଣି ଆଉ ବ୍ୟବହାର ହୋଇପାରିବନି ବୋଲି ଟକ୍ସିକୋଲୋଜି ବିଶେଷଜ୍ଞମାନେ ମତ ଦେଲେଣି। ଉକ୍ତ ପୋଖରୀ ଜଙ୍ଗଲ ଭିତରେ ଥିବାରୁ ଶିକାରୀମାନେ ହିଁ ବନ୍ୟପ୍ରାଣୀ ଶିକାର ପାଇଁ ଏଭଳି ଆପରାଧିକ କାଣ୍ଡ ଭିଆଇଥିବା ସନ୍ଦେହ କରାଯାଉଛି। ଅପରପକ୍ଷରେ ପୋଖରୀ ପାଣି ପିଇ ବନ୍ୟପ୍ରାଣୀ ବା ଗୃହପାଳିତ ପଶୁ ମରିବା ଆଶଙ୍କା ଦେଖାଦେଇଛି। ଏନେଇ ବରଗଡ଼ ଡିଏଫ୍‌ଓ ସନ୍ଦୀପ ପ୍ରାଟି ଗଣମାଧ୍ୟମକୁ କହିଛନ୍ତି, ଆମେ ସନ୍ଦେହରେ ମଲାମାଛ ଓ ପାଣି ନମୁନା ଓୟୁଏଟିକୁ ପଠେଇଥିଲୁ। ଉକ୍ତ ନମୁନାରେ କ୍ଲୋରପାଇରିଫସ ପଜିଟିଭ୍ ଆସିବା ପରେ ସେହି ପୋଖରୀକୁ ଯେପରି କୌଣସି ପ୍ରାଣୀ ପାଣି ପିଇବା ପାଇଁ ଯାଇ ନ ପାରିବେ, ସେଥିପାଇଁ ରୋଟେସନ ବା ସମୟ ଅନ୍ତରରେ ଜଣେ କର୍ମଚାରୀ ସବୁବେଳେ ମୁତୟନ ରହିବେ। ତେବେ ବିଷ କିଏ ପକେଇଛି ତାହା ତଦନ୍ତ ଚାଲିଛି। ଏହା ଜଣାପଡ଼ିବା ପରେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଶ୍ଚୟ ନିଆଯିବ ବୋଲି ଡିଏଫ୍‌ଓ ସନ୍ଦୀପ କହିଛନ୍ତି।

ଏହି କ୍ଲୋରପାଇରିଫସ ବିଷର କୁପ୍ରଭାବ ଅଧିକ ବୋଲି ଓୟୁଏଟି ଭେଟେରିନାରୀ କଲେଜର ଫାର୍ମାକୋଲୋଜି ଓ ଟକ୍ସିକୋଲୋଜି ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡା. ଅଜିତ କୁମାର ନାୟକ କହିଛନ୍ତି। ତାଙ୍କ କହିବାନୁସାରେ, କ୍ଲୋରପାଇରିଫସ ସଂସ୍ପର୍ଶରେ ଆସିଲେ ବିଷକ୍ରିୟା ସୃଷ୍ଟି ହୋଇଥାଏ। ଅଧିକ ବିଷକ୍ରିୟା ହେଲେ ଶୀଘ୍ର ମୃତ୍ୟୁ ହେବାର ଆଶଙ୍କା ରହିଥିବାବେଳେ କମ୍ ବିଷକ୍ରିୟାରେ ଅନେକ ପ୍ରକାର ରୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି। ତେବେ ଦୁଃଖର ବିଷୟ ଯେ, ଆମେରିକାରେ ଏହି କ୍ଲୋରପାଇରିଫସ ୨୦୦୧ରୁ ନିଷିଦ୍ଧ ଘୋଷଣା ହୋଇଥିବାବେଳେ ଭାରତରେ ୨୦୨୦ ମସିହା ମେ' ମାସରୁ ବ୍ୟାନ୍ କରାଯାଇଛି। ତେଣୁ ନମୁନାରୁ କ୍ଲୋରପାଇରିଫସ ମିଳିବା ଅତ୍ୟନ୍ତ ବିପଜ୍ଜନକ ଏବଂ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ବୋଲି ନାୟକ କହିଛନ୍ତି।

କେନ୍ଦ୍ର ସରକାର ୨୦୨୦ ମେ' ୧୪ରେ ବିଧିବଦ୍ଧ ଭାବରେ ଗେଜେଟ ନୋଟିଫିକେଶନ ଜରିଆରେ ଅତ୍ୟଧିକ କୁପ୍ରଭାବ ଥିବା ମୋଟ ୨୭ କୀଟନାଶକର ବ୍ୟବହାର, ଆମଦାନୀ, ପ୍ରସ୍ତୁତି ଆଦିକୁ ଦେଶରେ ନିଷିଦ୍ଧ କରିଥିଲେ। ଏହି ତାଲିକାର ୮ନମ୍ବର ସ୍ଥାନରେ କ୍ଲୋରପାଇରିଫସ ରହିଛି। ହେଲେ ନିଷିଦ୍ଧ ଘୋଷଣାର ଏତେ ଦିନ ପରେ ରାଜ୍ୟରେ ଶିକାର ପାଇଁ କ୍ଲୋରପାଇରିଫସ ବ୍ୟବହାର କରାଯିବା ଭିନ୍ନ ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଏହି କୀଟନାଶକ ଏବେ ବି ବିଭିନ୍ନ ଦୋକାନରେ ବିକ୍ରି ହେଉଥିବା ଜଣାପଡ଼ିଛି।




ଅପରପକ୍ଷରେ ଏହି ଘଟଣାକୁ ବନ୍ୟପ୍ରାଣୀ ବିଶେଷଜ୍ଞମାନେ ଅତି ଗମ୍ଭୀରତାର ସହ ଦେଖୁଛନ୍ତି। ଆଗରୁ ମଧ ପାଣିରେ ବିଷ ମିଶେଇ ବନ୍ୟପ୍ରାଣୀଙ୍କୁ ଶିକାର କରାଯାଉଥିଲା। କିନ୍ତୁ ଘଟଣାକୁ ଚାପି ଦିଆଯାଉଥିଲା। ହେଲେ ବରଗଡ଼ ଡିଏଫ୍‌ଓ ନମୁନା ପରୀକ୍ଷା ପାଇଁ ପଠେଇବା ପରେ କ୍ଲୋରପାଇରିଫସ ରାଜ୍ୟରେ ଏବେବି ବିକ୍ରି ହେଉଥିବାର ପ୍ରମାଣ ମିଳିଛି। ଏନେଇ ବନ୍ୟପ୍ରାଣୀ ବିଶେଷଜ୍ଞ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି, କ୍ଲୋରପାଇରିଫସ ଭାରତରେ ବ୍ୟାନ୍ କରାଯାଇଥିଲେ ମଧ ଆମ ରାଜ୍ୟରେ ଏହା ବହୁଳ ବ୍ୟବହାର ହେଉଛି। ଖୋଦ୍ ରାଜଧାନୀ ଭୁବନେଶ୍ୱରରେ ମଧ ବିଭିନ୍ନ ଟ୍ରେଡ୍ ନାଁ ରେ ବିଭିନ୍ନ କମ୍ପାନୀର କ୍ଲୋରପାଇରିଫସ ଖୋଲାଖୋଲି ବିକ୍ରି ହେଉଛି। କୃଷି ବିଭାଗ ଅଧିକାରୀମାନେ ପୋଲିସର ସହଯୋଗ ନେଇ ସମ୍ପୃକ୍ତ ଦୋକାନରେ ଚଢ଼ାଉ କରି ନିଷିଦ୍ଧ କୀଟନାଶକ ସବୁ ତୁରନ୍ତ ଜବତ କରିବା ଆବଶ୍ୟକ। ଏନେଇ ଦୋକାନୀଙ୍କୁ ସଚେତନ କରିବା ସହ ଚାଷୀଙ୍କୁ ନିଷିଦ୍ଧ କୀଟନାଶକର କୁପ୍ରଭାବ ବିଷୟରେ ବୁଝେଇବା ନିହାତି ଜରୁରୀ। ଅପରପକ୍ଷରେ ଯେଉଁ କମ୍ପାନୀମାନେ କେନ୍ଦ୍ର କଟକଣା ଜାରି କରିବା ପରେ ମଧ ଓଡ଼ିଶାରେ ନିଜର ଉତ୍ପାଦ ବିକ୍ରି କରୁଛନ୍ତି, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଉଚିତ ବୋଲି ଶୁଭେନ୍ଦୁ କହିଛନ୍ତି।

## ସଂକ୍ଷେପରେ

### ସଭାପତି, ସମ୍ପାଦକ ପଦବୀରେ ତ୍ରିମୁଖୀ ଲଢ଼େଇ

**କାମାକ୍ଷାନଗର, ୧୧।୩(ଡି.ଏନ୍.ଏ):** ଢେଙ୍କାନାଳ ଜିଲା କାମାକ୍ଷାନଗର ଓକିଲ ସଂଘ ନିର୍ବାଚନକୁ ନେଇ ଆଇନଜୀବୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ସଭାପତି ପଦ ପାଇଁ ଧର୍ମାନନ୍ଦ ମଲ୍ଲିକ ଓ ରଞ୍ଜନ ରାଉତ ଏବଂ ସମ୍ପାଦକ ପଦବୀରେ ସନ୍ଦିପ ପଟ୍ଟନାୟକ ଓ ସୂର୍ଯ୍ୟକାନ୍ତ ବିଶ୍ୱାଳଙ୍କ ମଧ୍ୟରେ ତ୍ରିମୁଖୀ ଲଢ଼େଇ ହେବ। ଉପସଭାପତି ଭାବେ ସୂର୍ଯ୍ୟନାରାୟଣ ସାହୁ, ସହ ସମ୍ପାଦକ ଅଜୟ ନାଏକ, କୋଷାଧକ୍ଷ ଉମେଶ ନାଏକ, ଲାଇବ୍ରେରିଆନ ସୁଭଦ୍ରା ପ୍ରିୟଦର୍ଶିନୀ, କାର୍ଯ୍ୟନିର୍ବାହୀ ସଭ୍ୟ ଛାୟାକାନ୍ତ ସାହୁ, ସଞ୍ଜୀବ ପଣ୍ଡା, ସର୍ବଜିତ୍ ଜୀ, ନିର୍ମଳ ସାମଲ, ପ୍ରତ୍ୟୁଷ କୁମାରୀ ମିଶ୍ର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ବରିଷ୍ଠ ଆଇନଜୀବୀ ତଥା ନିର୍ବାଚନ ଅଧିକାରୀ ପ୍ରଭାସ ରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି।

### ପ୍ରଥମ ସେମି ଜିତିଲା ଏଫ୍‌ସିସି ତାଳଚେର

**ପରଜଙ୍ଗ, ୧୧।୩(ଡି.ଏନ୍.ଏ):** ପରଜଙ୍ଗ ମିନିଷ୍ଟାଡିୟମରେ ଚାଲିଥିବା ରାଜ୍ୟସ୍ତରୀୟ ବିଜୁ ପଟ୍ଟନାୟକ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଗୁରୁବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ଯାଜପୁରର ବିଏମ୍‌ସିସି ଗୋଲକୁଣ୍ଡାକୁ ହରାଇ ତାଳଚେର ଏଫ୍‌ସିସି ବିଜୟୀ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା ଯାଜପୁର ନିର୍ଦ୍ଧାରିତ ୨୫ ଓଭରରୁ ୨୪.୫ ଓଭର ଖେଳି ୧୭୪ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ ତାଳଚେର ୨୧.୨ ଓଭର ଖେଳି ମାତ୍ର ଗୋଟିଏ ଉଇକେଟ ହରାଇ ୧୮୧ ରନ୍ କରି ମ୍ୟାଚକୁ ଜିତି ନେଇଥିଲା। ଟିଲୁ ଭଞ୍ଜ, ପ୍ରକାଶ ସେଠୀ ଖେଳ ପରିଚାଳନା କରିଥିବା ବେଳେ ଶାନ୍ତିସ୍ୱରୂପ ତ୍ରିପାଠୀ ଧାରାବିବରଣୀ ଦେଇଥିଲେ। ସଂଗ୍ରାମ ଦଳବେହେରା ସ୍କୋରର ରହିଥିଲେ। ଟୁର୍ଣ୍ଣାମେଣ୍ଟରେ ଜିଲା ବାହାରୁ ୮ ଦଳ ଅଂଶଗ୍ରହଣ କରିଛନ୍ତି। ଏହାର ମେଗା ଫାଇନାଲ ମ୍ୟାଚ୍ ୧୫ ତାରିଖରେ ହେବ। ଶୁକ୍ରବାର ଏନ୍‌ଆରସିଏ ନାଲ୍‌କୋ ଏବଂ ମା’ ମଙ୍ଗଳା କ୍ଲବ କଟକ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ ରଘୁବୀର ଫାଉଣ୍ଡେଶନ ପକ୍ଷରୁ ସୂଚନା ଦିଆଯାଇଛି।

### ଶୈବପୀଠ ଲୋକାରଣ୍ୟ

**କାମାକ୍ଷାନଗର, ୧୧।୩(ଡି.ଏନ.ଏ.):** ପବିତ୍ର ମହାଶିବରାତ୍ରିରେ ଲୋକାରଣ୍ୟ ହୋଇଉଠିଥିଲା କାମାକ୍ଷାନଗର ଅଞ୍ଚଳର ସମସ୍ତ ଶୈବପୀଠ। ତେନ୍ତୁଳିସିଙ୍ଗାସ୍ଥିତ ରାମେଶ୍ୱର ମହାଦେବ, ମୁଣ୍ଡିଦେଉଳିସ୍ଥିତ କାମେଶ୍ୱର ମହାଦେବ, ଶିବୁଲାପଶିର ସ୍ୱପ୍ନେଶ୍ୱର, ଅନନ୍ତପୁରର ସିଦ୍ଧେଶ୍ୱର, ହାତୁଆରିର କପିଳେଶ୍ୱର, ଭଗୀରଥପୁରର କେଦାରେଶ୍ୱର, ତେଣ୍ଡାଖୋଲର ଅଶ୍ୱିନେଶ୍ୱର, ଆମ୍ବଖୋଲର ବାଞ୍ଛେଶ୍ୱର ମନ୍ଦିରରେ ଦିଅଁ ଦର୍ଶନ ପାଇଁ ଶ୍ରଦ୍ଧାଳୁ ଲମ୍ବାଧାଡ଼ି ଲଗାଇଥିଲେ। ରାମେଶ୍ୱର ମନ୍ଦିରରେ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା କରାଯାଇଥିଲା। ମାନସିକଧାରୀ ଜାଗର ଜାଳିଥିଲେ। ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ମୁତୟନ କରାଯାଇଥିଲା।

### ବ୍ୟାଙ୍କମିତ୍ରଙ୍କୁ ତାଲିମ

**ଢେଙ୍କାନାଳ ଅଫିସ, ୧୧।୩:** ଢେଙ୍କାନାଳ ଦକ୍ଷିଣକାଳୀ ରୋଡ୍‌ସ୍ଥିତ ୟୁକୋ ଗ୍ରାମ୍ୟ ବ୍ୟାଙ୍କ ଆତ୍ମନିଯୁକ୍ତି ପ୍ରତିଷ୍ଠାନରେ ବ୍ୟାଙ୍କମିତ୍ର ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଥିରେ ୨୩ ମହିଳା ଅଂଶଗ୍ରହଣ କରିଛନ୍ତି। ପିଡି ଡିଆର୍‌ଡିଏ ନରୋତ୍ତମ ବେହେରା, ଏଲ୍‌ଡିଏମ୍ ବିଶ୍ୱନାଥ ପଟ୍ଟନାୟକ, ଏପିଡି ମୌସୁମୀ ମହନ୍ତ, ଜୀବିକା ମିଶନର ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ଅମ୍ରିତା ଦାସ, ପ୍ରତିଷ୍ଠାନର ନିର୍ଦ୍ଦେଶିକା ପୁଷ୍ପଲତା ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ବ୍ୟାଙ୍କ ସହ ସମନ୍ୱୟ ରକ୍ଷା, ଗ୍ରାହକଙ୍କୁ ଆବଶ୍ୟକ ତଥ୍ୟ ପ୍ରଦାନ କରିବାକୁ ପରାମର୍ଶ ଦିଆଯାଇଥିଲା। ସୁଚିତ୍ରା ଗଡନାୟକ, କାଦମ୍ବରୀ ମହାକୁଡ, ପ୍ରଣବ ମିଶ୍ର, ପ୍ରଶିକ୍ଷକ ଚିନ୍ମୟ ଜନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ମହିଳାଙ୍କ ସ୍ୱାସ୍ଥ୍ୟରକ୍ଷା ଉପରେ ଗୁରୁତ୍ୱ

**ଢେଙ୍କାନାଳ ଅଫିସ, ୧୧।୩:** କାମାକ୍ଷାନଗର କୋଟଗରା ପଞ୍ଚାୟତ କଲ୍ୟାଣମଣ୍ଡପରେ ଭୁବନେଶ୍ୱରସ୍ଥିତ ରାଷ୍ଟ୍ରୀୟ ଶ୍ରମିକ ଶିକ୍ଷା ଓ ବିକାଶ ଏବଂ ‘ପ୍ରିୟ’ ଅନୁଷ୍ଠାନ ସହଯୋଗରେ ଦୁଇଦିନିଆ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଟଙ୍କଧର ବାରିକ, ଅମ୍ବୁଜ ପୁହାଣ, ପ୍ରକାଶ ମିଶ୍ର ଯୋଗଦେଇ ମହିଳାଙ୍କ ପାଇଁ ପୁଷ୍ଟିକର ଖାଦ୍ୟର ଆବଶ୍ୟକତା, ସ୍ୱଚ୍ଛତା ଏବଂ ସ୍ୱାସ୍ଥ୍ୟରକ୍ଷା ଉପରେ ବୁଝାଇଥିଲେ। ଏସ୍‌ଏଚ୍‌ଜି ସଦସ୍ୟାଙ୍କୁ ସ୍ୱାବଲମ୍ବୀ ହେବାକୁ ପରାମର୍ଶ ଦିଆଯାଇଥିଲା। ରବୀନ୍ଦ୍ର ସାମଲ, ସୁନିଲା ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜାଗରରେ ଖାଁ ଖାଁ କପିଳାସ

**ଢେଙ୍କାନାଳ ଅଫିସ, ୧୧।୩**



କୋଭିଡ୍ କଟକଣା ପାଇଁ ଫିକାପଡ଼ିଛି କପିଳାସ କ୍ଷେତ୍ରାଧିପତି ଶ୍ରୀଚନ୍ଦ୍ରଶେଖରଜୀଉଙ୍କ ପ୍ରସିଦ୍ଧ ଜାଗରଯାତ୍ରା। ପୀଠର ସେବାୟତଙ୍କୁ ନେଇ ମହାଦେବ ଏବଂ ଦେବୀ ପାର୍ବତୀଙ୍କ ସମସ୍ତ ନୀତିକାନ୍ତି ସମ୍ପନ୍ନ ହୋଇଥିବାବେଳେ ମନ୍ଦିର ପ୍ରବେଶ ପାଇଁ ଅନୁମତି ପାଇଥିବା ସ୍ୱଳ୍ପସଂଖ୍ୟକ କୋଭିଡ୍ ନେଗେଟିଭ୍ ରିପୋର୍ଟଧାରୀ ଶ୍ରଦ୍ଧାଳୁ ଜାଳିଥିଲେ ଜାଗର। ଫଳରେ ପ୍ରତିବର୍ଷ ଲକ୍ଷାଧିକ ଲୋକଙ୍କ ସମାଗମରେ ଫାଟି ପଡୁଥିବା କପିଳାସର ପରିବେଶ ମହାଶିବରାତ୍ରିରେ ଲାଗୁଥିଲା ଖାଁ ଖାଁ।

ଦେବୋତ୍ତର ବିଭାଗ, ମନ୍ଦିର ପରିଚାଳନା କମିଟିର ନିଷ୍ପତ୍ତି ତଥା ରାଜପୁରୋଧାଙ୍କ ନିର୍ଦ୍ଧାରିତ ସମୟ ନିର୍ଘଣ୍ଟ ଅନୁଯାୟୀ ପ୍ରାତଃ ସମୟରେ ଠାକୁରଙ୍କ ଦ୍ୱାର ଖୋଲାଯାଇଥିଲା। ଏହାପରେ ମହାସ୍ନାନ, ଧୂପ, ଭୋଗପରେ ଷୋଡ଼ଶ ଉପଚାର ବିଧିରେ ପୂଜାର୍ଚ୍ଚନା କରାଯାଇଥିଲା। ମହାଶିବରାତ୍ରି ଉପଲକ୍ଷେ ମହାପ୍ରଭୁ ଶ୍ରୀଚନ୍ଦ୍ରଶେଖର ନାଗାଭରଣ ଏବଂ ମା’ ପାର୍ବତୀ ରାଜରାଜେଶ୍ୱରୀ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ସୁନା ଅଳଙ୍କାରରେ ସଜ୍ଜିତ ହୋଇ ଝଟକିଥିଲେ ଦେବଦମ୍ପତି। ସନ୍ଧ୍ୟା ୬ଟାରେ ସନ୍ଧ୍ୟା ଆଳତି ହୋଇଥିଲା। ରାତି ୭ଟାରୁ ସାଢ଼େ ୮ଟା ମଧ୍ୟରେ ପ୍ରଥମ ଚାରିପୂଜା ଅନୁଷ୍ଠିତ ହୋଇଛି। ଭୋର ୪ଟା ୨୦ ସୁଦ୍ଧା ମନ୍ଦିର ଚୂଡ଼ାକୁ ମହାଦୀପ ଉଠିବା କାର୍ଯ୍ୟକ୍ରମ ରହିଛି। ରାଜପରିବାର ପକ୍ଷରୁ ଯୁବରାଜ ଅମରଜ୍ୟୋତି ସିଂଦେଓ ପରମ୍ପରା ଅନୁଯାୟୀ ପୂଜାର୍ଚ୍ଚନା କରିଥିଲେ।



ମାନସିକଧାରୀମାନେ ଜାଗର ଜାଳି ବସିଛନ୍ତି।

- ନାଗାଭରଣ ବେଶରେ ଦର୍ଶନ ଦେଲେ ମହାପ୍ରଭୁ ଶ୍ରୀଚନ୍ଦ୍ରଶେଖର
- ରାଜରାଜେଶ୍ୱରୀ ବେଶରେ ଝଟକିଲେ ମା’ ପାର୍ବତୀ
- କୋଭିଡ୍ ରିପୋର୍ଟଧାରୀ ଶ୍ରଦ୍ଧାଳୁଙ୍କୁ ମିଳିଲା ଅନୁମତି

ଚଳିତବର୍ଷ କୋଭିଡ୍ କଟକଣା ମଧ୍ୟରେ ଜାଗର ଯାତ୍ରା ପାଳିତ ହୋଇଛି। ରାଜ୍ୟ ବାହାର ଏବଂ ଜିଲାର ଶ୍ରଦ୍ଧାଳୁଙ୍କ ସମାଗମକୁ ବାରଣ କରାଯାଇଛି। ଜିଲାର କୋଭିଡ୍ ନେଗେଟିଭ୍ ରିପୋର୍ଟଧାରୀ ଭକ୍ତଙ୍କୁ କେବଳ ଅନୁମତି ପ୍ରଦାନ କରାଯାଇଥିଲା। ମାସ୍କ ପରିଧାନ, ସାମାଜିକ ଦୂରତ୍ୱ ରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଥିଲା। ନିୟମ କଡ଼ାକଡ଼ି ପାଳନ କରାଯାଇଥିବାରୁ ଖୁବ୍ କମ୍ ସଂଖ୍ୟକ ଶ୍ରଦ୍ଧାଳୁ ପୀଠକୁ ଆସିଥିଲେ। ବାରବାଙ୍କ ଘାଟି ରାସ୍ତା ପୂର୍ବରୁ କୋଭିଡ୍ ପରୀକ୍ଷା ପାଇଁ ଶିବିର ଖୋଲାଯାଇଥିଲା। ଦେବୋତ୍ତର ବିଭାଗ କର୍ମଚାରୀ ରିପୋର୍ଟ ଯାଞ୍ଚ କରିଥିଲେ। ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ଘାଟିରାସ୍ତା ଏବଂ ପାହାଚ ରାସ୍ତାରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା କରାଯାଇଛି। ଯାନବାହନ ନିୟନ୍ତ୍ରଣ ଏବଂ ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ୧୩ ପ୍ଲାଟୁନ ସଶସ୍ତ୍ର ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି।

ସକାଳେ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ଏମ୍‌ପି ମହେଶ ସାହୁ, ବିଧାୟକ ସୁଧୀର କୁମାର ସାମଲ ପ୍ରମୁଖ ଶ୍ରୀଜୀଉଙ୍କୁ ଦର୍ଶନ କରିଥିଲେ। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା, ଏସ୍‌ପି କେ. ଶିବା ସୁବ୍ରମଣି, ଜିଲା ବନଖଣ୍ଡ ଅଧିକାରୀ ଡା. ପ୍ରକାଶଚାନ୍ଦ ଗୋଗିନେନି, ପ୍ରକଳ୍ପ ନିର୍ଦ୍ଦେଶକ ନରୋତ୍ତମ ବେହେରା, ଜିଲା ଦେବୋତ୍ତର ଅଧିକାରୀ ତଥା ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ ପ୍ରମୁଖ ଜାଗର ଯାତ୍ରା ପରିଚାଳନାର ତଦାରଖ କରିଥିଲେ।

### ଭକ୍ତଙ୍କଠାରୁ ପୋଲିସ ବେଶି

କପିଳାସ ଜାଗରଯାତ୍ରାରେ ସାମିଲ ହେବାକୁ ଜିଲା ତଥା ଜିଲା ବାହାର ଶ୍ରଦ୍ଧାଳୁଙ୍କ ମଧ୍ୟରେ ରହିଥାଏ ଅହେତୁକ ଉତ୍କଣ୍ଠା। ତେବେ ଚଳିତବର୍ଷର ପରିବେଶ ଥିଲା ଭିନ୍ନ। କୋଭିଡ୍ ସଂକ୍ରମଣ ଏଡ଼ାଇବାକୁ ନିୟମ ପାଳନ କଡ଼ାକଡ଼ି କରାଯାଇଥିବାର କମ୍‌ସଂଖ୍ୟକ ଶ୍ରଦ୍ଧାଳୁ ପୀଠକୁ ଆସିଥିଲେ। ଭକ୍ତଙ୍କଠାରୁ ପୋଲିସ ସଂଖ୍ୟା ଅଧିକ ଥିଲା।

### ଇଚ୍ଛା ଥାଇ ଦର୍ଶନରୁ ବଞ୍ଚିତ

ପବିତ୍ର ମହାଶିବରାତ୍ରିରେ ଶ୍ରୀଚନ୍ଦ୍ରଶେଖରଜୀଉଙ୍କ ନାଗାଭରଣ ଏବଂ ମା’ ପାର୍ବତୀଙ୍କ ସୁନାବେଶ ଦେଖିବାକୁ ସବୁବର୍ଷ ଅପେକ୍ଷା କରି ରହିଥାନ୍ତି ଜିଲାବାସୀ। ହେଲେ ଚଳିତବର୍ଷ କଟକଣା ପାଇଁ ଅନେକେ ଏହି ଦୁର୍ଲଭ ବେଶ ଦର୍ଶନରୁ ବଞ୍ଚିତ ହୋଇଛନ୍ତି। ଇଚ୍ଛା ଥିଲେ ବି ଅନେକେ ହଇରାଣ ହେବା ଆଶଙ୍କାରେ ପୀଠକୁ ଯାଇ ନ ଥିଲେ। ସେମାନେ ଘରେ ଏବଂ ନିକଟ ଶୈବପୀଠରେ ବ୍ରତ ପାଳନ କରିଥିଲେ।

### ପଶିଲାନି ପଲିଥିନ

ଜାଗରଯାତ୍ରାରେ କପିଳାସପୀଠକୁ ପଲିଥିନମୁକ୍ତ କରିବାକୁ ଯୋଜନା କରିଥିଲା ପ୍ରଶାସନ, ଯାହା ସଫଳ ହୋଇଛି। ଯାଞ୍ଚ କଡ଼ାକଡ଼ି ଯୋଗୁ ପୀଠକୁ ପଲିଥିନ ପଶିପାରିନି। ମନ୍ଦିର ପରିସରରେ ଦୋକାନ ଖୋଲିଥିବା ଦୋକାନୀଙ୍କୁ କାଗଜ ମୁଣାରେ ପ୍ରସାଦ ବିକ୍ରି କରିବାକୁ ନିର୍ଦ୍ଦେଶ କରାଯାଇଥିଲା। ଏହାକୁ ସେମାନେ ପାଳନ କରିଥିଲେ। ଫଳରେ ପୂର୍ବବର୍ଷ ଅପେକ୍ଷା ମନ୍ଦିର ବେଢ଼ାର ପରିବେଶ ସଫାସୁତରା ରହିପାରିଥିଲା।

## କପିଳାସରେ ବିଭିନ୍ନ ପ୍ରକଳ୍ପ ଲୋକାର୍ପିତ

**ଢେଙ୍କାନାଳ ଅଫିସ, ୧୧।୩**

ଜାଗରଯାତ୍ରା ଅବସରର ଶୈବପୀଠ କପିଳାସରେ ହୋଇଥିବା ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ଲୋକାର୍ପିତ ହୋଇଛି। ପୀଠକୁ ଆସୁଥିବା ଶ୍ରଦ୍ଧାଳୁ, ପର୍ଯ୍ୟଟକ ଏହାର ସୁବିଧା ନେଇପାରିବେ ବୋଲି ଖଣି ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ କହିଛନ୍ତି।

ପ୍ରାଚୀନ କପିଳାସ ମନ୍ଦିରର ଆନୁଷଙ୍ଗିକ ବିକାଶ ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ପାଣ୍ଠିରୁ ୧ କୋଟି ଟଙ୍କା ମଞ୍ଜୁର କରିଥିଲେ। ଉକ୍ତ ଅନୁଦାନ ଅର୍ଥରେ କପିଳାସ ପାଦ ଦେଶରେ ତୀର୍ଥଯାତ୍ରୀ ଗୋଷ୍ଠୀ ସୁବିଧା କେନ୍ଦ୍ର, ମନ୍ଦିର ନିକଟରେ ଶୌଚାଳୟ, ଖରାଦିନେ ଜଳସଙ୍କଟର ମୁକାବିଲା ଲାଗି ପାନୀୟଜଳ ପ୍ରକଳ୍ପ, ସ୍ଥାୟୀ ଆଲୋକୀକରଣ ଏବଂ ପାହାଚ ରାସ୍ତାରେ ରେଲିଂ ବ୍ୟବସ୍ଥା କରାଯାଇଛି। ଗୁରୁବାର ମହାଶିବରାତ୍ରିରେ ମନ୍ତ୍ରୀ ଏସବୁ ଉନ୍ନୟନମୂଳକ କାର୍ଯ୍ୟକୁ ଲୋକାର୍ପଣ କରିଥିଲେ। ଏମ୍‌ପି ମହେଶ ସାହୁ, ବିଧାୟକ ସୁଧୀର ସାମଲ, ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା, ଏସ୍‌ପି କେ. ଶିବା ସୁବ୍ରମଣି, ଜିଲା ବନଖଣ୍ଡ ଅଧିକାରୀ ଡା. ପ୍ରକାଶଚାନ୍ଦ ଗୋଗିନେନି, ପ୍ରକଳ୍ପ ନିର୍ଦ୍ଦେଶକ ନରୋତ୍ତମ ବେହେରା, ଉପଜିଲାପାଳ ତଥା ଦେବୋତ୍ତର ଅଧିକାରୀ ସାଫଲ୍ୟ ମଣ୍ଡିତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ପୀଠରେ ପାନୀୟ ଜଳ ସମସ୍ୟା କାରଣରୁ ଠାକୁରଙ୍କ ନୀତିକାନ୍ତି ପ୍ରଭାବିତ ହେଉଥିଲା। ଏବେ ଏହି ସମସ୍ୟାରୁ ମୁକ୍ତି ମିଳିବ। ସେହିପରି ସ୍ଥାୟୀ ଆଲୋକୀକରଣ ଦ୍ୱାରା ପୀଠର ସୌନ୍ଦର୍ଯ୍ୟ ବଢ଼ିବା ସହିତ ଶ୍ରଦ୍ଧାଳୁମାନେ ଉପକୃତ ହେବେ। କପିଳାସ ପୀଠର ଉନ୍ନତି ଲାଗି ସରକାରଙ୍କ ଏଭଳି ପ୍ରୟାସକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।



ପ୍ରକଳ୍ପ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମନ୍ତ୍ରୀ, ଏମ୍‌ପି, ବିଧାୟକଙ୍କ ସମେତ ଅନ୍ୟମାନେ।

## ଝଡ଼ତୋଫାନ, କୁଆପଥର ବର୍ଷା

**ରାସୋଳ, ୧୧।୩(ଡି.ଏନ.ଏ.)**

ଢେଙ୍କାନାଳ ଜିଲାର ବିଭିନ୍ନ ସ୍ଥାନରେ ଗୁରୁବାର ସନ୍ଧ୍ୟାରେ ଝଡ଼ତୋଫାନ ହୋଇଛି। ଗଛଡ଼ାଳ ଭାଙ୍ଗିପଡ଼ିବା ସହ ବିଦ୍ୟୁତ୍ ବିଭ୍ରାଟ ସୃଷ୍ଟି ହୋଇଛି। ରାସୋଳ ଅଞ୍ଚଳରେ ରାତି ୮ଟାରୁ ଘଡ଼ଘଡ଼ି ସାଙ୍ଗକୁ କୁଆପଥର ବର୍ଷା ହୋଇଥିଲା। ଫଳରେ ପୁରୁଣାକଟକ-ସମ୍ବଲପୁର ରାସ୍ତାର ବିଭିନ୍ନ ସ୍ଥାନରେ ଗଛ ଡାଳ ଭାଙ୍ଗିପଡ଼ିଛି। ରାସ୍ତା ଅବରୋଧ ଯୋଗୁ ଯାନବାହନ ଅଟକି ରହିଛି। ଜାଗର ଜାଳିଥିବା ଶ୍ରଦ୍ଧାଳୁମାନେ ନାହିଁ ନ ଥିବା ହଇରାଣ ହୋଇଛନ୍ତି। ଠାକୁରଙ୍କ ନୀତିକାନ୍ତି ମଧ୍ୟ ପ୍ରଭାବିତ ହୋଇଛି। ଅନ୍ୟପଟେ କିଛିଦିନ ହେଲା ପ୍ରଚଣ୍ଡ ଖରା ଏବଂ ଜଙ୍ଗଲ ଜଳୁଥିବାରୁ ତାପମାତ୍ରା ବୃଦ୍ଧି ପାଉଥିଲା। କୁଆପଥର ବର୍ଷା ପରେ ସାମୟିକ ଆଶ୍ୱସ୍ତି ମିଳିଛି। ବିଦ୍ୟୁତ୍ ସରବରାହ ସ୍ୱାଭାବିକ କରିବାକୁ ବିଭାଗୀୟ କର୍ମଚାରୀମାନେ ଉଦ୍ୟମ ଚଳାଇଛନ୍ତି।

## ଆତ୍ମରକ୍ଷା କୌଶଳ ଶିଖିଲେ ଛାତ୍ରୀ



ଛାତ୍ରୀଙ୍କୁ ଆତ୍ମରକ୍ଷା ସୁରକ୍ଷା କୌଶଳ ବିଷୟରେ ପ୍ରଶିକ୍ଷଣ ଦିଆଯାଉଛି।

**ଢେଙ୍କାନାଳ ଅଫିସ, ୧୧।୩**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁରସ୍ଥିତ ସଚ୍ଚିଦାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁଦେବଜୀ ଫାଉଣ୍ଡେଶନ୍ ତରଫରୁ ମିଶନ ସୁରକ୍ଷା କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଛାତ୍ରୀଙ୍କୁ ଆତ୍ମରକ୍ଷା ସୁରକ୍ଷା କୌଶଳ ତାଲିମ ଦିଆଯାଇଛି। କଲେଜ ଅଧ୍ୟକ୍ଷ ପ୍ରଦୀପ ମିଶ୍ର ଏହାର ଶୁଭାରମ୍ଭ କରି ଆତ୍ମରକ୍ଷାର ଆବଶ୍ୟକତା ଉପରେ ଅବଗତ କରାଇଥିଲେ। ମୁଖ୍ୟ ପ୍ରଶିକ୍ଷକ ମାଷ୍ଟର ଇଂ. ସୌମ୍ୟବ୍ରତ ସାହୁ ବିଭିନ୍ନ ଆତ୍ମରକ୍ଷା କୌଶଳ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ପ୍ରଶିକ୍ଷକ ଡାର୍ଲିନ୍ ଡାଲ୍‌ଟନ୍, ଜାଗୃତି ତ୍ରିପାଠୀ, ମୋହିନୀ ଏଥିରେ ସହଯୋଗ କରିଥିଲେ। ଅଧ୍ୟାପିକା ଦୀପ୍ତିବାଳା ମିଶ୍ର, ଡ. ପୁଷ୍ପଲତା ରଥ, ସସ୍ମିତା ମହାପାତ୍ର, ଅଧ୍ୟାପକ ଦୁର୍ଗାମାଧବ ପାଣିଗ୍ରାହୀ, ସମରେନ୍ଦ୍ର ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ବିଜ୍ଞାନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ମାର୍ଥାପୁରକୁ ହରାଇ ଯୋରନ୍ଦା ଚାମ୍ପିୟନ

**ଢେଙ୍କାନାଳ ଅଫିସ, ୧୧।୩**

### ନାଇଟ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଗଁଦିଆ ବ୍ଲକ ସନ୍ଥପୁର ପଞ୍ଚାୟତ ମାର୍ଥାପୁର ଖେଳପଡ଼ିଆରେ ମା’ କୁସୁମେଇ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ପ୍ରଥମ ନାଇଟ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ମାର୍ଥାପୁରକୁ ହରାଇ ଯୋରନ୍ଦା ଚାମ୍ପିୟନ ହୋଇଛି। ଯୋରନ୍ଦା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୯ ଉଇକେଟ ହରାଇ ୧୧୬ ରନ୍ ସଂଗ୍ରହ କରିଥିଲା। ଜବାବରେ ମାର୍ଥାପୁର ୬ ଉଇକେଟ ହରାଇ ୧୧୧ ରନ୍ କରି ପରାସ୍ତ ହୋଇଥିଲା। ବ୍ୟକ୍ତିଗତ ୨୫ ରନ କରିବା ସହ ମୂଲ୍ୟବାନ ୨ ଉଇକେଟ ନେଇଥିବା ଯୋରନ୍ଦାର ଢୁଢୁଲ ତ୍ରିପାଠୀ ‘ମ୍ୟାନ ଅଫ୍ ଦି ମ୍ୟାଚ୍’ ଏବଂ ମାର୍ଥାପୁରର ମାନସ ରାଉତରାୟ ‘ମ୍ୟାନ୍ ଅଫ୍ ଦି ସିରିଜ’ ବିବେଚିତ ହୋଇଥିଲେ। ସାମାଜିକ କର୍ମୀ ନିରଞ୍ଜନ ରାଉତ ଚାମ୍ପିୟନ ଦଳକୁ ୪ ହଜାର ଏବଂ ରନର୍ସଅପ୍ ଦଳକୁ ୩ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରିଥିଲେ। ବିପ୍ଳବ ଭଞ୍ଜ, ଟିଙ୍କିନା ବାରିକ ଅମ୍ପାୟାରିଂ କରିଥିବାବେଳେ ମନୋଜ ରାଉତରାୟ, ରଞ୍ଜିତ ରାଉତରାୟଙ୍କ ସମେତ କ୍ଲବ ସଦସ୍ୟ ଏଥିରେ ସହଯୋଗ କରିଥିଲେ।



ଟ୍ରଫି ସହ ଚାମ୍ପିୟନ ଯୋରନ୍ଦା ଦଳର ଖେଳାଳିମାନେ।

# ଜାଗା ଖୋଜୁଛି ମଡେଲ ବସ୍‌ଷ୍ଟାଣ୍ଡ

**ଢେଙ୍କାନାଳ ଅଫିସ, ୧୧।୩**

- ଚୂଡ଼ାନ୍ତ ହୋଇପାରୁନି ଜମି ଚିହ୍ନଟ
- ଫାଇଲରେ ଅଟକି ରହିଛି ପ୍ରସ୍ତାବ
- ଓଏସ୍‌ଆର୍‌ଟିସି ତଥ୍ୟକୁ ଅପେକ୍ଷା: ଜିଲାପାଳ
- ଖୁବ୍ ଶୀଘ୍ର ଆଲୋଚନା ହେବ: ମନ୍ତ୍ରୀ

ବଢୁଛି ଢେଙ୍କାନାଳ ସହର। ବଦଳୁଛି କଳେବର। କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ସହିତ ଆନୁଷଙ୍ଗିକ ଭିତ୍ତିଭୂମିର ବିକାଶ ଆବଶ୍ୟକତା ଅନୁଭବ ହେଲାଣି। ହେଲେ ପ୍ରଶାସନିକ ଇଚ୍ଛାଶକ୍ତିର ଅଭାବ ଯୋଗୁ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଅଟକି ରହିଛି। ଦୀର୍ଘ ୫ବର୍ଷ ତଳେ ଢେଙ୍କାନାଳ ସହ ଆନ୍ତଃ ଜିଲା ଗମନାଗମନକୁ ଅଧିକ ସୁଗମ କରିବାକୁ ଏକ ମଡେଲ ବସ୍‌ଷ୍ଟାଣ୍ଡର ପରିକଳ୍ପନା କରାଯାଇଥିଲା। ହେଲେ ଅଦ୍ୟାବଧି ଜାଗା ଚିହ୍ନଟ ହୋଇପାରୁ ନ ଥିବାରୁ ଏହା ଅଟକି ରହିଛି। ପୁରୁଣା ବସ୍‌ଷ୍ଟାଣ୍ଡ ଲୋକଙ୍କ ଆବଶ୍ୟକତା ପୂରଣ କରିପାରୁ ନ ଥିବାବେଳେ ନାଲିଫିତା ତଳୁ ମୁଣ୍ଡ ଟେକି ପାରୁନି ମଡେଲ ବସ୍‌ଷ୍ଟାଣ୍ଡ ଭାଗ୍ୟ, ଯାହାକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି।

ପ୍ରଶାସନିକ ଏବଂ ରାଜନୈତିକ ଦୃଷ୍ଟିକୋଣରୁ ଶିଳ୍ପଜିଲା ଢେଙ୍କାନାଳର ଗୁରୁତ୍ୱ ଅନେକ। ଏଠାରେ ଗଢ଼ିଉଠିଛି ଅନେକ କମ୍ପାନୀ। ପ୍ରତିଷ୍ଠା ହୋଇଛି ଆଇଆଇଏମ୍‌ସି ଭଳି ଜାତୀୟ ଶିକ୍ଷାନୁଷ୍ଠାନ। କପିଳାସ, ସପ୍ତଶଯ୍ୟା ଭଳି ପର୍ଯ୍ୟଟସ୍ଥଳୀ ରାଜ୍ୟ ପର୍ଯ୍ୟଟନକୁ ବଳ ଦେଉଛି। ଜିଲା ସଦର ମହକୁମା ହୋଇଥିବାରୁ ସମସ୍ତ ପ୍ରଶାସନିକ ମୁଖ୍ୟାଳୟ ଏଠାରେ ଅବସ୍ଥିତ। ଏହାକୁ ବାଦ୍‌ଦେଲେ ସୀମାନ୍ତ ଜିଲା ଯାଜପୁର, କେନ୍ଦୁଝର, ଅନୁଗୋଳ, କଟକ ସହିତ ବ୍ୟବସାୟିକ ସମ୍ପର୍କ ରହିଛି। ଏହି କାରଣରୁ ଦୈନିକ ବହୁ ଯାତ୍ରୀ ବିଭିନ୍ନ କାମରେ ଢେଙ୍କାନାଳ ଆସିଥାନ୍ତି। ସହରରେ ଥିବା ପୁରାତନ ବସ୍‌ଷ୍ଟାଣ୍ଡରେ ବସ୍‌ରହଣି, ସଂଖ୍ୟାଧିକ ଯାତ୍ରୀଙ୍କ ଲାଗି ଆନୁଷଙ୍ଗିକ ଭିତ୍ତିଭୂମି ନାହିଁ। ଫଳରେ ଏକ ମଡେଲ ବସ୍‌ଷ୍ଟାଣ୍ଡ ନିର୍ମାଣ କରିବାକୁ ରାଜ୍ୟ ସରକାର ପରାମର୍ଶ ଦେଇଥିଲେ।

ଏଥିପୂର୍ବରୁ ମହିଷାପାଟ ପଡ଼ିଆରେ ୫ ଏକର ଜାଗାରେ ଡ୍ରିଟ୍ ପକ୍ଷରୁ ଅତ୍ୟାଧୁନିକ ମଡେଲ ବସ୍‌ଷ୍ଟାଣ୍ଡ ନିର୍ମାଣ କରିବାକୁ ଯୋଜନା ପ୍ରସ୍ତୁତ କରାଯାଇଥିଲା। ପ୍ରସ୍ତାବ କାର୍ଯ୍ୟକାରୀ କରିବା ପୂର୍ବରୁ ଏହାର ଭାଗ୍ୟ ଫାଇଲ ଭିତରେ ବନ୍ଦ ହୋଇ ରହିଗଲା। ଏହି ପଡ଼ିଆକୁ ଜିଲା ପ୍ରଶାସନ ପକ୍ଷରୁ ଲକ୍ଷ୍ମୀପୂଜା ସମୟରେ ପଲ୍ଲିଶ୍ରୀ ମେଳା ପାଇଁ ବ୍ୟବହାର କରାଯାଉଛି। ଏହାପରେ ପୁଣି ମଡେଲ ବସ୍‌ଷ୍ଟାଣ୍ଡ ପାଇଁ ଆରମ୍ଭ ହୋଇଥିଲା ଜାଗାଖୋଜା ପ୍ରକ୍ରିୟା। ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଓଡ଼ିଶା ରାଜ୍ୟ ପରିବହନ ନିଗମ (ଓଏସ୍‌ଆରଟିସି)ର ପୁରାତନ ବସ୍ ଗ୍ୟାରେଜ ଏବଂ କଲୋନୀ ଥିବା ୫ ଏକର ଜାଗାକୁ ନୂତନ ବସ୍‌ଷ୍ଟାଣ୍ଡ ପାଇଁ ବଛାଯାଇଥିଲା। କିନ୍ତୁ ରିଲାଏନ୍ସ କମ୍ପାନୀ ଉକ୍ତ ଜମିକୁ ଲିଜ୍‌ରେ ନେଇଥିବାରୁ ଏହାକୁ ନେଇ ଏବେ ଖୋଳତାଡ଼ ଚାଲିଛି। ତହସିଲ ପକ୍ଷରୁ ଜାଗାର ବର୍ତ୍ତମାନସ୍ଥିତି ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଯାଇଛି। ଜିଲାପାଳ ଏ ସମ୍ପର୍କରେ ଓଏସ୍‌ଆରଟିସିକୁ ଜଣାଇଛନ୍ତି। ଲିଜ୍‌ର ବର୍ତ୍ତମାନ ସ୍ଥିତି ଜଣାଇବା ଲାଗି ପରିବହନ ବିଭାଗକୁ କୁହାଯାଇଛି। ଅପରପକ୍ଷେ ପରିଚାଳନା ଅଭାବରୁ କାର୍ଯ୍ୟକ୍ଷମ ଥିବା ବସ୍‌ଷ୍ଟାଣ୍ଡ ଅବହେଳିତ ହୋଇପଡ଼ିଛି। ଏହାର ଉନ୍ନତୀକରଣ ପାଇଁ ରାଜ୍ୟ ପରିବହନ ବିଭାଗର ଅଧିକାରୀମାନେ ପରିଦର୍ଶନ କରି ଯାଇଛନ୍ତି। ତଥାପି ବିକାଶମୂଳକ କାର୍ଯ୍ୟ ଆରମ୍ଭ ହେଉନାହିଁ। ଏହା ଅନ୍ୟ ଏକ ସମସ୍ୟା ହୋଇଛି।

ଏ ସଂକ୍ରାନ୍ତରେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା କୁହନ୍ତି, ପ୍ରସ୍ତାବିତ ବସ୍‌ଷ୍ଟାଣ୍ଡ ପାଇଁ ଆର୍‌ଟିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଓଏସ୍‌ଆରଟିସିର ଜାଗାର ଲିଜ୍ ସ୍ଥିତି ସମ୍ପର୍କରେ ଜାଣିବା ଲାଗି ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ଓଏସ୍‌ଆର୍‌ଟିସି କର୍ତ୍ତୃପକ୍ଷଙ୍କଠାରୁ ତଥ୍ୟ ମିଳିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ। ଏ ସଂକ୍ରାନ୍ତରେ ପୂର୍ତ୍ତମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ କୁହନ୍ତି, ପ୍ରସ୍ତାବିତ ବସ୍‌ଷ୍ଟାଣ୍ଡ ସମ୍ପର୍କରେ ନିଷ୍ପତ୍ତି ନେବା ଲାଗି ରାଜ୍ୟ ପରିବହନ ବିଭାଗ ସଚିବ, ଅଧିକାରୀ ଏବଂ ଜିଲାପାଳଙ୍କ ସହ ଖୁବଶୀଘ୍ର ମିଳିତ ଆଲୋଚନା କରାଯିବ। ୫୫ନଂ. ଜାତୀୟ ରାଜପଥ ନିକଟରେ ଥିବାରୁ ଓଏସ୍‌ଆରଟିସିର ଜାଗାକୁ ପ୍ରାଥମିକତା ଦିଆଯିବ। ସେଠାରେ ବସ୍‌ଷ୍ଟାଣ୍ଡ ନିର୍ମାଣ ହେଲେ ସୁବିଧା ହେବ। ଲିଜ୍‌ର ସ୍ଥିତିସମ୍ପର୍କରେ ଜାଣିବା ପରେ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।



ପ୍ରସ୍ତାବିତ ବସ୍‌ଷ୍ଟାଣ୍ଡ ପାଇଁ ଚିହ୍ନଟ ହୋଇଥିବା ଓଏସ୍‌ଆରଟିସିର ପରିତ୍ୟକ୍ତ ବସ୍ ଗ୍ୟାରେଜ।

# ତେଲ ମୂଲ୍ୟ ବୃଦ୍ଧି, ଚାଲିଛି ଚୋରି

ପାରାଦୀପ, ୧୧।୩(ସ୍ୱ.ପ୍ର.)

ଦେଶରେ ପେଟ୍ରୋଲ ଓ ଡିଜେଲ ମୂଲ୍ୟ ଅହେତୁକ ଭାବେ ବଢି ଚାଲିଛି। ଏହାକୁ ନେଇ ଲୋକ ସଭାଠାରୁ ଆରମ୍ଭ କରି ପେଟ୍ରୋଲ ଟାଙ୍କି ପର୍ଯ୍ୟନ୍ତ ବିରୋଧ ଜାରି ରହିଛି। ହେଲେ ପାରାଦୀପରେ ତେଲ ଚୋରା କାରବାର ଚାଲିଛି। ରାଷ୍ଟ୍ରାୟତ୍ତ ତେଲ କମ୍ପାନୀ ଡିପୋରୁ ବିଭିନ୍ନ ସ୍ଥାନ ଓ କୋଷ୍ଟଗାର୍ଡ ଜାହାଜକୁ ଯାଉଥିବା ଟ୍ୟାଙ୍କଲରରୁ ଚୋରି ମାତ୍ରା ବଢ଼ିବାରେ ଲାଗିଛି। ଜାନୁୟାରୀ ୩୧ରେ ଜବତ ହୋଇଥିବା ୬୬୦୦ ଲିଟର ତେଲର ଟେର୍ ପାଉନି ପୋଲିସ। ସବୁ ପ୍ରକାର କଟକଣା ସତ୍ତ୍ୱେ ଟ୍ୟାଙ୍କଲରରୁ ତେଲ ଚୋରି କେମିତି ହେଉଛି ତାକୁ ନେଇ ଚାଲିଛି ଖୋଳତାଡ଼। କେଉଁ କୌଶଳରେ ଚୋରା ତେଲ ବେପାରୀ ଓ ଗାଡିର ଚାଳକ ଟାଙ୍କି ଲକ୍ ଖୋଲୁଛନ୍ତି ତା'ର ଉତ୍ତର ପୋଲିସ, ତେଲ କମ୍ପାନୀ କି ଓଜନ ପରିମାପକ ବିଭାଗ ଦେଇ ପାରୁନାହାନ୍ତି। ତଦନ୍ତରେ ଟ୍ୟାଙ୍କଲର ଗାଡିର ଅଲଗା ଅଲଗା ଟାଙ୍କିରେ ତେଲ ମାପିବା ବେଳେ ପାର୍ଥକ୍ୟ ରହୁଛି। ଏମିତି ଅନେକ ଗୋପନୀୟ ଘଟଣା ସମ୍ପର୍କରେ ଉଚ୍ଚପଦସ୍ଥ ପୋଲିସ ଅଫିସର ତଦନ୍ତ କରି ନାକେଦମ୍ ହୋଇ ସାରିଲେଣି।

ପାରାଦୀପରେ ଚୋରା ତେଲ କାରବାର ସମ୍ପର୍କରେ ଚର୍ଚ୍ଚା ହେବାରୁ ଲକ୍ ଥାନା ପୋଲିସ ଜାନୁୟାରୀ ୨୯ରେ କେତେକ ସ୍ଥାନରେ ଚଢାଉ କରିଥିଲା। ଉଦୟବଟ ଧାମ ସଂଲଗ୍ନ ପୁରୁଣା ମାର୍କେଟ ଘରେ ଯାଞ୍ଚ କରିବାରେ ୩୩ ବ୍ୟାରେଲ ତେଲ ଜବତ ହୋଇଥିଲା। ବ୍ୟାରେଲଗୁଡିକ ଏକ ୭୦୯ ମିନିଟ୍ରକରେ ଲୋଡ ହେଉଥିଲା ; ଯାହାର ପରିମାଣ ୬ ହଜାର ଲିଟର ଥିଲା। ଗାଡି ଓ ତେଲ ଜବତ ସହ ଚାଳକ ଜିତେନ ସାମଲଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ଏ ସମ୍ପର୍କରେ ନଂ. ୨୫/୨୧ରେ ମାମଲା ରୁଜୁ ହୋଇଛି। ଏତେ ତେଲ ଚୋରି ସମ୍ପର୍କରେ ସେତେବେଳେ ଜିଲାପାଳଙ୍କୁ ଅବଗତ କରାଯିବାରେ ଏ ପ୍ରସଙ୍ଗରେ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହିକ୍ରମରେ ମାମଲାର ତଦନ୍ତ ଡିଏସ୍‌ପି ପୂର୍ଣ୍ଣ ପ୍ରଧାନ କରୁଛନ୍ତି। ଦେଢମାସ ତଦନ୍ତରେ ଆଇଓସିଏଲ ଟର୍ମିନାଲରୁ କୋଷ୍ଟଗାର୍ଡ ପାଟ୍ରୋଲିଂ ଜାହାଜ ପାଖକୁ ଯାଉଥିବା ତେଲ ଚୋରି ହୋଇଥିଲା ବୋଲି ସ୍ପଷ୍ଟ ହୋଇଛି। ଏହାପରେ ପୋଲିସ ଓଜନ ପରିମାପକ ବିଭାଗର ଅଧିକାରୀ ଓ ଆଇଓସିଏଲ ଟର୍ମିନାଲର ତେଲ ମେନେଜ୍‌ମେଣ୍ଟ କରୁଥିବା ଅଧିକାରୀ ଦିଲୀପ ମହାପାତ୍ରଙ୍କ ଉପସ୍ଥିତିରେ ଗୋଟିଏ ଟ୍ୟାଙ୍କଲର ତେଲ ମାପି ଥିଲେ। ସେଥିରେ ଜଣାପଡିଲା ଯେ, ଟ୍ୟାଙ୍କଲର ଗାଡିର ଗୋଟିଏ ଟାଙ୍କିରେ ତେଲ ପରିମାପକ ସ୍କେଲ ବୁଡାଇଲେ କାଗଜରେ ଦର୍ଶାଯାଇଥିବା ପରିମାଣ ଠିକ୍ ରହିଛି। ସେହି ଟାଙ୍କିର କିଛି ବ୍ୟବଧାନରେ ମାପିଲେ ୨୦୦ ଲିଟର କମ୍ ରହୁଛି। ଏହାର କାରଣ ଖୋଜିବାରେ ଜଣାପଡିଲା ଗାଡି ମାଲିକ ଓ ଚାଳକ ଟାଙ୍କିକୁ ତିଆରି ବେଳେ ସେହିଭଳି ତିଆରି କରିଛନ୍ତି। ଆଉ କେତେକ ଗାଡିର ତଳ ପ୍ଲେଟରେ ଜଗ ଲଗାଇ ଉପର ତଳ କରିବା ବ୍ୟବସ୍ଥା କରାଯାଇଛି।

## ଜିଲାପାଳଙ୍କ ତଦନ୍ତ ନିର୍ଦ୍ଦେଶ

■ଚୋରିର ଚାଲିଛି ଖୋଳତାଡ଼ ■ଇ' ଏମ୍ ଲକ୍ ଉପରେ ପ୍ରଶ୍ନବାଚୀ

### ଟ୍ୟାଙ୍କଲରର ଲକ୍ ବ୍ୟବସ୍ଥା

୬ ମାସ ପୂର୍ବରୁ ପ୍ରତି ଟ୍ୟାଙ୍କଲର ଗାଡ଼ିରେ ତେଲ ବୋଝେଇ ପରେ ତାଲା ପକା ଯାଉଥିଲା। ଏହାର ଚାବି ଟ୍ରାନ୍ସପୋର୍ଟର କିମ୍ବା ଟାଙ୍କି ମାଲିକ ପାଖରେ ରୁହେ। ଏହାସତ୍ତ୍ୱେ କେତେଜଣ ଚାଳକ ଚଞ୍ଚକତା କରି ନକଲି ଚାବିରେ ତାଲା ଖୋଲି ଚୋରି କଲେ। ଏବେ ପ୍ରାୟ ଅଧିକାଂଶ ଗାଡିରେ ଇ'ଏମ(ଇଲେକ୍ଟ୍ରୋନିକ ମ୍ୟାଗ୍ନେଟିଭ୍)ଲକ୍ ବ୍ୟବସ୍ଥା କରାଯାଇଛି। ଏହି ଲକ୍‌ର ଓଟିପି କେବଳ ରିସିଭର (ପେଟ୍ରୋଲ ଟାଙ୍କି ମାଲିକ) ପାଖକୁ ଯାଇଥାଏ। ସେହି ଓଟିପି ବ୍ୟବହାର କଲେ ଯାଇ ତେଲ ଟ୍ୟାଙ୍କଲରରୁ ବାହାରି ପାରିବ। ଏହାସତ୍ତ୍ୱେ ଗାଡିରୁ ତେଲ ଚୋରି ହେବାରୁ ଏହାର କାରଣ ଜାଣିବାକୁ ଆଇଓସିଏଲ ଟର୍ମିନାଲକୁ ଚିଠି କରାଯାଇଛି ବୋଲି ତଦନ୍ତକାରୀ ଅଧିକାରୀ ପ୍ରଧାନ କହିଛନ୍ତି। କୋଷ୍ଟଗାର୍ଡ ଭଳି ପ୍ରତିରକ୍ଷା ବିଭାଗକୁ ଯାଉଥିବା ତେଲ କିପରି ଚୋରି ହେଉଛି ତା'ର କୌଣସି ଟେର୍ ମିଳୁନି। ଏ ସମ୍ପର୍କରେ ତଦନ୍ତକାରୀ ଅଧିକାରୀ ଡିଏସ୍‌ପି ପ୍ରଧାନ କୁହନ୍ତି, ସମଗ୍ର ଘଟଣାର ତଦନ୍ତ ସବୁଦିଗରୁ କରାଯାଉଛି। ସମ୍ପୃକ୍ତ ଟ୍ୟାଙ୍କଲର ଚାଳକ ଫେରାର ଅଛନ୍ତି। ଏବେ ସେ ସମ୍ପର୍କରେ ସୂଚନା ଦେଇହେବ ନାହିଁ।

# ଭକ୍ତଙ୍କଠାରୁ ଟଙ୍କା ଆଦାୟ ନେଇ ଉତ୍ତେଜନା

ଆଠମଲ୍ଲିକ,୧୧।୩(ଡି.ଏନ.ଏ.)



ମନ୍ଦିର ବାହାରେ ଶ୍ରଦ୍ଧାଳୁମାନେ ଦୀପ ଜାଳୁଛନ୍ତି।

ଅନୁଗୋଳ ଜିଲା ଆଠମଲ୍ଲିକର ପ୍ରସିଦ୍ଧ ଶୈବପୀଠ ଦେଉଳଝରୀରେ ଜାଗରରେ ଦିଅଁ ଦର୍ଶନ ପାଇଁ ଭକ୍ତଙ୍କ ଠାରୁ ୫ ଟଙ୍କା ଲେଖାଏ ଆଦାୟ ନେଇ ଗୁରୁବାର ରାତିରେ ଉତ୍ତେଜନା ପ୍ରକାଶ ପାଇଥିଲା। ତେବେ ବିଧାୟକ ରମେଶ ଚନ୍ଦ୍ର ସାଏଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପ୍ରକାଶ ଯେ, ଶ୍ରଦ୍ଧାଳୁଙ୍କ ଠାରୁ ୫ ଟଙ୍କା ଲେଖାଏ ଆଦାୟ ପାଇଁ ଦେବୋତ୍ତର ବିଭାଗ ପକ୍ଷରୁ ପୂର୍ବରୁ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ତଦନୁଯାୟୀ ଶିବରାତ୍ରି ଅବସରରେ ଭକ୍ତଙ୍କଠାରୁ ୫ ଟଙ୍କା ଟିକେଟ ପାଇଁ ଆଦାୟ କରାଯାଇଥିଲା। ବିଧାୟକ ସାଏ ଦର୍ଶନ କରିବାକୁ ଯାଇଥିବା ବେଳେ ଏ ନେଇ ପୂଜକମାନେ ଦୃଷ୍ଟିଗୋଚର କରିଥିଲେ। ଏହି ସମୟରେ ମନ୍ଦିର ପରିସରରେ ଶ୍ରଦ୍ଧାଳୁମାନେ ଟିକେଟ୍ ବ୍ୟବସ୍ଥାକୁ ବିରୋଧ କରିଥିଲେ। ଫଳରେ କିଛି ସମୟ ପାଇଁ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ଘଟଣାର ସମାଧାନ କରାଯିବ ବୋଲି ବିଧାୟକ ସାଏ ପ୍ରତିଶ୍ରୁତି ଦେବା ପରେ ଉତ୍ତେଜନା ଥମିଥିଲା। ଏ ସମ୍ପର୍କରେ ଉପଜିଲାପାଳ ତଥା ଦେବୋତ୍ତର ପ୍ରଶାସକ ଲଳିତ ମୋହନ ବେହେରା କହିଛନ୍ତି, ପୂର୍ବରୁ ବୈଠକ ବେଳେ ୫ ଟଙ୍କା ଆଦାୟ ନେଇ ନିଷ୍ପତ୍ତି ନିଆଯାଇଥିଲା। ତେଣୁ ଉକ୍ତ ନିଷ୍ପତ୍ତି କାର୍ଯ୍ୟକାରୀ କରାଯାଇଥିଲା।


**OFFICE OF THE CSO-cum-DISTRICT MANAGER ODISHA STATE CIVIL SUPPLIES CORPORATION LTD., SUNDARGARH**

No. 941 Date: 10.03.2021

**OFFICE ORDER**

The e-tender Call Notice No. 880 and 881 Dt.07.03.2021 for Level-II Transport Contractor and handling Contractor for the biennial 2021-23 respectively published by CSO-cum-District Manager, OSCSC Ltd., Sundargarh are hereby treated as cancelled due to technical issues with reference to letter No. 3976 Dt.10.03.2021 of Managing Director, OSCSC Ltd., head Office, Bhubaneswar.

Sd./- CSO-cum-District Manager
OSCSC Ltd., Sundargarh

**COLLECTORATE, MALKANGIRI (NIZARAT SECTION)**

Letter No.244/XVI-26/2021, Nizarat Date 10.03.2021

**CORRIGENDUM**

This Office Letter No.190 dated 26.02.2021 for tender call notice for supply of Desktop and Server etc. Last date for submission of tender papers may be read as 20.03.2021 instead of 09.03.2021 to be opened on 21.3.2021.

The details of tender along with terms & conditions is available in the District website i.e. www.malkangiri.nic.in.

Sd./- Addl. District Magistrate
MALKANGIRI

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ଫୋନ୍:(୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା ୧୭୭ **ବିଜ୍ଞାପନ** ତା :୨୫।୨।୨୧

CAD-1496:- ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଆଇଗିଣିଆ, ପ୍ରଥମ ପର୍ଯ୍ୟାୟ ହାଉସିଂ ପ୍ରକଳ୍ପ ଭୁବନେଶ୍ୱରରେ ଘର ନଂ. ଏମ୍.ଆଇ.ଜି.-୮୧ (MIG-81)ଟିକୁ ଶ୍ରୀ ସଞ୍ଜୟ କୁମାର ସାହୁ, ପି.- ପଦ୍ମଚରଣ ସାହୁ, ଗ୍ରା./ପୋ./ଥା- ନରସିଂହପୁର, ଜି.- କଟକଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ସଞ୍ଜୟ କୁମାର ସାହୁ ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ପିଉସ୍ ରଞ୍ଜନ ପରିଡା, ପି.- ପୂର୍ଣ୍ଣଚନ୍ଦ୍ର ପରିଡା, ଗ୍ରା- ଶ୍ରୀକୃଷ୍ଣପୁର, ପୋ.- ଚମ୍ପାଗଡ଼, ଥା-ଚାନ୍ଦପୁର, ଜି.-ନୟାଗଡ଼ଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।
ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର (୧୫) ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି /ଅଭିଯୋଗ ଶୁଣାଯିବ ନାହିଁ ଏବଂ ଘରଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ ।

ସ୍ୱା./- ସହ ପ୍ରଶାସନିକ ଅଧିକାରୀ, ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0075/2021

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ଫୋନ୍:(୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା ୧୮୫ **ବିଜ୍ଞାପନ** ତା :୨୬।୨।୨୧

CAD-1482:- ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଆଇଗିଣିଆ, ପ୍ରଥମ ପର୍ଯ୍ୟାୟ ହାଉସିଂ ପ୍ରକଳ୍ପ ଭୁବନେଶ୍ୱରରେ ଘର ନଂ. ଏମ୍.ଆଇ.ଜି.-୨୫ (MIG-25)ଟିକୁ ଶ୍ରୀମତୀ ରେଣୁକା ଦାସ, ସ୍ୱା.- ଗୋପବନ୍ଧୁ ଦାସ, ଗ୍ରା.- ଗୌରଦେଇପୁର, ପୋ.ଥା.- କୋଦଳା, ଜି.- ଗଞ୍ଜାମଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀମତୀ ରେଣୁକା ଦାସ ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ପ୍ରଶାନ୍ତ କୁମାର ଷଡ଼ଙ୍ଗୀ, ପି.- ବୈକୁଣ୍ଠନାଥ ଷଡ଼ଙ୍ଗୀ, ଗ୍ରା./ପୋ.- ବାରବାଟୀ, ଭାୟା- ଖଣ୍ଡପଡ଼ା, ଥା- ଫତେଗଡ଼, ଜି.- ନୟାଗଡ଼ଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।
ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର (୧୫) ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି /ଅଭିଯୋଗ ଶୁଣାଯିବ ନାହିଁ ଏବଂ ଘରଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ ।

ସ୍ୱା./- ସହ ପ୍ରଶାସନିକ ଅଧିକାରୀ, ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0066/2021

**Government of Odisha**
**General Administration & Public Grievance Department**

No.T-102:- **Tender Call Notice**

General Administration & Public Grievance Department invites sealed tenders for disposal of vehicles No. OR-02-M-3938 (D.O.P.-26.11.1999-Ambassador) on "as is where is basis". The last date of receipt of tender is 22.03.2021 before 2.00 P.M. The details of the Notice are available on the State Government website www.odisha.gov.in./ga&pg.

Sd./- Joint Secretary to Government
OIPR-09001/11/0009/2021

**CUTTACK MUNICIPAL CORPORATION**

""e" PROCUREMENT NOTICE

No.C-618 Tender ID : 2021_ORULB_66914
Bid Reference No. MC(CMC)CTC_Div-I_No49/2020-21
Tender Call Notice No. 1485 (PW) Date.08.03.2021

Name of Works : Civil Works
No of Works : 16 Nos
Bid Value : Rs. 2.04 Lakh to Rs. 35.20 Lakh
Period of Completion : One Calendar Month to Two Calendar Months

Date and Time schedule :

| Start | End | Opening |
|---|---|---|
| 3.00 PM on dt. 11.03.2021 | 5.00 PM on dt.22.03.2021 | 11.00 A.M. on dt. 26.03.2021 |

Tender Details : can be seen from the procurement portal : www.tendersorissa.gov.in

Superintending Engineer, City Div-I
OIPR-13031/11/0017/2021


# ଗ୍ରାମାଞ୍ଚଳରେ ନକଲି ଡାକ୍ତର

ମହାକାଳପଡା, ୧୧।୩ (ଡି.ଏନ୍.ଏ.)




ଉପାନ୍ତ ଅଞ୍ଚଳରେ କ୍ୱାକ୍ ଓ ବୋର୍ଡ।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଞ୍ଚଳରେ ସରକାରୀ ଡାକ୍ତର ଅଭାବ ଯୋଗୁ ଲୋକେ ବିକଳ୍ପ ଭାବେ ନକଲି ଡାକ୍ତର, ବଇଦ ବା କ୍ୱାକ୍‌ଙ୍କ ସହାୟତା ନେଉଛନ୍ତି। ନକଲି ଡାକ୍ତରଙ୍କ ଔଷଧ ଖାଇ ଅନେକ ରୋଗୀ ସଙ୍କଟାପନ୍ନ ହେବା ସହ ମୃତ୍ୟୁ ମୁଖରେ ପଡୁଥିବା ଅଭିଯୋଗ ହେଉଛି। ଏମାନେ ଡାକ୍ତରୀ ପାଠ ପଢି ନ ଥିବା ବେଳେ ନିଜକୁ ଆତ୍ମଘୋଷିତ ଡାକ୍ତର କହି ଗାଁ ଲୋକଙ୍କୁ ଭୁଆଁ ବୁଲାଇ ବେସ୍ ଫାଇଦା ଉଠାଉଛନ୍ତି। ରାଜ୍ୟ ବାହାର କୋଲକାତାର କେତେଜଣ ନକଲି ଡାକ୍ତର କ୍ଲିନିକ୍ ଖୋଲିଛନ୍ତି ତ ଆଉ କେଉଁଠି ହାଟ ବଜାରରେ ପସରା ମେଲାଇ ଓ ଗାଁ ଗାଁ ବୁଲି ଉପାନ୍ତ ଅଞ୍ଚଳରେ ସାଇକେଲ ଯୋଗେ ମାଇକରେ ପ୍ରଚାର କରି ରୋଗୀଙ୍କୁ ଲୁଟୁଛନ୍ତି। ବିଭିନ୍ନ ରୋଗର ମେଡିସିନ କହି ଚଢ଼ା ଦରରେ ବିକୁଥିବା ଦେଖିବାକୁ ମିଳିଛି। ଏହି ନକଲି ଡାକ୍ତରମାନେ ଉପାନ୍ତ ଗାଁଗୁଡିକରେ ଘରଭଡ଼ା ନେଇ ଆସ୍ଥା ଜମାଇଛନ୍ତି। ଅପରପକ୍ଷେ କିଛିମାସ ତଳେ ଜମ୍ବୁ ଭାଟେଣି ଅଞ୍ଚଳର ଜଣେ ନକଲି ଡାକ୍ତରଙ୍କ ଟିକାରେ ରୋଗୀଙ୍କ ମୃତ୍ୟୁ ଘଟିଥିଲା। ହେଲେ ପ୍ରଶାସନ ସବୁଜାଣି ନୀରବ ଦ୍ରଷ୍ଟା ସାଜିଛି। ଉପକୂଳ ଅଞ୍ଚଳରେ ଏହି ନକଲି ଡାକ୍ତରଙ୍କ ପ୍ରାଦୁର୍ଭାବ ବଢି ଚାଲିଛି। ବିଶେଷକରି ଜିଲାର ଉପକୂଳ ବତୀଘର, ଜମ୍ବୁ, ସୁନିତି, ନାଞ୍ଜୁରା, କେବି ଦାଣ୍ଡୁଆ, ବଉଳକଣୀ, ପେଟଛେଲା, ଖରିନାଶୀ, ରାମନଗର ଆଦି ଅଞ୍ଚଳରେ ଦିନକୁଦିନ ନକଲି ଡାକ୍ତର ଆଡ୍ଡା ଜମାଇଛନ୍ତି। ଏମାନେ ବିଭିନ୍ନ ଅସାମାଜିକ କାର୍ଯ୍ୟ ତଥା

### ରୋଗୀଙ୍କ ଜୀବନ ବିପଦରେ

ବେଆଇନ ଗର୍ଭପାତ କରିବା ସହ ଗର୍ଭପାତ ପାଇଁ ଟାବ୍‌ଲେଟ ଓ ତରଳ ଔଷଧ ରୋଗୀଙ୍କୁ ଦେଉଛନ୍ତି। ନକଲି ଡାକ୍ତରଙ୍କୁ କେଉଁଠାରୁ ଆସିଛନ୍ତି ପଚାରିବାରେ ବାଂଲାଦେଶ, ପଶ୍ଚିମବଙ୍ଗ ଆଦି ସ୍ଥାନରୁ ଆସିଥିବା କହିଛନ୍ତି। ଏଲୋପାଥିକ, ହୋମିଓପାଥିକ, ଆୟୁର୍ବେଦିକ ଔଷଧ ସମେତ କେତେଜଣ ଗୁଣୀ ଗାରେଡ଼ି ଓ ଝଡ଼ା ଫୁଙ୍କାରେ ଶିଶୁ ଓ ମହିଳାଙ୍କ ଚିକିତ୍ସା କରୁଥିବା କୁହାଯାଉଛି। ସ୍ୱାସ୍ଥ୍ୟ ବିଭାଗ ଉପାନ୍ତ ଅଞ୍ଚଳରେ ଏହି ନକଲି ଡାକ୍ତର, କ୍ୱାକ୍‌ଙ୍କ ଉପରେ ନଜର ରଖିବାକୁ ବୁଦ୍ଧିଜୀବୀ ଦାବି କରିଛନ୍ତି। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଧିକାରିଣୀ ଡା. ଅନିତା ପଟ୍ଟନାୟକଙ୍କୁ ପଚାରିବାରେ ଏମାନଙ୍କ ଉପରେ ନଜର ରଖାଯିବା ପାଇଁ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ରାୟପୁରକୁ ହରାଇ ସେମିରେ କୁଚିଣ୍ଡା



ରାୟପୁର ଓ କୁଚିଣ୍ଡା ଦଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

ଅନୁଗୋଳ ଅଫିସ, ୧୧।୩

ଅନୁଗୋଳ ଟାଉନ୍ ହାଇସ୍କୁଲ ପଡ଼ିଆରେ ପ୍ରିନ୍ସ ଆଣ୍ଡ ପ୍ରିନ୍ସ କ୍ଲବ ପକ୍ଷରୁ ଚାଲିଥିବା ୧୦ମ ହେମସୁରପଡ଼ା ଫୁଟବଲ କପ୍‌ର ଗୁରୁବାର ବି-ଗ୍ରୁପ୍‌ର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ସମ୍ବଲପୁରର କୁଚିଣ୍ଡା ଟିମ୍ ଛତିଶଗଡ଼ର ରାୟପୁରକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। କୁଚିଣ୍ଡା ଦଳ ଖେଳର ୪ ମିନିଟ୍‌ରେ ପ୍ରଥମ ଗୋଲ କରିଥିଲା। ପରେ ରାୟପୁର ଖେଳାଳି ୧୦ ମିନିଟ୍‌ରେ ପ୍ରଥମ ଗୋଲ କରି ମ୍ୟାଚକୁ ୧-୧ରେ ବରାବର ରଖିଥିଲେ। ଏହାପରେ କୁଚିଣ୍ଡାର ଖେଳାଳିମାନେ ୧୭ ମିନିଟ୍, ୨୭ ମିନିଟ୍ ଓ ୩୫ ମିନିଟ୍‌ରେ ଗୋଲ କରିଥିବା ବେଳେ ରାୟପୁର ଦଳ ଆଉ ଗୋଟିଏ ଗୋଲ କରିବାକୁ ସକ୍ଷମ ହୋଇଥିଲେ। ଫଳରେ କୁଚିଣ୍ଡା ଦଳ ୪-୨ ଗୋଲରେ ବିଜୟୀ ହୋଇଥିଲା। ଦିଲୀପ କୁମାର ରାଉତ, ସଲିଳ କୁମାର ବେହେରା, ପ୍ରଶାନ୍ତ ପାଲ ଖେଳ ପରିଚାଳନା କରିଥିଲେ। ୪ର୍ଥ ଅଫିସିଆଲ ଭାବେ ସୁରେଶ କୁମାର ଦାସ ସହଯୋଗ କରିଥିଲେ। ଅତିଥିଭାବେ ବିଜୁ ଛାତ୍ର ଜନତା ଦଳର ଜିଲା ସଭାପତି ରାଜୀବ କୁମାର ଦାସ, ଜିଲା କ୍ରିକେଟ ସଂଘ କୋଷାଧ୍ୟକ୍ଷ ରଞ୍ଜନ କୁମାର ଧୀରସାମନ୍ତ, ନଗର ବିଜୁ ଜନତା ଦଳ ସଭାପତି ବିଶ୍ୱ ରଞ୍ଜନ ସାହୁ, ଗୋପବନ୍ଧୁ ନାଏକ, ବିନୋଦ ସାମଲ, ସମରେନ୍ଦ୍ର ସ୍ୱାଇଁ ଯୋଗ ଦେଇଥିଲେ।


**GOVT. OF ODISHA**
**OFFICE OF THE SUPERINTENDING ENGINEER**
**NORTH EASTERN RURAL WORKS CIRCLE, KEONJHAR**
Tel.06766-258301(O), Mail ID: se_nerwkjr@rediffmail.com
Identification No. PMGSY Online NCB No.295

No.O-1235 No. 1115 Date: 8. 3. 21

1. Name of the work :- Construction of Road & CD works under PMGSY Programme. 2. Total No. of Packages:- 08 Nos. individual packages. 3. Estimated Cost of individual packages:- Varies from Rs.239.80 lakh to Rs.476.50 lakh. 4. Period of completion :- 11 calendar months for works below Rs.5.00 Cr. upto Rs.3.00 Cr. and 9 calendar months for works below Rs.3.00 Cr. as specified in DTCN. 5. Other details :-

| Procurement Officer | Bid Identification No. | No. of Packages | Availability of tender online for bidding | |
|---|---|---|---|---|
| | | | From | To |
| 1 | 2 | 3 | 4 | 5 |
| Superintending Engineer, North Eastern Rural Works Circle, Keonjhar | PMGSY Online NCB No.295 | 08 Nos. | 15.03.2021 at 11.00 A.M. | 29.03.2021 upto 5.00 P.M. |

Further details can be seen from the website: www.pmgsytenders.gov.in
OIPR-25048/11/0023/2021 Sd./- Superintending Engineer, N.E.R.W. Circle, Keonjhar

**OFFICE OF THE NOTIFIED AREA COUNCIL, CHATRAPUR, GANJAM**
Website: www.chatrapur.nac.in
Email: nacchatrapur@rediffmail.com
Contact No.: 06811-263975
Letter No. 374/NAC Date:08.03.2021

**EXPRESSION OF INTEREST**

No.C-613:- The Executive Officer, NAC, Chatrapur on behalf of NAC Chatrapur invites "Expression of Interest" from Comptroller & Auditor General Empanelled Audit firms for auditing of annual accounts (DEABAS) of NAC Chatrapur, Dist.: Ganjam from the F/Y 2014-15 to 2019-20. The expression of interest should indicate the audit fees per year basis including taxes, TA, DA and accommodation charges if any, with detail biodata of the firm and it should reach to the office of the undersigned in sealed envelope on or before 15.03.2021 by 2.00 P.M. by speed post/registered office/ in hand. The maximum fee of audit and criteria for selection is hereunder. The EOI will be opened in 15th of March' 21 at 4.00 P.M. The interested firm/ organization etc. or their authorized representatives shall attend the same.

The Executive Officer reserves all the right to accept/ reject any or all without assigning any reason thereof.

**Technical Criteria for Selection:**

| Criteria | Marks |
|---|---|
| Nos. of CA in the firm | Upto 10 Nos. 10 marks |
| | 11 to 20 Nos. 20 marks |
| Nos. of years of establishment of firm | Upto 15 years-10 marks |
| | 15-25 years- 15 marks |
| | 25-35 years- 20 marks |
| | Above 35 years- 25 marks |
| Turnover per annum | Upto 20 lakhs- 10 marks |
| | 21 to 40 lakhs- 15 marks |
| | Above 40 lakhs- 20 marks |
| Audit experience maximum 30 marks | Govt. Audit each organization- 5 marks |
| | PSU Audit each organization - 5 marks |
| Head Office | In ODISHA: 5 marks |
| | Outside Odisha: 0 marks |

**Scope of Works:**
Preparation of financial statements i.e. income & expenditure account, balance sheet all schedules to income and expenditure and balance sheet, receipt payment account and trial balance etc. and bank reconciliation statement along with audit report from 2014-15 to 2019-20 (year wise).

**Terms & condition:**
1. Fees per year - Rs.30000/- (Rupees thirty thousand only).
2. Necessary documents such as GSTN/PAN/Registration of firm/ CAG emplaned certificate or documents should be attached.
3. All documents should be attached as indicate in the criteria for selection.

Sd./- Executive Officer,
NAC, CHATRAPUR
OIPR-13081/11/0004/2021

**OFFICE OF THE NAC, BALIMELA**

Lr. No.527/21/NAC Date 02.03.2021

**QUOTATION CALL NOTICE**

No.C-626:- Sealed quotations are invited from the intending firms/dealers for supply of Computer Item to Balimela NAC. The rate should be quoted inclusive all taxes & fitting charges. The last date of the receipt of the quotation is 10.03.2021 by 2.00 P.M. and the same will be opened on 10.03.2021 at 3.00 P.M. in the presence of the quotationers or their authorised agents. The successful quotationers will supply the materials within 03 (Three) days from the date of issue of supply order.

| Sl. No. | Specifications | Qty. | Rate | Amount |
|---|---|---|---|---|
| 1 | HP Desktop:- Intel core i5-10th gen/4gb DDR-4/1TB HDD/19.5" monitor/ Keyboard + mouse / window 10 | 05 | | |
| 2 | Dell Laptop:- Intel core i5 4 gb RAM/1TB HDD + 256 SSD / 15.6" display/window 10+Office | 05 | | |
| 3 | Projector EPSON-EB-W05:- WXGA/3300 Lumens/Constract ratio- 15,000/ Lamp hour 6,000 hours. | 01 | | |
| 4 | Brother DCP- B7535DW multifuction monochrome leser printer with auto duplex printing & Wifi (Toner box technology) / HP Laserjet pro MFP M126 nw | 04 | | |
| 5 | Hike vision: 8/16 channel DVR, monitor including all accessories | 08 | | |
| 6 | Anti virus (3 User) 2 year | 01 | | |

The undersigned reserves every right for modification or cancellation of the quotation without giving any notice or reason thereof.
OIPR-13140/11/0005/2021 Sd./- Executive Officer, NAC, Balimela

**OFFICE OF THE CHILD DEVELOPMENT PROJECT OFFICER, BASUDEVPUR**

Lr. No. 178/ICDS Dated 8.03.21

**TENDER CALL NOTICE**

Sealed tenders are invited from the intending registered firms for supply of stationery articles/equipments to Anganwadi Centers under ICDS, Basudevpur. The tenderers shall have to drop tenders into sealed Tender Box kept in Office of the CDPO, Basudevpur from dt.10.03.2021 to dt.22.03.2021 at 2.00 P.M. and will be opened on dated 22.03.2021 at 3.00 P.M. in the Office of the Sub-Collector, Bhadrak in presence of the tender committee members and tenderers or their authorized representatives. The detailed regarding tender documents, terms & conditions & list of item can be obtained from the Office of the CDPO, Basudevpur on payment of Rs.2500/- (Rupees two thousand five hundred) only should be deposited by the tenderers in shape of cheque /D.D. in favour of CDPO, Basudevpur towards cost of the tender paper from dt.10.03.2021 to dt.22.03.2021 in any working day from 10.00 A.M. to 2.00 P.M. The cost of the tender paper is non refundable. Notwithstanding anything else contained to the contrary in this tender document, CDPO reserves right to cancel/ withdraw/modify or reject any or all the tenders without assigning any reason thereof.

Sd./- CDPO, Basudevpur

## ପରିତ୍ୟକ୍ତ କୂଅରୁ ବାରହା ଉଦ୍ଧାର

ଛେଣ୍ଡିପଦା,(ସ୍ୱ.ପ୍ର.): ଛେଣ୍ଡିପଦା ବନାଞ୍ଚଳ ଛେଣ୍ଡିପଦା ପଞ୍ଚାୟତ ଖଣ୍ଡୁରିଆ ଗ୍ରାମ ବନ୍ଧ ପାଖରେ ଥିବା ଏକ ପରିତ୍ୟକ୍ତ କୂଅରୁ ଗୁରୁବାର ବାରହା ଉଦ୍ଧାର କରାଯାଇଛି। ସକାଳେ କେତେଜଣ ଗାଇ ଚରାଳି କୂଅ ଭିତରେ ବାରହା ପଡି ଯାଇଥିବା ଦେଖିଥିଲେ। ଖବରପାଇ ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ବାରହାକୁ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡ଼ି ଦେଇଥିଲେ।

## ସଂକ୍ଷେପରେ

### ଏନ୍‌ଟିପିସି ପକ୍ଷରୁ କପଡ଼ା ବିତରଣ




କଣିହାଁ,୧୧।୩(ଡି.ଏନ.ଏ.): ଅନୁଗୋଳ ଜିଲା କଣିହାଁସ୍ଥିତ ଏନ୍‌ଟିପିସି ପକ୍ଷରୁ ସିଏସ୍ଆର୍ କାର୍ଯ୍ୟକ୍ରମ ଜରିଆରେ ଏନ୍‌ଟିପିସି ଟାଉନଶିପରୁ ପୂର୍ବରୁ ସଂଗୃହୀତ ପୁରୁଣା କପଡ଼ାକୁ ଲେବର କଲୋନୀରେ ବିତରଣ କରାଯାଇଛି। 'ଇଭଏସ୍ ରୋଶନୀ' ଜରିଆରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ରୋଶନୀ ଓ ଏନ୍‌ଟିପିସି ସିଏସ୍ଆର୍ ଟିମ୍‌ର ସଦସ୍ୟମାନଙ୍କ ସହିତ ରୋଶନୀ ସଚିବ ଓ କୋଷାଧକ୍ଷ ସାମିଲ ହୋଇ ୨ଶହରୁ ଅଧିକ କପଡ଼ା ବିତରଣ କରିଥିଲେ।

### ଗୋଷ୍ଠୀ ଶୌଚାଳୟ ଉଦ୍‌ଘାଟିତ

କଣିହାଁ,୧୧।୩(ଡି.ଏନ.ଏ.): କଣିହାଁ ବ୍ଲକ ଜରଡ଼ା ପଞ୍ଚାୟତରେ ଗୁରୁବାର ବିଭିନ୍ନ ଉନ୍ନୟନ କାର୍ଯ୍ୟର ଶୁଭ ଉଦଘାଟନ କରାଯାଇଛି। ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ବିଡିଓ ରମେଶ କୁମାର ଜେନା, ଏମ୍‌ପିଙ୍କ କାର୍ଯ୍ୟାଳୟ ସହକାରୀ ନିର୍ମଳ ସାହୁ, ନାଏବ ସରପଞ୍ଚ ପଙ୍କଜ ପ୍ରଧାନଙ୍କ ସହିତ ସମସ୍ତ ୱାର୍ଡ ମେମ୍ବର ଉପସ୍ଥିତ ଥିଲେ। ସରପଞ୍ଚ ସୁମିତ୍ରା ଦାସଙ୍କ ପୌରହିତ୍ୟରେ ଅତିଥିମାନେ ପଞ୍ଚାୟତ କାର୍ଯ୍ୟାଳୟଠାରେ ଗୋଷ୍ଠୀ ଶୌଚାଳୟ, ସାପ୍ତାହିକ ହାଟ ପିଣ୍ଡି ସହିତ ମାଳପଶି ଶିବ ମନ୍ଦିରଠାରେ ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ବ୍ୟବସ୍ଥାର ଉଦ୍‌ଘାଟନ କରିଥିଲେ।

### କୋଭିଡ୍ କଟକଣାରେ ଶିବରାତ୍ରି



ଅନୁଗୋଳ ଅଫିସ/ କଣିହାଁ,୧୧।୩ (ଡି.ଏନ.ଏ.): ଅନୁଗୋଳ ଜିଲାର ବିଭିନ୍ନ ଶିବାଳୟରେ ମହାଶିବରାତ୍ରି ପାଳିତ ହୋଇଛି। କୋଭିଡ୍ କଟକଣାରେ ଏହା ପାଳନ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ହୋଇଥିଲା। ସେହି ଅନୁଯାୟୀ ବୁଢ଼ୀ ଠାକୁରାଣୀ ମନ୍ଦିର, ଆଖଣ୍ଡଳମଣି ମନ୍ଦିର, ରାଣୀଗୁଡ଼ା, ମଝିକା ଆଦି ଅଞ୍ଚଳରେ ପୋଲିସ ମୁତୟନ କରାଯାଇଥିଲା। ନିର୍ଦ୍ଧାରିତ ସମୟରେ ବିଭିନ୍ନ ମନ୍ଦିରରେ ମହାଦୀପ ଉଠିଥିବା ଆୟୋଜକଙ୍କ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ସେହିପରି କଣିହାଁ ବ୍ଲକ ଅଞ୍ଚଳର ବିଭିନ୍ନ ଶୈବପୀଠରେ ପରିଚାଳନା କମିଟି, ଗ୍ରାମବାସୀ, ଯୁବକମାନେ ବିଭିନ୍ନ ବ୍ୟବସ୍ଥା କରିଥିଲେ। ଶ୍ରଦ୍ଧାଳୁମାନେ ମନ୍ଦିର ଭିତରକୁ ପ୍ରବେଶ ପୂର୍ବରୁ ସାନିଟାଇଜ, ଥର୍ମାଲ ସ୍କ୍ରିନିଂ ସହ ପ୍ରବେଶ କରିଥିଲେ। ବ୍ଲକ ଅଞ୍ଚଳର ତାଳପଦା, କାକୁଡ଼ିଆ, ମାଳପଶି, ସମଲ, ବଡ଼ହୀରା, କଣିହାଁ, ଟାକୁଆରେ ଥିବା ବିଭିନ୍ନ ଶୈବପୀଠ ଚଳଚଞ୍ଚଳ ହୋଇଉଠିଥିଲା।

### ଚୋରି ଅଭିଯୋଗ: ୪ ଗିରଫ

ବଇଣ୍ଡା,୧୧।୩(ଡି.ଏନ.ଏ.): କିଶୋରନଗର ବ୍ଲକ ହଣ୍ଡପା ଗ୍ରାମର ବଂଶୀଧର ଅମାତଙ୍କ ଘରୁ ମଙ୍ଗଳବାର ରାତିରେ ଚାରି ଅଭିଯୋଗରେ ହଣ୍ଡପା ଗ୍ରାମର ହାଡ଼ିବନ୍ଧୁ ସାହୁ, ଅଜିତ ସାହୁ, ମଦନ ମୋହନ ସାହୁ, ରମେଶ ଚନ୍ଦ୍ର ସାହୁଙ୍କୁ ପୋଲିସ ଗିରଫ କରିଛି। ପୋଲିସ କହିଛି, ଅଭିଯୁକ୍ତମାନେ ଧାନ ଓ ପାଣି ପମ୍ପ ଚୋରି କରିଥିବା ବୁଧବାର ଅଭିଯୋଗ ହୋଇଥିଲା। ପୋଲିସ ନଂ. ୭୪/୨୧ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଛି।

### କୁଣ୍ଡେଇବୀରାଙ୍କ ରତ୍ନମୁଦ ଉତ୍ସବ



ପାଲଲହଡା,୧୧।୩(ଡି.ଏନ.ଏ.): ଅନୁଗୋଳ ଜିଲା ପାଲଲହଡ଼ା ଗଡ଼ଜାତର ଅଧିଷ୍ଠାତ୍ରୀ ଦେବୀ ମା' କୁଣ୍ଡେଇବୀରାଙ୍କ ଭବ୍ୟ ମନ୍ଦିରର ରତ୍ନମୁଦ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। କଳସ ଯାତ୍ରା ପରେ ମନ୍ଦିରର ରତ୍ନମୁଦ ସ୍ଥାପିତ କରାଯାଇଥିଲା। ପାଲଲହଡା ଯୁବରାଜ ବାଳକୃଷ୍ଣ ପାଲ ଏବଂ ଯୁବରାଣୀ ରିମାରାଣୀ ପାଲ କର୍ତ୍ତା କାର୍ଯ୍ୟ ସମ୍ପାଦନ କରିଥିଲେ। ବିଧାୟକ ମୁକେଶ କୁମାର ପାଲ, ଉପଜିଲାପାଳ ଅଜିତ କୁମାର ପ୍ରଧାନ, ବ୍ଲକ ଅଧକ୍ଷ ନବକିଶୋର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ମା ମଞ୍ଜୁଲତା ପ୍ରଧାନ ଉପସ୍ଥିତ ରହି ଦେବୀଙ୍କ ଦର୍ଶନ କରିଥିଲେ। କୁଣ୍ଡେଇବୀରା ଉନ୍ନୟନ ପରିଷଦର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# କଷ୍ଟ ଦେଲାଣି ଜଳ ସଙ୍କଟ

ଛେଣ୍ଡିପଦା,୧୧।୩(ସ୍ୱ.ପ୍ର.)

- ସମସ୍ୟାରେ ଛେଣ୍ଡିପଦା ବ୍ଲକର ଅନେକ ପଞ୍ଚାୟତ
- କେଉଁଠି ପ୍ରକଳ୍ପ ତ କେଉଁଠି ନଳକୂଅ ଅଚଳ ଅବସ୍ଥାରେ
- ଅଭିଯୋଗକୁ ଅପେକ୍ଷା କରିଛି ପ୍ରଶାସନ



ଛେଣ୍ଡିପଦା ପଞ୍ଚାୟତ ମାମୁରିଆ ଗ୍ରାମରେ ଥିବା ଏକ ଷ୍ଟାଣ୍ଡପୋଷ୍ଟ।

ଖରା ଟାଣ ଧରୁ ଧରୁ କଷ୍ଟ ଦେଲାଣି ଜଳ ସଙ୍କଟ। ପିଇବା ପାଣି ନ ପାଇ ଅନୁଗୋଳ ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳର ଲୋକେ ରାସ୍ତାକୁ ଓହ୍ଲାଇଲେଣି। ପ୍ରଶାସନ ପକ୍ଷରୁ ତୁରନ୍ତ ଅଚଳ ପ୍ରକଳ୍ପ, ନଳକୂଅ ମରାମତି ନିମନ୍ତେ ନିର୍ଦ୍ଦେଶ ଦିଆଯାଉଥିଲେ ମଧ ତାହାକୁ ଠିକ୍ ଭାବେ ପାଳନ କରାଯାଉ ନ ଥିବାରୁ ସମସ୍ୟା ଧୀରେ ଧୀରେ ବଢ଼ିଚାଲିଛି। ଛେଣ୍ଡିପଦା ବ୍ଲକର ଅନେକ ପଞ୍ଚାୟତରେ ପିଇବା ପାଣିର ଅଭାବ ପରିଲକ୍ଷିତ ହୋଇଛି। କେଉଁଠି ଜଳଯୋଗାଣ ପ୍ରକଳ୍ପ ଅଚଳ ହୋଇପଡ଼ିଛି ତ ଆଉ କେଉଁଠି ନଳକୂଅରୁ ପାଣି ବାହାରୁ ନାହିଁ। ହେଲେ ଏସବୁ ତଦାରଖ କରିବା ପରିବର୍ତ୍ତେ ବିଭାଗୀୟ କର୍ତ୍ତୃପକ୍ଷ ଅଭିଯୋଗକୁ ଅପେକ୍ଷା କରି ବସିଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି।

ଛେଣ୍ଡିପଦା ବ୍ଲକର ମୋଟ ୩୪ ପଞ୍ଚାୟତ ମଧ୍ୟରୁ ୨୦ଟିରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି। କଣଲୋଇ, ନୂଆଗାଁ, ବରସାହି, ପାତ୍ରପଡା, ପାଟକମୁଣ୍ଡା, ଛେଣ୍ଡିପଦା, ଜରପଡା, ରାଇଝରଣ, ବସ୍ତପୁର, ଶିମିଳିପାଳ, ତେଣ୍ଟୁଲୋଇ, ଟାଙ୍ଗିରି, କଙ୍କରେଇ, ନିଶା, ବାଲିପଟା, ବସନ୍ତପୁର ଆଦି ପଞ୍ଚାୟତରେ ବସୁଧା ଯୋଜନାରେ ମୋଟ ୫୭ଟି ଜଳ ଯୋଗାଣ ପ୍ରକଳ୍ପ ରହିଛି। ସେହିପରି ବ୍ଲକ ଅଞ୍ଚଳରେ ୧୮୯୭ଟି ନଳକୂପ, ୧୨ଟି ସାନିଟାରି କୂପ ରହିଛି। କିନ୍ତୁ ସେଥିରୁ ବହୁ ପ୍ରକଳ୍ପ ଏବେ ଅଚଳ ଅବସ୍ଥାରେ ରହିଛି। କେଉଁ ପଞ୍ଚାୟତରେ ପାଇପ୍ ଫାଟିଯାଇଛି ତ ଆଉ କେଉଁଠି ପାଣି ଅଭାବରୁ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରୁ ନାହିଁ। ଏ ନେଇ ବାରମ୍ବାର ଅଭିଯୋଗ କଲେ ମଧ୍ୟ ବିଭାଗ ପକ୍ଷରୁ ଠିକ୍ ଭାବେ ତଦାରଖ କରାଯାଉ ନାହିଁ। ସେହିପରି ଖନନ କରାଯାଇଥିବା ୧୮୯୭ଟି ନଳକୂପ ମଧ୍ୟରୁ ୨୦୦ରୁ ଉର୍ଦ୍ଧ୍ୱ ଅଚଳ ରହିଛି। ଜଳସ୍ତର ହ୍ରାସ କାରଣରୁ ଅନେକ ନଳକୂଅ, କୂଅ ଶୁଖିଲା ଅବସ୍ଥାରେ ପଡ଼ିଛି। ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ତଥା ୬୩ନଂ ରାଜପଥ ପାର୍ଶ୍ୱରେ ଥିବା ନଳକୂପ, ମାମୁରିଆ ଗାଁର ଜାତୀୟ ରାଜପଥ କଡରେ ଥିବା ଦୁଇଟି ନଳକୂପ, କଙ୍କରେଇ ଉଚ୍ଚ ବିଦ୍ୟାଳୟ ସମ୍ମୁଖ ନଳକୂପଗୁଡିକ ଅଚଳ ଅବସ୍ଥାରେ ଅଛି। କେତେକରୁ ଗୋଳିଆ ପାଣି, କଳଙ୍କି ମିଶା ପାଣି ବାହାରୁଥିବାରୁ ତାହାକୁ ବ୍ୟବହାର କରାଯାଉ ନାହିଁ। ସମସ୍ୟା ସମ୍ପର୍କରେ ପାନୀୟ ଜଳ ଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ଜ୍ୟୋତ୍ସ୍ନାମୟୀ ମୁର୍ମୁ କହିଛନ୍ତି, ଛେଣ୍ଡିପଦା ବ୍ଲକରେ ଥିବା ନଳକୂଅ, ସାନିଟାରି କୂଅ ଓ ଜଳଯୋଗାଣ ପ୍ରକଳ୍ପଗୁଡ଼ିକ ମଧ୍ୟରୁ ବର୍ତ୍ତମାନ କେତୋଟି ଅଚଳ ଅବସ୍ଥାରେ ଅଛି ସେ ନେଇ ତଥ୍ୟ ନାହିଁ। ଅଭିଯୋଗ ଆସିଲେ ତାହାର ସମାଧାନ କରାଯିବ। ବିଡିଓ ବିଶ୍ୱନାଥ ସାହୁ କହିଛନ୍ତି, ପାଣି ସମସ୍ୟାକୁ ଦୃଷ୍ଟିରେ ରଖି ବିଭଗୀୟ ଯନ୍ତ୍ରୀଙ୍କୁ ରିପୋର୍ଟ ମଗାଯାଇଛି। ଲୋକଙ୍କୁ ନିଶ୍ଚିତ ଭାବେ ପିଇବା ପାଣି ଯୋଗାଇ ଦିଆଯିବ। ଯେଉଁ ପଞ୍ଚାୟତରେ ସମସ୍ୟା ରହିଛି, ସେଠାରୁ ଅଭିଯୋଗ ଆସିଲେ ପ୍ରକଳ୍ପ ମରାମତି କରାଯିବ।


### ଅଭିଯୋଗ କେହି ଶୁଣୁନାହାନ୍ତି



"ଟାଙ୍ଗିରି ପଞ୍ଚାୟତ ପୁରୁଣାଗଡ ଗ୍ରାମ ବୁଢ଼ାଡ଼ିପ ସାହିରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ଗ୍ରାମର ପ୍ରାୟ ୩୫୦ ଲୋକଙ୍କ ପାଇଁ ଗୋଟିଏ ମାତ୍ର ନଳକୂପ ୨୧ ବର୍ଷ ତଳେ ଖନନ କରାଯାଇଥିଲା। ଫଳରେ ସେଥିରୁ ଆବଶ୍ୟକ ପରିମାଣର ପାଣି ବାହାରୁ ନାହିଁ। ଅନେକ ସମୟରେ ଗୋଳିଆ ଓ କଳଙ୍କି ମିଶା ପାଣି ବାହାରୁଛି। ଅନ୍ୟ ଏକ ନଳକୂପ ଖନନ କରାଯାଇଥିଲେ ମଧ ତାହା ମଧକୁ ଅପରିଷ୍କାର ପାଣି ପଶୁଥିବା ଦେଖାଯାଉଛି। ଏ ନେଇ ଅଭିଯୋଗ କଲେ କେହି ଶୁଣୁନାହାନ୍ତି।

-ରୋହିତ କୁମାର ସାହୁ, ପୁରୁଣାଗଡ଼

### ଦୀର୍ଘଦିନ ହେଲା ଅଚଳ ପଡ଼ିଛି



"କଣଲୋଇ ପଞ୍ଚାୟତ କଣଲୋଇ ଗ୍ରାମରେ ନିର୍ମାଣ କରାଯାଇଥିବା ପାନୀୟଜଳ ପ୍ରକଳ୍ପ ଦୀର୍ଘଦିନ ହେବ ଅଚଳ ହୋଇପଡିଛି। ଏହା କୌଣସି ଲୋକଙ୍କ କାମରେ ଆସୁନି। ଗ୍ରାମରେ ନିର୍ମାଣ ହୋଇଥିବା ଷ୍ଟାଣ୍ଡ ପୋଷ୍ଟଗୁଡ଼ିକ ମଧ ଭାଙ୍ଗିଗଲାଣି। ଏ ନେଇ ବାରମ୍ବାର ଅଭିଯୋଗ କଲେ ମଧ ପଦକ୍ଷେପ ନିଆଯାଉ ନାହିଁ।

-ଦୁଃଶାସନ ମାଝି, କଣଲୋଇ

### ପିଇବା ପାଣି ଯୋଗାଇ ଦିଆଯାଉ



"ଛେଣ୍ଡିପଦା ପଞ୍ଚାୟତ ମାମୁରିଆ ଗାଁରେ ତିଆରି ହୋଇଥିବା ପାନୀୟ ଜଳ ପ୍ରକଳ୍ପ ଅଚଳ ଥିବାବେଳେ ୨ଟି ନଳକୂପରୁ ପାଣି ବାହାରୁ ନାହିଁ। ଅନ୍ୟ ଏକ ନଳକୂପରୁ ନାଳି ପାଣି ବାହାରୁଛି। ଫଳରେ ପିଇବା ପାଣି ପାଇବାକୁ ଘରୋଇ ନଳକୂଅ ଉପରେ ନିର୍ଭର କରିବାକୁ ପଡୁଛି। ତୁରନ୍ତ ଅଚଳ ପ୍ରକଳ୍ପ, ନଳକୂଅ ମରାମତି କରାଯାଉ।

-ସୁଲୋଚନା ଖିଲାର, ମାମୁରିଆ

### ମାଠିଆ ଧରି ଆନ୍ଦୋଳନ

ପିଇବା ପାଣି ଯୋଗାଇ ଦେବା ଦାବିରେ ଛେଣ୍ଡିପଦା ବ୍ଲକ ମାମୁରିଆ ଗ୍ରାମବାସୀ ବୁଧବାର ବ୍ଲକ ଅଫିସ ସମ୍ମୁଖରେ ଗରା, ମାଠିଆ ଧରି ବିକ୍ଷୋଭ କରିଥିଲେ। ଗ୍ରାମର ଶତାଧିକ ମହିଳାପୁରୁଷ ଏକ ଶୋଭାଯାତ୍ରାରେ ବାହାରି ଛେଣ୍ଡିପଦା ବଜାର ପରିକ୍ରମା କରିବା ପରେ ବ୍ଲକ ସମ୍ମୁଖରେ ପହଞ୍ଚିଥିଲେ। ପରେ ମାମୁରିଆ ଗ୍ରାମ କମିଟି ସଭାପତି ଗଗନ ସାହୁଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ବିଭାଗୀୟ ଅଧିକାରୀଙ୍କ ଉଦାସୀନତା ଯୋଗୁ ନଳକୂପ ଓ ପାଇପ ଜଳ ପ୍ରକଳ୍ପ ଅଚଳ ଅବସ୍ଥାରେ ପଡ଼ି ରହିଛି। ଫଳରେ ବିଶୁଦ୍ଧ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ଖୁବ୍‌ଶୀଘ୍ର ଏହି ସମସ୍ୟାର ସମାଧାନ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଏସ୍‌ୟୁସିଆଇ ନେତା ନବକିଶୋର ପ୍ରଧାନ, ରଣଜିତ ପ୍ରଧାନ, ସୁକାନ୍ତୀ ପ୍ରଧାନ, ସୁଜାତା ସାହୁ, ସୁଭଦ୍ରା ସାହୁ, ହେମଲତା ସାହୁ, ଦୁଃଖୀ ଭୋଇ ଚେତାବନୀ ଦେଇଛନ୍ତି। ଶେଷରେ ବିଡିଓ ବିଶ୍ୱନାଥ ସାହୁଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ସମସ୍ୟାର ସମାଧାନ କରାଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ହଟିଥିଲା।




ବ୍ଲକ ଅଫିସ ସମ୍ମୁଖରେ ମାମୁରିଆ ଗ୍ରାମବାସୀ ବିକ୍ଷୋଭ କରୁଛନ୍ତି।

### ବର୍ଷା ଯୋଗୁ ଥମିଲା ବନାଗ୍ନି

ଅନୁଗୋଳ ଅଫିସ, ୧୧।୩

ଅନୁଗୋଳ ଜିଲାରେ ଗୁରୁବାର ଘଡ଼ଘଡ଼ି ସହ ଅଦିନିଆ ବର୍ଷା ହୋଇଛି। ଫଳରେ ଜିଲାର ଅନେକ ଜଙ୍ଗଲରେ ଲାଗିଥିବା ନିଆଁ ଥମିଥିବା ଯୋଗୁ ବନ ବିଭାଗ କିଛିଟା ଆଶ୍ୱସ୍ତ ହୋଇଛି। ଜିଲାର ସାତକୋଶିଆ ସମେତ ପାଲଲହଡ଼ା, ଆଠମଲ୍ଲିକ ଓ ଛେଣ୍ଡିପଦା ଅଞ୍ଚଳରେ ଥିବା ଜଙ୍ଗଲର କେତେକ ସ୍ଥାନରେ ଗତ ୧୫ ଦିନ ହେବ ନିଆଁ ଲାଗିଥିଲା। ବନ କର୍ମଚାରୀମାନେ ନିଆଁକୁ ଆୟତ୍ତ କରୁଥିଲେ ମଧ କୌଣସି କାରଣରୁ ପୁଣି ନିଆଁ ଲାଗୁଥିଲା। କେହି ନିଆଁ ଲଗାଉଥିବା ସନ୍ଦେହ କରି ପ୍ରଶାସନ ପକ୍ଷରୁ ବହୁମୁଖୀ ଶୃଙ୍ଖଳା ଟିମ୍ ଦ୍ୱାରା ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଉଥିଲା। ତେବେ ଗୁରୁବାର ସନ୍ଧ୍ୟାରେ ବର୍ଷା ଯୋଗୁ ଜଙ୍ଗଲ ନିଆଁ ଦାଉରୁ କେବଳ ବନ ବିଭାଗ ନୁହେଁ, ବନ୍ୟଜନ୍ତୁମାନେ ମଧ ବଡ଼ ଆଶ୍ୱସ୍ତି ପାଇଥିବା କୁହାଯାଉଛି। ଅନୁଗୋଳ ଡିଏଫଓ ପ୍ରସନ୍ନ କୁମାର ବେହେରା କହିଛନ୍ତି, ବନଖଣ୍ଡରେ ନିଆଁକୁ ଆୟତ୍ତ କରିବାକୁ ୧୫ଟି ସ୍କ୍ୱାଡ୍ ସହ ୩ଶହ ଲୋକଙ୍କୁ ନିୟୋଜିତ କରାଯାଇଥିଲା। ଏଥିରେ ବନପାଳ, ବନରକ୍ଷୀ, ବନ ସଂରକ୍ଷଣ ସମିତି ଓ ବିଭାଗୀୟ କର୍ମଚାରୀମାନେ ସାମିଲ ଥିଲେ। ବନଖଣ୍ଡରେ ଥିବା ଜରପଡ଼ା, ବନ୍ତଳା, ଛେଣ୍ଡିପଦା, କଣିହାଁ, ତାଳଚେର ଓ ଅନୁଗୋଳ ରେଞ୍ଜ ଅଞ୍ଚଳର ସବୁ ସ୍ଥାନରେ ଯଦି ବର୍ଷା ହୋଇଥିବ, ତା'ହେଲେ ନିଆଁ ଲିଭାଇବାରେ ଏହା ସହାୟକ ହୋଇଥିବ।

### ୩ ପଜିଟିଭ୍ ଚିହ୍ନଟ

ଅନୁଗୋଳ ଅଫିସ, ୧୧।୩

ଅନୁଗୋଳ ଜିଲାରୁ ଗୁରୁବାର ୩ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ ସଂଖ୍ୟା ୧୨ ହଜାର ୩୯୨ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ବଅଁରପାଳ ବ୍ଲକରୁ ଜଣେ, ଛେଣ୍ଡିପଦା ବ୍ଲକରୁ ଜଣେ ଓ କଣିହାଁ ବ୍ଲକରୁ ଜଣେ ରହିଛନ୍ତି। ସେହିପରି ଦିନକରେ ଜିଲାରୁ ଜଣେ କରୋନାରୁ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।

# 'ଶୂନ୍ୟ ଦୁର୍ଘଟଣା' ଜେଏସ୍‌ପିଏଲ୍ ଲକ୍ଷ୍ୟ

ଅନୁଗୋଳ ଅଫିସ, ୧୧।୩



ସୁରକ୍ଷା ସପ୍ତାହ ପାଳନ ଅବସରରେ ଅଧିକାରୀ ଓ କର୍ମଚାରୀମାନେ।

ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ୍ (ଜେଏସ୍‌ପିଏଲ୍) ପରିସରରେ ୫୦ ତମ ଜାତୀୟ ସୁରକ୍ଷା ସପ୍ତାହ ଉଦ୍‌ଯାପିତ ହୋଇଯାଇଛି। ଶେଷ ଦିବସରେ କାରଖାନା ଓ ବାଷ୍ପିତ୍ର ବିଭାଗର ସହନିର୍ଦ୍ଦେଶିକା ଅର୍ଚ୍ଚନା ଦାସ ମୁଖ୍ୟଅତିଥି, ପ୍ରକଳ୍ପ ନିର୍ବାହୀ ନିର୍ଦ୍ଦେଶକ ହୃଦୟେଶ୍ୱର ଝା ଏବଂ ଜେଏସ୍‌ପିଏଲ୍ ସଭାପତି ଦାମୋଦର ମିତ୍ତଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟଅତିଥି ଶୂନ୍ୟ ଦୁର୍ଘଟଣା ଆଗାମୀ ଦିନରେ ସମସ୍ତଙ୍କ ଲକ୍ଷ୍ୟ ହେବା ଉଚିତ ବୋଲି କହିଥିଲେ। ସମ୍ମାନିତ ଅତିଥି ଝା ଶୂନ୍ୟ ଦୁର୍ଘଟଣା ସଂସ୍କୃତି ଆପଣାଇବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ସେହିପରି ଦାମୋଦର ମିତ୍ତଲ ଶୂନ୍ୟ ଦୁର୍ଘଟଣା ଜେଏସ୍‌ପିଏଲ୍‌ର ଲକ୍ଷ୍ୟ ବୋଲି କହିଥିଲେ। ମାନବ ସମ୍ବଳ ବିଭାଗ ମୁଖ୍ୟ ରବି ଶଙ୍କର, ସିଜିପି ବିଭାଗ ମୁଖ୍ୟ ଏ.ଏନ. ତିୱାରୀ, ଏସ୍‌ଏମ୍‌ଏସ୍ ବିଭାଗ ମୁଖ୍ୟ ଅତୁଲ ଦୁବେ ପ୍ରମୁଖ ସୁରକ୍ଷା ସହିତ କାର୍ଯ୍ୟ କରିବା ଉପରେ ପ୍ରାଧାନ୍ୟ ଦେଇଥିଲେ। ସୁରକ୍ଷା ବିଭାଗ ମୁଖ୍ୟ ନବୀନ ଗୌତମ ବାର୍ଷିକ ରିପୋର୍ଟ ଉପସ୍ଥାପନ କରିଥିଲେ। ଏଥିସହ ବିଭିନ୍ନ ପ୍ରତିଯୋଗିତାର ସଫଳ ପ୍ରତିଭାଗୀମାନଙ୍କୁ ପୁରସ୍କାର ପ୍ରଦାନ କରଯାଇଥିଲା। କର୍ମଚାରୀ, ସ୍ଥାନୀୟ ଜନସାଧାରଣ, କର୍ମଜୀବୀ, ଛାତ୍ରୀଛାତ୍ରଙ୍କୁ ଘରୋଇ ନିରାପତ୍ତା ଏବଂ ଅଗ୍ନିକ ନିରାପତ୍ତା ଉପରେ ତାଲିମ ପ୍ରଦାନ କରାଯାଇଥିଲା।

### ଉନ୍ନୟନ କାର୍ଯ୍ୟର ଭିତ୍ତିପ୍ରସ୍ତର

ବନ୍ତଳା,୧୧।୩(ଡି.ଏନ.ଏ.)

ଅନୁଗୋଳ ଜିଲା ବନ୍ତଳା ଥାନା ପୋକତୁଙ୍ଗା ଗ୍ରାମରେ ଗୁରୁବାର ସକାଳେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ ବିଭିନ୍ନ ଉନ୍ନୟନ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ସହିତ କୋଠଘର ଉଦ୍‌ଘାଟନ କରିଛନ୍ତି। ଆମ ଗାଁ ଆମ ବିକାଶ ଅନୁଦାନରେ ମଝି ପାଟଣା ସାହି କୋଠଘର, ଦେହୁରୀ ସାହି କୋଠଘର, ମହିଳା ମିଶନ ଶକ୍ତିରେ ଡିପସାହି ଠାରେ ମହିଳା ମହାସଂଘ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏଥିସହିତ ରଣେଶ୍ୱର ଛକଠାରେ ନିର୍ମାଣ କୋଠଘର ଉଦ୍‌ଘାଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଯୁବନେତା ଅରୁନାଭ ସିଂହ, ବ୍ଲକ ବିଜେଡି ସଭାପତି ସରୋଜ ସାହୁ, ପୂର୍ବତନ ବ୍ଲକ ଉପାଧକ୍ଷ ଦୁର୍ଗା ଚରଣ ପ୍ରଧାନ, ପୋକତୁଙ୍ଗା ସରପଞ୍ଚ ରୀନାରାଣୀ ପ୍ରଧାନ, ସମିତି ସଭ୍ୟା ଝଟକ ଦେହୁରୀ, ବୁଲୁ ସାହୁ, ଉତ୍ତମ ସାହୁ, ଜୟ ମୁଦୁଲି, ବିବେକ ସାହୁ, କିଶୋର ଦେହୁରୀ, ପ୍ରଦୀପ ପ୍ରଧାନଙ୍କ ସମେତ ବିଜେଡିର ବହୁ କର୍ମୀ ଯୋଗଦାନ କରିଥିଲେ।

# ୧୫ ଉଠା ଜଳସେଚନ ପ୍ରକଳ୍ପର ଭିତ୍ତିପ୍ରସ୍ତର



ବିଧାୟକଙ୍କ ଉପସ୍ଥିତିରେ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଉଛି।

ଆଠମଲ୍ଲିକ/ମାଧପୁର ,୧୧।୩(ଡି.ଏନ.ଏ.)

ଆଠମଲ୍ଲିକ ଉଠାଜଳସେଚନ ବିଭାଗ ପକ୍ଷରୁ ୧୫ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଧାୟକ ରମେଶଚନ୍ଦ୍ର ସାଏ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି ପ୍ରକଳ୍ପଗୁଡିକ ମଧ୍ୟରୁ ଚନ୍ଦ୍ରପୁର ଗ୍ରାମରେ ୪ଟି, ଲଖନପୁରରେ ୪, ସୋରିଷପଙ୍କରେ ୫, ସରଗିଶେଣୀରେ ୨ଟି ପ୍ରକଳ୍ପ ରହିଛି। ଏହି ପ୍ରକଳ୍ପଗୁଡ଼ିକ ଦ୍ୱାରା ସମୁଦାୟ ୩୦୦ ହେକ୍ଟର ଜମିକୁ ଜଳସେଚନ କରାଯିବାର ଲକ୍ଷ୍ୟ ରଖାଯାଇଛି। ଉଠା ଜଳସେଚନ ବିଭାଗ ଏସ୍‌ଡିଓ ନରେନ୍ଦ୍ର କୁମାର ଜେନାମଣି, ସହକାରୀ ଯନ୍ତ୍ରୀ (ବିଦ୍ୟୁତ୍) ଶରତ କୁମାର ପ୍ରଧାନ, ସହକାରୀ ଯନ୍ତ୍ରୀ ରବୀନ୍ଦ୍ର କୁମାର ମାଝି ଉପସ୍ଥିତ ଥିଲେ।

# ନୂଆ ଭୋଟର ପରିଚୟପତ୍ର ତ୍ରୁଟିପୂର୍ଣ୍ଣ

ବଇଣ୍ଡା,୧୧।୩(ଡି.ଏନ.ଏ.)

ସରକାରଙ୍କ ପକ୍ଷରୁ ଆଠମଲିକ ବ୍ଲକରେ ଯୋଗାଇ ଦିଆଯାଇଥିବା ନୂତନ ଭୋଟର ପରିଚୟ ପତ୍ରରେ ତ୍ରୁଟି ଥିବା ଝାରବଇଣ୍ଡା ଗ୍ରାମବାସୀ ଗୁରୁବାର ଅନୁଗୋଳ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଗ୍ରାମବାସୀ କହିଛନ୍ତି, ନଭେମ୍ବର ୨୦୨୦ରେ ନୂତନ ଭୋଟର ପରିଚୟପତ୍ର ପାଇଁ ଆବେଦନ କରାଯାଇଥିଲା। ବୁଧବାର ପ୍ରଶାସନ ପକ୍ଷରୁ ସେମାନଙ୍କୁ ନୂଆ ଭୋଟର ପରିଚୟପତ୍ର ଯୋଗାଇ ଦିଆଯାଇଛି। ହେଲେ ଝାରବଇଣ୍ଡା, ସହ ପଟାପଥର, ପେଡିପଥର ଗ୍ରାମ ଗୁଡିକର ୧୦୦ରୁ ଉର୍ଦ୍ଧ୍ୱ ନୂତନ ଭୋଟର ପରିଚୟପତ୍ରରେ ତ୍ରୁଟି ରହିଛି। ତୁରନ୍ତ ପରିଚୟପତ୍ର ସଂଶୋଧନ କରି ଯୋଗାଇଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଆଠମଲ୍ଲିକ ଉପଜିଲାପାଳ ଲଳିତ ମୋହନ ବେହେରା କହିଛନ୍ତି, ଯେଉଁ ନୂତନ ଭୋଟର ପରିଚୟପତ୍ରରେ ତ୍ରୁଟି ରହିଛି, ପୁଣି ଆବେଦନ କଲେ ତାହା ସଂଶୋଧନ କରି ଯୋଗାଇ ଦିଆଯିବ।



ତ୍ରୁଟିପୂର୍ଣ୍ଣ ଭୋଟର ପରିଚୟପତ୍ର।

# ପ୍ରସ୍ତୁତି କର, ସଜାଗ ରୁହ

**ଗ୍ରୀଷ୍ମ ପ୍ରବାହ ମୁକାବିଲା ବୈଠକ**

ଅନୁଗୋଳ,୧୧।୩(ଡି.ଏନ.ଏ.)




ବୈଠକରେ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ।

ଗ୍ରୀଷ୍ମ ପ୍ରବାହର ଉଚିତ ମୁକାବିଲା ନିମନ୍ତେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧକ୍ଷତାରେ ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଏକ ଜିଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ଅନୁମାନ କରାଯାଉଥିବାରୁ ବିଭାଗୀୟ ଅଧିକାରୀମାନେ ଠିକ୍ ଭାବେ ପ୍ରସ୍ତୁତ ଓ ସଜାଗ ରହିବା ସହିତ ଅଂଶୁଘାତଜନିତ ମୃତ୍ୟୁସଂଖ୍ୟା ଶୂନରେ ରଖିବା ନିମନ୍ତେ ଯତ୍ନବାନ ହେବା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ବିଶେଷକରି ଜଳକ୍ଲିଷ୍ଟ ଅଞ୍ଚଳରେ ସ୍ଥାୟୀ ଉପଚାର କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଜଙ୍ଗଲରେ ନିଆଁ ଲଗାଉଥିବା ଲୋକମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବନଖଣ୍ଡ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଦିବା ୧୧ ଘଟିକାରୁ ଅପରାହ୍ନ ୩ ଟା ୩୦ ପର୍ଯ୍ୟନ୍ତ ଶ୍ରମିକ କାମ ନ କରିବା ଏବଂ ବିଦ୍ୟାଳୟକୁ ଆସୁଥିବା ଛାତ୍ରୀଛାତ୍ରମାନେ ଯେପରି ଖରାକୁ ନ ବାହାରନ୍ତି ସେଥିପ୍ରତି ବିଶେଷ ଯତ୍ନବାନ ହେବାକୁ ବୈଠକରେ ପରାମର୍ଶ ଦିଆଯାଇଥିଲା। ଅଂଶୁଘାତର ଠିକ୍ ମୁକାବିଲା ପାଇଁ ପ୍ରତ୍ୟେକ ଚିକିତ୍ସାଳୟରେ ଆବଶ୍ୟକ ଔଷଧ, ଓଆରଏସ୍, ଆନୁଷଙ୍ଗିକ ବ୍ୟବସ୍ଥା ସହିତ ସଦର ମହକୁମା ଚିକିତ୍ସାଳୟରେ ଶୀତତାପ ନିୟନ୍ତ୍ରିତ ଅଂଶୁଘାତ ଚିକିତ୍ସା କକ୍ଷ ପ୍ରସ୍ତୁତ କରିବାକୁ କୁହାଯାଇଥିଲା। ଜିଲା, ଉପଖଣ୍ଡ, ତହସିଲ ଓ ବ୍ଲକ କାର୍ଯ୍ୟାଳୟରେ କଣ୍ଟ୍ରୋଲରୁମ, ପ୍ରଚାରପତ୍ର ଯୋଗାଇ ଦିଆଯିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଡେରଜାଙ୍ଗ ଏବଂ ସମଲ ଡ୍ୟାମରୁ ଆବଶ୍ୟକତା ଅନୁଯାୟୀ ନିୟମିତ ଜଳପ୍ରବାହ, ପାନୀୟଜଳ ବ୍ୟବସ୍ଥା, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ, ଜଳକ୍ଲିଷ୍ଟ ଅଞ୍ଚଳରେ ଜଳଛତ୍ର ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରସନ୍ନ କୁମାର ବିଶ୍ୱାଳ, ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ, ତାଳଚେର ଉପଜିଲାପାଳ ରଜନୀକାନ୍ତ ସ୍ୱାଇଁ, ଆଠମଲ୍ଲିକ ଉପଜିଲାପାଳ ଲଳିତ ମୋହନ ବେହେରା, ଜିଲା ଆପାତକାଳୀନ ଅଧିକାରୀ ବଇତୁରା ଦୀପ, ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧୀକରଣର ଜିଲା ପ୍ରକଳ୍ପ ଅଧିକାରୀ ପ୍ରଦୋଷ କୁମାର ଶତପଥୀ, ସମସ୍ତ ତହସିଲଦାର, ବିଡିଓ ପ୍ରମୁଖ ଉପସ୍ଥିତ ଥିଲେ।

# ୨୦୨୨ ଯାଏ ରହିବ କୋଭିଡ୍ ପ୍ରଭାବ

ନୂଆଦିଲ୍ଲୀ,୧୧।୩



କରୋନା ଯୋଗୁ ସାରା ବିଶ୍ୱର ଅର୍ଥ ବ୍ୟବସ୍ଥା ସଙ୍କଟ ସ୍ଥିତିକୁ ଚାଲିଯାଇଛି। ସ୍ଥିତିରେ ସୁଧାର ଆସିବା ଲାଗି ସମୟ ଲାଗିବ। ପୂର୍ବ କୋଭିଡ୍ ସ୍ଥିତିକୁ ଫେରିବା ଲାଗି ବିଶ୍ୱର ବିଭିନ୍ନ ଅର୍ଥ ବ୍ୟବସ୍ଥାକୁ ୨୦୨୨ ଯାଏ ସମୟ ଲାଗିବ ବୋଲି ଏକ ଅଧ୍ୟୟନରୁ ସାମ୍ନାକୁ ଆସିଛି। କୋଭିଡ୍ ଯୋଗୁ ଋଣ କ୍ଷେତ୍ରରେ ରହିଥିବା ପ୍ରଭାବ କିଛି ସମୟ ଲାଗି ରହିବ ବୋଲି ମୁଡିସ ଇନ୍ଭେଷ୍ଟର୍ସ ସର୍ଭିସ ପକ୍ଷରୁ ଏକ ରିପୋର୍ଟରେ କୁହାଯାଇଛି। ୨୦୨୦ ମାର୍ଚ୍ଚ ୧୧ରେ କୋଭିଡ୍‌କୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ମହାମାରୀ ଭାବେ ଘୋଷଣା କରିଥିଲା। ଏହାଫଳରେ ସାରା ବିଶ୍ୱ ଏକ ଖରାପ ସମୟ ଦେଇ ଗତି କରିବା ସହ ଋଣରେ ହ୍ରାସ ଏବଂ ବସ୍ତ କ୍ଷେତ୍ରରେ ଖିଲାପ ଭଳି ଘଟଣା ଦେଖିବାକୁ ମିଳିଛି। କରୋନା ଭାଇରସ୍ ଯୋଗୁ ବିଭିନ୍ନ କ୍ଷେତ୍ର ଉପରେ ଲାଗିଥିବା କଟକଣା କୋହଳ ନ ହେବା ଯାଏ ପ୍ରଭାବ ଜାରି ରହିବ ବୋଲି ରିପୋର୍ଟରେ ପ୍ରକାଶ ପାଇଛି। ଏଭଳି ସ୍ଥିତିରେ ନୂଆ ନୀତି ଦ୍ୱାରା ଅର୍ଥ ବ୍ୟବସ୍ଥାଗୁଡ଼ିକୁ ସହାୟତା କରାଯାଇପାରିବ। ବର୍ତ୍ତମାନ ଲକ୍‌ଡାଉନ କଟକଣା କୋହଳ କରାଯାଉଥିବା ବେଳେ ଭାକ୍ସିନ ପ୍ରଦାନ ଧାରା ତ୍ୱରାନ୍ୱିତ ହୋଇଛି। ଫଳରେ କରୋନା ପ୍ରଭାବ ଧୀରେ କମୁଛି। ମାତ୍ର କେତେକ ଅଞ୍ଚଳରେ ଭାକ୍ସିନ ପ୍ରଦାନ ମନ୍ଥର ଏବଂ ଯେଉଁ ସ୍ଥାନଗୁଡ଼ିକରେ ଟିକା ପ୍ରଦାନ କରାଯାଇନାହିଁ ସେଠାରେ କୋଭିଡ୍ ବ୍ୟାପିବାକୁ ଏଡାଇ ଦିଆଯାଇ ନ ପାରେ ବୋଲି ଏହି ଏଜେନ୍ସି ପ୍ରକାଶ କରିଛି।

## ୨ ଅଙ୍କ ବିଶିଷ୍ଟ ଅଭିବୃଦ୍ଧି ଆଶା

ଘରୋଇ ବଜାରରେ ଆର୍ଥିକ କାର୍ଯ୍ୟକଳାପରେ ସୁଧାର ହେଉଥିବା ବେଳେ ନିବେଶକଙ୍କ ମନୋଭାବରେ ପରିବର୍ତ୍ତନ ଆସିଛି। ଆସନ୍ତା ଆର୍ଥିକ ବର୍ଷରେ ଭାରତର ଜିଡିପି ୨ ଅଙ୍କ ବିଶିଷ୍ଟ ଅଭିବୃଦ୍ଧି ହାସଲ କରିବା ସହ ୧୧% ରହିବା ନେଇ ପିଏଚ୍‌ଡି ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ପକ୍ଷରୁ ଆକଳନ କରାଯାଇଛି।

# ଜେରଥ୍‌ର ଆଲର୍ଜି ପରୀକ୍ଷଣ



ଭୁବନେଶ୍ୱର,୧୧।୩: ଜେରଥ ପାଥ୍ ଲାବ୍ ଆଣ୍ଡ ଆଲର୍ଜି ଟେଷ୍ଟିଂ ସେଣ୍ଟର ପକ୍ଷରୁ ରାଜ୍ୟରେ ୧୨ରୁ ୧୫ମାର୍ଚ୍ଚ ଯାଏ ଆଲର୍ଜି ପରୀକ୍ଷଣ ଏବଂ ଚିକିତ୍ସା ସେବା ପ୍ରଦାନ କରାଯାଉଛି। ଲୋକମାନେ ଏହି ସମୟରେ ଅଧା ଦାମ ଦେଇ ଆଲର୍ଜି ପରୀକ୍ଷଣ କରାଇପାରିବେ। ଜେରଥର କଲେକ୍ସନ ସେଣ୍ଟର ବାଲେଶ୍ୱର, ବାରିପଦା,ଭଦ୍ରକ, ବ୍ରହ୍ମପୁର, ଗଜପତି, ଭୁବନେଶ୍ୱର, ପୁରୀ, ଖୋର୍ଦ୍ଧା ଖଡ଼ଗିରି, କଟକ, କେନ୍ଦ୍ରାପଡ଼ା, ଢେଙ୍କାନାଳ, ଅନୁଗୋଳ, କେନ୍ଦୁଝର, କୋରାପୁଟ, ରାୟଗଡ଼ା, ଯାଜପୁର, ରାଉରକେଲା, ସମ୍ବଲପୁର, ବଲାଙ୍ଗୀର, ସୋନପୁର, ଭବାନୀପାଟଣା, ସୋହେଲା, ଝାରସୁଗୁଡ଼ା, ବୁର୍ଲା ଏବଂ ବରଗଡ଼ରେ ଲୋକମାନେ ଏହିସବୁ ସୁବିଧା ପାଇବେ। ପୂର୍ବାହ୍ନ ୯ରୁ ସନ୍ଧ୍ୟା ୫ ଯାଏ ଲୋକମାନେ ଆଲର୍ଜିର ସମ୍ପୂର୍ଣ୍ଣ ପରୀକ୍ଷଣ କରାଇପାରିବେ। ଧୂଳି, ସ୍କିନ୍, ଇନ୍‌ହେଲାଣ୍ଟ, ଡ୍ରଗ୍, କମ୍ପ୍ରିହେନ୍‌ସିଭ ଏବଂ ଓଡ଼ିଶା କମ୍ପ୍ରିହେନ୍‌ସିଭ ବର୍ଗରେ ପରୀକ୍ଷଣ କରାଯାଉଛି। ସେହିଭଳି ମାଗଣାରେ ଇମ୍ୟୁନିଟି ପ୍ରୋଫାଇଲିଂ ଯାଞ୍ଚ ମଧ୍ୟ କରାଯିବ। ଯାଞ୍ଚ କରାଇବାକୁ ଇଚ୍ଛୁକ ବ୍ୟକ୍ତିବିଶେଷ ସଂସ୍ଥା ସହ ଯୋଗାଯୋଗ କରିପାରିବେ। ଜେରଥର ଟେଷ୍ଟିଂ ସେଣ୍ଟର ସାରା ଦେଶରେ ରହିଛି। ଆଲର୍ଜିର ଶୀଘ୍ର ଚିକିତ୍ସା କରାଇନେବା ଭଲ। ଏଥିପାଇଁ ଆଗୁଆ ପରୀକ୍ଷଣ ଦ୍ୱାରା ଚିକିତ୍ସା କରାଯାଇପାରିବ ବୋଲି କମ୍ପାନୀର ଏମ୍‌ଡି ଡ.ପ୍ରଶାନ୍ତ ଜେରଥ କହିଛନ୍ତି।

# ଟାଟା ସ୍କାଏର ନୂଆ ବ୍ରାଣ୍ଡ ଉଦ୍ଦେଶ୍ୟ ଉନ୍ମୋଚନ

ଭୁବନେଶ୍ୱର,୧୧।୩

ଦେଶର ପ୍ରମୁଖ ଡିଟିଏଚ୍ ଅପରେଟର ଟାଟା ସ୍କାଏ ପକ୍ଷରୁ ନୂଆ ବ୍ରାଣ୍ଡ ଉଦ୍ଦେଶ୍ୟ ଉନ୍ମୋଚନ ସମ୍ପର୍କରେ ଘୋଷଣା କରାଯାଇଛି। ଭାରତର ଲୋକମାନଙ୍କ ପାଇଁ କଣ୍ଟେଣ୍ଟ ବ୍ୟବହାରକୁ ସରଳ କରିବା ପ୍ରତି ନିଜର ପ୍ରତିବଦ୍ଧତାକୁ ଆଗକୁ ବଢ଼ାଇବା ଉଦ୍ଦେଶ୍ୟ ନେଇ କମ୍ପାନୀ ଏଭଳି ପଦକ୍ଷେପ ହାତକୁ ନେଇଛି। ପରିବାର ଏବଂ ଘର ପାଇଁ ଆଜି ଅପେକ୍ଷା ଆବଶ୍ୟକାଳିକୁ ଉନ୍ନତ କରିବା ନିମନ୍ତେ ଟାଟା ସ୍କାଏର ବିଦ୍ୟମାନ ନାମରେ ଏହି ବ୍ରାଣ୍ଡ ଉଦ୍ଦେଶ୍ୟ ଉନ୍ମୋଚନ ହୋଇଛି। ଟାଟା ବର୍ତ୍ତମାନ ସାରା ଦେଶରେ ୨୨ ନିୟୁତରୁ ଊର୍ଦ୍ଧ୍ୱ ଘରେ ଉପସ୍ଥିତି ଜାହିର କରିଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ଏମ୍‌ଡି ତଥା ସିଇଓ ହରିତ୍ ନାଗପାଲ କହିଛନ୍ତି, ମୂଳ ଦୃଢ଼ବିଶ୍ୱାସ ସବୁବେଳେ ଟାଟା ସ୍କାଏ ବ୍ରାଣ୍ଡକୁ ମାର୍ଗଦର୍ଶନ କରି ଆସୁଛି।

# ଟିଭିଏସ୍ ଆପାଚେ ଆର୍‌ଟିଆର୍ ୧୬୦-୪ଭି

ଭୁବନେଶ୍ୱର,୧୧।୩



ଟିଭିଏସ୍ ମୋଟର କମ୍ପାନୀ ପକ୍ଷରୁ ନୂଆ ଟିଭିଏସ୍ ଆପାଚେ ଆର୍‌ଟିଆର୍ ୧୬୦-୪ଭି ବଜାରକୁ ଆସିଛି। ଗ୍ରାହକଙ୍କ ବର୍ଦ୍ଧିତ ଆବଶ୍ୟକତା ପୂରଣ କରିବାକୁ କମ୍ପାନୀ ଏଭଳି ନୂଆ ଯାନ ଆଣିଛି। ଏହା ସମାନ୍ତରାଳ ଭାବେ ବର୍ଦ୍ଧିତ ଶକ୍ତି ଓ ଟର୍କ ପ୍ରଦାନକରି ରେସିଂ ପରମ୍ପରା ପ୍ରତି ବାସ୍ତବ ରହିବା ନେଇ ଉଦ୍ୟମ ଜାରି ରଖିଛି। ଏହା ୧୭.୬୩ ପିଏସ୍ ସର୍ବୋତ୍ତମ ଶକ୍ତି ପ୍ରଦର୍ଶନ ଓ ଶକ୍ତି ସୁନିଶ୍ଚିତ କରୁଛି। ଏହାକୁ ନିଜ ବର୍ଗରେ ସବୁଠାରୁ ଶକ୍ତିଶାଳୀ ମୋଟର ସାଇକେଲ ଭାବେ ପରିଣତ କରୁଛି। ଏହି ଅବସରରେ ଟିଭିଏସ୍ ମୋଟର କମ୍ପାନୀର ପ୍ରିମିୟମ ମୋଟର ସାଇକେଲ ମାର୍କେଟିଂ ବିଭାଗ ମୁଖ୍ୟ ମେଘଶ୍ୟାମ ଦିଘୋଲେ କହିଛନ୍ତି, ୩୮ ବର୍ଷର ରେସିଂ ବିରାଶତ ଦ୍ୱାରା ସମର୍ଥିତ ନୂଆ ଆପାଚେ ଆର୍‌ଟିଆର୍ ୧୬୦ ୪ଭି ବର୍ଦ୍ଧିତ ରେସିଓ ଓ ଟର୍କ ପାଇଁ ଉନ୍ନତ ଶକ୍ତି ସହିତ ବେଷ୍ଟ ଇନ୍ କ୍ଲାସ୍ ପ୍ରଦାନ କରୁଛି। ଟିଭିଏସ୍ ଆପାଚେ ସବୁବେଳେ ଗ୍ରାହକଙ୍କ ସନ୍ତୁଷ୍ଟୀକରଣ ପାଇଁ ସର୍ବୋଚ୍ଚ ବେଞ୍ଚମାର୍କ ସୃଷ୍ଟି କରିବା ଲାଗି ପ୍ରତିଶ୍ରୁତିବଦ୍ଧ ରହି ଆସିଛି। ଯାନଟିର ଡିସ୍କ ଭାରିଆଣ୍ଟ ବଜାର ଦର ୧.୧୦ ଲକ୍ଷ ଟଙ୍କା ରହିଛି। ସେହିଭଳି ଡ୍ରମ ଭାରିଆଣ୍ଟ ବଜାର ଦର ୧.୦୭ ଲକ୍ଷ ଟଙ୍କା ରହିଛି।

# ନୀତେଶ ରଞ୍ଜନ ୟୁନିୟନ ବ୍ୟାଙ୍କ ଇଡି



ଭୁବନେଶ୍ୱର,୧୧।୩

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଇଡି) ଭାବେ ନୀତେଶ ରଞ୍ଜନ ଦାୟିତ୍ୱ ଗ୍ରହଣ କରିଛନ୍ତି। କେନ୍ଦ୍ର ସରକାର ତାଙ୍କୁ ଏହି ପଦବୀରେ ଅବସ୍ଥାପିତ କରିଛନ୍ତି। ଏହି ବ୍ୟାଙ୍କ ସହ ସେ ୨୦୦୮ରୁ ଜଡ଼ିତ । ଚିଫ୍ ଜେନେରାଲ ମ୍ୟାନେଜର ଭାବେ ଏଣ୍ଡ ଟୁ ଏଣ୍ଡ ଡିଜିଟାଇଜେଶନ ଭଳି ଗୁରୁଦାୟିତ୍ୱ ସେ ସମ୍ପାଦନ କରିଛନ୍ତି। ଏହା ପୂର୍ବରୁ ସେ ଟ୍ରେଜେରି ପରିଚାଳନା ବିଭାଗର ମୁଖ୍ୟ, ଚିଫ୍ ଇନ୍‌ଭେଷ୍ଟର୍ସ ରିଲେଶନ ଅଫିସର, ବାଲାନ୍ସ ଶିଟ୍ ମ୍ୟାନେଜମେଣ୍ଟ ଗ୍ରୁପ୍ ମୁଖ୍ୟ, ମୁଖ୍ୟ ଅର୍ଥନୀତିଜ୍ଞ ଏବଂ ଆଞ୍ଚଳିକ ମୁଖ୍ୟ ଭଳି ପଦବୀରେ କାର୍ଯ୍ୟ କରିଛନ୍ତି। ସେ ଫୁଡ୍ କର୍ପୋରେଶନ ଅଫ୍ ଇଣ୍ଡିଆରେ ଜଣେ ମ୍ୟାନେଜମେଣ୍ଟ ଟ୍ରେନି ଭାବେ ଯୋଗ ଦେଇଥିଲେ।

# ବିଓବି, ପିଏନ୍‌ବି ପକ୍ଷରୁ ମହିଳା ଦିବସ

ଭୁବନେଶ୍ୱର,୧୧।୩

ବ୍ୟାଙ୍କ ଅଫ୍ ବରୋଦା(ବିଓବି) ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏଥିରେ ଅଭିନେତ୍ରୀ ସୁଶ୍ରୀ ନିକିତା ମିଶ୍ର ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କର କ୍ଷେତ୍ରୀୟ ମୁଖ୍ୟ ଭାରତ ଭୂଷଣ ଏବଂ ତାଙ୍କ ଧର୍ମପତ୍ନୀ, ଉପ-କ୍ଷେତ୍ରୀୟ ମୁଖ୍ୟ ଧନଞ୍ଜୟ କୁମାର ଝା ଙ୍କ ସମେତ କ୍ଷେତ୍ରୀୟ କାର୍ଯ୍ୟାଳୟ ତଥା ବ୍ୟାଙ୍କର ସମସ୍ତ ଶାଖାର ମହିଳା କର୍ମଚାରୀମାନେ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ । ଏହି ପରିପ୍ରେକ୍ଷୀରେ ବ୍ୟାଙ୍କ ପକ୍ଷରୁ ବିଭିନ୍ନ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମର ମଧ୍ୟ ଆୟୋଜନ କରାଯାଇଥିଲା। ସେହିଭଳି ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ର ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କ ପକ୍ଷରୁ ୧୫୧ରୁ ଊର୍ଦ୍ଧ୍ୱ ସ୍ୱୟଂ ସହାୟକ ଗୋଷ୍ଠୀକୁ ୯.୦୬ ଲକ୍ଷ ଟଙ୍କାର ଋଣ ପ୍ରଦାନ କରାଯାଇଛି। ବ୍ୟାଙ୍କର ଭୁବନେଶ୍ୱର ଆଞ୍ଚଳିକ ପ୍ରବନ୍ଧକ ଅଶ୍ୱିନୀ କୁମାର ୬୨ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ପୁରୀର ଗୋପୀନାଥପୁର ଠାରେ ଋଣ ମଞ୍ଜୁର ପତ୍ର ପ୍ରଦାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ୯.୨୧ ଲକ୍ଷ ଟଙ୍କାର ଏମ୍‌ଏସ୍‌ଏମ୍‌ଇ ଋଣ, ୫.୭ ଲକ୍ଷ ଟଙ୍କାର ୧୮ଟି ରିଟେଲ ଋଣ, ୫ ଲକ୍ଷ ଟଙ୍କାର କୋଟିଏ କୃଷିଋଣ ଏବଂ ୧.୫ କୋଟି ଟଙ୍କାର ଗୃହଋଣ ବ୍ୟାଙ୍କ ପକ୍ଷରୁ ମଞ୍ଜୁର କରାଯାଇଥିବା ସୂଚନା ଦିଆଯାଇଛି।


GOVERNMENT OF ODISHA
OFFICE OF THE SUPERINTENDING ENGINEER, RURAL WORKS CIRCLE, CUTTACK
Letter No. 790 Date: 4.3.21

1st CORRIGENDUM TO TENDER CALL NOTICE NO. Tender On Line RWC-05/21

No.O-1229:- The tender uploaded in the above Tender Call Notice No.- Tender Online RWC-05/21 invited vide the Superintending Engineer, Rural Works Circle, Cuttack vide letter No. 673 dt.23.02.2021 is hereby modified. The details are as follows:-
1. Period of availability of Tender on-line/Date and time for bidding

| Procurement Officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Circle, Cuttack | Tender Online RWC-05/21 | 15.03.2021 at 11.00 A.M. | 05.04.2021 upto 5.00 P.M. | 05.04.2021 upto 12.00 P.M. | 06.04.2021 at 11.30 A.M. | Will be intimated later |

All other terms & conditions of the said tender call notice remain unaltered.
OIPR-25097/11/0016/2021 Sd./- Superintending Engineer, Rural Works Circle, Cuttack

GOVERNMENT OF ODISHA "e" PROCUREMENT NOTICE
Bid Identification No. 31 of 2020-21

No. O-1227:- The Executive Engineer RWS&S Division, Balangir on behalf of Governor of Odisha invites Percentage bid through e – Procurement in double cover system according to norm of e – Procurement system in online mode for the different work in different blocks under Balangir District. **01.** Nature of Work: - Construction of ESR, OGR, pump house with laying of rising main and distribution in different villages of Balangir District. **02.** Total No. of work :- 07 Nos. **03.** Estimated Cost :- Rs. 69.22 to 289.67 Lakh. **04.** Eligible Class of Contractor: - " B & A Class" Contractor. **05.** Period of Completion :- Twelve months.
**06.** Other Details:

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Executive Engineer, RWSS Division, Balangir | 31 of 2020-21 | Dt.15.03.2021 At 11.00 hrs. | Dt.31.03.2021 Upto 17.00 hrs. |

Further details can be had in the DTCN available in the website www.tendersodisha.gov.in
Sd./- 01.03.2021, Executive Engineer, RWS&S Division, Balangir
OIPR-25033/11/0010/2021



ସି.ଜି.ଡି.ଏଲ୍.ଇ – 04022021-224941, CG-DL-E-04022021-224941
ଅସାଧାରଣ EXTRAORDINARY
ଭାଗ 2 - ଖଣ୍ଡ 3 - ଉପଧାରା (2), PART II - Section 3 Sub-Section (ii)
ଅଧିକାରୀଙ୍କ ଦ୍ୱାରା ପ୍ରକାଶିତ, PUBLISHED BY AUTHORITY
ସଂଖ୍ୟା–483] ନୂଆଦିଲ୍ଲୀ, ମଙ୍ଗଳବାର, ଫେବୃଆରୀ 4, 2021/ମାଘ 15, 1942
No. 483] NEW DELHI, THURSDAY, FEBRUARY 4, 2021 / MAGHA 15, 1942

## ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ

### ଅଧିସୂଚନା

ନୂଆଦିଲ୍ଲୀ, ୪ ଫେବୃଆରୀ ୨୦୨୧

No. I-14: କା.ଆ 533 (ଅ).– କେନ୍ଦ୍ର ସରକାର, ଜାତୀୟ ରାଜପଥ ଅଧିନିୟମ 1956 (1956ର 48) (ଯାହାକୁ ଏଥିରେ ଏହାର ପରବର୍ତ୍ତୀ ଅଧିନିୟମ ବିଷୟରେ କୁହାଯାଇଛି)ର ଧାରା ୩କ ର ଉପଧାରା(୧) ଦ୍ୱାରା ପ୍ରଦତ୍ତ କ୍ଷମତାକୁ ପ୍ରୟୋଗ କରି, ଏହା ସ୍ଥିର ହୋଇଛି ଯେ ଓଡ଼ିଶା ରାଜ୍ୟର ଜଗତ୍‌ସିଂହପୁର ଜିଲ୍ଲାରେ ଏନ୍.ଏଚ୍.-୫୫ କି.ମି. 277.500ରୁ କି.ମି. 279.440 (ତହସିଲ: କଟକ ସଦର) ରାସ୍ତା ନିର୍ମାଣ ପର୍ଯ୍ୟନ୍ତ (ପ୍ରଶସ୍ତ/ନିର୍ମାଣ ସହିତ ୨-ଲେନ୍/୪-ଲେନ୍ ନିର୍ମାଣ ଇତ୍ୟାଦି) ରକ୍ଷଣାବେକ୍ଷଣ, ପ୍ରବନ୍ଧନ ଏବଂ ପରିଚାଳନା କରାଯାଉଛି ଏବଂ ସାର୍ବଜନୀନ ବ୍ୟବହୃତ ଉଦ୍ଦେଶ୍ୟ ପାଇଁ ନିମ୍ନ ଅନୁସୂଚୀରେ ଦିଆଯାଇଥିବା ଭୂମି, ଅଧିଗ୍ରହଣ ପାଇଁ ଆଗ୍ରହୀ ପ୍ରକାଶ କରାଯାଉଛି।

ଯେକୌଣସି ବ୍ୟକ୍ତି, ଉକ୍ତ ଭୂମି ସହ ଜଡ଼ିତ ଅଛନ୍ତି, ଉକ୍ତ ଅଧିନିୟମ ଧାରା ୩-ଗ ର ଉପ-ଧାରା (୧)ର ଅଧୀନ ପୂର୍ବୋକ୍ତ ପ୍ରୟୋଜନ ପାଇଁ ଏହି ଭୂମିର ଉପଯୋଗ ଉପରେ ରାଜପତ୍ରରେ ଏହି ଅଧିସୂଚନାରେ ପ୍ରକାଶ ପାଇବା ଦିନଠାରୁ ଏକୋଇଶ ଦିନ ମଧ୍ୟରେ ଆପତ୍ତି ଜଣାଇବାକୁ ସମର୍ଥ ହେବେ। ଏଭଳି ପ୍ରତ୍ୟେକ ଆପତ୍ତି ସକ୍ଷମ ଅଧିକାରୀ ଅର୍ଥାତ୍ କଟକ ତହସିଲଦାରଙ୍କ (ସିଭିଲ) ନିକଟରେ ଲିଖିତ ଆକାରରେ ପ୍ରସ୍ତୁତ କରିବା ଓ ଏହି ଆଧାରରେ ଅଧିଗ୍ରହଣ ହେବାକୁ ଥିବା ଜମି ସକ୍ଷମ ଅଧିକାରୀଙ୍କ ନିକଟରେ ଆପତ୍ତିକର୍ତ୍ତାଙ୍କୁ ବ୍ୟକ୍ତିଗତ ରୂପେ ବିଧିକ ଉପସ୍ଥିତ ରହି ଏବଂ କୌଣସି ଆପତ୍ତି ଶୁଣାଇବା ଓ ଯାଞ୍ଚ କରିବା (ଯଦି କିଛି ଥାଏ, ଯାହାକି ସକ୍ଷମ ଅଧିକାରୀଙ୍କ ଦୃଷ୍ଟିକୁ ଆଣିବା ହେବ) ତାଙ୍କର ଆଦେଶ ଦ୍ୱାରା ସ୍ଥଳ ଏବଂ ଯାଞ୍ଚ ନିରୀକ୍ଷଣ ଦ୍ୱାରା ନିଷ୍ପତ୍ତି ପ୍ରଦାନ କରିବା ଯଥାର୍ଥ ହେବ।

ଉକ୍ତ ଅଧିନିୟମର ଧାରା ୩ଗ ର ଉପ-ଧାରା (୨)ର ଅଧୀନ ସକ୍ଷମ ଅଧିକାରୀଙ୍କ ଦ୍ୱାରା କରାଯାଇଥିବା ନିଷ୍ପତ୍ତି ଓ ଆଦେଶ ଅନ୍ତିମ ହେବ।

ଏହି ଅଧିସୂଚନାର ଅନ୍ତର୍ଗତରେ ଆସୁଥିବା ଭୂମିର ପ୍ରକାର, ଭୂମିର ପ୍ରକୃତି (କିସମ) ଏବଂ ଅନ୍ୟାନ୍ୟ ତଥ୍ୟ ତ୍ରୁଟିଥିଲେ ଜଣାଇବେ, ପ୍ରକାଶିତ ସୂଚନା ସକ୍ଷମ ଅଧିକାରୀଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ଅଛି ଏବଂ ତାଙ୍କର ହିତବଦ୍ଧ ବ୍ୟକ୍ତିଙ୍କ ଦ୍ୱାରା ନିରୀକ୍ଷଣ କରାଯାଇପାରିବ।

### ସୂଚୀ

ଓଡ଼ିଶା ରାଜ୍ୟର କଟକ ଜିଲ୍ଲାର କ.ମି. 277.500ଠାରୁ କି.ମି. 279.440 (ତହସିଲଦାରଙ୍କ କାର୍ଯ୍ୟାଳୟ କଟକ ସଦର, ଜିଲ୍ଲା: କଟକର ବିସ୍ତାରଣରେ ଥିବା ନୂତନ ପ୍ରସ୍ତାବିତ ଜାତୀୟ ରାଜପଥ ନମ୍ବର-୫୫ ରାସ୍ତାକୁ ସଂଯୋଗ କରୁଥିବା ସମ୍ବଲପୁର ନିକଟସ୍ଥ ଏନ୍.ଏଚ୍-୫୩ ରେଢ଼ାଖୋଲରୁ ଆରମ୍ଭ କରି ନୂଆଗାଁରେ ସମାପ୍ତ ହୋଇଛି, ଯାହାକି ଭୂମି ବିନିର୍ମାଣ (ପ୍ରଶସ୍ତ/ଚାରି ଲେନିଂ ଇତ୍ୟାଦି) ପାଇଁ ପ୍ରଯୁଜ୍ୟ।

| କ୍ର.ନଂ. | ଜିଲ୍ଲାର ନାମ | ତହସିଲର ନାମ | ଗ୍ରାମର ନାମ | ସର୍ଭେ ସଂଖ୍ୟା | ଜମିର ପ୍ରକାର | ଜମିର ପ୍ରକୃତି | ଅଧିଗ୍ରହଣ ଏରିଆ (ହେକ୍ଟରରେ) | ଟୋଟାଲ ଏରିଆ (ହେକ୍ଟରରେ) |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| 1 | କଟକ | କଟକ | 1. କନ୍ଦରପୁର | 334 | ସରକାରୀ | ଘରବାରି | 0.0121 | 0.0121 |
| | | | | 333 | ସରକାରୀ | ଘରବାରି | 0.0050 | 0.0445 |
| | | | | 331 | ସରକାରୀ | ଘରବାରି | 0.0250 | 0.0850 |
| | | | | 125 | ସରକାରୀ | ଜୋରା | 0.1214 | 0.1214 |
| | | | | 410 | ସରକାରୀ | ନୟନଯୋରୀ | 0.1133 | 0.1133 |
| | | | | 411 | ସରକାରୀ | ନାଳ | 0.1781 | 0.1781 |
| | | | | 143 | ସରକାରୀ | ସଡ଼କ | 0.0040 | 0.0040 |
| | | | | 415 | ସରକାରୀ | ନୟନଯୋରୀ | 0.0050 | 0.2469 |
| | | | | 414 | ସରକାରୀ | କେନାଲ ବନ୍ଧ | 0.0050 | 0.1214 |
| | | | | 413 | ସରକାରୀ | କେନାଲ ବନ୍ଧ | 0.0050 | 0.0890 |
| | | | | 412 | ସରକାରୀ | କେନାଲ ବନ୍ଧ | 0.0050 | 0.1214 |
| | | | | 94 | ସରକାରୀ | ନୟନଯୋରୀ | 0.0057 | 0.0890 |
| | | | | 595 | ସରକାରୀ | ସଡ଼କ | 0.0324 | 0.0324 |
| | | | | 596 | ସରକାରୀ | ନୟନଯୋରୀ | 0.0486 | 0.0486 |
| | | | | 140 | ସରକାରୀ | ଘରବାରି | 0.0040 | 0.0040 |
| | | | | 139 | ସରକାରୀ | ଘରବାରି | 0.0040 | 0.0040 |
| | | | | 138 | ସରକାରୀ | ଘରବାରି | 0.0040 | 0.0040 |
| | | | | 137 | ସରକାରୀ | ଘରବାରି | 0.0040 | 0.0040 |
| | | | | 136 | ସରକାରୀ | ଘରବାରି | 0.0040 | 0.0040 |
| | | | | 135 | ସରକାରୀ | ଘରବାରି | 0.0040 | 0.0040 |
| | | | | 134 | ସରକାରୀ | ଘରବାରି | 0.0040 | 0.0040 |
| | | | | 133 | ସରକାରୀ | ଘରବାରି | 0.0040 | 0.0040 |
| | | | | 132 | ସରକାରୀ | ଘରବାରି | 0.0040 | 0.0040 |
| | | | | 131 | ସରକାରୀ | ଘରବାରି | 0.0040 | 0.0040 |
| | | | | 130 | ସରକାରୀ | ଘରବାରି | 0.0040 | 0.0040 |
| | | | | 129 | ସରକାରୀ | ଘରବାରି | 0.0040 | 0.0040 |
| | | | | 128 | ସରକାରୀ | ଘରବାରି | 0.0040 | 0.0040 |
| | | | | 127 | ସରକାରୀ | ଘରବାରି | 0.0040 | 0.0040 |
| | | | | 126 | ସରକାରୀ | ଘରବାରି | 0.0040 | 0.0040 |
| | | | | 141 | ସରକାରୀ | ସଡ଼କ | 0.0080 | 0.008 |
| | | | | 407 | ସରକାରୀ | ନୟନଯୋରୀ | 0.1781 | 0.1781 |
| | | | | 408 | ସରକାରୀ | ସଡ଼କ | 0.2671 | 0.2671 |
| | | | | 409 | ସରକାରୀ | ନୟନଯୋରୀ | 0.1942 | 0.1942 |
| | | | | 124 | ସରକାରୀ | ଘରବାରି | 0.0040 | 0.0040 |
| | | | | 123 | ସରକାରୀ | ସଡ଼କ | 0.0137 | 0.0283 |
| | | | | 122 | ସରକାରୀ | ଘରବାରି | 0.0081 | 0.0081 |
| | | | | 121 | ସରକାରୀ | ଜଳାଶୟ ଦୁଇ | 0.0081 | 0.0081 |
| | | | | 142 | ସରକାରୀ | ନୟନଯୋରୀ | 0.0040 | 0.0040 |
| | | | | 387 | ସରକାରୀ | ଶ୍ମଶାନ | 0.0168 | 0.3035 |
| | | | | 592 | ସରକାରୀ | ନାଳ | 0.0931 | 0.0931 |
| | | | | 593 | ସରକାରୀ | ପତିତ | 0.2104 | 0.2104 |
| | | | | 594 | ସରକାରୀ | ନୟନଯୋରୀ | 0.0890 | 0.0890 |
| | | | | 597 | ସରକାରୀ | ନାଳ | 0.0454 | 0.0567 |
| | | | | 598 | ସରକାରୀ | ନୟନଯୋରୀ | 0.0050 | 0.2226 |
| | | | | 599 | ସରକାରୀ | ରେଲୱେ | 0.0176 | 0.2064 |
| | | | | 602 | ସରକାରୀ | ନୟନଯୋରୀ | 0.0129 | 1.2545 |
| | | | | 670 | ସରକାରୀ | ପତିତ | 0.0050 | 0.1255 |
| | କଟକ | କଟକ | 1. କନ୍ଦରପୁର | 591 | ସରକାରୀ | ନୟନଯୋରୀ | 0.2026 | 0.4978 |
| | | | | 84 | ସରକାରୀ | ସଡ଼କ | 0.0050 | 0.0162 |
| | | | | 300 | ସରକାରୀ | ସଡ଼କ | 0.0050 | 0.1295 |
| | | | | 319 | ବେସରକାରୀ | ଘରବାରି | 0.0050 | 0.0121 |
| | | | | 320 | ବେସରକାରୀ | ଘରବାରି | 0.0050 | 0.0081 |
| | | | | 389 | ବେସରକାରୀ | ଘରବାରି | 0.0117 | 0.0405 |
| | | | | 335 | ବେସରକାରୀ | ଜଳାଶୟ ଦୁଇ | 0.0081 | 0.0081 |
| | | | | 307 | ବେସରକାରୀ | ଘରବାରି | 0.0040 | 0.0040 |
| | | | | 118 | ବେସରକାରୀ | ବାଜେ ଫସଲ ଏକ | 0.0091 | 0.0202 |
| | | | | 394 | ବେସରକାରୀ | ଘରବାରି | 0.0229 | 0.0243 |
| | | | | 396 | ବେସରକାରୀ | ଘରବାରି | 0.0149 | 0.0405 |
| | | | | 321 | ବେସରକାରୀ | ପତିତ | 0.0050 | 0.0081 |
| | | | | 120 | ବେସରକାରୀ | ଜଳାଶୟ ଦୁଇ | 0.0040 | 0.0040 |
| | | | | 119 | ବେସରକାରୀ | ଘରବାରି | 0.0551 | 0.0850 |
| | | | | 309 | ବେସରକାରୀ | ଘରବାରି | 0.0040 | 0.0040 |
| | | | | 310 | ବେସରକାରୀ | ଘରବାରି | 0.0040 | 0.0040 |
| | | | | 318 | ବେସରକାରୀ | ଘରବାରି | 0.0083 | 0.0239 |
| | | | | 405 | ବେସରକାରୀ | ଶାରଦ ଜଳ ଦୋଫସଲ ଏକ | 0.0040 | 0.0040 |
| | | | | 308 | ବେସରକାରୀ | ଘରବାରି | 0.0040 | 0.0040 |
| | | | | 401 | ବେସରକାରୀ | ସଡ଼କ | 0.0040 | 0.0040 |
| | | | | 386/ 689 | ବେସରକାରୀ | ଶାରଦ ଜଳ ଦୋଫସଲ ଏକ | 0.0117 | 0.0202 |
| | | | | 388 | ବେସରକାରୀ | ଘରବାରି | 0.0238 | 0.0486 |
| | | | | 390 | ବେସରକାରୀ | ଶାରଦ ଜଳ ଦୋଫସଲ ଏକ | 0.0094 | 0.0121 |
| | | | | 391 | ବେସରକାରୀ | ଶାରଦ ଜଳ ଦୋଫସଲ ଏକ | 0.0216 | 0.0324 |
| | | | | 392 | ବେସରକାରୀ | ଘରବାରି | 0.0212 | 0.0283 |
| | | | | 393 | ବେସରକାରୀ | ଘରବାରି | 0.0147 | 0.0162 |
| | | | | 399/ 676 | ବେସରକାରୀ | ଘରବାରି | 0.0183 | 0.0607 |
| | | | | 395 | ବେସରକାରୀ | ଘରବାରି | 0.0349 | 0.0405 |
| | | | | 406 | ବେସରକାରୀ | ଘରବାରି | 0.0081 | 0.0081 |
| | | | | 402 | ବେସରକାରୀ | ପତିତ | 0.0050 | 0.0121 |
| | | | | 336 | ବେସରକାରୀ | ଶାରଦ ଜଳ ଦୋଫସଲ ଏକ | 0.0040 | 0.0040 |
| | | | | 337 | ବେସରକାରୀ | ଶାରଦ ଜଳ ଦୋଫସଲ ଏକ | 0.0040 | 0.0040 |
| | | | | 110 | ବେସରକାରୀ | ଘରବାରି | 0.0290 | 0.0850 |
| | | | | 575 | ବେସରକାରୀ | ପାଣି ନାଳ | 0.0130 | 0.0162 |
| | | | | 576 | ବେସରକାରୀ | ଚକ | 0.0150 | 0.1740 |
| | | | | 573 | ବେସରକାରୀ | ପାଣି ନାଳ | 0.0364 | 0.0364 |
| | | | | 577 | ବେସରକାରୀ | ଘରବାରି | 0.0281 | 0.0647 |
| | | | | 572 | ବେସରକାରୀ | ଚକ | 0.0364 | 0.3359 |
| | | | | 571 | ବେସରକାରୀ | ଚକ | 0.0235 | 0.0324 |
| | | | | 568 | ବେସରକାରୀ | ଚକ | 0.0795 | 0.7244 |
| | | | | 417 | ବେସରକାରୀ | ଚକ | 0.0064 | 0.0283 |
| | | | | 416 | ବେସରକାରୀ | ଘରବାରି | 0.0050 | 0.0283 |
| | | | | 101 | ବେସରକାରୀ | ଘରବାରି | 0.0101 | 0.0101 |
| | | | | 102 | ବେସରକାରୀ | ଘରବାରି | 0.0138 | 0.0202 |
| | | | | 103 | ବେସରକାରୀ | ଘରବାରି | 0.0147 | 0.0202 |
| | | | | 105 | ବେସରକାରୀ | ଘରବାରି | 0.0202 | 0.0202 |
| | | | | 106 | ବେସରକାରୀ | ଘରବାରି | 0.0040 | 0.0040 |
| | | | | 107 | ବେସରକାରୀ | ପତିତ | 0.0081 | 0.0081 |
| | | | | 109 | ବେସରକାରୀ | ଜଳାଶୟ ଦୁଇ | 0.0158 | 0.0243 |
| | | | | 86 | ବେସରକାରୀ | ଘରବାରି | 0.0050 | 0.0850 |
| | | | | 311 | ବେସରକାରୀ | ଘରବାରି | 0.0050 | 0.0121 |
| | କଟକ | କଟକ | 2. ଅଥଙ୍ଗା | 802 | ସରକାରୀ | ନୟନଯୋରୀ | 0.0782 | 0.3764 |
| | | | | 803 | ସରକାରୀ | ରାସ୍ତା | 0.1484 | 0.3480 |
| | | | | 806 | ସରକାରୀ | ନୟନଯୋରୀ | 0.2232 | 0.3966 |
| | | | | 305 | ସରକାରୀ | ପତିତ | 0.0486 | 0.0486 |
| | | | | 306 | ସରକାରୀ | ନାଳ | 0.0324 | 0.0324 |
| | | | | 304 | ସରକାରୀ | ପତିତ | 0.0243 | 0.0243 |
| | | | | 307 | ସରକାରୀ | ନୟନଯୋରୀ | 0.0081 | 0.0081 |
| | | | | 303 | ସରକାରୀ | ନାଳ | 0.0121 | 0.0121 |
| | | | | 302 | ସରକାରୀ | ନୟନଯୋରୀ | 0.0081 | 0.0081 |
| | | | | 859 | ସରକାରୀ | ପତିତ | 0.0225 | 0.0243 |
| | | | | 876 | ସରକାରୀ | ପ୍ରଧାନ ଚକ୍ର ନାଳି | 0.0318 | 0.1457 |
| | | | | 310 | ସରକାରୀ | ନାଳ | 0.0360 | 0.0809 |
| | | | | 805 | ସରକାରୀ | ନୟନଯୋରୀ | 0.0162 | 0.0162 |
| | | | | 804 | ସରକାରୀ | ରାସ୍ତା | 0.0121 | 0.0121 |
| | | | | 301 | ସରକାରୀ | ପତିତ | 0.0216 | 0.1174 |
| | | | | 807 | ସରକାରୀ | ପତିତ | 0.0073 | 0.0243 |
| | | | | 300 | ସରକାରୀ | ପତିତ | 0.0050 | 0.0607 |
| | | | | 849 | ସରକାରୀ | ରକ୍ଷିତ | 0.0050 | 0.0162 |
| | | | | 808 | ସରକାରୀ | ରକ୍ଷିତ | 0.0089 | 0.4532 |
| | | | | 321/ 2042 | ସରକାରୀ | ପତିତ | 0.0050 | 0.0081 |
| | | | | 867 | ବେସରକାରୀ | ଚକ | 0.0454 | 0.1942 |
| | | | | 858 | ବେସରକାରୀ | ଶାରଦ ଜଳ ଏକ | 0.0642 | 0.1093 |
| | | | | 317 | ବେସରକାରୀ | ଶାରଦ ଜଳ ଦୁଇ | 0.0050 | 0.0081 |
| | | | | 318 | ବେସରକାରୀ | ଶାରଦ ଜଳ ଦୁଇ | 0.0050 | 0.0405 |
| | | | | 861 | ବେସରକାରୀ | ଚକ | 0.1496 | 0.1901 |
| | | | | 857 | ବେସରକାରୀ | ଘରବାରି | 0.0987 | 0.1416 |
| | | | | 864 | ବେସରକାରୀ | ଚକ | 0.1264 | 0.3440 |
| | | | | 863 | ବେସରକାରୀ | ଚକ | 0.1223 | 0.1700 |
| | | | | 865 | ବେସରକାରୀ | ଚକ | 0.0586 | 0.1052 |
| | | | | 866 | ବେସରକାରୀ | ଚକ | 0.1052 | 0.1052 |
| | | | | 866/ 2076 | ବେସରକାରୀ | ଚକ | 0.0078 | 0.0405 |
| | | | | 869 | ବେସରକାରୀ | ଚକ | 0.0334 | 0.1133 |
| | | | | 870 | ବେସରକାରୀ | ବିଆଳି ଦୋଫସଲି | 0.0271 | 0.0607 |
| | | | | 889 | ବେସରକାରୀ | ଚକ | 0.0438 | 0.1781 |
| | କଟକ | କଟକ | 2. ଅଥଙ୍ଗା | 890 | ବେସରକାରୀ | ବିଆଳି ଦୋଫସଲି | 0.1193 | 0.1335 |
| | | | | 874 | ବେସରକାରୀ | ଚକ | 0.2460 | 1.4124 |
| | | | | 891 | ବେସରକାରୀ | ଚକ | 0.1823 | 0.4006 |
| | | | | 893 | ବେସରକାରୀ | ଚକ | 0.1284 | 0.2550 |
| | | | | 901 | ବେସରକାରୀ | ଚକ | 0.0168 | 0.3723 |
| | | | | 894 | ବେସରକାରୀ | ଚକ | 0.1848 | 0.6394 |
| | | | | 897 | ବେସରକାରୀ | ଚକ | 0.0287 | 0.0324 |
| | | | | 898 | ବେସରକାରୀ | ଚକ | 0.0162 | 0.0162 |
| | | | | 899 | ବେସରକାରୀ | ଚକ | 0.3409 | 0.8903 |
| | | | | 308/ 2078 | ବେସରକାରୀ | ଶାରଦ ତିନି | 0.0156 | 0.0647 |
| | | | | 308 | ବେସରକାରୀ | ଶାରଦ ତିନି | 0.0081 | 0.1255 |
| | | | | 892 | ବେସରକାରୀ | ଚକ | 0.0435 | 0.1295 |
| | | | | 871 | ବେସରକାରୀ | ଚକ | 0.0922 | 0.2023 |
| | | | | 896 | ବେସରକାରୀ | ଚକ | 0.0136 | 0.0162 |
| | | | | 321 | ବେସରକାରୀ | ଘରବାରି | 0.0050 | 0.0647 |
| | | | | 867/ 2054 | ବେସରକାରୀ | ଘରବାରି | 0.0080 | 0.0850 |
| | | | | 867/ 2053 | ବେସରକାରୀ | ଘରବାରି | 0.0630 | 0.1821 |
| | | | | 872 | ବେସରକାରୀ | ଚକ | 0.0699 | 0.3116 |
| | | | | 875 | ବେସରକାରୀ | ଚକ | 0.0057 | 0.1214 |
| | | | | 904 | ବେସରକାରୀ | ଚକ | 0.0050 | 0.0647 |
| | | | | 850 | ବେସରକାରୀ | ପାଣି ନାଳ | 0.0050 | 0.0162 |
| | | | | 851 | ବେସରକାରୀ | ପାଣି ନାଳ | 0.0050 | 0.0202 |
| | | | | 852 | ବେସରକାରୀ | ଶାରଦ ଜଳ ଦୁଇ | 0.0050 | 0.0486 |
| | | | | 853 | ବେସରକାରୀ | ଶାରଦ ଜଳ ଦୁଇ | 0.0091 | 0.0162 |
| | | | | 322 | ବେସରକାରୀ | ଚକ | 0.0050 | 0.2064 |
| | | | | 900 | ବେସରକାରୀ | ଚକ | 0.0050 | 0.0850 |
| | | | | 856 | ବେସରକାରୀ | ଚକ | 0.0050 | 0.1659 |
| | କଟକ | କଟକ | 3. ସିଦ୍ଧେଶ୍ୱରପୁର | 1 | ସରକାରୀ | ନୟନଯୋରୀ | 0.0364 | 0.0364 |
| | | | | 2 | ସରକାରୀ | ନୟନଯୋରୀ | 0.0243 | 0.0243 |
| | | | | 3 | ସରକାରୀ | ରାସ୍ତା | 0.0364 | 0.0364 |
| | | | | 4 | ସରକାରୀ | ରାସ୍ତା | 0.0405 | 0.0405 |
| | | | | 5 | ସରକାରୀ | ନୟନଯୋରୀ | 0.0567 | 0.0567 |
| | | | | 6 | ସରକାରୀ | ଶ୍ମଶାନ | 0.0134 | 0.2226 |
| | | | | 289 | ସରକାରୀ | ନୟନଯୋରୀ | 0.4688 | 3.7636 |
| | | | | 290 | ସରକାରୀ | ନୟନଯୋରୀ | 0.1538 | 0.1538 |
| | | | | 291 | ସରକାରୀ | ରାସ୍ତା | 0.0445 | 0.0445 |
| | | | | 292 | ସରକାରୀ | ନୟନଯୋରୀ | 0.0526 | 0.0526 |
| | | | | 293 | ସରକାରୀ | ନୟନଯୋରୀ | 0.0202 | 0.0202 |
| | | | | 294 | ସରକାରୀ | ରେଲୱେ | 0.0738 | 0.4775 |
| | | | | 295 | ସରକାରୀ | ନୟନଯୋରୀ | 0.0121 | 0.0121 |
| | | | | 296 | ସରକାରୀ | ନୟନଯୋରୀ | 0.0809 | 0.1335 |
| | | | | 297 | ସରକାରୀ | ନାଳ | 0.0567 | 0.0567 |
| | | | | 298 | ସରକାରୀ | ନୟନଯୋରୀ | 0.0850 | 0.0850 |
| | | | | 299 | ସରକାରୀ | ସଡ଼କ | 0.1012 | 0.1012 |
| | | | | 300 | ସରକାରୀ | ନୟନଯୋରୀ | 0.0526 | 0.0526 |
| | | | | 301 | ସରକାରୀ | ନୟନଯୋରୀ | 0.2810 | 1.4933 |
| | | | | 789 | ସରକାରୀ | ଚକ ରାସ୍ତା | 0.0098 | 0.0647 |
| | | | | 790 | ସରକାରୀ | ଜଳସେଚନ ନାଳି | 0.0118 | 0.1012 |
| | | | | 816 | ସରକାରୀ | ଶାରଦ ଜଳ ଦୋଫସଲ ଏକ | 0.0530 | 0.0554 |
| | | | | 777 | ବେସରକାରୀ | ଚକ | 0.0066 | 0.4209 |
| | | | | 779 | ବେସରକାରୀ | ଚକ | 0.0050 | 0.1133 |
| | | | | 803 | ବେସରକାରୀ | ଚକ | 0.0251 | 0.0769 |
| | | | | 804 | ବେସରକାରୀ | ଚକ | 0.0157 | 0.1214 |
| | | | | 815 | ବେସରକାରୀ | ଚକ | 0.0242 | 0.0243 |
| | | | | 817 | ବେସରକାରୀ | ଚକ | 0.0607 | 0.0607 |
| | | | | 818 | ବେସରକାରୀ | ଚକ | 0.1228 | 0.2833 |
| | | | | 819 | ବେସରକାରୀ | ଚକ | 0.0823 | 0.1659 |
| | | | | 821 | ବେସରକାରୀ | ଚକ | 0.0104 | 0.1174 |
| | | | | 822 | ବେସରକାରୀ | ଚକ | 0.3209 | 0.4411 |
| | | | | 834 | ବେସରକାରୀ | ଚକ | 0.0784 | 0.3723 |
| | | | | 823 | ବେସରକାରୀ | ଚକ | 0.1190 | 0.1416 |
| | | | | 825 | ବେସରକାରୀ | ଚକ | 0.0171 | 0.0850 |
| | | | | 831 | ବେସରକାରୀ | ଚକ | 0.1111 | 0.1983 |
| | | | | 832 | ବେସରକାରୀ | ଚକ | 0.0353 | 0.0728 |
| | | | | 833 | ବେସରକାରୀ | ଚକ | 0.1226 | 0.2995 |
| | | | | 778 | ବେସରକାରୀ | ଚକ | 0.0574 | 0.0647 |
| | | | | 780 | ବେସରକାରୀ | ଚକ | 0.1515 | 0.2169 |
| | | | | 781 | ବେସରକାରୀ | ଚକ | 0.1834 | 0.2347 |
| | | | | 782 | ବେସରକାରୀ | ଚକ | 0.0622 | 0.1012 |
| | | | | 785 | ବେସରକାରୀ | ଚକ | 0.0628 | 0.2792 |
| | | | | 7 | ବେସରକାରୀ | ଚକ | 0.0076 | 0.0971 |
| | | | | 71 | ବେସରକାରୀ | ଘରବାରି | 0.0146 | 0.0283 |
| | | | | 71/ 1349 | ବେସରକାରୀ | ଘରବାରି | 0.0050 | 0.0162 |
| | | | | 73 | ବେସରକାରୀ | ଚକ | 0.0162 | 0.0162 |
| | | | | 74 | ବେସରକାରୀ | ଚକ | 0.0335 | 0.0607 |
| | | | | 72 | ବେସରକାରୀ | ଘରବାରି | 0.0040 | 0.0040 |
| | | | | 64 | ବେସରକାରୀ | ଘରବାରି | 0.0106 | 0.1983 |
| | | | | 76 | ବେସରକାରୀ | ଘରବାରି | 0.0050 | 0.0170 |
| | | | | 836 | ବେସରକାରୀ | ଚକ | 0.0050 | 0.8094 |
| | | | | Grand Total area | | | 9.5584 | |

[File No. RO/BSSR/11011/NH/IAHE/39/Smbp-Nuagaon/2017/3AI]
Rajesh Gupta, Director
OIPR-24178/14/0003/2021



ବଲିଉଡ୍ ଅଭିନେତା ରାଜକୁମାର ରାଓ ତାଙ୍କ ନୂଆ ଚଳଚ୍ଚିତ୍ର 'ରୁହି'ର ଟିକେଟ୍ ବାଣ୍ଟି ଚର୍ଚ୍ଚାକୁ ଆସିଛନ୍ତି। ରାଜକୁମାର ଗୁରୁବାର ଦିଲ୍ଲୀର ଏକ ମଲ୍ଟିପ୍ଲେକ୍ସରେ ପହଞ୍ଚିବା ପରେ ବୁକିଂ କାଉଣ୍ଟରରେ ଦର୍ଶକଙ୍କୁ ଟିକେଟ କାଟି ଦେଇଥିଲେ। ଲୋକମାନେ ଫିଲ୍ମ କାଉଣ୍ଟରରେ ରାଜକୁମାରଙ୍କୁ ଦେଖି ଖୁସି ହୋଇଯାଇଥିଲେ।

# 'ତାରାଓ' ଏବେ ନୀରବ

**ପୂର୍ବ ଭାରତ। ବିବିଧ ଜନଜାତି ସଂସ୍କୃତିର ସମ୍ମେଳନ। ଏଠାରେ ପ୍ରକୃତି ଲୁଚାଇ ରଖିଛି ଅନେକ ଅସମାହିତ ପ୍ରଶ୍ନର ଉତ୍ତର। କାଳର ସ୍ରୋତରେ ସେଥିରୁ ଅନେକ ବିସ୍ମୃତି ଗର୍ଭରେ। ଆଉ କିଛି ନୀରବିଯିବାକୁ ବସିଛି। ମଣିପୁରର ସର୍ବପୁରାତନ ଜନଜାତି 'ତାରାଓ' ତନ୍ମଧ୍ୟରୁ ଗୋଟିଏ। ପୂର୍ବ ଭାରତୀୟ ରାଜ୍ୟରେ ପୁରାତନ ଜନଜାତି, ସେମାନଙ୍କ ପରମ୍ପରା, ଲୋକଗୀତ, ଲୋକସଂସ୍କୃତିର ଏପରି ଅବକ୍ଷୟକୁ ନେଇ ଭାଷା ଓ ସଂସ୍କୃତି ବିଶାରଦମାନେ ଚିନ୍ତାପ୍ରକଟ କରିଛନ୍ତି।**

**ଦିଲ୍ଲୀ:** 'ୟୁନେସ୍କୋ' ପକ୍ଷରୁ ବିଲୁପ୍ତପ୍ରାୟ ଜନଜାତିର ମାନ୍ୟତା ପାଇଥିବା ପୂର୍ବ ଭାରତୀୟ ରାଜ୍ୟ ମଣିପୁରର 'ତାରାଓ' ଜନଜାତିର ଲୋକସଂସ୍କୃତି ସମୟଗର୍ଭରେ ନିଶ୍ଚିହ୍ନ ହେବାରେ ଲାଗିଛି। ଦଶନ୍ଧି ତଳେ 'ୟୁନେସ୍କୋ'ର ଏଭଳି ନିଷ୍ପତ୍ତିରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। 'ତାରାଓ' ସଂରକ୍ଷିତ। ସେମାନଙ୍କୁ ଅପ୍ରାକୃତିକ ମୃତ୍ୟୁ ଦିଆଯାଇପାରିବ ନାହିଁ ବୋଲି ସେତେବେଳେ ଜୋର୍‌ଦେଇ କହିଥିଲେ ସମ୍ପ୍ରଦାୟର ମୁଖିଆମାନେ। ତେବେ ପରିବର୍ତ୍ତିତ ସମୟରେ ଏହି ଜନଜାତିର ଲୋକନୃତ୍ୟ, ଲୋକଗୀତ ମାତ୍ର ଜଣେ ଗ୍ରାମ ମୁଖିଆଙ୍କ ମଧ୍ୟରେ ସୀମିତ ହୋଇ ରହିଯାଇଛି। ଏମାନଙ୍କ ସଂରକ୍ଷଣ କରା ନ ଗଲେ ମାତ୍ର ଦିନ କେଇଟାରେ 'ତାରାଓ' ଜନଜାତି ଏବଂ ସେମାନଙ୍କ ଲୋକସଂସ୍କୃତି ଇତିହାସ ଗର୍ଭକୁ ଚାଲିଯିବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ।

୨୦୦୯ରେ 'ୟୁନେସ୍କୋ' ପକ୍ଷରୁ 'ତାରାଓ' ସମ୍ପ୍ରଦାୟରେ ପ୍ରଚଳିତ ଭାଷାକୁ ବିଲୁପ୍ତ ଅବସ୍ଥାରେ ପହଞ୍ଚିଥିବା ତାଲିକାଭୁକ୍ତ କରାଯାଇଥିଲା। ଉକ୍ତ ସମୟରେ ଏହି ଭାଷା କହୁଥିବା ଲୋକଙ୍କ ସଂଖ୍ୟା ୧୦୦୦ରେ ସୀମିତ ଥିଲା, ଯାହା ଏବେ ୯୦୦କୁ କମିଆସିଲାଣି। ସବୁଠାରୁ ବଡ଼ କଥା, ସମ୍ପୃକ୍ତ ୯୦୦ଜଣଙ୍କ ମଧ୍ୟରୁ ମାତ୍ର ଜଣେ 'ତାରାଓ' ଲୋକଗୀତ ଜାଣିଛନ୍ତି ଏବଂ ପାରମ୍ପରିକ ବାଦ୍ୟଯନ୍ତ୍ର ସହାୟତାରେ ଏହାକୁ ପରିବେଷଣ କରିବାର ଦକ୍ଷତା ରଖନ୍ତି। ସେ ହେଉଛନ୍ତି





ମଣିପୁର 'ହିକକପୋକ୍‌ପି' ଅଞ୍ଚଳର ମୁଖିଆ ଲାମତାଚାଓ। ଗତ ଏକ ଦଶନ୍ଧି ଧରି ମଣିପୁରର ଏହି ଆଦିମ ଜନଜାତି ନିଜ ଅସ୍ତିତ୍ୱ ବଞ୍ଚାଇବାକୁ ସଂଘର୍ଷ କରୁଥିବାବେଳେ ଲାମତାଚାଓଙ୍କ ପାଖରେ ସୀମିତ ହୋଇ ରହିଯାଇଛି 'ତାରାଓ' ଲୋକଗୀତ, ଲୋକସଙ୍ଗୀତ ଏବଂ ଭାଷା।

ହିକକପୋକ୍‌ପି, ଲାଇମନାଇ, ଲିସୋକଚିଙ୍ଗ, ଖୁରିଙ୍ଗମୁଲ ସମେତ ଉଖରୁଲ ଜିଲାର ସନ୍‌କୀଥେଲ ଗ୍ରାମାଞ୍ଚଳରେ ୮୦୦ରୁ ସାମାନ୍ୟ ଅଧିକ 'ତାରାଓ' ଭାଷାଭାଷୀ ଲୋକ ରହୁଛନ୍ତି। ତେବେ ସମ୍ପୂର୍ଣ୍ଣ ତାରାଓ ଭାଷା ଜାଣିଥିବା ବ୍ୟକ୍ତି ହେଉଛନ୍ତି ୭୦ବର୍ଷୀୟ 'ଲାମତାଚାଓ'। ତାଙ୍କ କହିବା କଥା, ୨୦୧୧ରେ ସେ ନିଜର ଜନଜାତି ସମ୍ପ୍ରଦାୟ ମଧ୍ୟରେ ଏହି ଭାଷାର ପ୍ରଚାର ପ୍ରସାର କରିବାକୁ ଅଣ୍ଟା ଭିଡ଼ିଥିଲେ। ସେତେବେଳେ ମାତ୍ର ୪-୫ଜଣ ଏହି ଭାଷାର ବ୍ୟବହାର ଜାଣିଥିଲେ। ଇତିମଧ୍ୟରେ ସେମାନଙ୍କ ମୃତ୍ୟୁ ଘଟି ସାରିଲାଣି। ୨୦୧୧ ଜନଗଣନା ଅନୁଯାୟୀ ମାତ୍ର ୮୭୦ରେ ସୀମିତ ଥିଲେ 'ତାରାଓ'। ମଣିପୁରର ଚନ୍ଦେଲ ଜିଲାରେ ଏହି ବିଲୁପ୍ତ ଜନଜାତି ଅଧିକ ସଂଖ୍ୟାରେ ବସବାସ କରୁଛନ୍ତି। ସେମାନଙ୍କୁ 'ତାରାଓ ନାଗା' ବୋଲି କୁହାଯାଏ। ଏମାନଙ୍କ ମୁଖ୍ୟ ବେଉସା ଚାଷ। ଏହାକୁ ବାଦ୍‌ଦେଲେ ବାଉଁଶର ସୂକ୍ଷ୍ମ କାରିଗରି, ଶିଳ୍ପକଳା, ଘରୋଇ ଉପକରଣ ତିଆରି କରିବାରେ ଏମାନେ ଦକ୍ଷ। 'ତାରାଓ' ଜନଜାତିର ମହିଳାପୁରୁଷ ବର୍ଷତମାମ ବାଉଁଶ ପାତିଆରେ ଆସନ ବୁଣିଥାନ୍ତି ଏବଂ ଖେତରେ କାମ କରିଥାନ୍ତି। ମଣିପୁରର ସବୁଠାରୁ ଶୁଷ୍କ ଅଞ୍ଚଳ ଏମାନଙ୍କ ଭାଗ୍ୟ ନିର୍ଦ୍ଧାରଣ କରିଛି।

## ଇତିହାସ ପାଲଟିବେ ମଣିପୁରର ପ୍ରାଚୀନ ଜନଜାତି

ଭାଷାବିଜ୍ଞାନୀଙ୍କ ମତରେ ମଣିପୁରର ସବୁଠାରୁ ପୁରାତନ ଏହି ଜନଜାତିର ଇତିହାସ ୧୩ଶହ ଶତାବ୍ଦୀ ସହିତ ଯୋଡ଼ିହୋଇଛି। 'ତାରାଓ'ଙ୍କ ପୂର୍ବପୁରୁଷ ତିବ୍ବତ ଏବଂ ବର୍ମାରୁ ଆସି ମଣିପୁର ଅଞ୍ଚଳରେ ବସତିସ୍ଥାପନ କରିଥିଲେ। ୨୦୦୯ରେ 'ୟୁନେସ୍କୋ' ଏମାନଙ୍କ ଭାଷାକୁ ବିଲୁପ୍ତ ସୂଚୀରେ ସ୍ଥାନିତ କରିଥିଲା। ସେତେବେଳେ ତାରାଓ ଜନଜାତି ଏହାକୁ ପ୍ରବଳ ବିରୋଧ କରିଥିଲେ। ବିଭିନ୍ନ ସଙ୍ଗଠନ ପକ୍ଷରୁ ନାରା ଲାଗିଥିଲା 'ତାରାଓ ମରିନାହାନ୍ତି, ସେମାନେ ଜୀବିତ'। କମ୍ ଜନସଂଖ୍ୟା ବୋଲି 'ତାରାଓ'ଙ୍କୁ ବିଲୁପ୍ତର ମାପଦଣ୍ଡରେ ରଖାଯାଇପାରିବ ନାହିଁ ବୋଲି ସେତେବେଳେ ଜନଜାତି ପକ୍ଷରୁ ଜୋର୍ ଦେଇ କୁହାଯାଇଥିଲା। ଏଥିସହିତ ସମ୍ପ୍ରଦାୟର ନେତାମାନେ ଜନଗଣନାକୁ ନେଇ ପ୍ରଶ୍ନ ଉଠାଇଥିଲେ। ଅଧିକାରୀମାନେ ବିନା କ୍ଷେତ୍ର ପରିଦର୍ଶନରେ କାଗଜକଲମରେ ହିସାବକିତାବ କରିଥିବା ଅଭିଯୋଗ ଆଣିଥିଲେ। ସେମାନେ ନିଜ ଭାଷା ଓ ସଂସ୍କୃତିକୁ ବଞ୍ଚାଇ ରଖିବାରେ ସକ୍ଷମ ଏବଂ ଏଥିଲାଗି ସମସ୍ତ ପ୍ରକାର ଉଦ୍ୟମ କରିବେ। ହେଲେ ଏଭଳି 'ଅପ୍ରାକୃତିକ ମୃତ୍ୟୁ'କୁ ସ୍ୱୀକାର କରିବେନାହିଁ ବୋଲି ସ୍ପଷ୍ଟ କରିଥିଲେ। ତେବେ ଲାମତାଚାଓଙ୍କ ବୟାନରୁ 'ତାରାଓ' ଜନଜାତିର ସ୍ଥିତି ସ୍ପଷ୍ଟ। ପ୍ରଶାସନିକ ଏବଂ ରାଜନୈତିକ ଇଚ୍ଛାଶକ୍ତି ହିଁ 'ତାରାଓ' ଜନଜାତି, ସେମାନଙ୍କ ଭାଷାସଂସ୍କୃତିକୁ ନୂଆ ରୂପ ଦେଇପାରିବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

# ସ୍କୁଲରେ ମନପସନ୍ଦର ଖାଦ୍ୟ




**ଅମୃତସର:** ପିଲାମାନଙ୍କୁ ଶ୍ରେଣୀରେ ପାଠ ପଢ଼ାଇ ସାରିବା ପରେ ଅଧିକାଂଶ ଶିକ୍ଷକ ନିଜ ଦାୟିତ୍ୱ ସରିଗଲା ବୋଲି ଭାବିଥାନ୍ତି। କିନ୍ତୁ ଏମିତି କେତେଜଣ ଅଛନ୍ତି ଯେଉଁମାନେ ପିଲାମାନଙ୍କର ସର୍ବାଙ୍ଗୀନ ଉନ୍ନତି ଚାହିଁଥାନ୍ତି। ଏଥିପାଇଁ ଆବଶ୍ୟକ ହେଲେ ନିଜେ ମଧ୍ୟ ଆର୍ଥିକ ଖର୍ଚ୍ଚ ବହନ କରିଥାନ୍ତି। ଠିକ୍ ଏମିତି କିଛି କରି ଏବେ ଉଦାହରଣ ସୃଷ୍ଟି କରିଛନ୍ତି ପଞ୍ଜାବ ଚଣ୍ଡିଗଡର ଧନାସ ଠାରେ ଥିବା ମଡେଲ ସିନିୟର ସେକେଣ୍ଡାରୀ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀମାନେ।

ସ୍କୁଲ ପିଲାଙ୍କୁ ପୌଷ୍ଟିକ ଆହାର ଦେବା ପାଇଁ ସରକାର ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା କରିଛନ୍ତି। କିନ୍ତୁ ମଧ୍ୟାହ୍ନ ଭୋଜନ ଯଥେଷ୍ଟ ହେଉ ନ ଥିବାରୁ ସେମାନଙ୍କ ପାଇଁ ସ୍କୁଲର ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଏକ ଭିନ୍ନ ଉଦ୍ୟମ କରିଛନ୍ତି। ସେମାନେ ନିଜ ଉଦ୍ୟମରେ ସ୍କୁଲ ପିଲାଙ୍କ ପାଇଁ ଏକ ଫ୍ରିଜ କିଣି ସେଥିରେ ସୁନ୍ଦର ସୁନ୍ଦର ଖାଦ୍ୟ ଆଣି ରଖୁଛନ୍ତି। ସ୍କୁଲର ପିଲାମାନେ ନିଜର ଇଚ୍ଛା ମୁତାବକ ଫ୍ରିଜରେ ଥିବା ଖାଦ୍ୟକୁ ଆଣି ବାଣ୍ଟି ଖାଉଛନ୍ତି। ଶିକ୍ଷକମାନଙ୍କର କହିବା କଥା ହେଉଛି ଅନେକ ସମୟରେ ସେମାନଙ୍କ ଘରେ ଭୋଜିଭାତ କିମ୍ବା ବିଭିନ୍ନ ଉତ୍ସବ ହେଉଛି। ମାତ୍ର ସବୁ ସମୟରେ ସ୍କୁଲ ପିଲାଙ୍କୁ ଘରକୁ ଡାକି ହେଉନି। ତେଣୁ ଘରେ ତିଆରି ହେଉଥିବା ବିଭିନ୍ନ ଭଲ ଖାଦ୍ୟ କିମ୍ବା ମିଠା ଆଦିକୁ ସେମାନେ ସ୍କୁଲକୁ ଆଣି ଫ୍ରିଜରେ ରଖି ଦେଉଛନ୍ତି। ପିଲାମାନେ ଏସବୁ ମିଠା ଓ ଭଲ ଖାଦ୍ୟକୁ ବେଶ୍ ଖୁସିରେ ଖାଇ ପାରୁଛନ୍ତି। ଏହା ବ୍ୟତୀତ ଅନେକ ସମୟରେ ସେମାନେ ବିଭିନ୍ନ ସୁଖିଲା ଖାଦ୍ୟ ଯେପରିକି ଡାଲି, ଚାଉଳ, ଅଟା ଓ ବିସ୍କୁଟ ଆଣି ମଧ୍ୟ ଫ୍ରିଜ ପାଖରେ ରଖୁନ୍ତି। ଯେଉଁ ପିଲାମାନଙ୍କ ଘରେ ରାସନ ସାମଗ୍ରୀ ବହୁତ ଅଭାବ ଥିବ ସେମାନେ ଚାହିଁଲେ ସେଠାରୁ ସାମଗ୍ରୀ ମଧ୍ୟ ନେଇପାରିବେ। ଏପରି କରିବା ଫଳରେ ପିଲାମାନେ ପୌଷ୍ଟିକ ଆହାର ଖାଇବାର ସୁଯୋଗ ପାଇବେ ବୋଲି ଶିକ୍ଷକମାନେ କହିଛନ୍ତି।



# ପର୍ସନାଲ ଲାଇଫ୍ କଥା କହି ଚର୍ଚ୍ଚାରେ ବିଦ୍ୟା

ମୁମ୍ବାଇ: ବଲିଉଡ ନାୟିକା ବିଦ୍ୟା ବାଲନ ସବୁଠାରୁ ନିଆରା ବୋଲି କୁହାଯାଏ। ନିକଟରେ ସେ ଏକ ସାକ୍ଷାତକାରରେ ନିଜର କିଛି ପର୍ସନାଲ କଥା ଶେୟାର କରିଛନ୍ତି ଯାହା ଏବେ ଚର୍ଚ୍ଚାର ବିଷୟ ପାଲଟି ଯାଇଛି। ନିକଟରେ ସେ ନିଜ ବୈବାହିକ ଜୀବନକୁ ନେଇ ଯାହାସବୁ କହିଛନ୍ତି ତାହା ଏବେ ଚର୍ଚ୍ଚାର ପରିସରକୁ ଚାଲି ଆସିଛି। ସେ କହିଛନ୍ତି ଜୀବନରେ ନିଜ ପାର୍ଟନରଙ୍କୁ କେବେ ହାଲୁକା ଭାବେ ଗ୍ରହଣ କରିବା ଠିକ ନୁହେଁ। ଏମିତି କଲେ କୁଆଡେ ବୈବାହିକ ଜୀବନର ଖୁସି କମ ହୋଇଯାଇଥାଏ। ତେବେ ବିବାହର ୮ ବର୍ଷ ମଧ୍ୟରେ ମୁଁ ଯାହା ଦେଖିଛି ସାମ୍ନା ଲୋକଙ୍କୁ ଏତେ ହାଲୁକା ନେବା ଆଦୌ ଠିକ ନୁହେଁ। ଏବେ ସୋସିଆଲ ମିଡିଆରେ ବିଦ୍ୟାଙ୍କ ଏହି କଥା ଖୁବ ଚର୍ଚ୍ଚାରେ। ଏହାସହ ବିଦ୍ୟା ତାଙ୍କ ଶରୀରର ଓଜନକୁ ନେଇ କିପରି ଟ୍ରୋଲର ଶିକାର ହୋଇଥିଲେ ତାହା ମଧ୍ୟ ଖୋଲାଖୋଲି ଭାବେ କଥା ହୋଇଛନ୍ତି। ସେ କହିଛନ୍ତି ଯେତେବେଳେ ସେ ଫିଲ୍ମ 'ଦ ଡାର୍ଟି ଗର୍ଲ' ପାଇଁ ନିଜ ଶରୀରର ଓଜନ ବଢାଇଥିଲେ ସେତେବେଳେ ସେ ଠିକ ଥିଲେ। ହେଲେ ତା'ପରେ ସେ ଟ୍ରୋଲର ଶିକାର ହୋଇଥିଲେ। ହେଲେ ଏବେ ଧୀରେ ଧୀରେ ସେ ସେଥିପ୍ରତି ନଜର ଦେଉ ନ ଥିବା କହିଛନ୍ତି।

# ଶିବଙ୍କ ପ୍ରସାଦରେ ସିଗାରେଟ୍

**ଶିମ୍ଲା:** ମହାଦେବଙ୍କ ନିକଟରେ ଭୋଗ ଲାଗି ପାଇଁ ଭାଙ୍ଗ, ବେଲପତ୍ର, ଦୁଦୁରା ଫୁଲ ଆଦି ଲାଗି ହେବାର ପ୍ରାୟ ସଭିଏ ଜାଣିଥିବେ। କିନ୍ତୁ ପ୍ରସାଦରେ ସିଗାରେଟ ଚଢ଼ାଯିବା କଥା ଅନେକଙ୍କୁ ନିଶ୍ଚିତ ଭାବେ ଆଶ୍ଚର୍ଯ୍ୟ କରିବ। ହିମାଚଳ ପ୍ରଦେଶରେ ଏଭଳି ଏକ ଶିବ ମନ୍ଦିର ଅଛି ଯେଉଁଠି ମହାଦେବଙ୍କ ଭୋଗ ଲାଗି ଶ୍ରଦ୍ଧାଳୁ ମନ୍ଦିରକୁ ସିଗାରେଟ୍ ନେଇ ଯାଇଥାନ୍ତି। ହିମାଚଳ ପ୍ରଦେଶର ଅର୍କିରେ ଅବସ୍ଥିତ ଲୁଟରୁ ମହାଦେବ ମନ୍ଦିରରେ ସିଗାରେଟ୍ ଭୋଗ ଲଗାଇଲେ ମନସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି ଭକ୍ତଙ୍କ ବିଶ୍ୱାସ ରହିଛି। ଗୁରୁବାର ଜାଗର ପାଳନ ଅବସରରେ ଏଠାରେ ଶ୍ରଦ୍ଧାଳୁମାନେ ବିଭିନ୍ନ ବ୍ରାଣ୍ଡର ସିଗାରେଟ୍ ଜଳାଇ ପୂଜା କରିଥିଲେ। ଏହି ମନ୍ଦିର ଏକ ଗୁମ୍ଫା ମଧ୍ୟରେ ରହିଛି। ଏହା ମଧ୍ୟରେ ୮ ଇଞ୍ଚର ଶିବଲିଙ୍ଗ ରହିଛି। ଏହା ଏକ ପ୍ରାକୃତିକ ଶିବ ଲିଙ୍ଗ ବୋଲି କୁହାଯାଏ।



# ବିବାହ ପାଇଁ ଥାନାରେ ବାମନ



**ଲକ୍ଷ୍ନୌ:** କମ୍ ଉଚ୍ଚତା ଯୋଗୁ ବାହାଘର ହୋଇପାରୁ ନ ଥିବାରୁ ଜଣେ ବାମନ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଉତ୍ତରପ୍ରଦେଶର ୨୬ ବର୍ଷୀୟ ଅଜିମ୍ ମନ୍‌ସୁରୀ ଥାନାରେ ପହଞ୍ଚି ତାଙ୍କ ବିବାହ କରାଇଦେବାକୁ ପୋଲିସକୁ ଗୁହାରି କରିଛନ୍ତି। ତାଙ୍କ ଉଚ୍ଚତା ମାତ୍ର ୨ ଫୁଟ୍ ୩ ଇଞ୍ଚ ହୋଇଥିବାରୁ କୌଣସି ସ୍ଥାନରେ ବାହାଘର ଠିକ୍ ହୋଇପାରୁନାହିଁ। ପୋଲିସ ଅନୁରୋଧ ରକ୍ଷା କରି ତାଙ୍କ ପାଇଁ କନ୍ୟା ଠିକ୍ କରିପାରିବ ବୋଲି ସେ କହିଛନ୍ତି। ଏହା ପୂର୍ବରୁ ସେ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଜିଲାପାଳଙ୍କୁ ମଧ୍ୟ ଚିଠି ଲେଖି ଜଣାଇଛନ୍ତି। ଯଦି ତାଙ୍କ ବିବାହ ହୋଇଯାଏ ସେ ତାଙ୍କ ସ୍ତ୍ରୀଙ୍କୁ ନେଇ ହନିମୁନ୍ ପାଇଁ ଗୋଆ ଯିବେ ବୋଲି କହିଛନ୍ତି। ଏହାସହ କୁଲୁମନାଲି, ମସୁରୀ ମଧ୍ୟ ବୁଲାଇନେବେ ବୋଲି ସେ କୁହନ୍ତି।

DHANLAXMI
FINANCE
(Reg. No. Reg.No.U65910CT1970)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୮୨ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ,
ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
9499135756




# ହେୟାରଷ୍ଟାଇଲ ଦେଖି ଲଣ୍ଡା ହେବାକୁ କହିଲେ ଶିକ୍ଷକ

**ଲଣ୍ଡନ:** ଲଣ୍ଡନର ଏକ ସ୍କୁଲରେ ଜଣେ ଛାତ୍ର ରଙ୍ଗିନ ହେୟାରଷ୍ଟାଇଲ ଯୋଗୁ ଚର୍ଚ୍ଚାକୁ ଆସିଛନ୍ତି। ଲକଡାଉନ ଉଠିବା ପରେ ସ୍କୁଲ ଯାଇଥିବା ଛାତ୍ର ଜ୍ୟାକବ ଲି ଷ୍ଟୋକ୍ସ ତାଙ୍କ କେଶରେ ବିଭିନ୍ନ ପ୍ରକାର ରଙ୍ଗ କରିଥିଲେ। ଏହା ଦେଖି ଜଣେ ଶିକ୍ଷକ ତାଙ୍କ ଉପରେ ପ୍ରବଳ ରାଗି ଯାଇଥିଲେ। କ୍ଲାସ କରିବାକୁ ହେଲେ ଲଣ୍ଡା ହୋଇଯାଅ ନଚେତ୍ ଏକୁଟିଆ ଅଲଗା ଶ୍ରେଣୀରେ ବସିବାକୁ ଶିକ୍ଷକ ଜଣକ ୧୫ ବର୍ଷୀୟ ଜ୍ୟାକବଙ୍କୁ କହିଥିଲେ। ଏହାସହ ଅନ୍ୟ ପିଲାମାନଙ୍କ ସହ ମିଳାମିଶା କରିବାକୁ ବାରଣ କରିଥିଲେ। ଏ ନେଇ ଜ୍ୟାକବଙ୍କ ଅଭିଭାବକଙ୍କୁ ମଧ୍ୟ ଜଣାଯାଇଥିଲା। ଜ୍ୟାକବଙ୍କ ମା' ଯେତେବେଳେ ଏହି କଥା ଜାଣିଲେ ସେ ଅଡୁଆରେ ପଡ଼ିଥିଲେ। ତାଙ୍କ ମା' କୁହନ୍ତି ଲକ୍‌ଡାଉନ ସମୟରେ ଜ୍ୟାକବ ସେଲୁନକୁ ଯାଉ ନ ଥିଲେ। କେଶ ବଢ଼ିଯାଇଥିବାରୁ ସେ ତାହାକୁ ରଙ୍ଗିନ କରିଦେଇଥିଲେ। ତେବେ କେଶ ଏମିତି ରଙ୍ଗ ନ କରି ସେ ଲଣ୍ଡା ହୋଇଯିବା ଉଚିତ ଥିଲା ବୋଲି ଶିକ୍ଷକ କହିଛନ୍ତି।

# କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଗଞ୍ଜାମ, ଗଜପତି ଏବଂ କନ୍ଧମାଳ ଜିଲାର କେତେକ ସ୍ଥାନରେ ହାଲକାରୁ ମଧ୍ୟମ ଧରଣର ବର୍ଷା କିମ୍ବା ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ବାକି ଜିଲାଗୁଡ଼ିକରେ ପାଗ ଶୁଖିଲା ରହିବ। କେତେକ ସ୍ଥାନରେ ଦିନର ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲସିଅସ୍ ଅଧିକ ରହିପାରେ।

**ସ୍ଥାନୀୟ ଅଞ୍ଚଳ**-ଭୁବନେଶ୍ୱର ଓ ପାଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘାଚ୍ଛନ୍ନ ରହିପାରେ। ଶୁକ୍ରବାର ସର୍ବୋଚ୍ଚ ତାପମାତ୍ରା ୩୬ ଡିଗ୍ରୀ ଏବଂ ସର୍ବନିମ୍ନ ୨୩ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୨.୬ | ୨୩.୬ |
| ଚାନ୍ଦବାଲି | ୩୫.୪ | ୨୩.୨ |
| କଟକ | ୩୫.୪ | ୨୩.୦ |
| ପାରାଦୀପ | ୩୦.୪ | ୨୬.୦ |
| ଭୁବନେଶ୍ୱର | ୩୫.୮ | ୨୪.୦ |
| ଗୋପାଳପୁର | ୩୦.୫ | ୨୩.୯ |
| ପୁରୀ | ୩୧.୦ | ୨୬.୦ |
| ଅନୁଗୋଳ | ୩୮.୧ | ୨୩.୦ |
| ବାରିପଦା | ୩୪.୦ | ୨୧.୨ |
| ଝାରସୁଗୁଡ଼ା | ୩୭.୭ | ୨୦.୬ |
| କେନ୍ଦୁଝର | ୩୫.୬ | ୨୦.୮ |
| ସମ୍ବଲପୁର | ୩୭.୭ | ୨୧.୯ |
| ସୁନ୍ଦରଗଡ଼ | ୩୮.୫ | ୧୮.୦ |
| ହୀରାକୁଦ | ୩୭.୮ | ୨୦.୩ |
| ତାଳଚେର | ୩୮.୧ | ୨୧.୨ |
| ଭବାନୀପାଟଣା | ୩୮.୦ | ୨୧.୬ |
| ବଲାଙ୍ଗୀର | ୩୬.୮ | ୧୯.୭ |
| କୋରାପୁଟ | ୩୩.୦ | ୧୮.୦ |
| ଫୁଲବାଣୀ | ୧୬.୫ | ୭.୨ |
| ଟିଟିଲାଗଡ଼ | ୩୮.୪ | ୨୪.୮ |
| ମାଲକାନଗିରି | ୩୭.୫ | ୨୧.୦ |
| ସୋନପୁର | ୩୮.୦ | ୨୧.୨ |
| ଦାରିଙ୍ଗିବାଡ଼ି | ୨୮.୫ | ୧୭.୦ |
| ନୟାଗଡ଼ | ୩୭.୩ | ୨୦.୫ |
| ବୌଦ୍ଧ | ୩୯.୦ | ୨୦.୦ |
| ଛତ୍ରପୁର | ୩୨.୦ | ୨୨.୦ |
| ପାରଳାଖେମୁଣ୍ଡି | ୩୨.୦ | ୨୨.୦ |
| ରାୟଗଡ଼ା | ୧୯.୫ | ୮.୧ |

ଡିଗ୍ରୀ ସେଲ୍‌ସିୟସ୍

ମନେ ପଡ଼ନ୍ତି

First Death Anniversary
in Loving Memory of



Late Jagannath Nanda
Date of Arrive : 16.02.1953
Date of Demise : 22.02.2020
(Sebak Sahi, Sakhi Gopal, Puri)
You're not forgotten father, dear nor ever shall You be: as long as life and memory last i shall remember Thee; your smile to live forever in our hearts.
Mournful: Sanjubala Nanda (Wife), All daughters & daughter in-laws, All grand children's along with all family member and friends.
ଧ-୨୦୫୫୫

# ରେକର୍ଡ ଓମ୍ୟାନ

**ଅଭିଜ୍ଞ ଭାରତୀୟ ମହିଳା ଓପନର ସ୍ମୃତି ମାନ୍ଧନା ଆଉ ଏକ ବିରଳ ସଫଳତା ହାସଲ କରିଛନ୍ତି। ଦିନିକିଆରେ ସେ ରନ ଚେଜ୍ କରିବା ଅବସରରେ କ୍ରମାଗତ ୧୦ଟି ଅର୍ଦ୍ଧଶତକ ହାସଲକରି ବିଶ୍ୱ ରେକର୍ଡ କରିଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଦିନିକିଆରେ ୬୪ ବଲରୁ ଅପରାଜିତ ୮୦ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିବା ପରେ ସେ ଏହି ଉପଲବ୍ଧି ପାଇଛନ୍ତି। ଏହି କ୍ରମରେ ସେ ବିରାଟ କୋହଲି ଓ ଅନ୍ୟ ତାରକା ପୁରୁଷ କ୍ରିକେଟରଙ୍କୁ ମଧ୍ୟ ପଛରେ ପକାଇଛନ୍ତି...**

ଭାରତୀୟ ତାରକା ମହିଳା କ୍ରିକେଟର ତଥା ବାମହାତୀ ଓପନିଂ ବ୍ୟାଟ୍ସମ୍ୟାନ ସ୍ମୃତି ମାନ୍ଧନା ତାଙ୍କ କ୍ୟାରିୟରରେ ଆଉ ଏକ ସଫଳତାର ଫର୍ଦ୍ଦ ଯୋଡିଛନ୍ତି। ଚଳିତ ଦକ୍ଷିଣ ଆଫ୍ରିକା ବିପକ୍ଷ ମହିଳା ଦିନିକିଆ ସିରିଜର ଦ୍ୱିତୀୟ ମ୍ୟାଚ୍‌ରେ ସ୍ମୃତି ଓପନିଂ କରି ୬୪ ବଲରୁ ୧୦ ଚୌକା ଓ ୩ଟି ବିଶାଳ ଛକା ସହ ୮୦ ରନର ଅପରାଜିତ ଅର୍ଦ୍ଧଶତକୀୟ ଇନିଂସ ଖେଳି ଦଳକୁ ବିଜୟୀ କରାଇଥିଲେ। ପୁନମ ରାଉତ ମଧ୍ୟ ୬୨ ରନକରି ଅପରାଜିତ ରହିଥିଲେ। ଏହି ମ୍ୟାଚ୍‌ରେ ଭ୍ରମଣକାରୀ ଦଳ ପ୍ରଥମେ ବ୍ୟାଟିଂ କରି ୪୧ ଓଭରରେ ୧୫୭ ରନକରି ଅଲଆଉଟ ହୋଇଥିଲା। ଜବାବରେ ୨୮.୪ ଓଭରରେ ଗୋଟିଏ ଉଇକେଟ ହରାଇ ଭାରତ ୧୬୦ ରନକରି ବିଜୟୀ ହୋଇଥିଲା। ଏଥିସହ ଭାରତ ଦୃଢ଼ ପ୍ରତ୍ୟାବର୍ତ୍ତନ କରିବା ସହ ୫ ମ୍ୟାଚ୍ ବିଶିଷ୍ଟ ଏହି ସିରିଜକୁ ୧-୧ ସମାନସ୍ତରରେ ପହଞ୍ଚାଇଛି। ଅଭିଜ୍ଞ ଦ୍ରୁତବୋଲର ଝୁଲଣ ଗୋସ୍ୱାମୀ ୪୨ ରନ ଦେଇ ୪ ଉଇକେଟ ଅକ୍ତିଆର କରିବା ସହ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଦ୍ୱିତୀୟ ଉଇକେଟରେ ମାନ୍ଧନା ଓ ପୁନମ୍ ୧୨୮ ରନର ଭାଗୀଦାରି ସ୍ଥାପନ କରି ଦଳକୁ ସହଜରେ ବିଜୟୀ କରାଇଥିଲେ।

ସ୍ମୃତିଙ୍କ ଏହି ଇନିଂସ ତାଙ୍କ ପାଇଁ ବିରଳ ସଫଳତା ଆଣି ଦେଇଛି। ସେ ରନ ଚେଜ୍ କରିବାରେ ବିଶ୍ୱ ରେକର୍ଡ ସୃଷ୍ଟି କରିଛନ୍ତି। ପଛରେ ବ୍ୟାଟିଂ କରି ରନ୍ ପିଛା କରିବାରେ ସେ କ୍ରମାଗତ ୧୦ଟି ଅର୍ଦ୍ଧଶତକ ହାସଲ କରି ବିଶ୍ୱ ରେକର୍ଡ ସୃଷ୍ଟି କରିଛନ୍ତି। ଉଭୟ ପୁରୁଷ ଓ ମହିଳା କ୍ରିକେଟ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ସେ ଏକମାତ୍ର ଖେଳାଳି ଭାବେ ଏହି ସଫଳତା ପାଇଛନ୍ତି। ଏହି କ୍ରମରେ ସେ ନ୍ୟୁଜିଲାଣ୍ଡର ବ୍ୟାଟ୍ସଓମ୍ୟାନ ସୁଜି ବେଟ୍ସଙ୍କୁ ପଛରେ ପକାଇଛନ୍ତି। ବେଟ୍ସ ୨୦୧୫ରୁ ୨୦୧୭ ମଧ୍ୟରେ ୯ ଥର କ୍ରମାଗତ ଅର୍ଦ୍ଧଶତକ ହାସଲ କରି ରେକର୍ଡ କରିଥିଲେ। କିନ୍ତୁ ସ୍ମୃତି ୨୦୧୮ରୁ ୨୦ ମଧ୍ୟରେ କ୍ରମାଗତ ୧୦ଟି ଅର୍ଦ୍ଧଶତକ ଅର୍ଜନ କରିଛନ୍ତି ଓ ତାଙ୍କ ପାଇଁ ଏହା ବିଶେଷ ଉପଲବ୍ଧି ସାବ୍ୟସ୍ତ ହୋଇଛି। ସବୁଠାରୁ ଉଲ୍ଲେଖନୀୟ ଘଟଣା ହେଉଛି ସ୍ମୃତି ଓ ସୁଜିଙ୍କୁ ବାଦଦେଲେ କୌଣସି ପୁରୁଷ କ୍ରିକେଟର କ୍ରମାଗତ ୬ଥରରୁ ଅଧିକଥର ଅର୍ଦ୍ଧଶତକ ହାସଲ କରିନାହାନ୍ତି। ୨୪ ବର୍ଷୀୟ ମାନ୍ଧନା ଏଥିସହିତ କ୍ୟାରିୟରର ୧୮ତମ ଅର୍ଦ୍ଧଶତକ ଅର୍ଜନ କରିଛନ୍ତି।

ମାନ୍ଧନା କ୍ରିକେଟର ୩ଟି ଫର୍ମାଟରେ ଭାରତ ପାଇଁ ଖେଳ ଜାରି ରଖିଛନ୍ତି ଓ ଦୃଷ୍ଟାନ୍ତମୂଳକ ସଫଳତା ହାସଲ କରିଛନ୍ତି। ସେ ଏପର୍ଯ୍ୟନ୍ତ ୨ଟି ଟେଷ୍ଟ, ୫୩ଟି ଦିନିକିଆ ଓ ୭୫ଟି ଟି୨୦ ମ୍ୟାଚ୍ ଖେଳିଛନ୍ତି। ଦୁଇଟି ଟେଷ୍ଟରୁ ସେ ହାରାହାରି ୨୭ ରନକରି ୮୧ ରନ ସଂଗ୍ରହ କରିଛନ୍ତି। ଗୋଟିଏ ଅର୍ଦ୍ଧଶତକ ହାସଲ କରିବା ସହ ଟେଷ୍ଟରେ ତାଙ୍କ ସର୍ବାଧିକ ବ୍ୟକ୍ତିଗତ ସ୍କୋର ୫୧ ରହିଛି। ସେହିପରି ଦିନିକିଆରେ ସେ ୪୪.୧୪ ରନ ହାରରେ ୨୧୧୯ ରନ ସଂଗ୍ରହ କରିଛନ୍ତି। ଦିନିକିଆରେ ତାଙ୍କର ସର୍ବାଧିକ ବ୍ୟକ୍ତିଗତ ସ୍କୋର ୧୩୫ ରନ ରହିଛି। ଏଥିରେ ତାଙ୍କର ୪ଟି ଶତକ ଓ ୧୮ଟି ଅର୍ଦ୍ଧଶତକ ସାମିଲ ରହିଛି। ସେହିପରି ଟି୨୦ ଫର୍ମାଟ୍‌ରେ ୨୫.୨୩ ରନ ହାରରେ ୧୭୧୬ ରନ ସଂଗ୍ରହ କରିଛନ୍ତି। କ୍ରିକେଟର ଏହି ସବୁଠାରୁ ଛୋଟ ଫର୍ମାଟ୍‌ରେ ତାଙ୍କ ସର୍ବାଧିକ ବ୍ୟକ୍ତିଗତ ସ୍କୋର ୮୬ ରହିଛି। କ୍ୟାରିୟରରେ ଦୃଷ୍ଟାନ୍ତମୂଳକ ସଫଳତା ପାଇଥିବା ମାନ୍ଧନା ୨୦୧୬ରେ ଏକମାତ୍ର ଭାରତୀୟ ମହିଳା କ୍ରିକେଟର ଭାବେ ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ (ଆଇସିସି) ଓମ୍ୟାନ ଟିମ୍ ଅଫ୍ ଦି ଇୟରରେ ସାମିଲ ହୋଇଥିଲେ। ୨୦୧୪ରେ ଇଂଲଣ୍ଡ ବିପକ୍ଷରେ ସେ ଟେଷ୍ଟ ପଦାର୍ପଣ କରିଥିଲେ ଓ ଦଳ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ୨୦୧୬ ଅଷ୍ଟ୍ରେଲିଆ ଗସ୍ତ ଅବସରରେ ସେ ଦ୍ୱିତୀୟ ଦିନିକିଆ ମ୍ୟାଚ୍‌ରେ ପ୍ରଥମ ଶତକ (୧୦୯ ବଲରୁ ୧୦୨ ରନ) ହାସଲ କରିଥିଲେ। ୨୦୧୭ମହିଳାକ୍ରିକେଟ ବିଶ୍ୱକପ୍‌ରେ ଭାରତୀୟ ମହିଳା ଦଳ ଫାଇନାଲରେ ପ୍ରବେଶ କରିଥିଲା। ସ୍ମୃତି ଏହି ଦଳର ସଦସ୍ୟ ଥିଲେ। ମହିଳା ଟି୨୦ରେ ସେ ଭାରତ ପାଇଁ ଦ୍ରୁତତମ ଅର୍ଦ୍ଧଶତକ ଅର୍ଜନ କରିଛନ୍ତି। ୨୦୧୯ ଫେବୃୟାରୀରେ ନ୍ୟୁଜିଲାଣ୍ଡ ବିପକ୍ଷରେ ସେ ୨୪ଟି ବଲରୁ ଅର୍ଦ୍ଧଶତକ ଅର୍ଜନ କରିଥିଲେ।୨୦୧୯ ଫେବୃୟାରୀରେ ସେ ଇଂଲଣ୍ଡ ବିପକ୍ଷରେ ସେ ଭାରତୀୟ ଟି୨୦ ଦଳର ଅଧିନାୟିକା ନିଯୁକ୍ତ ହୋଇଥିଲେ। ୨୦୧୯ ମେ'ରେ ତାଙ୍କୁ ଇଣ୍ଟରନ୍ୟାଶନାଲ ଓମେନ୍ସ କ୍ରିକେଟର ଅଫ ଦି ଇୟର ପୁରସ୍କାର ମିଳିଥିଲା।। ମହିଳା ଦିନିକିଆରେ ସେ ୨,୦୦୦ ରନ କରିବାରେ ତୃତୀୟ ଦ୍ରୁତତମ ମହିଳା ସାବ୍ୟସ୍ତ ହୋଇଥିଲେ। ୫୧ଟି ଇନିଂସ ଖେଳି ସେ ଏହି ସଫଳତା ପାଇଥିଲେ। ଗତବର୍ଷ ଅଷ୍ଟ୍ରେଲିଆରେ ଅନୁଷ୍ଠିତ ଆଇସିସି ମହିଳା ଟି୨୦ ବିଶ୍ୱକପ୍‌ରେ ସେ ଭାରତ ପାଇଁ ପ୍ରତିନିଧିତ୍ୱ କରିଥିଲେ।

୧୯୯୬ରେ ମୁମ୍ବାଇରେ ଜନ୍ମଗ୍ରହଣ କରିଥିବା ମାନ୍ଧନା ପିତା ଶ୍ରୀନିବାସଙ୍କଠାରୁ କ୍ରିକେଟ ଖେଳିବା ପାଇଁ ପ୍ରେରଣା ପାଇଥିଲେ। ଶ୍ରୀନିବାସନ ମଧ୍ୟ ଜଣେ ଜିଲାସ୍ତରୀୟ କ୍ରିକେଟର ଥିଲେ। ତାଙ୍କ ଭାଇ ମଧ୍ୟ ମହାରାଷ୍ଟ୍ର ୧୬ ବର୍ଷରୁ କମ ଦଳରେ ସାମିଲ ହୋଇ ବିଭିନ୍ନ ଟୁର୍ନାମେଣ୍ଟ ଖେଳିଥିଲେ। ନିଜ ପ୍ରତିଭା ବଦଳରେ ସେ ମାତ୍ର ୯ ବର୍ଷରେ ମହାରାଷ୍ଟ୍ର ୧୫ ବର୍ଷରୁ କମ୍ ଦଳରେ ସାମିଲ ହୋଇଥିଲେ। ସେହିପରି ମାତ୍ର ୧୧ ବର୍ଷରେ ମହାରାଷ୍ଟ୍ର ୧୯ ବର୍ଷରୁ କମ୍ ଦଳରେ ସାମିଲ ହୋଇ ନିଜ ଦକ୍ଷତାର ପ୍ରମାଣ ଦେଇଥିଲେ। ଘରୋଇ କ୍ରିକେଟରେ ମଧ୍ୟ ସେ ବେଶ୍ ସଫଳ ରହିଛନ୍ତି। ସେ ଭାରତର ପ୍ରଥମ ମହିଳା କ୍ରିକେଟର ଭାବେ ଦିନିକିଆରେ ଦ୍ୱିଶକ ଅର୍ଜନ କରିଥିଲେ। ୱେଷ୍ଟଜୋନ ୧୯ ବର୍ଷରୁ କମ୍ ଟୁର୍ନାମେଣ୍ଟରେ ମହାରାଷ୍ଟ୍ର ତରଫରୁ ପ୍ରତିନିଧିତ୍ୱ କରି ସେ ଗୁଜରାଟ ବିପକ୍ଷରେ ୧୫୦ଟି ବଲର ସମ୍ମୁଖୀନ ହୋଇ ୨୨୪ ରନର ଦ୍ୱିଶତକୀୟ ପାଳି ଖେଳିଥିଲେ। ଅଷ୍ଟ୍ରେଲିଆର ମହିଳା ବିଗ୍ ବାସ୍ ଲିଗ୍‌ରେ ସେ ବ୍ରିସବେନ୍ ହିଟ୍ ତରଫରୁ ଖେଳିବା ପାଇଁ ଏକ ବର୍ଷୀୟା ଚୁକ୍ତି କରିଥିଲେ। ୨୫ ବର୍ଷରେ ପଦାର୍ପଣ କରିଥିବାରୁ ସେ ଆହୁରି କିଛି ବର୍ଷ ଦେଶ ପାଇଁ ଖେଳିବା ନିଶ୍ଚିତ। ଫର୍ମ ଓ ଫିଟ୍‌ନେସ ବଜାୟ ରଖିପାରିଲେ ସ୍ମୃତି ଆହୁରି କେତେକ ରେକର୍ଡ ହାସଲ କରିବା ସହ ବିଶ୍ୱର ଅନ୍ୟତମ ସଫଳ ମହିଳା କ୍ରିକେଟର ଭାବେ ନିଜକୁ ପ୍ରମାଣିତ କରିବେ।

**-ରଞ୍ଜନ ରାୟ**




ସ୍ମୃତି ମାନ୍ଧନା



### ସଂକ୍ଷେପରେ...

ପୂରା ନାମ: ସ୍ମୃତି ଶ୍ରୀନିବାସ ମାନ୍ଧନା
ଜନ୍ମ: ୧୮ ଜୁଲାଇ ୧୯୯୬
ବ୍ୟାଟିଂ: ବାମହାତୀ
ବୋଲିଂ: ଡାହାଣହାତୀ ମିଡିୟମ
ରୋଲ: ବ୍ୟାଟ୍ସଓମ୍ୟାନ
ଟେଷ୍ଟ ମ୍ୟାଚ୍: ୨
ଦିନିକିଆ ମ୍ୟାଚ୍: ୫୧
ଟି୨୦ ମ୍ୟାଚ୍: ୭୫
**ପ୍ରତିନିଧିତ୍ୱ କରିଥିବା ବିଭିନ୍ନ ଦଳ:**
ମହାରାଷ୍ଟ୍ର, ବ୍ରିସ୍‌ବେନ ହିଟ୍, ହୋବାର୍ଟ ହରିକେନ୍ସ, ୱେଷ୍ଟର୍ନ ଷ୍ଟର୍ମ୍ସ, ଟ୍ରେଲବ୍ଲେଜର୍ସ

## IPL
## ଇଣ୍ଡିଆନ ପ୍ରିମିୟର ଲିଗ୍ ୨୦୨୧ କାର୍ଯ୍ୟସୂଚୀ

| ତାରିଖ | ମ୍ୟାଚ୍ | ସମୟ | ଭେନ୍ୟୁ |
|---|---|---|---|
| ଏପ୍ରିଲ ୯ | ମୁମ୍ବାଇ- ବାଙ୍ଗାଲୋର | ସନ୍ଧ୍ୟା ୭.୩୦ | ଚେନ୍ନାଇ |
| ଏପ୍ରିଲ ୧୦ | ଚେନ୍ନାଇ- ଦିଲ୍ଲୀ | ସନ୍ଧ୍ୟା ୭.୩୦ | ମୁମ୍ବାଇ |
| ଏପ୍ରିଲ ୧୧ | ହାଇଦ୍ରାବାଦ- କୋଲକାତା | ସନ୍ଧ୍ୟା ୭.୩୦ | ଚେନ୍ନାଇ |
| ଏପ୍ରିଲ ୧୨ | ରାଜସ୍ଥାନ- ପଞ୍ଜାବ | ସନ୍ଧ୍ୟା ୭.୩୦ | ମୁମ୍ବାଇ |
| ଏପ୍ରିଲ ୧୩ | କୋଲକାତା- ମୁମ୍ବାଇ | ସନ୍ଧ୍ୟା ୭.୩୦ | ଚେନ୍ନାଇ |
| ଏପ୍ରିଲ ୧୪ | ହାଇଦ୍ରାବାଦ- ବାଙ୍ଗାଲୋର | ସନ୍ଧ୍ୟା ୭.୩୦ | ଚେନ୍ନାଇ |
| ଏପ୍ରିଲ ୧୫ | ରାଜସ୍ଥାନ- ଦିଲ୍ଲୀ | ସନ୍ଧ୍ୟା ୭.୩୦ | ମୁମ୍ବାଇ |
| ଏପ୍ରିଲ ୧୬ | ପଞ୍ଜାବ- ଚେନ୍ନାଇ | ସନ୍ଧ୍ୟା ୭.୩୦ | ମୁମ୍ବାଇ |
| ଏପ୍ରିଲ ୧୭ | ମୁମ୍ବାଇ- ହାଇଦ୍ରାବାଦ୍ | ସନ୍ଧ୍ୟା ୭.୩୦ | ଚେନ୍ନାଇ |
| ଏପ୍ରିଲ ୧୮ | ବାଙ୍ଗାଲୋର- କୋଲକାତା | ଅପରାହ୍ନ ୩.୩୦ | ଚେନ୍ନାଇ |
| ଏପ୍ରିଲ ୧୮ | ଦିଲ୍ଲୀ- ପଞ୍ଜାବ | ସନ୍ଧ୍ୟା ୭.୩୦ | ମୁମ୍ବାଇ |
| ଏପ୍ରିଲ ୧୯ | ଚେନ୍ନାଇ- ରାଜସ୍ଥାନ | ସନ୍ଧ୍ୟା ୭.୩୦ | ମୁମ୍ବାଇ |
| ଏପ୍ରିଲ ୨୦ | ଦିଲ୍ଲୀ- ମୁମ୍ବାଇ | ସନ୍ଧ୍ୟା ୭.୩୦ | ଚେନ୍ନାଇ |
| ଏପ୍ରିଲ ୨୧ | ପଞ୍ଜାବ- ହାଇଦ୍ରାବାଦ | ଅପରାହ୍ନ ୩.୩୦ | ଚେନ୍ନାଇ |
| ଏପ୍ରିଲ ୨୧ | କୋଲକାତା- ଚେନ୍ନାଇ | ସନ୍ଧ୍ୟା ୭.୩୦ | ମୁମ୍ବାଇ |
| ଏପ୍ରିଲ ୨୨ | ବାଙ୍ଗାଲୋର- ରାଜସ୍ଥାନ | ସନ୍ଧ୍ୟା ୭.୩୦ | ମୁମ୍ବାଇ |
| ଏପ୍ରିଲ ୨୩ | ପଞ୍ଜାବ- ମୁମ୍ବାଇ | ସନ୍ଧ୍ୟା ୭.୩୦ | ଚେନ୍ନାଇ |
| ଏପ୍ରିଲ ୨୪ | ରାଜସ୍ଥାନ- କୋଲକାତା | ସନ୍ଧ୍ୟା ୭.୩୦ | ମୁମ୍ବାଇ |
| ଏପ୍ରିଲ ୨୫ | ଚେନ୍ନାଇ- ବାଙ୍ଗାଲୋର | ଅପରାହ୍ନ ୩.୩୦ | ମୁମ୍ବାଇ |
| ଏପ୍ରିଲ ୨୫ | ହାଇଦ୍ରାବାଦ- ଦିଲ୍ଲୀ | ସନ୍ଧ୍ୟା ୭.୩୦ | ଚେନ୍ନାଇ |
| ଏପ୍ରିଲ ୨୬ | ପଞ୍ଜାବ- କୋଲକାତା | ସନ୍ଧ୍ୟା ୭.୩୦ | ଅହମଦାବାଦ |
| ଏପ୍ରିଲ ୨୭ | ଦିଲ୍ଲୀ- ବାଙ୍ଗାଲୋର | ସନ୍ଧ୍ୟା ୭.୩୦ | ଅହମଦାବାଦ |
| ଏପ୍ରିଲ ୨୮ | ଚେନ୍ନାଇ- ହାଇଦ୍ରାବାଦ | ସନ୍ଧ୍ୟା ୭.୩୦ | ଦିଲ୍ଲୀ |
| ଏପ୍ରିଲ ୨୯ | ମୁମ୍ବାଇ- ରାଜସ୍ଥାନ | ଅପରାହ୍ନ ୩.୩୦ | ଦିଲ୍ଲୀ |
| ଏପ୍ରିଲ ୨୯ | ଦିଲ୍ଲୀ- କୋଲକାତା | ସନ୍ଧ୍ୟା ୭.୩୦ | ଅହମଦାବାଦ |
| ଏପ୍ରିଲ ୩୦ | ପଞ୍ଜାବ- ବାଙ୍ଗାଲୋର | ସନ୍ଧ୍ୟା ୭.୩୦ | ଅହମଦାବାଦ |
| ମେ ୧ | ମୁମ୍ବାଇ- ଚେନ୍ନାଇ | ସନ୍ଧ୍ୟା ୭.୩୦ | ଦିଲ୍ଲୀ |
| ମେ ୨ | ରାଜସ୍ଥାନ- ହାଇଦ୍ରାବଦ | ଅପରାହ୍ନ ୩.୩୦ | ଦିଲ୍ଲୀ |
| ମେ ୨ | ପଞ୍ଜାବ- ଦିଲ୍ଲୀ | ସନ୍ଧ୍ୟା ୭.୩୦ | ଅହମଦାବାଦ |
| ମେ ୩ | କୋଲକାତା- ବାଙ୍ଗାଲୋର | ସନ୍ଧ୍ୟା ୭.୩୦ | ଅହମଦାବାଦ |
| ମେ ୪ | ହାଇଦ୍ରାବାଦ- ମୁମ୍ବାଇ | ସନ୍ଧ୍ୟା ୭.୩୦ | ଦିଲ୍ଲୀ |
| ମେ ୫ | ରାଜସ୍ଥାନ- ଚେନ୍ନାଇ | ସନ୍ଧ୍ୟା ୭.୩୦ | ଦିଲ୍ଲୀ |
| ମେ ୬ | ବାଙ୍ଗାଲୋର-ପଞ୍ଜାବ | ସନ୍ଧ୍ୟା ୭.୩୦ | ଅହମଦାବାଦ |
| ମେ ୭ | ହାଇଦ୍ରାବାଦ- ଚେନ୍ନାଇ | ସନ୍ଧ୍ୟା ୭.୩୦ | ଦିଲ୍ଲୀ |
| ମେ ୮ | କୋଲକାତା- ଦିଲ୍ଲୀ | ଅପରାହ୍ନ ୩.୩୦ | ଅହମଦାବାଦ |
| ମେ ୮ | ରାଜସ୍ଥାନ-ମୁମ୍ବାଇ | ସନ୍ଧ୍ୟା ୭.୩୦ | ଦିଲ୍ଲୀ |
| ମେ ୯ | ଚେନ୍ନାଇ- ପଞ୍ଜାବ | ଅପରାହ୍ନ ୩.୩୦ | ବେଙ୍ଗାଲୁରୁ |
| ମେ ୯ | ବାଙ୍ଗାଲୋର- ହାଇଦ୍ରାବାଦ | ସନ୍ଧ୍ୟା ୭.୩୦ | କୋଲକାତା |
| ମେ ୧୦ | ମୁମ୍ବାଇ- କୋଲକାତା | ସନ୍ଧ୍ୟା ୭.୩୦ | ବେଙ୍ଗାଲୁରୁ |
| ମେ ୧୧ | ଦିଲ୍ଲୀ- ରାଜସ୍ଥାନ | ସନ୍ଧ୍ୟା ୭.୩୦ | କୋଲକାତା |
| ମେ ୧୨ | ଚେନ୍ନାଇ- କୋଲକାତା | ସନ୍ଧ୍ୟା ୭.୩୦ | ବେଙ୍ଗାଲୁରୁ |
| ମେ ୧୩ | ମୁମ୍ବାଇ- ପଞ୍ଜାବ | ଅପରାହ୍ନ ୩.୩୦ | ବେଙ୍ଗାଲୁରୁ |
| ମେ ୧୩ | ହାଇଦ୍ରାବାଦ- ରାଜସ୍ଥାନ | ସନ୍ଧ୍ୟା ୭.୩୦ | କୋଲକାତା |
| ମେ ୧୪ | ବାଙ୍ଗାଲୋର- ଦିଲ୍ଲୀ | ସନ୍ଧ୍ୟା ୭.୩୦ | କୋଲକାତା |
| ମେ ୧୫ | କୋଲକାତା- ପଞ୍ଜାବ | ସନ୍ଧ୍ୟା ୭.୩୦ | ବେଙ୍ଗାଲୁରୁ |
| ମେ ୧୬ | ରାଜସ୍ଥାନ- ବାଙ୍ଗାଲୋର | ଅପରାହ୍ନ ୩.୩୦ | କୋଲକାତା |
| ମେ ୧୬ | ଚେନ୍ନାଇ- ମୁମ୍ବାଇ | ସନ୍ଧ୍ୟା ୭.୩୦ | ବେଙ୍ଗାଲୁରୁ |
| ମେ ୧୭ | ଦିଲ୍ଲୀ- ହାଇଦ୍ରାବାଦ | ସନ୍ଧ୍ୟା ୭.୩୦ | କୋଲକାତା |
| ମେ ୧୮ | କୋଲକାତା- ରାଜସ୍ଥାନ | ସନ୍ଧ୍ୟା ୭.୩୦ | ବେଙ୍ଗାଲୁରୁ |
| ମେ ୧୯ | ହାଇଦ୍ରାବାଦ- ପଞ୍ଜାବ | ସନ୍ଧ୍ୟା ୭.୩୦ | ବେଙ୍ଗାଲୁରୁ |
| ମେ ୨୦ | ବାଙ୍ଗାଲୋର- ମୁମ୍ବାଇ | ସନ୍ଧ୍ୟା ୭.୩୦ | କୋଲକାତା |
| ମେ ୨୧ | କୋଲକାତା- ହାଇଦ୍ରାବାଦ | ଅପରାହ୍ନ ୩.୩୦ | ବେଙ୍ଗାଲୁରୁ |
| ମେ ୨୧ | ଦିଲ୍ଲୀ- ଚେନ୍ନାଇ | ସନ୍ଧ୍ୟା ୭.୩୦ | କୋଲକାତା |
| ମେ ୨୨ | ପଞ୍ଜାବ- ରାଜସ୍ଥାନ | ସନ୍ଧ୍ୟା ୭.୩୦ | ବେଙ୍ଗାଲୁରୁ |
| ମେ ୨୩ | ମୁମ୍ବାଇ- ଦିଲ୍ଲୀ | ଅପରାହ୍ନ ୩.୩୦ | କୋଲକାତା |
| ମେ ୨୩ | ବାଙ୍ଗାଲୋର- ଚେନ୍ନାଇ | ସନ୍ଧ୍ୟା ୭.୩୦ | କୋଲକାତା |
| ମେ ୨୫ | କ୍ୱାଲିଫାୟର-୧ | ସନ୍ଧ୍ୟା ୭.୩୦ | ଅହମଦାବାଦ |
| ମେ୨୬ | ଏଲିମିନେଟର | ସନ୍ଧ୍ୟା ୭.୩୦ | ଅହମଦାବାଦ |
| ମେ ୨୮ | କ୍ୱାଲିଫାୟର-୨ | ସନ୍ଧ୍ୟା ୭.୩୦ | ଅହମଦାବାଦ |
| **ମେ ୩୦** | **ଫାଇନାଲ** | **ସନ୍ଧ୍ୟା ୭.୩୦** | **ଅହମଦାବାଦ** |

# ଆଇପିଏଲ୍ ଉତ୍ସାହ



**ନିର୍ମଳ କୁମାର ମିଶ୍ର**

ଭାରତକୁ ଫେରୁଛି ଇଣ୍ଡିଆନ ପ୍ରିମିୟର ଲିଗ (ଆଇପିଏଲ)। ଆଇପିଏଲ ୧୪ ତମ ସଂସ୍କରଣ ଏପ୍ରିଲ ୯ ତାରିଖରୁ ଆରମ୍ଭ ହେବ। ଏଥିପାଇଁ ନିକଟରେ କାର୍ଯ୍ୟସୂଚୀ ଘୋଷଣା ପରେ ସ୍ୱତଃ ଉତ୍ସାହ ବଢ଼ିଛି। ପୂର୍ବ ସଂସ୍କରଣ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଅନୁଷ୍ଠିତ ହୋଇଥିବାବେଳେ ଏଥର ଚେନ୍ନାଇ, ମୁମ୍ବାଇ, କୋଲକାତା, ବେଙ୍ଗାଲୁରୁ, ଦିଲ୍ଲୀ ଏବଂ ଅହମଦାବାଦରେ ଖେଳାଯିବ ସମସ୍ତ ମ୍ୟାଚ। ଏପ୍ରିଲ ୯ ତାରିଖରୁ ଆରମ୍ଭ ହୋଇ ମେ ୩୦ତାରିଖ ପର୍ଯ୍ୟନ୍ତ ଏହି ଫଟାଫଟ ଟି୨୦ ମହାସମର ଚାଲିବ। ୫୨ଦିନରେ ଖେଳାଯିବ ମୋଟ ୬୦ଟି ମ୍ୟାଚ। ଲିଗ୍ ପର୍ଯ୍ୟାୟରେ ଖେଳାଯିବାକୁ ଥିବା ମୋଟ ୫୬ଟି ମ୍ୟାଚ ମଧ୍ୟରୁ ଚେନ୍ନାଇ, ମୁମ୍ବାଇ, କୋଲକାତା ଏବଂ ବେଙ୍ଗାଲୁରୁ ୧୦ଟି ଲେଖାଏ ମ୍ୟାଚ ଆୟୋଜିତ କରୁଥିବା ବେଳେ ଦିଲ୍ଲୀ ଏବଂ ଅହମଦାବାଦ ୮ଟି ଲେଖାଏ ମ୍ୟାଚ ଆୟୋଜନ କରିବେ। ଲିଗ୍ ପର୍ଯ୍ୟାୟରେ ସମସ୍ତ ଟିମ୍ ୪ଟି ଭେନ୍ୟୁରେ ସେମାନଙ୍କର ସମସ୍ତ ମ୍ୟାଚ ଖେଳିବେ। ଡବଲ ରାଉଣ୍ଡ ରବିନ୍ ଏବଂ ନକ୍‌ଆଉଟ ପଦ୍ଧତିରେ ଖେଳାଯିବାକୁ ଥିବା ସମ୍ପୂର୍ଣ୍ଣ ଟୁର୍ନାମେଣ୍ଟରେ କୌଣସି ଟିମ୍ ନିଜର ହୋମ ଗ୍ରାଉଣ୍ଡରେ ମ୍ୟାଚ ଖେଳିବେ ନାହିଁ। ଉଦ୍‌ଘାଟନୀ ମ୍ୟାଚ ଦୁଇ ହାଇପ୍ରୋଫାଇଲ ଟିମ୍ ମୁମ୍ବାଇ ଏକାଦଶ ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମଧ୍ୟରେ ଖେଳାଯିବ। ସେହିପରି କ୍ୱାଲିଫାୟର ମ୍ୟାଚ ୨ଟି ଏବଂ ଏଲିମିନେଟର ମ୍ୟାଚ ସହିତ ମେଗା ଫାଇନାଲ ମ୍ୟାଚ ବିଶ୍ୱର ସର୍ବବୃହତ୍ ଏବଂ ନବନିର୍ମିତ ମୋଟେରା ଷ୍ଟାଡିୟମରେ ଖେଳାଯିବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର କାର୍ଯ୍ୟସୂଚୀ ଅନୁସାରେ ମୋଟ ୧୧ଟି ଡବଲ ହେଡର ମ୍ୟାଚ ଅନୁଷ୍ଠିତ ହେବା ବେଳେ ଖେଳାଳି ଏବଂ ଅଫିସିଆଲମାନଙ୍କ ସୁରକ୍ଷା ଦୃଷ୍ଟିରୁ ପ୍ରତ୍ୟେକ ଟିମ୍ ମାତ୍ର ୩ଥର ଗୋଟିଏ ଷ୍ଟାଡିୟମରୁ ଅନ୍ୟ ଏକ ଷ୍ଟାଡିୟମକୁ ଲିଗ୍ ପର୍ଯ୍ୟାୟରେ ଯାତ୍ରା କରିବେ।

**ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୪ ତମ ସଂସ୍କରଣ ଏପ୍ରିଲ ୯ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ୫୨ ଦିନ ଧରି ଚାଲିବାକୁଥିବା ବିଶ୍ୱର ଏହି ଶ୍ରେଷ୍ଠ ଟି୨୦ ଲିଗ୍ ମେ ୩୦ ତାରିଖରେ ଶେଷ ହେବ ଓ ପୂର୍ବପରି ଏଥିରେ ୮ଟି ଦଳ ଅଂଶଗ୍ରହଣ କରିବେ। ଚେନ୍ନାଇ, ମୁମ୍ବାଇ, କୋଲକାତା, ବେଙ୍ଗାଲୁରୁ, ଦିଲ୍ଲୀ ଏବଂ ଅହମଦାବାଦରେ ସମସ୍ତ ୬୦ଟି ମ୍ୟାଚ୍ ଖେଳାଯିବ....**

ସମସ୍ତ ମ୍ୟାଚଗୁଡ଼ିକ ବିନା ଦର୍ଶକରେ ଷ୍ଟାଡିୟମରେ ଖେଳାଯିବାକୁ ରହିଥିବା ବେଳେ ପରବର୍ତ୍ତୀ ଅବସ୍ଥାରେ ନିର୍ଦ୍ଦିଷ୍ଟ ନିମନ୍ତ୍ରିତ ଅତିଥିମାନଙ୍କୁ ମ୍ୟାଚ ଦେଖିବା ପାଇଁ ଅନୁମତି ପ୍ରଦାନ କରାଯିବ। ପ୍ରତ୍ୟେକ ଦଳରେ ୮ଜଣ ବିଦେଶୀ ଖେଳାଳି ରହିବା ସହିତ ମ୍ୟାଚ ଦିନ ପ୍ରତ୍ୟେକ ଦଳ ୪ଜଣ ବିଦେଶୀ ଖେଳାଳିଙ୍କୁ ମ୍ୟାଚ ଖେଳାଇବା ପାଇଁ ଅନୁମତି ପାଇବେ। ଫେବୃୟାରୀ ୧୮ରେ ମିନି ଅକସନ୍ ପ୍ରକ୍ରିୟା ସରିଛି। ଚଳିତ ମାସରୁ ବିଭିନ୍ନ ଦଳ ସେମାନଙ୍କ ଅଭ୍ୟାସ ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। କୋଭିଡ୍-୧୯ର ପ୍ରକୋପ ଯୋଗୁ ଆଇପିଏଲ-୧୩ ସଂସ୍କରଣର ସମସ୍ତ ୬୦ଟି ମ୍ୟାଚ ୟୁଏଇର ୩ଟି ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିଲା। ମୁମ୍ବାଇ ଇଣ୍ଡିଆନ୍ସ ରୋହିତ ଶର୍ମାଙ୍କ ନେତୃତ୍ୱରେ ୫ଥର ପାଇଁ ଟାଇଟଲ ହାସଲ କରିଥିଲା ଓ ଶ୍ରେୟାସ ଆୟରଙ୍କ ନେତୃତ୍ୱରେ ଦିଲ୍ଲୀ ରନର୍ସ ଅପ୍ ହୋଇଥିଲା।




ମୋଟ ୬୦ଟି ମ୍ୟାଚରୁ ୧୯,୩୫୨ ରନ୍ ୬୬୮ଟି ଉଇକେଟସ୍, ୪,୮୬୮ଟି ଡଟ୍‌ବଲ, ୭୩୪ଟି ଛକା, ୨୬୮୩ଟି ଚୌକା, ୪ଟି ସୁପର ଓଭରରେ ମ୍ୟାଚ ଫଇସଲା, ଫାଇନାଲରେ ଟ୍ରେଣ୍ଟ ବୋଲ୍ଟଙ୍କ ବୋଲିଂ କମାଲ ମୁମ୍ବାଇ ଏକାଦଶକୁ ୫ ଉଇକେଟରେ ଜିତାଇଥିଲା। ପ୍ଲେୟାର ଅଫ୍ ଦି ସିରିଜ ରୂପେ ଜୋଫ୍ରା ଆର୍ଚର (୧୧୩ରନ୍ ଏବଂ ୨୦ଟି ଉଇକେଟ) କିଙ୍ଗସ ଏକାଦଶ ପାବର ଅଧିନାୟକ କେ.ଏଲ. ରହୁଲ ଟୁର୍ନାମେଣ୍ଟର ସର୍ବାଧିକ ୬୭୦ ରନ୍, ଦିଲ୍ଲୀ କ୍ୟାପିଟାଲ୍ସର ଷ୍ଟାର ବୋଲର କାଗିସୋ ରାବାଡା ସର୍ବାଧିକ ୩୦ଟି ଉଇକେଟ, ଆରସିବିର ବାମହାତୀ ଷ୍ଟାଇଲିସ୍ ଓପନର ଦେବଦତ୍ତ ପଡିକଲ ମୋଷ୍ଟ ଇମର୍ଜିଙ୍ଗ ପ୍ଲେୟାର ଆୱାର୍ଡ, ମୁମ୍ବାଇ ଇଣ୍ଡିଆନ୍ସକୁ ପ୍ଲେୟାର ପ୍ଲେ ଆୱାର୍ଡ, ଜୋଫ୍ରା ଆର୍ଚର ମୋଷ୍ଟ ଭାଲ୍ୟୁବଲ ପ୍ଲେୟାର, କିରନ୍ ପୋଲାର୍ଡ ଷ୍ଟ୍ରାଇକର ଅଫ୍ ଦି ସିଜନ୍ ଆୱାର୍ଡ ପାଇବା ସହିତ ସର୍ବାଧିକ ରନ୍ ପାଇଁ ଲୋକେଶ ରାହୁଲ ଅରେଞ୍ଜ କ୍ୟାପ୍, କାଗିସୋ ରାବାଡା ପର୍ପଲ୍ କ୍ୟାପର ଅଧିକାରୀ ହୋଇଥିଲେ।

ବ୍ୟାଟିଂରେ ଲୋକେଶ ରାହୁଲ, ଶିଖର ଧାୱନ, ଡେଭିଡ ୱାର୍ନର, ଶ୍ରେୟାସ ଆୟର, ଇଶାନ୍ କିଷନ ସଫଳ ହୋଇଥିବା ବେଳେ ବୋଲିଂରେ କାଗିସୋ ରାବାଡା, ଯଶପ୍ରୀତ୍ ବୁମରା, ଆନ୍‌ରିଚ ନୋର୍ଜେ ଏବଂ ଯୁଜବେନ୍ଦ୍ର ଚହଲ ବେଶ୍ ସଫଳତା ପାଇଥିଲେ। ଅଲରାଉଣ୍ଡର ରୂପେ ସୁନୀଲ ନାରିନ୍, ମାର୍କସ ଷ୍ଟୋଇନିସ୍, ଗ୍ଲେନ ମାକ୍ସୱେଲ, ହାର୍ଦ୍ଦିକ ପାଣ୍ଡ୍ୟା, ସାକିବଲ ହାସନ, କିରନ ପୋଲାର୍ଡ, ମୋଇନ୍ ଅଲ୍ଲୀ ବେଶ୍ ସଫଳତା ପାଇଛନ୍ତି। ଆଉ ଏକ ରୋମାଞ୍ଚକ ଆଇପିଏଲ ଅପେକ୍ଷାରେ କ୍ରିକେଟପ୍ରେମୀମାନେ ରହିଥିବା ବେଳେ ଅଳ୍ପ ସମୟରେ ବେଶ୍ ଚର୍ଚ୍ଚାରେ ଥିବା ବିଦେଶୀ ଏବଂ ଘରୋଇ ଖେଳାଳିମାନଙ୍କ ପ୍ରଦର୍ଶନ କିପରି ରହୁଛି ତାହା ଦେଖିବାକୁ ବାକି ରହିଲା।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/21-23. Edition Phone (06762) 224254, (06764) 237556 ଢେଙ୍କାନାଳ, ଶୁକ୍ରବାର, ମାର୍ଚ୍ଚ ୧୨/୨୦୨୧ Dhenkanal, Friday, March 12/ 2021

# ୟୁପି-ମୁମ୍ବାଇ ଫାଇନାଲ

ନୂଆଦିଲ୍ଲୀ, ୧୧।୩

ଚଳିତ ବିଜୟ ହଜାରେ ଟ୍ରଫି ଘରୋଇ ଦିନିକିଆ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ଉତ୍ତର ପ୍ରଦେଶ ଓ ମୁମ୍ବାଇ ମଧ୍ୟରେ ଅନୁଷ୍ଠିତ ହେବ। ଗୁରୁବାର ଅନୁଷ୍ଠିତ ୨ଟି ସେମିଫାଇନାଲରେ ଗୁଜରାଟକୁ ଉତ୍ତର ପ୍ରଦେଶ ଓ କର୍ନାଟକକୁ ମୁମ୍ବାଇ ହରାଇ ଫାଇନାଲରେ ପ୍ରବେଶ କରିଛନ୍ତି। ୧୪ ତାରିଖରେ ଫାଇନାଲ ଖେଳାଯିବ।


ପୃଥ୍ୱୀ ଶ’

## ଆକାଶଦୀପଙ୍କ ଅଲରାଉଣ୍ଡ ପ୍ରଦର୍ଶନ

ପ୍ରଥମ ସେମିଫାଇନାଲରେ ଉତ୍ତର ପ୍ରଦେଶ ୫ ଉଇକେଟରେ ଗୁଜରାଟକୁ ହରାଇ ଦେଇଛି। ପ୍ରଥମେ ବ୍ୟାଟିଂ କରିଥିବା ଗୁଜରାଟ ୪୮.୧ ଓଭରରେ ୧୮୪ ରନକରି ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ହିତ୍ ପଟେଲ ସର୍ବାଧିକ ୬୦ ରନ କରିଥିବାବେଳେ ବିପକ୍ଷ ଦଳର ୟଶ ଦୟାଲ ୩ଟି, ଆକ୍ବିବ ଖାଁ ୨ଟି ଏବଂ ଶିବମ୍ ଶର୍ମା ଓ ଆକାଶଦୀପ ନାଥ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଉତ୍ତର ପ୍ରଦେଶ ୪୨.୪ ଓଭରରେ ୫ ଉଇକେଟ ହରାଇ ୧୮୮ ରନ ସଂଗ୍ରହ କରି ନେଇଥିଲା। ଆକାଶଦୀପ ସର୍ବାଧିକ ୭୧, କର୍ନ ଶର୍ମା ୩୮ ଓ ଉପେନ୍ଦ୍ର ଯାଦବ ୩୧* ରନ କରିଥିଲେ। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ଆକାଶଦୀପ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

## ପୃଥ୍ୱୀ ଶ’ ୧୬୫

ଦ୍ୱିତୀୟ ସେମିଫାଇନାଲରେ ମୁମ୍ବାଇ ପୃଥ୍ୱୀ ଶ’ଙ୍କ ଶତକ ବଳରେ କର୍ନାଟକକୁ ୭୨ ରନରେ ପରାସ୍ତ କରିଛି। ମୁମ୍ବାଇ ୪୯.୨ ଓଭରରେ ୩୨୨ ରନ କରି ସମସ୍ତ ଉଇକେଟ ହରାଇଥିଲା। ପୃଥ୍ୱୀ ୧୨୨ ବଲ୍‌ରୁ ୧୭ ଚୌକା ଓ ୭ ଛକା ସହାୟତାରେ ବିସ୍ଫୋରକ ୧୬୫ ରନ ସ୍କୋର କରିଥିଲେ। ସାମ୍ସ ମୁଲାନି ୪୫ ରନ କରିଥିଲେ। ପ୍ରତିପକ୍ଷ ଦଳର ବିଜୟ କୁମାର ୪ଟି ଓ ପ୍ରସିଦ୍ଧ କ୍ରିଷ୍ଣା ୩ଟି ଉଇକେଟ ନେଇଥିଲେ। ବଡ଼ ସ୍କୋର ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା କର୍ନାଟକ ୪୨.୪ ଓଭରରେ ୨୫୦ ରନକରି ଅଲଆଉଟ ହୋଇଯାଇଥିଲା। ଦେବଦତ୍ତ ପଡିକାଲ ସର୍ବାଧିକ ୬୪, ଶରତ ବି.ଆର. ୬୧, ଶ୍ରେୟାସ ଗୋପାଳ ୩୩ ରନ କରିଥିଲେ। ମୁମ୍ବାଇର ତୁଷାର ଦେଶପାଣ୍ଡେ, ତନୁଶ କୋଟିଆନ, ପ୍ରଶାନ୍ତ ସୋଲାଙ୍କି ଓ ସାମ୍ସ ମୁଲାନି ୨ଟି ଲେଖାଏ ଉଇକେଟ ନେଇଥିଲେ। ପୃଥ୍ୱୀ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ।

## ବିଜୟ ହଜାରେ ଟ୍ରଫି

# ଶ୍ରୀଲଙ୍କାକୁ ୮ ଉଇକେଟରେ ହରାଇଲା ୱେଷ୍ଟଇଣ୍ଡିଜ

ନର୍ଥ ସାଉଣ୍ଡ (ଆଣ୍ଟିଗୁଆ), ୧୧।୩ (ଏପି)

ସ୍ଥାନୀୟ ସାର୍ ଭିଭିଆନ ରିଚାର୍ଡ୍ସ ଷ୍ଟାଡିୟମରେ ଖେଳାଯାଇଥିବା ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ୱେଷ୍ଟଇଣ୍ଡିଜ ୮ ଉଇକେଟରେ ବିଜୟ ହାସଲ କରିଛି। ପଡ଼ିଆରେ ବିପକ୍ଷ ଦଳର ଫିଲ୍ଡିଂ ବେଳେ ବାଧାଦେବା ଘଟଣାରେ ଓପନିଂ ବ୍ୟାଟ୍ସମାନ ଦାନୁଷ୍କା ଗୁଣତିଳକାଙ୍କୁ ଆଉଟ ଦିଆଯିବା ପରେ ଶ୍ରୀଲଙ୍କା ଦଳର ବ୍ୟାଟିଂ ବିପର୍ଯ୍ୟୟ ଘଟିଥିଲା ଏବଂ ମ୍ୟାଚରେ ପରାଜିତ ହୋଇଥିଲା। ଗୁଣତିଳକା ୫୫ ରନ କରିବା ସହ ଅଧିନାୟକ ଦିମୁଥ କରୁଣାରତ୍ନେଙ୍କ ସହ ପ୍ରଥମ ଉଇକେଟରେ ୧୦୫ ରନ ଯୋଗ କରିଥିଲେ। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିବା ଲାଗି ଆମନ୍ତ୍ରଣ ପାଇଥିବା ଭ୍ରମଣକାରୀ ଦଳ ଏକଦା ଭଲ ସ୍ଥିତିରେ ରହିଥିବାବେଳେ ପରେ ନିୟମିତ ଭାବେ ଉଇକେଟ ହରାଇଥିଲା। କରୁଣାରତ୍ନେ ୫୨ ରନ କରିଥିବାବେଳେ ୱେଷ୍ଟଇଣ୍ଡିଜ ଅଧିନାୟକ କିରନ ପୋଲାର୍ଡଙ୍କ ଦ୍ୱିତୀୟ ଡେଲିଭରିରେ କଟ୍ ଆଣ୍ଡ୍ ବୋଲ୍ଡ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଶେନ ବନ୍ଦରାଙ୍କ ୫୦ ରନ ଯୋଗଦାନ ରହିଥିଲା। ଶ୍ରୀଲଙ୍କା ୪୯ ଓଭରରେ ୨୩୨ ରନରେ ଅଲଆଉଟ ହୋଇଯାଇଥିଲା। ୱେଷ୍ଟଇଣ୍ଡିଜ ଶାଇ ହୋପ୍‌ଙ୍କ ଆକର୍ଷଣୀୟ ୧୧୦ ଏବଂ ତାଙ୍କ ଓପନିଂ ପାର୍ଟନର ଏଭିନ ଲିୱିସଙ୍କ ୬୫ ରନ ବଳରେ ଶ୍ରୀଲଙ୍କା ସ୍କୋରକୁ ୪୭ ଓଭରରେ ମାତ୍ର ୨ ଉଇକେଟ ବିନିମୟରେ ଅତିକ୍ରମ କରିଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

**ଶ୍ରୀଲଙ୍କା ଇନିଂସ:** ୪୯ ଓଭରରେ ୨୩୨ (ଗୁଣତିଳକା-୫୫, କରୁଣାରତ୍ନେ-୫୨, ଆଶେନ ବନ୍ଦରା-୫୦ ; ଜସନ ମହମ୍ମଦ-୨/୧୨, ହୋଲଡର-୨/୨୯)।
**ୱେଷ୍ଟଇଣ୍ଡିଜ ଇନିଂସ:** ୪୭ ଓଭରରେ ୨୩୬/୨ (ଶାଇ ହୋପ୍-୧୧୦, ଏଭିନ୍ ଲିୱିସ-୬୫ ; ଦୁଷ୍ମନ୍ତ ଚାମିରା-୨/୫୦)।


ଶାଇ ହୋପ୍

# ଗୋଆରେ ଏସିଆନ ଚାମ୍ପିୟନ୍ସ ଲିଗ୍‌ର ମ୍ୟାଚ୍

**କୁଆଲାଲମ୍ପୁର, ୧୧।୩ (ପି.ଟି.):** ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ) ଦଳ ଏଫ୍‌ସି ଗୋଆ ମାର୍ଗାଓର ଫାତୋର୍ଡା ଷ୍ଟାଡିୟମରେ ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍ (ଏସିଏଲ୍) ଗ୍ରୁପ୍ ‘ଇ’ ମ୍ୟାଚଗୁଡ଼ିକ ଆୟୋଜନ କରିବ। ଏସିଆନ ଫୁଟ୍‌ବଲ କନ୍‌ଫେଡେରେଶନ (ଏଏଫ୍‌ସି) ଗୁରୁବାର ଏ ବିଷୟ ସ୍ପଷ୍ଟ କରିଛି। ଅଂଶଗ୍ରହଣକାରୀ ସଦସ୍ୟ ଆସୋସିଏଶନ, କମର୍ସିଆଲ ପାର୍ଟନର ଏବଂ ଅନ୍ୟ ସମସ୍ତ ଅଂଶୀଦାରଙ୍କ ସହ ଆଲୋଚନା ପରେ ଏଏଫ୍‌ସି ଏହି ନିଷ୍ପତ୍ତି ନେଇଛି। ୪୦ଟି ଦଳକୁ ନେଇ ଗ୍ରୁପ୍ ପର୍ଯ୍ୟାୟ ଡ୍ର ଏଠାରେ ଅନ୍‌ଲାଇନରେ ହୋଇଥିଲା। ଗ୍ରୁପ୍ ଇ’ରେ ଏଫ୍‌ସି ଗୋଆ ବ୍ୟତୀତ ଗତ ସଂସ୍କରଣ ରନର୍ସଅପ୍ ଇରାନର ପର୍ସେପୋଲିସ ଏଫ୍‌ସି, କାତାରର ଅଲ୍ ରାୟାନ ଏସ୍‌ସି ସ୍ଥାନ ପାଇଛନ୍ତି। ଅନ୍ୟ ଏକ ଦଳ କ୍ୱାଲିଫାଏ କରିବା ପରେ ଏହି ଗ୍ରୁପ୍‌ରେ ସାମିଲ ହେବ। ୧୦ଟି ଗ୍ରୁପ୍‌ର ପ୍ରତିଟି ବିଜେତା ଦଳ ଏବଂ ପ୍ରତ୍ୟେକ ଅଞ୍ଚଳର ଶ୍ରେଷ୍ଠ ୩ ରନର୍ସ ଅପ୍ ରାଉଣ୍ଡ ଅଫ୍ ୧୬ ନକ୍‌ଆଉଟ ପର୍ଯ୍ୟାୟକୁ ଉନ୍ନୀତ ହେବେ।







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ